# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୧୯/୨୦୨୩ (୧୬ ପୃଷ୍ଠା) | Bhubaneswar, Tuesday, December 19/2023 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୨୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 26 | ମୂଲ୍ୟ ₹୭/-



DSPL-467

ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା

"ଜଣେ ବି ଯୋଗ୍ୟ ହିତାଧିକାରୀ ଯେପରି ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ନ ହୁଏ ସେଥିପ୍ରତି ମୁଁ ଦୃଷ୍ଟି ରଖିଛି।"

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା



## ଖାଦ୍ୟ ସୁରକ୍ଷାର ଭରସା

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**ଙ୍କ
ଦ୍ୱାରା
ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ
ମାଗଣା ଚାଉଳ ବଣ୍ଟନର ଅବଧିକୁ
ଆଗାମୀ ୫ ବର୍ଷ ପାଇଁ ସମ୍ପ୍ରସାରଣ

- ✓ ପ୍ରତ୍ୟେକ ହିତାଧିକାରୀଙ୍କୁ, ପ୍ରତି ମାସ, ମାଗଣାରେ ୫ କିଲୋଗ୍ରାମ ଚାଉଳ ଯୋଗାଣ
- ✓ ସମୁଦାୟ ୧୨୫୦ କୋଟି ଟଙ୍କାର ବ୍ୟୟବରାଦ

OIPR-07001/13/0008/2324







ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୧୯/୨୦୨୩
Bhubaneswar, Tuesday, December 19/2023



DSPL-469

ODISHA
INDIA'S BEST KEPT SECRET.

#ନୂଆ-ଓ
ଯୁବ ଓଡ଼ିଶା
ନବୀନ ଓଡ଼ିଶା



ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ

ନୂଆ-ଓ ଉତ୍ସବ, ମୟୂରଭଞ୍ଜ

ସ୍ଥାନ : ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ପଡ଼ିଆ, ବାରିପଦା

ସମୟ : ପୂର୍ବାହ୍ନ ୧୦ ରୁ

୧୯ ଡିସେମ୍ବର, ୨୦୨୩

ଆମ ଓଡ଼ିଶା
ନବୀନ ଓଡ଼ିଶା

OIPR-29001/13/0113/2324



ଫଟୋ: ଚମନ ଗୌତମ

ଏନ୍‌ଡିଏ ସରକାରରେ ମହିଳାଙ୍କୁ ଅସମ୍ମାନ ଏବଂ ଦରଦାମ୍ ବୃଦ୍ଧି ପ୍ରତିବାଦରେ ନୂଆଦିଲ୍ଲୀଠାରେ ସୋମବାର ଅଖିଳ ଭାରତୀୟ ମହିଳା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଦିନକରେ ୭୮ ଏମ୍‌ପି ନିଲମ୍ବିତ

ନୂଆଦିଲ୍ଲୀ,୧୮।୧୨(ପି.ଟି.)

ବିଶୃଙ୍ଖଳିତ ଆଚରଣ ପାଇଁ ପାର୍ଲାମେଣ୍ଟର ଉଭୟ ଗୃହରୁ ସୋମବାର ୭୮ ବିରୋଧୀ ସଦସ୍ୟଙ୍କୁ ନିଲମ୍ବନ କରାଯାଇଛି। ଗତ ସପ୍ତାହରେ ପାର୍ଲାମେଣ୍ଟ ସୁରକ୍ଷାରେ ବିଭ୍ରାଟକୁ ନେଇ ବିରୋଧୀ ଏମ୍‌ପିମାନେ ଗୃହରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ବିବୃତି ଦାବି କରି ବିକ୍ଷୋଭ ପ୍ରଦର୍ଶନ କରିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗତ ଗୁରୁବାର ଅନୁରୂପ କାରଣରୁ ୧୪ ଏମପିଙ୍କୁ ମଧ୍ୟ ନିଲମ୍ବନ କରାଯାଇଥିଲା। ଫଳରେ ଚଳିତ ଅଧିବେଶନରେ ମୋଟ ନିଲମ୍ବିତ ସଦସ୍ୟଙ୍କ ସଂଖ୍ୟା ୯୨ରେ ପହଞ୍ଚିଛି।

ପାର୍ଲାମେଣ୍ଟ ସୁରକ୍ଷା ତ୍ରୁଟିକୁ ନେଇ ସୋମବାର ଗୃହରେ ପ୍ଲାକାର୍ଡ ଦେଖାଇ ସ୍ଲୋଗାନ ଦେଉଥିବା ଅଧୀର ରଞ୍ଜନ ଚୌଧୁରୀ, ଟି.ଆର୍. ବାଲୁ ଏବଂ ସୌଗତ ରାୟଙ୍କ ସମେତ ୩୩ ଜଣଙ୍କୁ ଲୋକ ସଭାରୁ ନିଲମ୍ବନ କରାଯାଇଛି। ବିରୋଧୀ ସଦସ୍ୟମାନେ ଗୃହ କାର୍ଯ୍ୟ ଚଳାଇ ନ ଦେଇ ଶାହାଙ୍କ ବିବୃତି ଦାବି କରିଥିଲେ। ଡିଏମ୍‌କେର ୧୦, ତୃଣମୂଳ କଂଗ୍ରେସର ୯, କଂଗ୍ରେସର ୮ ଏବଂ ଆଇୟୁଏମ୍ଏଲ୍, ଜେଡିୟୁ ତଥା ଆର୍ଏସ୍‌ପିରୁ ଜଣେ ଲେଖାଏ ଏମ୍‌ପି ଶୀତ ଅଧିବେଶନର ଅବଶିଷ୍ଟ କାର୍ଯ୍ୟଦିବସ ପାଇଁ ନିଲମ୍ବିତ ହୋଇଥିବାବେଳେ କଂଗ୍ରେସର ଅନ୍ୟ ୩ ଏମ୍‌ପିଙ୍କୁ ସ୍ୱାଧିକାର କମିଟି ରିପୋର୍ଟ ଆସିବା ପର୍ଯ୍ୟନ୍ତ ନିଲମ୍ବନ କରାଯାଇଛି। ୩୩ ଜଣଙ୍କୁ ନିଲମ୍ବନ କରାଯିବା ପରେ ଲୋକ ସଭାକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି। ଅପରାହ୍ନ ୩ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା କ୍ଷଣି ଗୃହରେ ଅଧ୍ୟକ୍ଷତା କରୁଥିବା ଭାଜପା ଏମ୍‌ପି ରାଜେନ୍ଦ୍ର ଅଗ୍ରୱାଲ ବିଶୃଙ୍ଖଳା ସୃଷ୍ଟି କରୁଥିବା ୩୩ ବିରୋଧୀ ସଦସ୍ୟଙ୍କ ନାଁ ପଢ଼ିଥିଲେ। ସେମାନଙ୍କ ମଧ୍ୟରୁ ୩୦ ଜଣଙ୍କୁ ଶୀତ ଅଧିବେଶନର ଅବଶିଷ୍ଟ ଦିନ ପାଇଁ ନିଲମ୍ବନ କରାଯିବାକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଷୀ ପ୍ରସ୍ତାବ ଆଣିଥିଲେ। ସେହିପରି କଂଗ୍ରେସର କେ. ଜୟକୁମାର, ବିଜୟ ବସନ୍ତ ଏବଂ ଅବଦୁଲ ଖାଲେକଙ୍କ ଆଚରଣ ଯାଞ୍ଚ ପାଇଁ ଲୋକ ସଭା ସ୍ୱାଧିକାର କମିଟିକୁ ପଠାଯାଇଥିବାରୁ ରିପୋର୍ଟ ଆସିବା ପର୍ଯ୍ୟନ୍ତ ସେମାନଙ୍କୁ ନିଲମ୍ବନ କରିବା ପାଇଁ ମନ୍ତ୍ରୀ ଅନ୍ୟ ଏକ ପ୍ରସ୍ତାବ ଆଣିଥିଲେ।

ରାଜ୍ୟ ସଭାରେ ମଧ୍ୟ ଅନୁରୂପ କାରଣରୁ ସୋମବାର ୪୫ ବିରୋଧୀ ଏମ୍‌ପିଙ୍କୁ ନିଲମ୍ବନ କରାଯାଇଛି। ସେମାନଙ୍କ ମଧ୍ୟରେ କଂଗ୍ରେସ ଏମ୍‌ପି ପ୍ରମୋଦ ତିୱାରୀ, ଜୟରାମ ରମେଶ, କେ.ସି. ବେଣୁଗୋପାଳ, ରଣଦୀପ ସିଂ ସୁର୍ଜେୱାଲା, ସମାଜବାଦୀ ପାର୍ଟି ଏମ୍‌ପି ରାମଗୋପାଳ ଯାଦବ ପ୍ରମୁଖ ରହିଛନ୍ତି। ୩୪ ଜଣଙ୍କୁ ଶୀତ ଅଧିବେଶନର ଅବଶିଷ୍ଟ କାର୍ଯ୍ୟଦିବସ ପାଇଁ ନିଲମ୍ବନ କରାଯାଇଥିବାବେଳେ ୧୧ଜଣଙ୍କୁ ସେମାନଙ୍କ ଆଚରଣ ସମ୍ପର୍କିତ ସ୍ୱାଧିକାର କମିଟି ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ଗୃହକାର୍ଯ୍ୟରୁ ଦୂରେଇ ରହିବାକୁ କୁହାଯାଇଛି। ନିଲମ୍ବନ ନେଇ ଗୃହର ନେତା ପୀୟୂଷ ଗୋୟଲ ଆଣିଥିବା ପ୍ରସ୍ତାବ ଗୃହୀତ ହେବା ପରେ ସେମାନଙ୍କୁ ନିଲମ୍ବିତ କରାଯାଇଥିଲା। ସ୍ୱାଧିକାର କମିଟିକୁ ୩ ମାସ ମଧ୍ୟରେ ରିପୋର୍ଟ ଦେବାକୁ କୁହାଯାଇଥିବାରୁ ୧୧ଏମ୍‌ପି ସେତେଦିନ ପର୍ଯ୍ୟନ୍ତ ଗୃହକାର୍ଯ୍ୟରେ ଯୋଗଦେଇପାରିବେ ନାହିଁ। ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର ନିଲମ୍ବନ ହେବାକୁ ଥିବା ସଦସ୍ୟମାନଙ୍କ ନାଁ ପଢ଼ିବା ପରେ ଧ୍ୱନିମତରେ ପ୍ରସ୍ତାବ ଗୃହୀତ ହୋଇଥିଲା।

୨୦୦୧ ପାର୍ଲାମେଣ୍ଟ ଆକ୍ରମଣର ବର୍ଷ ପୂର୍ତ୍ତି ବେଳେ ଗତ ୧୩ତାରିଖରେ ଦୁଇଜଣ ସନ୍ଦିଗ୍ଧ ପବ୍ଲିକ୍ ଗ୍ୟାଲେରିରୁ ଲୋକ ସଭା ଚାମ୍ବର ମଧ୍ୟକୁ ଡେଇଁ ସଂସଦ ସୁରକ୍ଷାରେ ବିଭ୍ରାଟ ସୃଷ୍ଟି କରିଥିଲେ। ସେମାନେ ଗୃହ ଭିତରେ ଧୂଆଁ ବମ୍ ଫୁଟାଇବାରୁ ଆତଙ୍କ ଖେଳିଯାଇଥିଲା। ସୁରକ୍ଷାରେ ତ୍ରୁଟି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଲାଗି ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ନିର୍ଦ୍ଦେଶ ଦେବା ସହ ପ୍ରସଙ୍ଗକୁ ରାଜନୀତୀକରଣ ନ କରିବାକୁ ସମସ୍ତ ସଦସ୍ୟଙ୍କୁ ନିବେଦନ କରିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ଯୋଷୀ ଲୋକ ସଭାରେ ଉକ୍ତ ପ୍ରସଙ୍ଗରେ ବିବୃତି ରଖିଥିଲେ। ତେବେ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହାଙ୍କ ☞ପୃଷ୍ଠା-୧୧

### ଲୋକ ସଭା

- ଅଧୀର ରଞ୍ଜନ ଚୌଧୁରୀ
- ଗୌରଭ ଗୋଗୋଇ
- କେ. ସୁରେଶ
- ଅମର ସିଂ
- ରାଜାମୋହନ ଉନ୍ନିଥାନ
- ସୁ. ଥିରୁନାଭୁକାରସର
- କେ. ମୁରଲୀଧରନ
- ଅଣ୍ଟୋ ଆଣ୍ଟୋନି
- କଲ୍ୟାଣ ବାନାର୍ଜୀ
- ଅପରୂପା ପୋଦ୍ଦାର
- ପ୍ରସୂନ ବାନାର୍ଜୀ
- ସୌଗତ ରାୟ
- ଶତାବ୍ଦୀ ରାୟ
- ପ୍ରତିମା ମଣ୍ଡଳ
- କାକୋଲି ଘୋଷ ଦସ୍ତିଦାର
- ଅସିତ କୁମାର ମଲ
- ସୁନୀଲ କୁମାର ମଣ୍ଡଳ
- ଟି.ଆର୍. ବାଲୁ
- ଏ. ରାଜା
- ଦୟାନିଧି ମାରାନ
- ଟି. ସୁମତ୍ତୀ
- କେ. ନଭାସ କନି
- କଳାନିଧି ଭୀରାସାମି
- ସି.ଏନ୍. ଆନ୍ନାଦୁରାଇ
- ଏସ୍.ଏସ୍. ପାଲାନିମାନିକମ
- ଜି. ସେଲ୍‌ଭମ୍
- ଏସ୍. ରାମାଲିଙ୍ଗମ୍
- ଇଟି ମହମ୍ମଦ ବସିର୍
- ଏନ୍.କେ. ପ୍ରେମଚନ୍ଦ୍ରନ୍
- କୌଶଲେନ୍ଦ୍ର କୁମାର
- କେ. ଜୟକୁମାର
- ବିଜୟ ବସନ୍ତ
- ଅବ୍‌ଦୁଲ ଖାଲେକ୍

### ରାଜ୍ୟ ସଭା

- ପ୍ରମୋଦ ତିୱାରୀ
- ଜୟରାମ ରମେଶ
- ଅମି ୟାଜନିକ୍
- ନରନଭାଇ ଜେ. ରାଠୱା
- ସୈଦ ନାସିର ହୁସେନ୍
- ଶ୍ରୀମତୀ ଫୁଲୋ ଦେବୀ ନେତମ
- ଶକ୍ତିସିହ୍ନ ଗୋହିଲ
- କେ.ସି. ବେଣୁଗୋପାଳ
- ରଜନୀ ଅଶୋକରାଓ ପାଟିଲ
- ରଞ୍ଜିତ ରଞ୍ଜନ
- ଇମ୍ରାନ୍ ପ୍ରତାପଗରହି
- ରଣଦୀପ୍ ସିଂ ସୁର୍ଜେୱାଲା
- ସୁଖେନ୍ଦୁ ଶେଖର ରାୟ
- ମହମ୍ମଦ ନଦିମୁଲ ହକ୍
- ଅବିର ରଞ୍ଜନ ବିଶ୍ୱାସ
- ଶାନ୍ତନୁ ସେନ୍
- ମୌସମ ନୁର୍
- ପ୍ରକାଶ ଚିକ୍ ବାରାଇକ୍
- ସାମିରୁଲ ଇସ୍‌ଲାମ
- ଏମ୍. ସନମୁଗମ୍
- ଏନ୍.ଆର୍. ଏଲାଙ୍ଗୋ
- କାନିମୋଝି
- ଏନ୍‌ଭିଏନ୍ ସୋମୁ
- ଆର୍ ଗିରିରାଜନ
- ମନୋଜ କୁମାର ଝା
- ଫୈୟାଜ ଅହମ୍ମଦ ଭି. ଶିବଦାଶନ
- ରାମନାଥ ଠାକୁର
- ଅନିଲ ପ୍ରସାଦ ହେଗ୍‌ଡେ
- ବନ୍ଦନା ଚଭନ
- ରାମଗୋପାଳ ଯାଦବ
- ଜାଭେଦ୍ ଅଲ୍ଲୀ ଖାନ୍
- ମହୁଆ ମାଜି
- ଜୋସ୍ କେ. ମାନି
- ଅଜିତ କୁମାର ଭୂୟାଁ
- ଜେ.ବି. ମାଥର ହିସାମ୍
- ଏଲ୍. ହନୁମନ୍ଥାଇ
- ନିରଜ ଡାଙ୍ଗି
- ରାଜମଣି ପଟେଲ
- କୁମାର କେତ୍‌କର
- ଜି.ସି. ଚନ୍ଦ୍ରଶେଖର
- ବିନୟ ବିଶ୍ୱମ
- ସନ୍ଦୋଷ କୁମାର ପି
- ମହମ୍ମଦ ଅବ୍‌ଦୁଲ୍ଲା
- ଜନ୍ ବ୍ରିଟସାଣ୍ଡ ଏଏ ରହିମ

# ବୁଢ଼ା ବାଘକୁ ହରାଇଲା ମହାବଳ

ବାରିପଦା,୧୮।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

### ଅଞ୍ଚଳ ଦଖଲ ପାଇଁ ଲଢ଼େଇ


ଲଢ଼େଇରେ ଜିତିଥିବା ମହାବଳ।

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ୨ ମହାବଳ ବାଘ ମଧ୍ୟରେ ଘମାଘୋଟ ଲଢ଼େଇ ହୋଇଥିବା ଦେଖିବାକୁ ମିଳିଛି। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନି ଲଢ଼େଇରେ ଜିତିଥିବା ବାଘର ଫଟୋ ସୋସିଆଲ ମିଡିଆ (ଏକ୍ସ)ରେ ପୋଷ୍ଟ କରିଛନ୍ତି। ଯାହା ଏବେ ଭାଇରାଲ ହେବାରେ ଲାଗିଛି। ନିଜ ଅଞ୍ଚଳ ଦଖଲ ପାଇଁ ଏହି ୨ ବାଘଙ୍କ ମଧ୍ୟରେ ଲଢ଼େଇ ହୋଇଥିବା ଶିମିଳିପାଳ କର୍ତ୍ତୃପକ୍ଷ ଅନୁମାନ କରିଛନ୍ତି।

କ୍ଷେତ୍ର ନିର୍ଦ୍ଦେଶକ ଡ. ଗୋଗିନେନିଙ୍କ ସୂଚନା ଅନୁଯାୟୀ, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ବୟସ୍କ ମହାବଳ (ଟି-୩୧) ଓ ଯୁବ ବୟସର ବାଘ (ଟି-୩୫) ମଧ୍ୟରେ ଲଢ଼େଇ ହୋଇଥିଲା। ☞ପୃଷ୍ଠା-୧୧







### ଆଜିର ସମ୍ପାଦକୀୟ
ଏପଟେ ମଲ ସେପଟେ ମାରିଲ


# ହାଇକୋର୍ଟରେ ଷ୍ଟାଟସ୍ ରିପୋର୍ଟ ଦାଖଲ କଲେ ଆମିକସ୍ କ୍ୟୁରି

### ଶ୍ରୀମନ୍ଦିର ନାଟମଣ୍ଡପ ମରାମତି ମାମଲା

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

ପୁରୀ ଶ୍ରୀମନ୍ଦିରର ନାଟମଣ୍ଡପ ମରାମତି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆମିକସ୍ କ୍ୟୁରି ଏନ୍. କେ. ମହାନ୍ତି ସୋମବାର ହାଇକୋର୍ଟରେ ଷ୍ଟାଟସ୍ ରିପୋର୍ଟ ଦାଖଲ କରିଛନ୍ତି। ନାଟମଣ୍ଡପ ବିମ୍‌ରେ ହୋଇଥିବା ଫାଟର ମରାମତି କାର୍ଯ୍ୟ ଆଗେଇ ଚାଲିଛି। ସେଠାରେ ଲାଗିଥିବା କାଠ ସିଲିଂ ଓ କାଠ ମୂର୍ତ୍ତିକୁ ବାହାର କରାଯାଇ ଶ୍ରୀମନ୍ଦିର ମ୍ୟୁଜିୟମ୍‌ରେ ରଖାଯାଇଛି। ଫାଟ ହୋଇଥିବା ବିମ୍‌ର ସୁରକ୍ଷା ନିମନ୍ତେ ସେଠାରେ ବକ୍ସ ବିମ୍ ଲାଗିବାକୁ ଥିବାବେଳେ ତାହାର ଡିଜାଇନ ଏବଂ ଆଗାମୀ କାର୍ଯ୍ୟପନ୍ଥା ଚୂଡ଼ାନ୍ତ କରିବା ନିମନ୍ତେ ଡିସେମ୍ବର ୧୯ରୁ ୨୧ ମଧ୍ୟରେ କୋର୍ କମିଟିର ବୈଠକ ଅନୁଷ୍ଠିତ ହେବ। ଏହାସହ ମରାମତି ପାଇଁ ଆବଶ୍ୟକ ସାମଗ୍ରୀ କେଉଁ ସଂସ୍ଥା ଯୋଗାଇବ ତାହା ମଧ୍ୟ ବୈଠକରେ ଚୂଡ଼ାନ୍ତ ହେବ। ବିମ୍‌ର ଫାଟ ମରାମତି ପାଇଁ ଦୈନିକ ୬ ଘଣ୍ଟା କାର୍ଯ୍ୟ ☞ପୃଷ୍ଠା-୧୧




# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତା'ର ଉପବାସ,**
**ତୋର ପୁଷମାସ।**

ଉପବାସ କଲେ କାଷ୍ଠା ରହିବାକୁ ପଡ଼େ ଓ ଖାଇବା ପିଇବା କମ୍ କରାଯାଏ। ଖାଇବା ପିଇବା ବିନା ଜଣଙ୍କର ଅବସ୍ଥା ବେହାଲ ତ ଆଉ କିଏ ଖାଇ ପିଇ ବେଶ୍ ଆରାମ ହିଁ ଆରାମ। ଅବସ୍ଥାର ତାରତମ୍ୟ ପ୍ରତି ଉପଲକ୍ଷ୍ୟ। ଜଣଙ୍କର ମନ୍ଦ ଘଟିଲା ବେଳେ ଆଉ ଜଣଙ୍କର ଭଲ ବା ଫାଇଦା ମିଳିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ତିନି ଥେଣ୍ଟିଆ କାକୁଡ଼ି ବାଡ଼ି**
**ଶିଆଳ ଖାଏ ମୋଡ଼ିମାଡ଼ି।**

ସାଧାରଣତଃ କେତେକ ବିଷୟକୁ ନେଇ ଲୋକମାନଙ୍କ ମଧ୍ୟରେ କିଛି କିଛି ଭିନ୍ନ ମତ ରହୁଥିବାର ଲକ୍ଷ୍ୟ କରାଯାଇଥାଏ। ସେଭଳି କୌଣସି ଏକ ପ୍ରସଙ୍ଗରେ ମତ ଭିନ୍ନ ଭିନ୍ନ ହେଲେ ବାହାର ଲୋକ ବା ଅତି ଚାଲାକ ଲୋକ ଏଥିରୁ ଫାଇଦା ହାସଲ କରିଥାନ୍ତି ବୋଲି ଏଠାରେ ଦର୍ଶାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ




# ଧାମନଗର ଖାନ୍‌ୱା ଜଳ ଯୋଗାଣ ପାଇଁ ୨ କୋଟି ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୮।୧୨(ଅନିଲ ଦାସ)

ଧାମନଗରରେ ଥିବା ମୁସଲମାନ ସମ୍ପ୍ରଦାୟର ପ୍ରସିଦ୍ଧ ଧାର୍ମିକ ସ୍ଥଳ ଖାନ୍‌ୱାରେ ଏକ ପାଣିଟାଙ୍କି ସହିତ ଜଳ ଯୋଗାଣର ସୁବ୍ୟବସ୍ଥା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଧାମନଗର ଗସ୍ତ ଅବସରରେ ଖାନ୍‌ୱାର ଏକ ପ୍ରତିନିଧି ଦଳ ତାଙ୍କୁ ଭେଟି ଏ ବିଷୟରେ ଅନୁରୋଧ କରିଥିଲେ। ପାଣ୍ଡିଆନ ଏହି ଅନୁରୋଧ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଥିଲେ। ସେମାନଙ୍କ ଅନୁରୋଧକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ପାଣିଟାଙ୍କି ଓ ଜଳ ଯୋଗାଣ ସୁବିଧା ପାଇଁ ଏହି ଅର୍ଥ ମଞ୍ଜୁର କରିଛନ୍ତି।

ସୂଚନାଯୋଗ୍ୟ ଯେ ପୀରବାବା ହୁଜୁର ମୁଜାହିଦ ଏ ମିଲାତଙ୍କ ଅନୁଗାମୀମାନେ ପ୍ରତିଦିନ ବହୁ ସଂଖ୍ୟାରେ ଖାନ୍‌ୱାକୁ ଆସିଥାନ୍ତି। ପୀରବାବା ହୁଜୁର ମୁଜାହିଦଙ୍କ ଉର୍ସ ଉତ୍ସବ ସମୟରେ ଏଠାରେ ବିଶେଷ ଭିଡ଼ ପରିଲକ୍ଷିତ ହୋଇଥାଏ। ସେଠାରେ ଜଳ ଯୋଗାଣରେ ଉନ୍ନତି ହେବା ଦ୍ୱାରା ଛାତ୍ରୀଛାତ୍ର, ତୀର୍ଥଯାତ୍ରୀ, ଉର୍ସ ମୁଜାହିଦ ଏ ମିଲାତ କମିଟିର ସଦସ୍ୟମାନଙ୍କ ସମେତ ୨ ଲକ୍ଷ ଭକ୍ତ ଉପକୃତ ହେବେ। ଏହି ଘୋଷଣା ପରେ ଧାମନଗର ଅଞ୍ଚଳର ମୁସଲମାନ ଭଉଣୀଭାଇମାନେ ମୁଖ୍ୟମନ୍ତ୍ରୀ ଓ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ସଡ଼କ ଦୁର୍ଘଟଣାରେ ୮ ମୃତ

ପୁଣେ,୧୮।୧୨

ମହାରାଷ୍ଟ୍ର ପୁଣେ ଜିଲାର କଲ୍ୟାଣ-ନାସିକ ଜାତୀୟ ରାଜପଥରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୮ ଜଣଙ୍କ ମୃତ୍ୟୁ ଘଟିଛି। ରବିବାର ରାତିରେ ଜୁନ୍ନାର ତାଲୁକ ଅନ୍ତର୍ଗତ ଉକ୍ତ ରାଜପଥରେ ଏକ ପିକ୍‌ଅପ୍ ଭ୍ୟାନ୍ ଅଟୋରିକ୍ସାକୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ଅଟୋରିକ୍ସାରେ ଥିବା ୩ ଏବଂ ପିକ୍‌ଅପ୍‌ରେ ଥିବା ୫ ଯାତ୍ରୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା।

# ଚେଇଁ ଶୋଇଥିବ ଯିଏ ତାକୁ ଉଠାଇବ କିଏ: ପାଣ୍ଡିଆନ

## ଫେବୃୟାରୀରେ କେନ୍ଦ୍ରାପଡ଼ା ଜିଲାରେ ଗଡ଼ିବ ଲକ୍ଷ୍ମୀ ବସ୍

ଭୁବନେଶ୍ୱର (ଅନିଲ ଦାସ)/
କେନ୍ଦ୍ରପଡ଼ା (ଜଗନ୍ନାଥ ଧଳ),୧୮।୧୨

ଯେଉଁମାନେ ପ୍ରକୃତରେ ଶୋଇଛନ୍ତି, ତାଙ୍କୁ ନିଦରୁ ଉଠାଇ ହେବ। କିନ୍ତୁ ଯେଉଁମାନେ ଚେଇଁ ଶୋଇଛନ୍ତି ସେମାନଙ୍କ ପାଇଁ କିଛି କରିହେବ ନାହିଁ। ରାଜ୍ୟର ବିକାଶ ବିରୋଧୀଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି ଏମିତି ଚେରଛା ବାଣ ମାରିଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ସୋମବାର ଶ୍ରୀବଳଦେବଜୀଉ ମନ୍ଦିର ନିକଟରେ ସାଧାରଣ ସଭାକୁ ଉଦ୍‌ବୋଧନ ଦେଇ ପାଣ୍ଡିଆନ କହିଛନ୍ତି, ବିଭିନ୍ନ କ୍ଷେତ୍ରରେ ଓଡ଼ିଶା ଆଗକୁ ବଢ଼ିଛି। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶାକୁ ଆନ୍ତର୍ଜାତିକ ସମ୍ମାନ ମିଳିବା ରୂପାନ୍ତରଣର ଉଦାହରଣ ବୋଲି ସେ କହିଛନ୍ତି। ତେବେ ଏଭଳି ରୂପାନ୍ତରଣ କିଛି ଲୋକଙ୍କୁ ଦେଖାଯାଉନାହିଁ। ଘରେ ଯେମିତି କିଛି ଛୁଆ ଶୋଇବାର ଅଭିନୟ କରିଥାଆନ୍ତି ଆଉ ଯେତେ ଉଠାଇଲେ ଉଠନ୍ତି ନାହିଁ, ଏମାନେ ମଧ୍ୟ ସେମିତି ଉଠି ନ ଥାନ୍ତି। ସେମାନଙ୍କୁ ସେମିତି ଶୋଇବାକୁ ଦିଆଯାଉ। ସାଧାରଣ ଲୋକଙ୍କ ମଙ୍ଗଳ ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ଅହରହ ପ୍ରୟାସ କରୁଛନ୍ତି ସେଥିପାଇଁ ସହଯୋଗ କରିବା ଦରକାର ବୋଲି ପାଣ୍ଡିଆନ କହିଛନ୍ତି।

କେନ୍ଦ୍ରାପଡ଼ା ଜିଲା ବିଜୁବାବୁଙ୍କ କର୍ମଭୂମି ଥିଲା। ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ାକୁ ବହୁତ ଭଲ ପାଆନ୍ତି। ଜିଲାର କେମିତି ଉନ୍ନତି ହେବ ସେନେଇ ମୁଖ୍ୟମନ୍ତ୍ରୀ ଚେଷ୍ଟା କରୁଛନ୍ତି। କେନ୍ଦ୍ରାପଡ଼ାରେ ବିଶ୍ୱର ସବୁଠୁ ବଡ଼ ପୁଞ୍ଜିନିବେଶ ହେବାକୁ ଯାଉଛି। ଆର୍ସେଲର ମିତ୍ତଲ ଓ ନିପ୍ପନ ଭଳି ସଂସ୍ଥା କାରଖାନା ପ୍ରତିଷ୍ଠା କରିବା ପରେ ଜିଲାର ରୂପରେଖ ବଦଳିଯିବ। ୨୦ ହଜାର ଲୋକଙ୍କୁ ନିଯୁକ୍ତି ମିଳିବ। ଜିଲାର ସବୁ ସ୍କୁଲ ଓ କଲେଜ ଆସନ୍ତା ୨ ମାସ ସୁଦ୍ଧା ରୂପାନ୍ତରଣ ସରିବ ବୋଲି ପାଣ୍ଡିଆନ କହିଛନ୍ତି। ୨୦୦୭ରୁ ଖାଦ୍ୟ ସୁରକ୍ଷା ଓ ଦାରିଦ୍ର୍ୟ ଦୂରୀକରଣ ଦିଗରେ


କେନ୍ଦ୍ରାପଡ଼ାସ୍ଥିତ ବଳଦେବଜୀଉ ମନ୍ଦିର ନିକଟରେ ସୋମବାର ଆୟୋଜିତ ସମାବେଶରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉଦ୍‌ବୋଧନ ଦେଉଛନ୍ତି।

ରାଜ୍ୟ ସରକାର କିଭଳି ଅହରହ ଉଦ୍ୟମ କରୁଛନ୍ତି ସେ ସମ୍ପର୍କରେ ମଧ୍ୟ ସୂଚନା ଦେଇଛନ୍ତି। କୃଷି ଉତ୍ପାଦନ ଓ ଚାଷୀଙ୍କୁ ସଶକ୍ତ କରିବା ଦିଗରେ ରାଜ୍ୟ ସରକାର ପ୍ରତ୍ୟେକ ସମୟରେ ନୂଆ ନୂଆ ଯୋଜନା ହାତକୁ ନେଇଛନ୍ତି। ଏବେ ଓଡ଼ିଶା ଖାଦ୍ୟ ବଳକା ରାଜ୍ୟ ହେବା ସହ ଅନ୍ୟ ରାଜ୍ୟକୁ ଖାଦ୍ୟ ଯୋଗାଉଛି। କ୍ରୀଡ଼ାର ବିକାଶ କ୍ଷେତ୍ରରେ ରାଜ୍ୟ ସରକାର ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି। ସମଗ୍ର ବିଶ୍ୱ ତା'ର ସାକ୍ଷୀ ବୋଲି ପାଣ୍ଡିଆନ କହିଛନ୍ତି। ଗୋଟିଏ ସମୟରେ ଦେବାଳିଆ ସ୍ଥିତିରେ ଥିବା ରାଜ୍ୟ ସରକାର ଏବେ କିଭଳି ବଳକା ରାଜ୍ୟ ଭାବେ ନିଜକୁ ସମଗ୍ର ଦେଶରେ ପରିଚିତ କରାଇ ପ୍ରଶଂସା ସାଉଣ୍ଟିଛନ୍ତି ତାହା ସମସ୍ତେ ଜାଣନ୍ତି। ବିଦେଶରୁ ପୁଞ୍ଜି ଆଣିବା, ସିଧାସଳଖ ପାଇପ ଯୋଗେ ପାନୀୟ ଜଳ ଯୋଗାଣ, ବିଏସ୍‌କେୱାଇ ଭଳି ସ୍ୱାସ୍ଥ୍ୟ କ୍ଷେତ୍ରରେ ବୈପ୍ଳବିକ ପଦକ୍ଷେପ, ସ୍କୁଲ ଓ କଲେଜ ରୂପାନ୍ତରଣ, ଐତିହ୍ୟସ୍ଥଳୀ ଓ ମନ୍ଦିରର ରୂପାନ୍ତରଣ ହେଉଛି ନୂଆ ଓଡ଼ିଶା ଗଠନ ଦିଗରେ ଗୋଟିଏ ଗୋଟିଏ ପଦକ୍ଷେପ ବୋଲି ପାଣ୍ଡିଆନ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସୋମବାର କେନ୍ଦ୍ରାପଡ଼ା ଗସ୍ତ ବେଳେ ସେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ଚାଷୀ, ମିଶନ ଶକ୍ତି ଗ୍ରୁପ୍ ସଦସ୍ୟା ଓ ଅନ୍ୟାନ୍ୟ ହିତାଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ବିଭିନ୍ନ ସ୍ଥାନରେ ସାଧାରଣ ସଭାକୁ ସମ୍ବୋଧିତ କରି ରାଜ୍ୟ ବିକାଶର ବିଭିନ୍ନ ପ୍ରସଙ୍ଗ ଉତ୍‌ଥାପନ କରିଛନ୍ତି।

ରାଜନଗରର ଦକ୍ଷିଣଡ଼ିହାଠାରୁ କେରଡ଼ାଗଡ଼ ମଧ୍ୟରେ ବ୍ରାହ୍ମଣୀ ନଦୀ ଉପରେ ଚାଲିଥିବା ପୋଲ ନିର୍ମାଣ କାମର ସମୀକ୍ଷା କରିଛନ୍ତି। ୫୯ କୋଟି ୮୭ ଲକ୍ଷ ବ୍ୟୟରେ ନିର୍ମାଣାଧୀନ ଏହି କାମ ପାଇଁ ଗତବର୍ଷ ଏପ୍ରିଲରେ ପାଣ୍ଡିଆନ ସମ୍ପୃକ୍ତ ଅଞ୍ଚଳ ଗସ୍ତ କରିବା ବେଳେ ସ୍ଥାନୀୟ ଲୋକମାନେ ଦାବି କରିଥିଲେ। ଲୋକଙ୍କ ଦାବିର ୬୦ ଦିନ ଭିତରେ ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପର ନିର୍ମାଣ କାମ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କେରଡ଼ାଗଡ଼ଠାରେ ଥିବା ଜଗନ୍ନାଥ ମନ୍ଦିରର ଉନ୍ନତି ପାଇଁ ୩ କୋଟି ୩ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଥିବା ୫-ଟି ଅଧ୍ୟକ୍ଷ ଘୋଷଣା କରିଥିଲେ। ଗତ ଏପ୍ରିଲରେ ପାଣ୍ଡିଆନ କେରଡ଼ାଗଡ଼ ମନ୍ଦିର ଗସ୍ତ ବେଳେ ପୂଜକ ଓ ଭକ୍ତଙ୍କ ସହିତ ସ୍ଥାନୀୟ ଲୋକମାନେ ଏହି ମନ୍ଦିରର ଉନ୍ନତି ନିମନ୍ତେ ତାଙ୍କୁ ଅନୁରୋଧ କରିଥିଲେ।

କେରଡ଼ାଗଡ଼ ପରେ ପାଣ୍ଡିଆନ ଗୋପାଳପୁର ଛକ, ମଦନପୁର ଛକ, ପଚ୍ଚାମୁଣ୍ଡାଇ ଆଇବି ଛକ, ଗୋଗୁଆ, ତିନିମୁହାଣୀ ଓ ଇଚ୍ଛାପୁରଠାରେ ସାଧାରଣ ସଭାକୁ ସମ୍ବୋଧିତ କରିଥିଲେ। ଶେଷରେ କେନ୍ଦ୍ରାପଡ଼ାର ଶ୍ରୀବଳଦେବଜୀଉଙ୍କୁ ଦର୍ଶନ କରିବା ସହ ପୂଜକ ଓ ଶ୍ରଦ୍ଧାଳୁଙ୍କ ସହିତ ଦୀର୍ଘ ସମୟ ଆଲୋଚନା କରିଥିଲେ। ଏହି ଗସ୍ତ ବେଳେ ତାଙ୍କୁ ବିଭିନ୍ନ ସ୍ଥାନରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଗସ୍ତ ସମୟରେ ସାତଭାୟା ପାଇଁ ୨୨ କୋଟି ୫୦ ଲକ୍ଷ, ବାୟାବାବା ମଠ ପାଇଁ ୪ କୋଟି ୯୫ ଲକ୍ଷ, କେରଡ଼ାଗଡ଼ ଜଗନ୍ନାଥ ମନ୍ଦିର ପାଇଁ ୩ କୋଟି ୩ ଲକ୍ଷ, ପଞ୍ଚୁବରାହୀ ମନ୍ଦିର ପାଇଁ ୪ କୋଟି ୯୫ ଲକ୍ଷ, ପଚ୍ଚାମୁଣ୍ଡାଇ ହାୟର ସେକେଣ୍ଡାରୀ ସ୍କୁଲ ଓ କଲେଜ ପାଇଁ ୨ କୋଟି ୨୫ ଲକ୍ଷ, ରାଜନଗରରେ ଥିବା ଶ୍ରୀଜଗନ୍ନାଥ ହାୟର ସେକେଣ୍ଡାରୀ ସ୍କୁଲ ପାଇଁ ୨ କୋଟି ୨୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ପାଣ୍ଡିଆନ ସୂଚନା ଦେଇଥିଲେ। କେନ୍ଦ୍ରାପଡ଼ା ଜିଲାରେ ଫେବୃୟାରୀ ସୁଦ୍ଧା ଲକ୍ଷ୍ମୀ ବସ୍ ଗଡ଼ିବ ବୋଲି ସେ ସୂଚନା ଦେଇଥିଲେ। ପାଣ୍ଡିଆନଙ୍କ ଏହି ଗସ୍ତ ବେଳେ ଜିଲାର ବିଭିନ୍ନ ଜନପ୍ରତିନିଧି, ବିଧାୟକ ଓ ମନ୍ତ୍ରୀ ଉପସ୍ଥିତ ଥିଲେ।

# ରିମାଣ୍ଡରେ ଆସିବେ ସନ୍ଦିଗ୍ଧ ଆତଙ୍କବାଦୀ ବୁଖାରୀ

ଭୁବନେଶ୍ୱର,୧୮।୧୨(ସତ୍ୟଜିତ୍ ରାଉତ)

- ଏସ୍‌ଟିଏଫ୍‌ର ଆବେଦନ
- ଜେରା କରିପାରେ ଏନ୍‌ଆଇଏ, ଆଇବି ଟିମ୍

ସନ୍ଦିଗ୍ଧ ଆତଙ୍କବାଦୀ ତଥା କଶ୍ମୀର ପୋଲିସର ୱାଣ୍ଟେଡ୍ ଥିବା ସୟଦ ଇଶାନ ବୁଖାରୀ ବର୍ତ୍ତମାନ ଯାଜପୁର ଜିଲାର ରଗଡ଼ି ସବ୍‌ଜେଲରେ ରହିଛନ୍ତି। ବୁଖାରୀଙ୍କୁ ରିମାଣ୍ଡରେ ଆଣି ତାଙ୍କ ବିଷୟରେ ଅଧିକ ତଥ୍ୟ ହାସଲ କରିବାକୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଯୋଜନା କରିଛି। ତେଣୁ ଏସ୍‌ଟିଏଫ୍ ପକ୍ଷରୁ ସୋମବାର ଚଣ୍ଡିଖୋଲ ଜେଏମ୍‌ଏଫ୍‌ସି କୋର୍ଟରେ ୭ଦିନିଆ ରିମାଣ୍ଡ ଆବେଦନ କରାଯାଇଛି। ଅନୁମତି ମିଳିବା ପରେ ମଙ୍ଗଳବାର କିମ୍ବା ବୁଧବାର ବୁଖାରୀଙ୍କୁ ଏସ୍‌ଟିଏଫ୍ ଆଣି ମାରାଥନ୍ ଜେରା କରିବ। ଏହି ସମୟରେ ନ୍ୟାଶନାଲ୍ ଇନ୍‌ଭେଷ୍ଟିଗେଶନ ଏଜେନ୍‌ସି (ଏନ୍‌ଆଇଏ) ଏବଂ ଇଣ୍ଟେଲିଜେନ୍‌ସ ବ୍ୟୁରୋ (ଆଇବି) ଟିମ୍ ଓଡ଼ିଶା ଆସି ବୁଖାରୀଙ୍କୁ ଆତଙ୍କବାଦୀ ଲିଙ୍କ୍ ସମ୍ପର୍କରେ ଜେରା କରିପାରେ ବୋଲି ସୂଚନା ମିଳିଛି। ବୁଖାରୀ କେତେଜଣ ପାକିସ୍ତାନୀଙ୍କ ସହ ନିୟମିତ ଯୋଗାଯୋଗରେ ଥିଲେ। ତାଙ୍କର ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ବହୁ ସନ୍ଦେହଜନକ ଆର୍ଥିକ କାରବାର ହୋଇଛି। ଏଜେଣ୍ଟଙ୍କ ସହ ସେ ପୂର୍ବରୁ ଚାଟ୍ କରିଥିବାବେଳେ ଏବେ ଏହାର ହିଷ୍ଟ୍ରିକୁ ଡିଲିଟ୍ କରିଦେଇଛନ୍ତି। ତେଣୁ ବୁଖାରୀଙ୍କ ସହ ଚାଟ୍ କରୁଥିବା ବ୍ୟକ୍ତିମାନେ ଆଇଏସ୍‌ଆଇ ଏଜେଣ୍ଟ ବୋଲି ଏସ୍‌ଟିଏଫ୍ ସନ୍ଦେହ କରୁଛି। ରିମାଣ୍ଡବେଳେ ଏହି ଦିଗକୁ ନେଇ ଏସ୍‌ଟିଏଫ୍ ଅଧିକ ପଚରାଉଚରା କରି ତଥ୍ୟ ଯୋଗାଡ଼ କରିବାକୁ ଯୋଜନା କରିଛି।

## ଶିକ୍ଷକତା କରୁଥିବା ସ୍ତ୍ରୀ ଚାକିରିରୁ ବହିଷ୍କୃତ

ଧର୍ମଶାଳା,୧୮।୧୨(ବଟକୃଷ୍ଣ ପରିଡ଼ା)

ଯାଜପୁର ଜିଲା ଧର୍ମଶାଳା ଥାନା ନେଉଳପୁର ପଞ୍ଚାୟତ ମିଲତନଗରରୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଦ୍ୱାରା କଶ୍ମୀର ପୋଲିସର ୱାଣ୍ଟେଡ ଅଭିଯୁକ୍ତ ସୟଦ ଇଶାନ ବୁଖାରୀ(୩୭) ଗିରଫ ହୋଇଥିବାବେଳେ ତାଙ୍କ ସ୍ତ୍ରୀ ସେହେନାଜ ପରୱିନଙ୍କୁ ଚାକିରି ହରାଇବାକୁ ପଡ଼ିଛି। ପରୱିନ ମିଲତନଗରସ୍ଥିତ ଏକ ଘରୋଇ ସ୍କୁଲରେ ଶିକ୍ଷକତା କରୁଥିଲେ। ତାଙ୍କ ସ୍ୱାମୀ ବୁଖାରୀଙ୍କ ସମ୍ପର୍କ ପାକିସ୍ତାନର ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଏବଂ ଆତଙ୍କବାଦୀଙ୍କ ସହ ରହିଥିବା ଜଣାପଡ଼ିବା ପରେ ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ଚାକିରିରୁ ବହିଷ୍କୃତ କରିଛନ୍ତି। ବୁଖାରୀ ନିଜକୁ ଡାକ୍ତର ଭାବେ ପରିଚୟ ଦେଇ ପ୍ରେମଜାଲରେ ପରୱିନଙ୍କୁ ଫସାଇଥିଲେ। ଫଳରେ ପରୱିନର ଇଚ୍ଛା ବିରୋଧରେ ବୁଖାରୀଙ୍କୁ ୨୦୧୬ରେ ବିବାହ କରିଥିଲେ। ତାଙ୍କର ୬ ବର୍ଷର ଏକ ଝିଅ ରହିଛି। ତେବେ ପରୱିନଙ୍କ ଭଳି ଆହୁରି ପ୍ରାୟ ୬ଜଣ ଯୁବତୀଙ୍କୁ ବୁଖାରୀ ପ୍ରେମରେ ଫସାଇ ବିବାହ କରିଥିବା ଏସ୍‌ଟିଏଫ୍ ତଦନ୍ତରୁ ଜାଣିପାରିଛି।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ସମସ୍ୟା ଆସିଲେ ମଧ୍ୟ କୌଶଳରେ କାର୍ଯ୍ୟ ସାଧନ କରିପାରିବେ। ଅଳ୍ପ ଖର୍ଚ୍ଚରେ ଆବଶ୍ୟକତା ଚଳାଇ ନେବାକୁ ଚିନ୍ତା କରିପାରନ୍ତି। ସହକର୍ମୀଙ୍କୁ ସୁପରାମର୍ଶ ଓ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ସାଧାରଣ କଥାକୁ ନେଇ ପାରିବାରିକ ଅସହଯୋଗରୁ ଶେଷ ପର୍ଯ୍ୟାୟରେ କାମଗୁଡ଼ିକ ଅଧାରେ ଅଟକିଯାଇପାରେ।

**ବୃଷ** - ଦୁଶ୍ଚିନ୍ତାଜନିତ ଆଜି ଆପଣଙ୍କର ମାନସିକ ସ୍ୱାସ୍ଥ୍ୟ କେତେକାଂଶରେ ଭଲ ରହି ନ ପାରେ। ଅଭାବ ନ ଥିଲେ ମଧ୍ୟ ଆକସ୍ମିକ ଆବଶ୍ୟକତା ପୂରଣ କ୍ଷେତ୍ରରେ ଅସୁବିଧା ମନେକରିବେ। କର୍ମକ୍ଷେତ୍ରରେ ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡ଼ିପାରନ୍ତି। ସାଧାରଣ ବଚସାରୁ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ମିଥୁନ** - ନିଜ ପରିସରର ବ୍ୟକ୍ତିମାନଙ୍କ ସାହାଯ୍ୟରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସରଳ ସମାଧାନ ହୋଇଯିବ। ବହୁଦିନ ଧରି ଭାଙ୍ଗି ପଡ଼ିଥିବା ସ୍ୱାସ୍ଥ୍ୟରେ ଉନ୍ନତି ଘଟିପାରେ। ସହକର୍ମୀଙ୍କ କାର୍ଯ୍ୟାବଳୀ ଓ ଅଫିସ୍‌ର ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ବନ୍ଧୁଙ୍କୁ ପ୍ରତିଶ୍ରୁତି ଦେଇ ଶେଷରେ ନାସ୍ତିବାଣୀ ଶୁଣାଇବେ।

**କର୍କଟ** - ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ମରୀଚିକା ପଛରେ ଦୌଡ଼ି ପରିଶେଷରେ ଅନୁତାପ କରିପାରନ୍ତି। ବନ୍ଧୁଗହଣରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବିଭିନ୍ନ ପ୍ରକାର ଆଶା ଓ ଆଶଙ୍କାରେ ବ୍ୟବସାୟକୁ ସଙ୍କୁଚିତ କରିନେଇ ପାରନ୍ତି। ଶିଳ୍ପ, ରପ୍ତାନି, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ସିଂହ** - କାମର ଚାପ ବୃଦ୍ଧି ପାଉଥିଲେ ମଧ୍ୟ ସ୍ୱାସ୍ଥ୍ୟ ପ୍ରତି ଅବିଚାର କଲେ ପଶ୍ଚାତେ ବହୁମୂଲ୍ୟ ଦେବାକୁ ପଡ଼ିବ। ବନ୍ଧୁଙ୍କ ସାହାଯ୍ୟରେ ଅତୀତରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ସମ୍ଭାଳି ନେବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହୋଇପାରନ୍ତି। ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ କରିପାରନ୍ତି।

**କନ୍ୟା** - ପ୍ରତ୍ୟେକ କ୍ଷେତ୍ର ସମସ୍ୟା ବିଜଡ଼ିତ ରହୁଥିବା କାରଣରୁ ମାନସିକ ସ୍ଥିତି ଭଲ ରହି ନ ପାରେ। ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ। କର୍ମକ୍ଷେତ୍ରରେ ଶେଷ ସମୟରେ ସୁଯୋଗ ହରାଇବା ସକାଶେ ବ୍ୟଥିତ ହେବେ। ପୁରାତନ ରୋଗର ପୀଡ଼ା ଅନୁଭବ କରିପାରନ୍ତି। ଭାବପ୍ରବଣବଶତଃ ଓଲଟା କଥା କହି ଅପଦସ୍ଥ ହେବେ।

**ତୁଳା** - ଆଜି ସକାଳୁ ସକାଳୁ ପରିବାର ମଧ୍ୟରେ ସାଧାରଣ କଥାରୁ କଳହ ସୃଷ୍ଟି ହୋଇପାରେ। ଆନୁଷ୍ଠାନିକ କାମରେ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସାମାଜିକ ସ୍ତରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପ୍ରତ୍ୟୁଷ ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ।

**ବିଛା** - କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ବଦଳି ଯାଇଥିଲେ ମଧ୍ୟ ବନ୍ଧୁଙ୍କ ପୂର୍ବର ସେହି ଅନୁରାଗ ରହିବ ନାହିଁ। ସାଧାରଣ କଥାକୁ କେନ୍ଦ୍ରକରି ମନରେ ବିରକ୍ତିଭାବ ସୃଷ୍ଟି ହେବ। ସଭାସମିତିରେ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବାର ସମ୍ଭାବନା ରହିଛି। ପାରିବାରିକ ସମସ୍ୟାର ସମାଧାନ କରିବାରେ ପଡ଼ୋଶୀଙ୍କ ଅବଦାନ ସ୍ମରଣୀୟ ରହିବ।

**ଧନୁ** - ଆଜି ଆଲୋଚନାର ମଧ୍ୟଭାଗରେ ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ଘରେ ଭୁଲ୍ ବୁଝାମଣା ହେତୁ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଓ ଅଭିଳଷିତ ଜିନିଷ ପାଇବେ। ବନ୍ଧୁଙ୍କ ପରାମର୍ଶରେ ଯୋଗଶିକ୍ଷାରେ ରୁଚିବଳିବ।

**ମକର** - ଯାହା କରୁଛନ୍ତି ଭାବିଚିନ୍ତି କରିବା ଭଲ ହେବ ନଚେତ୍ ପରେ ଏଥିପାଇଁ ଅନୁତାପ କରିବାକୁ ପଡ଼ିପାରେ। ଉପରିସ୍ଥଙ୍କ ସାହାଯ୍ୟ ଲାଭକରି ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ହିତକର ହୋଇପାରେ।

**କୁମ୍ଭ** - ପଦସ୍ଥବ୍ୟକ୍ତିଙ୍କ ପରାମର୍ଶକ୍ରମେ କର୍ମକ୍ଷେତ୍ରରେ ସମସ୍ୟା ଦୂରେଇବାର ପ୍ରଯତ୍ନ କରିପାରନ୍ତି। ସରଳ ଭାବରେ କୌଣସି କଥାକୁ ଗ୍ରହଣ ନ କରି ପରୀକ୍ଷା କରି କାମରେ ଲଗାଇବା ଭଲ। ଆର୍ଥିକ ଅଭିବୃଦ୍ଧିଜନିତ ମାନସିକ ସ୍ଥିତି ବହୁତ ଭଲ ରହିବ। ଜମିଜମା ବ୍ୟବସାୟରେ ଉନ୍ନତି କରିବେ।

**ମୀନ** - କୌଣସି ବିଷୟର ଠିକ୍ ନିର୍ଣ୍ଣୟ ନ କରି ବନ୍ଧୁ କଥାରେ ପ୍ରଭାବିତ ହୋଇ ଭୁଲ କରିପାରନ୍ତି। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ପାରିବାରିକ ଅଶାନ୍ତି ପରିପ୍ରେକ୍ଷୀରେ ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ। ପରିବାରର ଖର୍ଚ୍ଚଭାର କ୍ରମଶଃ ବୃଦ୍ଧି ପାଇବା ଯୋଗୁ ଚିନ୍ତାପ୍ରକଟ କରିବେ।

ଆଜି ମାର୍ଗଶିର ଶୁକ୍ଳ ସପ୍ତମୀଯୁକ୍ତ ଅଷ୍ଟମୀ ମଙ୍ଗଳବାର, ଡିସେମ୍ବର ୧୯ ତାରିଖ, ରାଶି ନକ୍ଷତ୍ର-ପୂର୍ବଭାଦ୍ରପଦ/କୁମ୍ଭ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ, ସକାଳ ୦୬।୧୯ ଗତେ, ଘ.୦୭।୦୨ ମଧ୍ୟେ, ଘ.୦୯।୦୧ ଗତେ, ଘ.୧୧।୨୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୨୫ ଗତେ, ଘ.୦୩।୪୬ ମଧ୍ୟେ ରାହୁକାଳ।




# ରାଉରକେଲାରେ ଝାଡ଼ାବାନ୍ତି: ମୃତ୍ୟୁସଂଖ୍ୟା ୯କୁ ବୃଦ୍ଧି

**ରାଉରକେଲା,୧୮।୧୨ (ସଙ୍ଗୀତା ଜେନା)**

ରାଉରକେଲା ସହର ସମେତ ଆଖପାଖ ଅଞ୍ଚଳରେ ଝାଡ଼ାବାନ୍ତି ଅଣାୟତ୍ତ ହୋଇପଡ଼ିଛି। ଝାଡ଼ାବାନ୍ତିରେ ପୂର୍ବରୁ ୭ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ସୋମବାର ଏହି ତାଲିକାରେ ଆଉ ୨ଜଣଙ୍କ ନାଁ ଯୋଡି ହୋଇଛି। ଫଳରେ ଝାଡ଼ାବାନ୍ତି ମୃତକଙ୍କ ସଂଖ୍ୟା ୯ରେ ପହଞ୍ଚିଛି। ମୃତକ ହେଲେ ନୟାବଜାର ଅଞ୍ଚଳର ସରୋଜିନୀ ଖଣ୍ଡାୟତ ଓ କିଷାନଟୋଲାର ବିଜୟ କିଷାନ। ସରୋଜିନୀ ପ୍ରଥମେ ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍)ରେ ଚିକିତ୍ସିତ ହେଉଥିଲେ। ସୋମବାର ସକାଳେ ତାଙ୍କୁ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି।

ଆର୍‌ଜିଏଚ୍‌ରେ ବର୍ତ୍ତମାନ ସୁଦ୍ଧା ୧୨ଶିଶୁଙ୍କ ସମେତ ୧୪୨ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି। ଝାଡ଼ାବାନ୍ତି ରୋଗୀଙ୍କ ପାଇଁ ଅଧିକ ଶଯ୍ୟା ବ୍ୟବସ୍ଥା କରାଯାଇଛି। ସୁନ୍ଦରଗଡ଼ ଓ ଭୁବନେଶ୍ୱରରୁ ସ୍ୱତନ୍ତ୍ର ଡାକ୍ତରୀ ଦଳ ଦଳ ଆସି ଚିକିତ୍ସା କରୁଛି। ସେମାନଙ୍କୁ ଡାକ୍ତର, ବିଶେଷଜ୍ଞ, ପାରାମେଡିକାଲ ଷ୍ଟାଫ୍ ଓ ନର୍ସିଂ ଷ୍ଟାଫ୍ ଚିକିତ୍ସାରେ ସହଯୋଗ କରୁଛନ୍ତି। ଗତ ୧୧ତାରିଖରୁ ଆଜିଯାଏ ମୋଟ ୩୪୨ ଜଣ ରୋଗୀ ଆର୍‌ଜିଏଚ୍‌ରେ ଭର୍ତ୍ତି ହୋଇଛନ୍ତି। କିଛି ରୋଗୀ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଭୁବନେଶ୍ୱରରୁ ପର୍ଯ୍ୟାପ୍ତ ଔଷଧ ଯୋଗାଣ କରାଯାଉଛି ବୋଲି ଆର୍‌ଜିଏଚ୍ ଭାରପ୍ରାପ୍ତ ସୁପରିଣ୍ଟେଣ୍ଡେଣ୍ଟ ଡ. ସୁଧାରାଣୀ ପ୍ରଧାନ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷେ ସ୍ଥାନୀୟ ପ୍ରଶାସନ ଝାଡ଼ାବାନ୍ତି ବ୍ୟାପିବାର କାରଣ ଖୋଜି ପାଇପାରିନାହିଁ। ପାନୀୟଜଳ



ରେଲୱେ କଲୋନି କାଳୀ ମନ୍ଦିର ନିକଟରେ ପାଇପ୍ ଫାଟି ପାଣି ବାହାରୁଛି।

ସଂକ୍ରମଣ ଯୋଗୁ ଏଭଳି ପରିସ୍ଥିତି ଉପୁଜିଥିବା ଅଭିଯୋଗ ହେବା ପରେ ଗତ ୧୫ ତାରିଖରୁ ଜିଲା ପ୍ରଶାସନ ଓ ୱାଟ୍‌କୋ କର୍ତ୍ତୃପକ୍ଷଙ୍କ ଯୁଗ୍ମ ପରିଚାଳନାରେ ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ୱାର୍ଡର ପ୍ରାୟ ୩୭ଟି ସ୍ଥାନରୁ ପାନୀୟ ଜଳ ନମୁନା ସଂଗ୍ରହ କରାଯାଇଛି। ମୋଟ୍ ୨୦ଟି ଟିମ୍ ଯାଞ୍ଚ କରୁଛି। ଏହାବ୍ୟତୀତ ବିଭିନ୍ନ ବସ୍ତି ଅଞ୍ଚଳରେ ପାନପୋଷ ସବ୍‌କଲେକ୍ଟର ବିଜୟ ନାୟକଙ୍କ ତତ୍ତ୍ୱାବଧାନରେ ଏକ ଭ୍ରାମ୍ୟମାଣ ଟେଷ୍ଟିଂ ଭ୍ୟାନରେ ତୁରନ୍ତ ଜଳନମୁନା ଯାଞ୍ଚ କରି ରିପୋର୍ଟ ସଂଗ୍ରହ କରାଯାଉଛି। ସୋମବାର ସୁଦ୍ଧା ଜଳର ଗୁଣବତ୍ତା ୦.୨-୨.୦ ପିପିଏମ୍ ମଧ୍ୟରେ ସ୍ଥିର ରହିଛି। ଏଥିରେ ଜଳବାହିତ ରୋଗ ଆଶଙ୍କା ବହୁତ କମ୍ ବୋଲି ଭୁବନେଶ୍ୱର ୱାଟ୍‌କୋର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ସରୋଜ ଚନ୍ଦ୍ର ମିଶ୍ର କହିଚନ୍ତି। ସେହିପରି ବିଭିନ୍ନ ୱାର୍ଡରେ ଥିବା ନଳକୂପରେ କ୍ଲୋରିନ୍ ଟ୍ରିଟ୍‌ମେଣ୍ଟ କରାଯାଉଛି। ସମ୍ଭବତଃ ପ୍ରଦୂଷିତ ଖାଦ୍ୟ ଯୋଗୁ ଏପରି ପରିସ୍ଥିତି ହୋଇଥିବ ବୋଲି ମିଶ୍ର କହିଛନ୍ତି। ଅନ୍ୟପକ୍ଷେ ସହରରେ ଏଭଳି ସମ୍ବେଦନଶୀଳ ପରିସ୍ଥିତିରେ ନିମ୍ନମାନର ଖାଦ୍ୟ ବିକ୍ରି ଉପରେ ଅଙ୍କୁଶ ଲାଗିପାରିନାହିଁ। ଖାଦ୍ୟ ବିଭାଗ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା କଂଗ୍ରେସ ଅଭିଯୋଗ କରିଛି। ସେହିପରି ସହରରେ ପାନୀୟ ଜଳର ଗୁଣବତ୍ତା ଉପରେ ଭାଜପା ପ୍ରଶ୍ନ ଉଠାଇଛି।

## ମଦ ବଟ୍‌ଲିଂ ଫାକ୍ଟ୍ରିରେ ଚଢ଼ାଉ ଶେଷ

**କାମାକ୍ଷାନଗର, ୧୮।୧୨ (ଅମଜାଦ ଖାନ)**

ଢେଙ୍କାନାଳ ଜିଲା ଡୁମୁସିଙ୍ଗା ଥାନା ମଛିଆ ସ୍ଥିତ ବିଦେଶୀ ମଦ ବଟ୍‌ଲିଂ ଫ୍ୟାକ୍ଟ୍ରି ଶକ୍ତି ମଲ୍ଟ ଏୟାର ଆଣ୍ଡ ଲିମୋନେଡ୍ ପ୍ରାଇଭେଟ୍ ଲିମିଟେଡ୍‌ରେ ଆୟକର ବିଭାଗର ଚଢ଼ାଉ ସୋମବାର ଶେଷ ହୋଇଛି। ଆୟକର ବିଭାଗର ୨ଟି ସ୍ୱତନ୍ତ୍ର ଟିମ୍ ୩ ଦିନ ହେଲା ଚଢ଼ାଉ ଜାରି ରଖିଥିଲେ। ସୋମବାର ଯାଞ୍ଚ ଶେଷ କରି ଆୟକର ବିଭାଗ ଟିମ୍ ଫେରିବା ବେଳେ ଫ୍ୟାକ୍ଟ୍ରିର ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସାଙ୍ଗରେ ନେଇଯାଇଥିବା କୁହାଯାଉଛି। ଏ ସମ୍ପର୍କରେ ଆୟକର ବିଭାଗ କିମ୍ବା ଫ୍ୟାକ୍ଟ୍ରି ପକ୍ଷରୁ ଗଣମାଧ୍ୟମକୁ କିଛି ବି ସୂଚନା ଦିଆଯାଇ ନାହିଁ। ତେବେ ବିଭାଗୀୟ ଅଧିକାରୀମାନେ ପରିଚାରିଥିବା ସମସ୍ତ ପ୍ରଶ୍ନର ଉତ୍ତର ଦେଇଥିବା ଫ୍ୟାକ୍ଟ୍ରି ପରିଚାଳନା ନିର୍ଦ୍ଦେଶକ ବିକ୍ରମ ସାହୁ ଫୋନ ଯୋଗେ କହିଛନ୍ତି।

## ବିଧାୟକଙ୍କ ଫେସ୍‌ବୁକ୍ ଆକାଉଣ୍ଟ ହ୍ୟାକ୍

**ଜୟପୁର, ୧୮।୧୨ (ପବନ ପାଣିଗ୍ରାହୀ):** ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଫେସ୍ ବୁକ୍ ଆକାଉଣ୍ଟ ହ୍ୟାକ୍ ହୋଇଛି। ଏନେଇ ସେ ନିଜେ ଫେସ୍‌ବୁକର ଅନ୍ୟ ଏକ ପ୍ରୋଫାଇଲ ପେଜ୍‌ରୁ ସୂଚନା ଦେଇଛନ୍ତି। କେହି ଦୁର୍ବୃତ୍ତ ଏପରି କରିଥିବା ଅନୁମାନ କରି ବାହିନୀପତି କୋରାପୁଟ ସାଇବର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ ଆରମ୍ଭ କରିଛି।






ତୁମର କର୍ତ୍ତବ୍ୟ ହେଲା– ତୁମେ ସର୍ବଦା ସଚେତନ ରହିବ ଯେ, ତୁମର ସଚେତନ ଅନ୍ତରାତ୍ମା ହିଁ ତୁମକୁ ଶାସନ କରିବା ଉଚିତ। ତୁମର ନିମ୍ନପ୍ରକୃତିରୁ ଉଦ୍ଭୁତ କୌଣସି କୁତ୍ସିତ ପ୍ରବେଗ ହାତରେ ତୁମେ କ୍ରୀଡ଼ା ପୁତ୍ତଳିକା ହେବା ଉଚିତ ନୁହେଁ। –ଶ୍ରୀମା



# ଏପଟେ ମଲ ସେପଟେ ମାରିଲ

ଲିବ୍ୟା ରାଜଧାନୀ ତ୍ରିପୋଲିରୁ ୧୧୦ କି.ମି. ଦୂର ଜ୍ୱାରା ସହରରୁ ୮୬ ଜଣ ଶରଣାର୍ଥୀଙ୍କୁ ନେଇ ଯାଉଥିବା ଜାହାଜଟି ଭୂମଧ୍ୟସାଗରରେ ବୁଡ଼ିଯିବାରୁ ୬୧ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଇଣ୍ଟରନ୍ୟାଶନାଲ ଅର୍ଗାନାଇଜେଶନ ଫର୍ ମାଇଗ୍ରେଶନ (ଆଇଓଏମ୍) ପକ୍ଷରୁ ଏହି ସୂଚନା ଦିଆଯାଇଛି। ସମୁଦ୍ରପଥରେ ଦେଶାନ୍ତରର ବିପଜ୍ଜନକ ଯାତ୍ରା ଓ ମୃତ୍ୟୁର ଇତିହାସକୁ ଯଦି ଦେଖାଯାଏ ତେବେ ଏହା ଆରମ୍ଭ ହୋଇଥିଲା ଭିଏତ୍‌ନାମର ବୋଟ୍ ପିପୁଲଙ୍କଠାରୁ। ୧୯୭୫ରେ ଭିଏତ୍‌ନାମରୁ ଆମେରିକା ଓହରି ଯାଇଥିଲା। ତା'ଫଳରେ ସେଠାରେ ଯୁଦ୍ଧ ଶେଷହେଲା ଏବଂ ଉଭୟ ସୋଭିଏତ୍ ରୁଷିଆ ଓ ଚାଇନା ସମର୍ଥିତ କମ୍ୟୁନିଷ୍ଟ ଶାସକମାନେ ସମଗ୍ର ଦେଶ ଅର୍ଥାତ୍ ଉତ୍ତର ଓ ଦକ୍ଷିଣ ଭିଏତ୍‌ନାମରେ ବିଜୟ ଲାଭ କଲେ। ଏହା ଫଳରେ ଦୀର୍ଘଦିନ ଧରି ଆମେରିକାର ଯୁଦ୍ଧକୁ ସମର୍ଥନ କରିଆସୁଥିବା କମ୍ୟୁନିଷ୍ଟ ବିରୋଧୀ ଲୋକମାନେ ଭିଏତ୍‌ନାମ ଛାଡ଼ି ପଳାଇବାକୁ ବାଧ୍ୟ ହୋଇଥିଲେ। ସାନବଡ଼ ଡଙ୍ଗାରେ ସେମାନେ ଜୀବନ ବଞ୍ଚାଇବା ପାଇଁ ଯେଉଁ ଉଦ୍ୟମ କରିଥିଲେ ସେଥିରେ ମଧ୍ୟ ଅନେକଙ୍କର ମୃତ୍ୟୁ ଘଟିଥିଲା। ତାହା ସମ୍ଭବତଃ ଥିଲା ପୃଥିବୀର ବଡ଼ ଧରଣର ଦେଶାନ୍ତରଣ ଏବଂ ସେମାନଙ୍କୁ 'ବୋଟ୍ ପିପୁଲ' ଆଖ୍ୟା ଦିଆଯାଇଥିଲା। ୧୯୯୫ ମଧ୍ୟରେ ପ୍ରାୟ ୯ ଲକ୍ଷ ଭିଏତ୍‌ନାମ ଶରଣାର୍ଥୀ ହଂକଂ, ଇଣ୍ଡୋନେସିଆ, ମ୍ୟାଲେସିଆ, ଫିଲିପାଇନ୍ସ, ସିଙ୍ଗାପୁର, ଥାଇଲାଣ୍ଡ ଆଦି ଦେଶକୁ ଚାଲିଯାଇଥିଲେ। ଗୋଟିଏ ଦେଶରୁ ବିପୁଳ ସଂଖ୍ୟକ ଲୋକ ସ୍ଥାନାନ୍ତର ହେବା ଯେତିକି ଚିନ୍ତାଜନକ ଥିଲା ସେଥିରୁ ୨ରୁ ୪ ଲକ୍ଷଙ୍କର ମୃତ୍ୟୁ ଘଟିବା ଅତ୍ୟନ୍ତ ଦୁଃଖଦାୟକ। ତେବେ ଉତ୍ତର ଆଫ୍ରିକୀୟ ଦେଶ ଲିବ୍ୟାର ଏକଚ୍ଛତ୍ରବାଦୀ ଶାସକ କର୍ନେଲ ମୁଆମାର ଗଦାଫିଙ୍କୁ ଗାଦିଚ୍ୟୁତ କରିବା ଲାଗି ୨୦୧୧ରେ ସେଠାରେ ଗୃହଯୁଦ୍ଧ ଆରମ୍ଭ ହୋଇଥିଲା ଓ ସେହି ସମୟରୁ ଲୋକେ ଅନ୍ୟ ଦେଶକୁ ପଳାୟନ ଆରମ୍ଭ କରିଥିଲେ। ନାଟୋ ସହଯୋଗରେ ବିଦ୍ରୋହୀମାନେ ଗଦାଫିଙ୍କୁ ହତ୍ୟା କରିବା ପରେ ୪ ଦଶନ୍ଧିର ଏକଚ୍ଛତ୍ରବାଦ ଶାସନର ଅବସାନ ଘଟିଥିଲା। କିନ୍ତୁ ଗଦାଫିଙ୍କ ମୃତ୍ୟୁ ପରେ ଲିବ୍ୟାରେ ଅରାଜକତା ସୃଷ୍ଟି ହୋଇଗଲା। ଏଥିଯୋଗୁ ରାଜନୈତିକ ସ୍ଥିରତା ଆସିପାରୁନାହିଁ କି ଦେଶାନ୍ତରଣ ବନ୍ଦ ହୋଇପାରିନାହିଁ। ବିଶେଷକରି ଲିବ୍ୟା ଶରଣାର୍ଥୀମାନେ ଭୂମଧ୍ୟସାଗର ଦେଇ ଇଟାଲି, ଗ୍ରୀସ, ସ୍ପେନ ଆଦି ୟୁରୋପୀୟ ଦେଶକୁ ଚାଲିଯାଉଛନ୍ତି। ଜାନୁୟାରୀ ୨୦୨୩ରୁ ସେପ୍ଟେମ୍ବର ୩୦ ସୁଦ୍ଧା ୧,୮୬,୦୦୦ ଲିବ୍ୟା ଶରଣାର୍ଥୀ ୟୁରୋପୀୟ ଦେଶଗୁଡ଼ିକୁ ଚାଲିଯାଇଛନ୍ତି ଓ ସମୁଦ୍ରପଥରେ ଯିବା ସମୟରେ ସେମାନଙ୍କ ମଧ୍ୟରୁ ୨,୫୦୦ଙ୍କ ମୃତ୍ୟୁ କିମ୍ବା ନିଖୋଜ ହୋଇଥିବା ୟୁଏନ୍ ହାଇକମିଶନ ଫର ରିଫ୍ୟୁଜିସ (ୟୁଏନ୍‌ଏଚ୍‌ସିଆର୍)ବା ଜାତିସଂଘ ଶରଣାର୍ଥୀ ଉଚ୍ଚାୟୁକ୍ତ ତଥ୍ୟରୁ ଜଣାପଡ଼ିଛି। ୨୦୨୨ରେ ଏହି ସଂଖ୍ୟା ଥିଲା ୧,୬୮୦। କେବଳ ଲିବ୍ୟା ନୁହେଁ ମ୍ୟାନ୍‌ମାର, ସୁଦାନ, ଦକ୍ଷିଣ ସୁଦାନ, ସିରିଆ, ସୋମାଲିଆ, ଇରିଟ୍ରିଆ ଓ ଆଫଗାନିସ୍ତାନ ଭଳି ଦେଶରୁ ଲୋକମାନେ ଅଧିକ ସଂଖ୍ୟାରେ ଦେଶାନ୍ତର ହେବାରେ ଲାଗିଛନ୍ତି।

> ୟୁରୋପକୁ ମୁଖ୍ୟତଃ ଆଫ୍ରିକା ଏବଂ ମଧ୍ୟପ୍ରାଚ୍ୟରୁ ଶରଣାର୍ଥୀ ବହୁଳ ସଂଖ୍ୟାରେ ଆସୁଥିବାରୁ ସେମାନଙ୍କର ପ୍ରଥମ ସମସ୍ୟା ଧର୍ମକୁ ନେଇ ଆରମ୍ଭ ହୋଇଗଲାଣି। ସ୍ଥିତି ବଡ଼ ବିଚିତ୍ର ପାଲଟି ଗଲାଣି। ଯେଉଁ ଦେଶ ଏହି ଶରଣାର୍ଥୀମାନଙ୍କୁ ସ୍ୱୀକାର କରିବ ତାହା ଖୁବ୍‌ଶୀଘ୍ର ସାମାଜିକ ମୃତ୍ୟୁର ସମ୍ମୁଖୀନ ହେବାର ସମ୍ଭାବନା ଯଥେଷ୍ଟ ବୃଦ୍ଧି ପାଉଛି।

ବିଭିନ୍ନ ଦେଶରେ ଗୃହଯୁଦ୍ଧ ଏବେ ସମସ୍ତଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଏହି ଲୋକମାନେ ନିଜ ଦେଶଛାଡ଼ି ଅନ୍ୟ ଦେଶକୁ ଗଲାପରେ ସେଠାରେ ସ୍ଥାନୀୟ ଭାଷା, ସଂସ୍କୃତି, ଖାଦ୍ୟ ଭଳି ଅନେକ ସାମାଜିକ ଦିଗରୁ ସେଠାକାର ଲୋକଙ୍କ ସାଙ୍ଗରେ ମିଶିପାରୁନାହାନ୍ତି। ଫଳରେ ୟୁରୋପର ଅନେକ ଦେଶରେ ବିଦେଶୀମାନେ ଅଶାନ୍ତି ସୃଷ୍ଟି କଲେଣି। ପୋଲାଣ୍ଡ, ହଙ୍ଗେରୀ ଓ ସ୍ପେନ ଭଳି ଅନେକ ୟୁରୋପୀୟ ଦେଶ ଏବେ ଏହି ବିଦେଶୀଙ୍କୁ ସ୍ୱୀକାର କରିବା ନୀତିକୁ ବିରୋଧ କରିବା ସହିତ ପୁନର୍ବିଚାର ପାଇଁ ଦାବି କଲେଣି। ୟୁରୋପକୁ ମୁଖ୍ୟତଃ ଆଫ୍ରିକା ଏବଂ ମଧ୍ୟପ୍ରାଚ୍ୟରୁ ଶରଣାର୍ଥୀ ବହୁଳ ସଂଖ୍ୟାରେ ଆସୁଥିବାରୁ ସେମାନଙ୍କର ପ୍ରଥମ ସମସ୍ୟା ଧର୍ମକୁ ନେଇ ଆରମ୍ଭ ହୋଇଗଲାଣି। ସ୍ଥିତି ବଡ଼ ବିଚିତ୍ର ପାଲଟି ଗଲାଣି। ଯେଉଁ ଦେଶ ଏହି ଶରଣାର୍ଥୀମାନଙ୍କୁ ସ୍ୱୀକାର କରିବ ତାହା ଖୁବ୍‌ଶୀଘ୍ର ସାମାଜିକ ମୃତ୍ୟୁର ସମ୍ମୁଖୀନ ହେବାର ସମ୍ଭାବନା ଯଥେଷ୍ଟ ବୃଦ୍ଧି ପାଉଛି। ଅନ୍ୟପଟେ ଏହି ବିପୁଳ ସଂଖ୍ୟକ ଶରଣାର୍ଥୀଙ୍କୁ ଅସ୍ୱୀକାର କରାଯାଉଥିବାରୁ ସେମାନଙ୍କର ତତ୍‌କ୍ଷଣାତ ମୃତ୍ୟୁ ଘଟୁଛି। ଅର୍ଥାତ୍ ଏପଟେ କଲେ ମଲ ସେପଟେ ନ କଲେ ମଲ। ଏହି ସମସ୍ୟାର ସମାଧାନ କାହାରି ପାଖରେ ନ ଥିଲା ଭଳି ମନେହେଉଛି। କେବଳ ରୁଷିଆ ଭଳି ଏକ ବିରାଟକାୟ ଦେଶରେ ଏହି ଶରଣାର୍ଥୀମାନଙ୍କୁ ରଖାଯାଇପାରିଲେ ହୁଏତ, କିଛି ଅଂଶରେ, ସମସ୍ୟାର ସମାଧାନ ମିଳିପାରେ।

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | 8 | | | 3 | | | | |
| 1 | | | | 5 | | | | |
| | | | | 1 | 2 | | | |
| | | 6 | 5 | 4 | 7 | | | |
| 9 | | | | | | 7 | 5 | |
| 4 | | | | | | | 3 | |
| | | | 9 | | | 2 | 6 | |
| 8 | | | 1 | | | | | |
| | 3 | 7 | 2 | | | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 3 | 7 | 6 | 4 | 9 | 8 | 2 |
| 2 | 8 | 6 | 1 | 9 | 5 | 7 | 4 | 3 |
| 4 | 7 | 9 | 8 | 3 | 2 | 6 | 5 | 1 |
| 9 | 3 | 7 | 5 | 4 | 1 | 8 | 2 | 6 |
| 8 | 4 | 5 | 6 | 2 | 7 | 1 | 3 | 9 |
| 1 | 6 | 2 | 9 | 8 | 3 | 4 | 7 | 5 |
| 7 | 9 | 1 | 2 | 5 | 8 | 3 | 6 | 4 |
| 3 | 5 | 8 | 4 | 1 | 6 | 2 | 9 | 7 |
| 6 | 2 | 4 | 3 | 7 | 9 | 5 | 1 | 8 |

ଗତକାଲିର ଉତ୍ତର

# ଉଚ୍ଚତାପ ଓ ହିଂସ୍ରତା



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ଦିନକୁ ଦିନ ଅଧିକରୁ ଅଧିକ ହିଂସ୍ର ହେବାରେ ଲାଗିଛି ମଣିଷ। କ'ଣ ହୋଇପାରେ ଏହାର କାରଣ? ଜୀବନଧାରଣ ଲାଗି ଆବଶ୍ୟକ ସଂସାଧନ ପାଇଁ ବଢ଼ିଚାଲିଥିବା ପ୍ରତିଯୋଗିତା, ଜୀବନ ସଂଗ୍ରାମର କଠୋରତା, ବସ୍ତୁବାଦୀ ଜୀବନଶୈଳୀ, ଅହଙ୍କାର ଇତ୍ୟାଦି ଏହା ମୂଳରେ ବିଦ୍ୟମାନ ଥିବାର ମତ ଦିଅନ୍ତି ମନସ୍ତତ୍ତ୍ୱବିତ୍‌ମାନେ। ତେବେ ବୈଜ୍ଞାନିକମାନେ ଜାଗତିକ ତାପମାତ୍ରା ବୃଦ୍ଧି ଏବଂ ତଜ୍ଜନିତ ଜଳବାୟୁ ପରିବର୍ତ୍ତନକୁ ଏହାର ଅନ୍ୟତମ କାରଣ ରୂପେ ଉପସ୍ଥାପନ କଲେଣି। ସେମାନଙ୍କ ମତରେ ଏହା ଭିନ୍ନ ଭିନ୍ନ ରୂପେ ଏ ପ୍ରକାର ଆଚରଣର ବୃଦ୍ଧି ଘଟାଇଥାଇପାରେ।

ତନ୍ମଧ୍ୟରୁ ପ୍ରଥମଟି ହେଲା ତାପଜନିତ ପ୍ରଭାବ, ଯାହାକି ଲୋକଙ୍କୁ ଅସ୍ୱସ୍ତିକର ଅନୁଭବ କରିବାକୁ ଦେବା ଫଳରେ ତାଙ୍କଠାରେ ଧୈର୍ଯ୍ୟଚ୍ୟୁତି ଓ ଚିଡ଼ିଚିଡ଼ା ସ୍ୱଭାବ ସୃଷ୍ଟି କରେ ଏବଂ ଏହା ତାଙ୍କ ଆକ୍ରମଣାତ୍ମକ ତଥା ହିଂସାତ୍ମକ ମନୋଭାବ ତଥା କ୍ରୋଧ ଆଦି ଜାତ କରେ ବୋଲି ଜଣାପଡ଼ିଛି ଆମେରିକାର 'ଆଇଓଓ୍ୱା ଷ୍ଟେଟ୍ ବିଶ୍ୱବିଦ୍ୟାଳୟ'ର ମନୋବୈଜ୍ଞାନିକ କ୍ରାଇଗ୍ ଏ. ଆଣ୍ଡେରଶନ୍ ଏବଂ ତାଙ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ଏକ ଦୀର୍ଘକାଳୀନ ଅଧ୍ୟୟନରୁ। ସେମାନେ ଦର୍ଶାଇଛନ୍ତି ଯେ ଏହି ସିଦ୍ଧାନ୍ତରେ ଉପନୀତ ହେବା ପାଇଁ ତାଙ୍କ ଦ୍ୱାରା ଅନୁଷ୍ଠିତ ଅନେକଗୁଡ଼ିଏ ଅଧ୍ୟୟନରୁ ଗୋଟିଏରେ ୭୫ଡିଗ୍ରୀ ଫାରେନ୍‌ହିଟ୍ (ଆରାମଦାୟକ), ୫୭ ଡିଗ୍ରୀ ଫାରେନ୍‌ହିଟ୍(ଶୀତଳ) ଏବଂ ୯୭ ଡିଗ୍ରୀ ଫାରେନ୍‌ହିଟ୍ (ଉତ୍ତପ୍ତ) ତାପମାତ୍ରା ବିଶିଷ୍ଟ ପ୍ରକୋଷ୍ଠ ମଧ୍ୟରେ ତିନି ଦଳ ଲୋକଙ୍କୁ କିଛିଦିନ ଧରି ରହିବାକୁ ଦେଇଥିଲେ। ତତ୍ପରେ ସେମାନଙ୍କ ମାନସିକ ଅବସ୍ଥା ଅଧ୍ୟୟନରୁ ଉତ୍ତପ୍ତ ବା ଉଷ୍ମ ଏବଂ ଶୀତଳ ପ୍ରକୋଷ୍ଠର ଲୋକମାନେ ଆରାମଦାୟକ ପ୍ରକୋଷ୍ଠର ଲୋକଙ୍କ ତୁଳନାରେ ଅଧିକ ବିରକ୍ତିଭାବ ଏବଂ ଛୋଟ ଛୋଟ କଥାରେ କ୍ରୋଧିତ ହେବା ତଥା ହିଂସା ଆଚରଣ ପ୍ରକଟ କରିବା ଜଣାପଡ଼ିଲା। ଏହା ସର୍ବାଧିକ ଦେଖାଯାଇଥିଲା ଉଷ୍ମ ପ୍ରକୋଷ୍ଠବାସୀଙ୍କଠାରେ। ଅତଏବ ଗବେଷକମାନେ ସିଦ୍ଧାନ୍ତରେ ପହଞ୍ଚିଲେ ଯେ ଉଚ୍ଚତାପ ଆକ୍ରମଣାତ୍ମକ ସ୍ୱଭାବ ବୃଦ୍ଧିକରେ।

ଉଚ୍ଚତାପ ସହିତ ହିଂସ୍ର ମନୋଭାବର ସମ୍ପର୍କ ମଧ୍ୟ ଜଣାପଡ଼ିଛି ଆମେରିକାର 'ଫେଡେରାଲ୍ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ୍' ବା 'ଏଫ୍‌ଆଇବି' ଦ୍ୱାରା ପଞ୍ଜୀକରଣ (୧୯୫୦ରୁ ୨୦୦୮ ମଧ୍ୟରେ) ହୋଇଥିବା ବିଭିନ୍ନ ପ୍ରକାର ହିଂସାତ୍ମକ କାର୍ଯ୍ୟକଳାପରୁ। ସେ ଦେଶର ଚିକାଗୋ, ବ୍ରିଶ୍‌ବେନ୍, ଭାନ୍‌କୋଭର, ଡଲାସ୍ ଆଦି ସହରମାନଙ୍କରେ ଏହି ସମୟରେ ଘଟିଥିବା ଏପରି ଘଟଣାମାନ ବିଚାରକୁ ନେଇ ମନୋବିଜ୍ଞାନୀମାନେ ପରିବେଶର ତାପମାତ୍ରା ସହିତ ଏହାର (ହିଂସାତ୍ମକ କାର୍ଯ୍ୟର) ସମ୍ପର୍କ ରହିଛି ବୋଲି ସିଦ୍ଧାନ୍ତରେ ପହଞ୍ଚିଛନ୍ତି। ଏହାକୁ ସ୍ୱୀକୃତି ପ୍ରଦାନ କରିଛି 'ନ୍ୟାଶନାଲ ଓସେନିକ୍ ଆଣ୍ଡ୍ ଆଟ୍‌ମୋସଫେରିକ୍ ଆଡ୍‌ମିନିଷ୍ଟ୍ରେଶନ୍'। ଏହା ବ୍ୟକ୍ତି–ବ୍ୟକ୍ତିଠାରୁ ଆରମ୍ଭକରି ଦେଶ–ଦେଶ ମଧ୍ୟରେ ଉତ୍ତେଜନା ବା ହିଂସାତ୍ମକ କାର୍ଯ୍ୟକଳାପ ବୃଦ୍ଧିର କାରଣ ହୋଇପାରେ ବୋଲି ମତ ଦେଇଛନ୍ତି ଏହାର ଗବେଷକଗଣ। ସେମାନଙ୍କ ସୂଚନା ଅନୁସାରେ ଯଦି ଆଗାମୀ ଦଶକ ମଧ୍ୟରେ ବିଶ୍ୱର ତାପମାତ୍ରା ୧° ବୃଦ୍ଧିପାଏ ତେବେ ତାହା ହିଂସାତ୍ମକ ଅପରାଧ ୬ ଶତାଂଶ ବୃଦ୍ଧି କରିବ।



ଆମେରିକୀୟ ସମାଜ ବିଜ୍ଞାନୀ ଖ୍ରୀଷ୍ଟୋଫର କେ. ବଟଲର୍ ଏବଂ ସ୍କଟ୍ ଗେଟସ୍‌ଙ୍କ ମତରେ ତାପମାତ୍ରା ବୃଦ୍ଧି ଏବଂ ତଜ୍ଜନିତ ଜଳବାୟୁ ପରିବର୍ତ୍ତନ ବିଶେଷ ଭାବେ ପ୍ରଭାବିତ କରିଥାଏ ନିମ୍ନ ଆୟକାରୀବର୍ଗଙ୍କୁ। ସେମାନେ ୨୦୧୨ରେ ପୂର୍ବ ଆଫ୍ରିକାରେ ଚଳାଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଯେ ସଂସାଧନର ଅଭାବ ହେତୁ ଏମାନଙ୍କ ମଧ୍ୟରେ ଆୟର ବିଭେଦତା ବଢ଼ିଥାଏ। ଏଣୁ ସେମାନେ ଅଧିକ ଦୁଃଖୀ, ଅସନ୍ତୁଷ୍ଟ ଏବଂ ହିଂସ୍ର ସ୍ୱଭାବର ହୋଇଯାନ୍ତି।

ଉଚ୍ଚତାପ ପାରିବାରିକ ହିଂସାର ମଧ୍ୟ ଅନ୍ୟତମ କାରଣ ବୋଲି ମତଦେଲେଣି କିଛି ଭାରତୀୟ ପରିବେଶ ବିଜ୍ଞାନୀ। ତଦନୁଯାୟୀ ଭାରତ, ନେପାଳ ଓ ବାଂଲାଦେଶ ଭଳି ଦକ୍ଷିଣ ଏସିଆରେ ୧° ତାପମାତ୍ରା ବୃଦ୍ଧି ଏହା ହାରାହାରି ପ୍ରାୟ ୨୧ ଶତାଂଶ ଏବଂ ଭାରତରେ ୨୩.୫ ଶତାଂଶ ଅଧିକ ହେବାର ସମ୍ଭାବନା ରହିଛି। ପ୍ରାୟ ୨ ଲକ୍ଷ ବିବାହିତା ଏବଂ ପୁରୁଷ ବନ୍ଧୁଙ୍କ ସହ ଜୀବନ ବିତାଉଥିବା ମହିଳାଙ୍କ ଉପରେ ଏକ ଦୀର୍ଘକାଳୀନ ସର୍ବେକ୍ଷଣ ଏବଂ କମ୍ପ୍ୟୁଟର ଅଧ୍ୟୟନରୁ ଏହା ଜଣାପଡିଛି। ତେବେ ସାରା ବିଶ୍ୱରେ ଏହା ମାତ୍ର ୪.୫ ଶତାଂଶ ବୃଦ୍ଧି ପାଇବ, ସମ୍ଭବତଃ ନାତିଶୀତୋଷ୍ଣ ଏବଂ ଶୀତପ୍ରଧାନ ଦେଶମାନଙ୍କରେ ଏହା କମ୍ ହେବା କାରଣରୁ।

ଏ କ୍ଷେତ୍ରରେ ଗଭୀର ଅନୁଧ୍ୟାନ ଚଳାଇଥିବା ଅନ୍ୟତମ ବୈଜ୍ଞାନିକ ହେଲେ ଚାଇନାର ଫ୍ୟୁଡାନ ବିଶ୍ୱବିଦ୍ୟାଳୟର ରେନ୍‌ଜିଇ ଚେନ୍। ୨୦୨୧ରେ 'ଦ ଜର୍ନାଲ୍ ଅଫ୍ ଆମେରିକାନ୍ ମେଡିକାଲ ଆସୋସିଏଶନ'ର ମନସ୍ତତ୍ତ୍ୱ ବିଭାଗରେ ସେ ଏବଂ ତାଙ୍କ ସହଯୋଗୀମାନେ ପ୍ରକାଶ କରିଥିବା ଏକ ନିବନ୍ଧର ତଥ୍ୟ ଅନୁସାରେ ସମଗ୍ର ପୃଥିବୀ ତୁଳନାରେ ଦକ୍ଷିଣ ଏସିଆରେ ଅଧିକ ପାରିବାରିକ ହିଂସା ଘଟିବାର ଅନ୍ୟତମ କାରଣ ହେଲା ଏଠାରେ ବାରମ୍ବାର ଘଟୁଥିବା ଅଧିକ ତୀବ୍ରତର ଗ୍ରୀଷ୍ମ ପ୍ରବାହ।

ଏହି ସିଦ୍ଧାନ୍ତରେ ଉପନୀତ ହେବା ପାଇଁ ସେମାନେ ୩୦ଟି ଦେଶରେ ୨୦୧୦ରୁ ୨୦୧୮ ମଧ୍ୟରେ ୧୫ରୁ ୪୯ ବର୍ଷ ବୟସ୍କା ମହିଳାଙ୍କ ଉପରେ ସର୍ବେକ୍ଷଣ କରିଥିଲେ। ଏଥିରେ ସେମାନଙ୍କୁ ସ୍ୱାମୀ, ପ୍ରେମିକ କିମ୍ବା ସେହିଭଳି ଆପଣାର ଲୋକେ ଦେଉଥିବା ଉତ୍ପୀଡନ କଥା ବିଚାରକୁ ନିଆଯାଇଥିଲା। ଫଳରେ ସେମାନଙ୍କ ମଧ୍ୟରୁ ୨୫% ଦୈହିକ, ୧୨.୫% ଭାବପ୍ରବଣତାଜନିତ ଏବଂ ୯.୫% ଯୌନ ଉତ୍ପୀଡନର ଶିକାର ହେଉଥିବା ଜଣାପଡ଼ିଲା। ପୁନଶ୍ଚ ତହିଁରୁ ଏହା ମଧ୍ୟ ଜଣାପଡିଲା ଯେ ତାପମାତ୍ରା ଅଧିକ ହେଉଥିବା ସମୟରେ(ଗ୍ରୀଷ୍ମଋତୁ ଓ ଗ୍ରୀଷ୍ମ ପ୍ରବାହ କାଳରେ) ଯଥାକ୍ରମେ ଏ ଘଟଣା ୨୮.୩ %, ୮.୯% ଏବଂ ୨୬.୧% ବୃଦ୍ଧି ହେଉଛି। ଏଣୁ ଚେନ୍ ମତ ଦେଲେ ଯେ ଯଦି ସବୁଜ ଗୃହ ବାଷ୍ପ ନିର୍ଗମନକୁ ବର୍ତ୍ତମାନ ସ୍ତରରେ ନିୟନ୍ତ୍ରଣ କରା ନ ଯାଏ ତେବେ ଏହା ଆହୁରି ବୃଦ୍ଧିପ୍ରାପ୍ତ ହେବ।

ଚେନ୍ ଏବଂ ତାଙ୍କ ସହଯୋଗୀମାନଙ୍କ ଏହି ସିଦ୍ଧାନ୍ତକୁ 'ହିଟ୍–ଆଗ୍ରେସନ ହାଇପୋଥେସିସ୍' ବୋଲି କୁହାଯାଉଛି। ତଦନୁଯାୟୀ ଉଚ୍ଚତାପ ଅର୍ଥାତ୍ ଗ୍ରୀଷ୍ମ ଓ ଗ୍ରୀଷ୍ମ ପ୍ରବାହ ଆମ ମସ୍ତିଷ୍କର ତାପ ନିୟନ୍ତ୍ରଣ ଏବଂ ଭାବପ୍ରବଣତା ନିୟନ୍ତ୍ରଣ ସହିତ ସମ୍ପୃକ୍ତ ଅଂଶକୁ ଅଧିକ କ୍ରିୟାଶୀଳ କରେ, ଯାହାଫଳରେ ସାମାନ୍ୟ ଉତ୍ତେଜନା ଅତ୍ୟଧିକ ଆକ୍ରମଣାତ୍ମକ ତଥା ହିଂସାଭାବ ସୃଷ୍ଟିକରେ। ପୁନଶ୍ଚ ଅଧିକ ସମୟ ଧରି ଉଚ୍ଚତାପର ସମ୍ମୁଖୀନ ହେବା 'ଆଡ୍ରେନାଲିନ୍' ହର୍‌ମୋନ୍‌ର କ୍ଷରଣ ବୃଦ୍ଧିକରେ। ଏହା ଦେହ ଓ ମନର ଉଦ୍ଦୀପନାକୁ ଉଚ୍ଚତରସ୍ତରକୁ ନେଇଯାଏ। ଉଚ୍ଚତାପ ସହିତ ସମ୍ପୃକ୍ତ ଆହୁରି ଅନେକ ଘଟଣା ମଧ୍ୟ ମାନସିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଏ। ଯାହାକି ସାଧାରଣ ଭାବେ ହିଂସା ଏବଂ ନିର୍ଦ୍ଦିଷ୍ଟଭାବେ ପାରିବାରିକ ହିଂସାର ମଧ୍ୟ କାରଣ ହୋଇପାରେ।

ଉଚ୍ଚତାପର ହିଂସ୍ର ମନୋଭାବକୁ ପ୍ରରୋଚିତ କରିବା କେବଳ ମଣିଷ ମଧ୍ୟରେ ସୀମାବଦ୍ଧ ନୁହେଁ। ଅନ୍ୟାନ୍ୟ ପ୍ରାଣୀମାନେ ମଧ୍ୟ ଏହାଦ୍ୱାରା ପ୍ରଭାବିତ ହୋଇପାରନ୍ତି। 'ହାର୍ଭାର୍ଡ ସ୍କୁଲ୍ ଅଫ୍ ହେଲ୍‌ଥ'ର ଗବେଷକମାନଙ୍କ ଦ୍ୱାରା କୁକୁରମାନଙ୍କ ଉପରେ ହୋଇଥିବା ଏକ ପରୀକ୍ଷାରୁ ତାହା ଜଣାପଡ଼ିଛି। ତଦନୁଯାୟୀ ତାପମାତ୍ରା ବୃଦ୍ଧି ସହିତ କୁକୁର କାମୁଡ଼ା ଅଧିକ ହେବାର ସମ୍ପର୍କ ରହିଛି। ଅତଏବ ଗ୍ରୀଷ୍ମକାଳରେ ଏହା ଶୀତ ବା ବର୍ଷାକାଳ ତୁଳନାରେ ବୃଦ୍ଧିପାଇଥାଏ। କାରଣ ଏ ସମୟରେ ସେମାନଙ୍କଠାରେ ଯୌନ ଉତ୍ତେଜକ ଷ୍ଟେରଏଡ୍‌ର କ୍ଷରଣ ବଢ଼ିଯାଏ। ବିଗତ ୨୦୦୯ରୁ ୨୦୧୮ ମଧ୍ୟରେ ଆମେରିକାର ଆଠୋଟି ସହରରେ ଘଟିଥିବା ୬୯,୫୨୫ କୁକୁର କାମୁଡା ଘଟଣା ବିଚାରକୁ ନେଇ ସେମାନେ ଏ ସିଦ୍ଧାନ୍ତରେ ଉପନୀତ ହୋଇଥିବା କଥା ସୂଚିତ କରିଛନ୍ତି 'ସାଇଣ୍ଟିକ୍ ରିସର୍ଚ୍ଚ' ପତ୍ରିକାର ଜୁନ୍ ୨୦୨୩ ସଂଖ୍ୟାରେ। ପୁନଶ୍ଚ ତଦନୁଯାୟୀ ଓଜୋନସ୍ତରରେ କ୍ଷୟ ହେତୁ ଅଧିକ ମାତ୍ରାରେ ଅଲଟ୍ରାଭାଓଲେଟ୍ ରଶ୍ମିର ସମ୍ମୁଖୀନ ହେଲେ ମଧ୍ୟ ସେମାନେ ଏଭଳି ହିଂସ୍ର ଆଚରଣ ଦେଖାଇଥାନ୍ତି। ମାଙ୍କଡ଼, ମୂଷା, ଚୁଟିଆ ମୂଷା ଏବଂ ମଣିଷ କ୍ଷେତ୍ରରେ ଏଭଳି ଘଟିବାର ମଧ୍ୟ ସେମାନେ ପ୍ରମାଣ ପାଇଛନ୍ତି। ଅତଏବ ପୃଥିବୀର ତାପମାତ୍ରା ବୃଦ୍ଧିକୁ ରୋକାଯାଇ ନ ପାରିଲେ ତାହା ଜଳବାୟୁ ପରିବର୍ତ୍ତନ ତଥା ଅନ୍ୟାନ୍ୟ ପ୍ରାକୃତିକ ଦୁର୍ବିପାକ ଭଳି ହିଂସ୍ରତାକୁ ମଧ୍ୟ ବଢ଼ାଇ ଚାଲିବ।

**ଖଣ୍ଡଗିରି ବିହାର, ଭୁବନେଶ୍ୱର,**
**ମୋ:୯୯୩୭୩୦୧୪୬୦**

# ପୁରୁଷକାର ବନାମ ପୁରସ୍କାର



ଉମାଶଙ୍କର ପ୍ରସାଦ

ପୁରୁଷକାର ହେଉଛି ଏକ ମାନବ ପ୍ରତିଭାର ପରିଚୟ। ତେଣୁ କୌଣସି ଆଦରଣୀୟ ବ୍ୟକ୍ତିତ୍ୱ ସଂପୂଜ୍ୟମାନ ବରେଣ୍ୟ ପ୍ରତିଭା ପୁରସ୍କାର, ଉପଢ଼ୌକନ, ପ୍ରଶସ୍ତି ଓ ସମ୍ବର୍ଦ୍ଧନା ପ୍ରତି ଆଦୌ ଅପେକ୍ଷା କରେନାହିଁ। ପୁରସ୍କାର ପାଇଁ ପ୍ରତୀକ୍ଷା କରୁଥିବା ବ୍ୟକ୍ତି ଆଦୌ ସାଧନାନିଷ୍ଠ ଏବଂ କର୍ମତତ୍ପର ହୋଇପାରେ ନାହିଁ। ସମ୍ପ୍ରତି ଉଚ୍ଚସ୍ତରରେ ବିଚାର କ୍ଷେତ୍ରରେ ମଧ୍ୟ ବିଭ୍ରାଟ ଘଟୁଛି। ଇତିହାସକୁ ଆମେ ଦୃଷ୍ଟିଦେଲେ ବହୁ ନିମ୍ନସ୍ତରର ଅମାନବୀୟ ଚଳଣି ଲକ୍ଷ୍ୟ କରୁ। କେଉଁଠି ବିଜୟ ଅଭିଯାନ ନାମରେ ଦମ୍ଭ, ଅହଙ୍କାର ଓ ଆସ୍ପର୍ଦ୍ଧାର ନଗ୍ନ ଅଭିବ୍ୟକ୍ତି ଭିତରେ ରକ୍ତର ହୋରି ଖେଳାଯାଉଛି ତ କେଉଁଠି ଦୁର୍ବାର କାମନା, ବାସନାରେ ମୋହଗ୍ରସ୍ତ ହୋଇ ବ୍ୟକ୍ତି ଅନେକ ଅନୈତିକ କାର୍ଯ୍ୟ କରିବା ପାଇଁ ଟିକେହେଲେ ପଶ୍ଚାତ୍ପଦ ହେଉନି। ଏପରିକି ପୁରସ୍କାର ପାଇଁ ଲବି, ଧରାଧରି, ପଦାଧିକାର, ମୋଟାଅଙ୍କର ଆର୍ଥିକ ପ୍ରୟୋଗ ଓ ସେବା ଯେତେ କାମ କରୁଛି ଦକ୍ଷତା ସେତେ କାମ କରୁନାହିଁ। କିନ୍ତୁ ସୁଖ ଓ ଗର୍ବର ବିଷୟ ଯେ କୌଣସି ପ୍ରତିଭାଧର ବ୍ୟକ୍ତି ସମ୍ବର୍ଦ୍ଧନା ପଛରେ ଧାଏଁ ନାହିଁ ବରଂ ସମ୍ବର୍ଦ୍ଧନା ଓ ଉପଢୌକନ ତା'ର ପଛେ ପଛେ ଧାଇଁଥାଏ। ଯଦି ଆମେ ଅତୀତ ପୃଷ୍ଠାକୁ ରୋମନ୍ଥନ କରିବା ତେବେ ଏହା ସ୍ପଷ୍ଟ ଯେ ଯୋଗ୍ୟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିବା ରାଜଦରବାର ପକ୍ଷରୁ ସ୍ୱଳ୍ପ ପରିମାଣରେ ହେଉଥିଲା। କିନ୍ତୁ ସାମାଜିକ କ୍ଷେତ୍ରରେ ଏଭଳି ବ୍ୟବସ୍ଥା ଓ ଆୟୋଜନ ଆଦୌ ଦେଖା ନ ଥିଲା କହିଲେ ଚଳେ। ରାଜନ୍ୟବର୍ଗଙ୍କ ମଧ୍ୟରେ ତୋଷାମଦି କିଛି ପରିମାଣରେ କାମ କରୁଥିଲା, ଯାହାର ନଜିର ସ୍ୱରୂପ ଦେଖିବାକୁ ମିଳେ ଆମ ସାହିତ୍ୟର ଅନେକ କବିତା। କବି ସୃଷ୍ଟି କରିଛନ୍ତି ଅଥଚ ରାଜାଙ୍କ ନାମରେ ଭଣିତ ହୋଇଛି। କବି ଦୀନକୃଷ୍ଣ ଦାସଙ୍କୁ ମଧ୍ୟ ଧମକ ଦିଆଯାଇଥିଲା "ଦୀନକୃଷ୍ଣ ହେ କାବ୍ୟକବିତା ମୋ ନାମେ କରିଲେ ଭଣିତା, ଦରବାରେ ହେବ ଗଣିତା। ନୋହିଲେ ରାଜାର ଶକ୍ତି ଅସୀମ ରାଜାତ ବୁଝେନି ସମ ଓ ବିଷମ ଶୂଳିଟି ପାଇବ ଜାଣିଥା"। ବ୍ୟକ୍ତିର ସୃଜନଶୀଳତା ପ୍ରଜ୍ଞା, ପ୍ରତିଭାର ଅପେକ୍ଷା ରଖେ। ପ୍ରଜ୍ଞାଦୀପ୍ତ ମନୋଭୂମିରେ ସୃଜନସ୍ୱପ୍ନ ନୂଆ ନୂଆ ରୂପେ ବିକଶିତ ହେଲେ ପ୍ରତିଭା କୋଟିକୁ ଉନ୍ନୀତ ହୁଏ। ସମୀକ୍ଷା ଶାସ୍ତ୍ରରେ ନବ ନବ ଉନ୍ମେଷଶାଳିନୀ ପ୍ରଜ୍ଞାକୁ ହିଁ ପ୍ରତିଭା କୁହାଯାଏ। ଉକ୍ତ ପ୍ରତିଭା ନିଜେ ନିଜେ ବିକଶିତ ହୋଇଥାଏ। ସାରଳା ଦାସ, ବଳରାମ ଦାସ, କାର୍ତ୍ତିକ ଦାସ, ଗଙ୍ଗାଧର ମେହେର କୌଣସି କ୍ଷେତ୍ରରୁ ସମ୍ବର୍ଦ୍ଧିତ ହୋଇ ନ ଥିଲେ। ଏପରି କି ତାଙ୍କ ପ୍ରତିଭା ପାଇଁ ତାଙ୍କୁ ସମ୍ବଲପୁର ରାଜଦରବାରରୁ ସମ୍ବର୍ଦ୍ଧିତ କରାଯାଇ ନ ଥିଲା। ତଥାପି ତାଙ୍କର ସାହିତ୍ୟ କୃତି ତାଙ୍କୁ କାଳଜୟୀ କରିଛି।

ଇଂରାଜୀ ସାହିତ୍ୟର ଆଦିକବି 'ଜିଓଫର ଚଷର' ଙ୍କୁ ତାଙ୍କର ପ୍ରସିଦ୍ଧ କୃତି 'କ୍ୟାନ୍‌ଟର ବରି ଟେଲ୍‌ସ' ଓ ଇଟାଲୀୟ କବି 'ଆଲେବର ଦାନ୍ତେ' ଙ୍କୁ ତାଙ୍କର ଜନପ୍ରିୟ କବିତା ଗ୍ରନ୍ଥ 'ଡେକାମେରାନ୍' ପାଇଁ ସମ୍ବର୍ଦ୍ଧନା ଦିଆଯାଇ ନ ଥିଲା। ସେକ୍ସପିୟର ତାଙ୍କର ସୁବିପୁଳ ଅବଦାନ ସତ୍ତ୍ୱେ ଇଂଲଣ୍ଡ ରାଜଦରବାର ପକ୍ଷରୁ ତାଙ୍କୁ କନିଷ୍ଠତମ ଉପାଧି 'ଜେଣ୍ଟିଲମ୍ୟାନ' ପଦବୀ ମଧ୍ୟ ଦିଆଯାଇ ନ ଥିଲା। ତେବେ କ'ଣ ସେ ସମଗ୍ର ବିଶ୍ୱରେ ପ୍ରସିଦ୍ଧିଲାଭ କରି ନ ଥିଲେ? ତଦନୁରୂପ ବିଶିଷ୍ଟ ଋଷୀୟ ଲେଖକ କାଉଣ୍ଟଲୀୟ ଟଲଷ୍ଟୟ' ଓ 'ଦାସ୍ତୋଭସ୍କି' ତାଙ୍କର ଅବଦାନ ପାଇଁ କୌଣସି ପୁରସ୍କାର ତଥା ସମ୍ମାନରେ ସମ୍ମାନିତ ହୋଇ ନ ଥିଲେ, ତେବେ ଆଜି କ'ଣ ସେମାନେ ବିକଶିତ ନୁହନ୍ତି? ଆଜିର ଏକବିଂଶ ଶତାବ୍ଦୀରେ ପୁରସ୍କାର ପ୍ରଦାନର ବିଚାରଧାରା ଅତ୍ୟନ୍ତ ପିଚ୍ଛିଳ ଓ ଅସ୍ୱଚ୍ଛ।



ତେଣୁ ଅନାସକ୍ତ ଜ୍ଞାନ ତପସ୍ୱୀ ପୁରସ୍କାର ପାଇଁ ଆଦୌ ଲାଳସା ରଖି ନ ଥାଏ। ପୁରସ୍କାର କିଛିମାତ୍ରାରେ ତାକୁ ନିଷ୍ପ୍ରଭ କରିଥାଏ। ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର ଏବଂ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କର ବନ୍ଦନୀୟ ଶିକ୍ଷକ ଚନ୍ଦ୍ରମୋହନ ମହାରଣା କୌଣସି କ୍ଷେତ୍ରରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇ ନ ଥିଲେ। କିନ୍ତୁ ତାଙ୍କ ଦ୍ୱାରା ଗଢ଼ା ହୋଇଥିବା ଛାତ୍ରମାନେ ସାହିତ୍ୟ କ୍ଷେତ୍ରକୁ ସେମାନଙ୍କ ସାହିତ୍ୟକୃତି ବଳରେ ନିଜର ଗୁରୁଙ୍କୁ କେତେ ମହୀୟାନ କରିଛନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଆଜି ପ୍ରାଥମିକ ବିଦ୍ୟାଳୟଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷକତା ଏକ ପୁଣ୍ୟ ସେବା ଓ ବ୍ରତହୋଇ ରହିନାହିଁ। 'ସେବା' ସ୍ଥାନରେ 'ନେବା' ତା'ର କାୟା ବିସ୍ତାର କରିଛି। ଶିକ୍ଷକତା ହେଉଛି ଶ୍ରେଷ୍ଠ ସାଧନା, ତପସ୍ୟା, ତ୍ୟାଗ, ଏକାଗ୍ରତା, ନିରପେକ୍ଷତା, ଚରିତ୍ରବତ୍ତା, ସମଦର୍ଶିତା, ନିରହଙ୍କାରିତା, ଆଡମ୍ବର ଶୂନ୍ୟତା, ସରଳତା, ନିର୍ଲିପ୍ତତା ଆଦି ଅନେକ ମହନୀୟ ଗୁଣର ସୁଷମ ସମନ୍ୱୟ। କୌଣସି ଗୁରୁ କେବେ ସମ୍ମାନିତ ହେବାକୁ ଇଚ୍ଛା କରି ନ ଥାଏ। ଯଥା ମହାଭାରତ ଯୁଗର ଗୁରୁଶ୍ରେଷ୍ଠ ସାନ୍ଦିପନୀ, ଆଚାର୍ଯ୍ୟ କୃପ, ଆୟୋଦଧର୍ମୀ ଏବଂ ଧନୁର୍ବିଦ୍ୟାବିତ୍ ପର୍ଶୁରାମ କେବେହେଲେ ନିଜର ପ୍ରତିଭା ପାଇଁ ପୁରସ୍କୃତ ହୋଇ ନ ଥିଲେ, ମାତ୍ର ସମାଜରେ ଜଣେ ଜଣେ ମହାନ୍ ଶିଷ୍ୟ ସୃଷ୍ଟି କରିଥିଲେ। ତେଣୁ ପୁରସ୍କାର କେବେ ପୁରୁଷକାର ସହିତ ସମାନ ହୋଇ ନ ଥାଏ। ପୁରୁଷକାର ହେଉଛି ଈଶ୍ୱରଦତ୍ତ ଏବଂ ମଣିଷର ଅଧ୍ୟବସାୟର ଫଳ। ମାନବିକ ଗୁଣାବଳୀକୁ ଫିତା ପକାଇ କିମ୍ବା ସ୍କେଲ୍ ସାହାଯ୍ୟରେ ମାପିବାର କୌଶଳ ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇନାହିଁ। ପୁରୁଷର ପୁରୁଷାକାର ତା'ର ମରଣ କାଳରେ ପରିମାପ କରି ଓଡ଼ିଆ ଭାଷାର ମଉଡ଼ମଣି ଜଗନ୍ନାଥ ଦାସ ଶ୍ରୀମଦ୍ ଭାଗବତ ଗ୍ରନ୍ଥରେ ଲେଖିଛନ୍ତି 'ପ୍ରାଣୀର ଭଲ ମନ୍ଦ ବାଣୀ ମରଣ କାଳେ ତାହା ଜାଣି'। ତେଣୁ ଏ ନଗଣ୍ୟ ଲେଖକ ଏତିକି ବିନତି କରେ ପୁରସ୍କାର ପଛରେ ନ ଦୌଡି ନିଜର ପୁରୁଷକାରକୁ ଜାଗ୍ରତ କଲେ ପୁରସ୍କାର ଛାଏଁ ତୁମ ପାଖକୁ ଆସିବ।

**ସମ୍ପାଦକ, ମାର୍ଗଦର୍ଶୀ, ଖୋରଧା**
**ମୋ: ୬୩୭୦୬୭୫୫୬୨**

## ଏଇ ଭାରତରେ

ଜଣେ ମହାକାଶ ବିଜ୍ଞାନୀଙ୍କ କୃଷି ମନସ୍କତା ବେଶ୍ ପ୍ରେରଣାଦାୟକ। ବେଙ୍ଗାଲୁରୁର ଇସ୍ରୋ କେନ୍ଦ୍ରର ବୈଜ୍ଞାନିକ ଦିବାକର ଚାନପା ସହରି ଜୀବନକୁ ଛାଡ଼ି ଏବେ ଗାଁରେ ଖଜୁରିକୋଳି ଚାଷ କରି ବର୍ଷକୁ ଏଥିରୁ ୧୫ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଏହି ଚାଷ ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ କରାଯାଉଛି। ଦିବାକର ଇସ୍ରୋରେ ପ୍ରୋଜେକ୍ଟ ସାଇଣ୍ଟିଷ୍ଟ ଭାବେ କାର୍ଯ୍ୟ କରୁଥିଲେ। ୨୦୦୯ରେ ତାଙ୍କ ପିତା ହୃଦଘାତର ଶିକାର ହୋଇଥିଲେ। ଏହା ଯୋଗୁ ତାଙ୍କର ଅଙ୍ଗପ୍ରତ୍ୟଙ୍ଗ ଅଚଳ ହୋଇଯାଇଥିଲା। ତେବେ ଗାଁରେ ପରିବାରର ବୃତ୍ତି କୃଷିକୁ ବଞ୍ଚାଇବା ଲାଗି ଦିବାକର ଗାଁକୁ ଫେରି ଆସିଥିଲେ। ପ୍ରଥମେ ମାଣ୍ଡିଆ, ହରଡ ଡାଲି ଓ ମକାଚାଷ କରିଥିଲେ। ଏଥିରେ ଲାଭ ନ ହେବାରୁ ସେ ଇଜିପ୍ଟ, ସାଉଦି ଆରବ ଓ ଓମାନରେ ଫଳୁଥିବା ଖଜୁରି ଚାଷ ଆରମ୍ଭ କରିଥିଲେ। ସେ ଅଢେଇ ଏକରରେ ଏହି ଚାଷ କରୁଛନ୍ତି ଓ ଏକର ପିଛା ୬ ଲକ୍ଷ ଟଙ୍କା ପାଉଛନ୍ତି। ମୋଟ ୫ ଟନ୍ ଖଜୁରି ଉତ୍ପାଦନ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ
DHARITRI

**୧୯ ଡିସେମ୍ବର ୧୯୭୪**

- ପ୍ରଚଣ୍ଡ ଶୀତ ଯୋଗୁ ବିହାରର କାଟିହାର, ନୱାଡା, ମୋକାମେ ଓ ହଜାରିବାଗ ଜିଲାଗୁଡ଼ିକରୁ ସମୁଦାୟ ୫୫ ଜଣଙ୍କ ମୃତ୍ୟୁ।
- ବିଶିଷ୍ଟ ସଭ୍ୟ ରାଷ୍ଟ୍ରଙ୍କ ବିରୋଧ ସତ୍ତ୍ୱେ ଜାତିସଂଘ ସନନ୍ଦକୁ ସମୀକ୍ଷା କରିବା ପାଇଁ କମିଟି ଗଠନ କରିବାକୁ ଏକ ପ୍ରସ୍ତାବ ସାଧାରଣ ଆସେମ୍ବ୍ଲିରେ ଗୃହୀତ।
- ଗ୍ରୀସ୍‌ର ମଧ୍ୟବର୍ତ୍ତୀକାଳୀନ ରାଷ୍ଟ୍ରପତି ଭାବେ ପ୍ରଫେସର ମାଇକେଲ ସିଆସ୍‌ସିନୋପଉଲସ ନିର୍ବାଚିତ।

## ଚିରନ୍ତନୀ

ଜଡ଼ତାର ଅବସାଦ ପ୍ରାଣର ପ୍ରେରଣାଘାତେ ଚୂର୍ଣ୍ଣ
ଭାରତର ପଥେ ଗ୍ରାମେ ଚଳ ଆହେ ବେଗବାନ ଘୂର୍ଣ୍ଣ
ତୁମରି ବିଗ୍ରହେ ଶତ ଶତାବ୍ଦୀର ସଞ୍ଚିତ ବିଦ୍ୟୁତ
ଚମକାଇ ଦେଉ ବିଶ୍ୱ ପୁଣି ଥରେ ହୋଇ କକ୍ଷଚ୍ୟୁତ।
–(ଜାଗ ଜାଗ ଗାନ୍ଧୀ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### 'ମୋ ବସ୍' କେବେ ଦିବ୍ୟାଙ୍ଗଙ୍କର ହେବ

ମହାଶୟ,

ମାସ ଆରମ୍ଭରେ ବିଶ୍ୱ ଭିନ୍ନକ୍ଷମ ଦିବସ ଯାଇଛି। ସରକାରଙ୍କ ତରଫରୁ ବହୁ କାର୍ଯ୍ୟକ୍ରମ, ଯୋଜନା, ପ୍ରୋତ୍ସାହନର କଥା ମଧ୍ୟ ଶୁଣିବାକୁ ମିଳିଛି। ହେଲେ ମୋ ବସ୍‌ରେ ଗଲାବେଳେ ଗୋଟିଏ କଥା ମନକୁ ଆସିଲା। ଭିନ୍ନକ୍ଷମମାନଙ୍କୁ କାର୍ଡ ଦେଖାଇ ମାଗଣା ଟିକେଟ ମିଳିଯିବ ହେଲେ ହ୍ୱିଲ୍‌ଚେୟାରରେ ବସିଥିବା ଲୋକକୁ କ'ଣ ଯିବାଆସିବା କରିବା ମନା। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଧନୀଲୋକ ଲିଫ୍ଟଯୁକ୍ତ କାର ବ୍ୟବହାର କରୁଛନ୍ତି। କେୟାରଟେକର ନେଇ ଯାତାୟାତ କରୁଛନ୍ତି। ହେଲେ ଦେଶରେ ତ କେବଳ ଧନୀ ନୁହନ୍ତି, ଗରିବ ଲୋକ ବି ରୁହନ୍ତି। ଷ୍ଟେସନ, ମଲ୍‌ରେ ଷ୍ଟେୟାର ରାମ୍ପ ତିଆରି ହୋଇଛି, ସ୍କୁଲ, କଲେଜରେ ସ୍ୱତନ୍ତ୍ର ବ୍ୟବସ୍ଥା ବି ରହିଛି। କିନ୍ତୁ ସାଧାରଣ ଭିନ୍ନକ୍ଷମ ପାଇଁ ଲୋଲିଫ୍ଟ ବସ୍‌ର ପ୍ରଚଳନ କେବେ ହେବ? ଲକ୍ଷ୍ମୀ ବସ୍, ମୋ ବସ୍ କ୍ଷେତ୍ରରେ ସୁଧାର ହେଲେ ଘୋରୋଇ ବସ ମଧ୍ୟ ଦିବ୍ୟାଙ୍ଗମାନଙ୍କ ଆଡ଼କୁ ନଜର ଦେବ ବୋଲି ମୋର ଆଶା।

–ସନମସ୍ମିତା ସାହୁ, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବାଇଡେନ୍‌ଙ୍କ କାର୍‌କେଡ୍‌କୁ ଧକ୍କାଦେଲା କାର୍

**ୱାଶିଂଟନ,୧୮।୧୨:** ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ କାର୍‌କେଡ୍‌ର ଏକ ଏସ୍‌ୟୁଭିକୁ ରବିବାର ରାତିରେ ଡେଲାୱେରେର ୱିଲ୍‌ମିଂଗଟନ୍‌ଠାରେ ଏକ କାର୍ ଧକ୍କା ଦେଇଛି। ବାଇଡେନ୍ ଓ ଫାଷ୍ଟ ଲେଡିଜିଲ୍ ବାଇଡେନ୍ ସେମାନଙ୍କ ନିର୍ବାଚନ ପ୍ରଚାର ମୁଖ୍ୟାଳୟରୁ ବାହାରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିବାରୁ ସେମାନଙ୍କର କିଛି କ୍ଷତି ହୋଇନାହିଁ। ହ୍ୱାଇଟ୍ ହାଉସ୍ ପ୍ରେସ୍ ରିପୋର୍ଟ ଅନୁଯାୟୀ ଡାଉନ୍‌ଟାଉନ୍ ୱିଲ୍‌ମିଂଗଟନ୍‌ରେ ଥିବା ବାଇଡେନ୍-ହାରିସ ୨୦୨୪ ହେଡ୍‌କ୍ୱାର୍ଟର୍ସକୁ ବାଇଡେନ୍ ଯାଇଥିଲେ। ସେଠାରେ ସେ ତାଙ୍କ ନିର୍ବାଚନ ଟିମ୍‌ର ଅନ୍ୟ ସଦସ୍ୟମାନଙ୍କ ସହ ଭୋଜନ କରିଥିଲେ। ଏହି ସମୟରେ ବର୍ଷା ହୋଇଥିଲା। ବାଇଡେନ୍ ପ୍ରଚାର ଅଫିସରୁ ବାହାରି ଏସ୍‌ୟୁଭି ପାଖକୁ ଯାଉଥିବାବେଳେ ୟୁଏସ୍ ସିକ୍ରେଟ୍ ସର୍ଭିସ୍ ଯାନକୁ ଅନ୍ୟ ଏକ କାର୍ ଧକ୍କା ଦେଇଥିଲା। ସଙ୍ଗେ ସଙ୍ଗେ ସିକ୍ରେଟ୍ ସର୍ଭିସ୍ କର୍ମଚାରୀମାନେ କାର୍‌କୁ ଘେରିଯାଇ ଡ୍ରାଇଭରଙ୍କୁ ଧରିନେଇଥିଲେ। ଏହି ସମୟରେ ଶବ୍ଦ ଶୁଣି ବାଇଡେନ୍ ଆଶ୍ଚର୍ଯ୍ୟ ହୋଇ ଗାଡ଼ିକୁ ଚାହିଁରହିଥିଲାବେଳେ ଜିଲ୍ ତାଙ୍କ ଗାଡ଼ିରେ ବସିସାରିଥିଲେ।

### ଦାଉଦ୍ ମୃତ୍ୟୁ ଖବର ମିଛ



**ନୂଆଦିଲ୍ଲୀ,୧୮।୧୨:** ଭାରତର ମୋଷ୍ଟୱାଣ୍ଟେଡ୍ ପଳାତକ ଗ୍ୟାଙ୍ଗଷ୍ଟର ଦାଉଦ୍ ଇବ୍ରାହିମଙ୍କର ମୃତ୍ୟୁ ଘଟିଥିବା ଖବର ବିଭିନ୍ନ ସୋସିଆଲ ମିଡିଆରେ ପ୍ରସାରିତ ହେଉଥିବାବେଳେ ତାହା ଠିକ୍ ନୁହେଁ ବୋଲି କେତେକ ଫ୍ୟାକ୍ଟ ଚେକର୍ ସ୍ପଷ୍ଟ କରିଛନ୍ତି। ପାକିସ୍ତାନର କାମଚଳା ପ୍ରଧାନମନ୍ତ୍ରୀ ଅନୱର ଉଲ୍ ହକ୍ କକରଙ୍କ ସୋସିଆଲ ମିଡିଆ ଆକାଉଣ୍ଟରୁ ଦାଉଦ୍ ମୃତ୍ୟୁ ଖବର ଆସିଥିବା ଦର୍ଶାଇ କେତେଜଣ ଉକ୍ତ ସ୍କ୍ରିନ୍ ସଟ୍‌କୁ ପୋଷ୍ଟ କରିଥିଲେ। ତେବେ ଉକ୍ତ ଆକାଉଣ୍ଟ ଫେକ୍ ବୋଲି ପରେ ଜଣାପଡ଼ିଥିଲା। ଦାଉଦ ଜୀବିତ ଓ ସୁସ୍ଥ ଥିବା ତାଙ୍କ ଘନିଷ୍ଠ ସହଯୋଗୀ ଛୋଟା ସକିଲ ଗଣମାଧ୍ୟମକୁ ଜଣାଇଛନ୍ତି। ଦାଉଦଙ୍କୁ ବିଷ ଦିଆଯାଇଥିବାରୁ ଗୁରୁତର ଅବସ୍ଥାରେ ସେ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଖବର ଆସିଥିଲା। ତେବେ ଏସବୁ ଗୁଜବ ବୋଲି ନିର୍ଭରଯୋଗ୍ୟ ଗୋଇନ୍ଦା ସୂତ୍ରରୁ ଜଣାପଡ଼ିଛି।




ପାର୍ଲାମେଣ୍ଟ ସୁରକ୍ଷା ଉପରେ ଆଲୋଚନା ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ବିବୃତି ଦାବି କରି ସୋମବାର ସଂସଦ ଭବନ ପ୍ରବେଶପଥରେ ନିଲମ୍ବିତ ଏମ୍‌ପିମାନଙ୍କ ସହ ଶିବସେନା(ୟୁବିଟି) ସଦସ୍ୟ ପ୍ରିୟଙ୍କା ଚତୁର୍ବେଦୀ ଧାରଣାରେ ବସିଛନ୍ତି।

# ମୋବାଇଲ ନେଟ୍‌ୱର୍କକୁ ଅକ୍ତିଆର କରିପାରିବ କେନ୍ଦ୍ର

### ଲୋକ ସଭାରେ ଟେଲିକମ୍ୟୁନିକେଶନ୍ସ ବିଲ୍ ଆଗତ

**ନୂଆଦିଲ୍ଲୀ,୧୮।୧୨**

ଜନସାଧାରଣଙ୍କ ନିରାପତ୍ତା କିମ୍ବା ଜରୁରୀ ସ୍ଥିତିରେ କେନ୍ଦ୍ର ସରକାର ଯେକୌଣସି ଟେଲି ଯୋଗାଯୋଗ ନେଟ୍‌ୱର୍କକୁ ସାମୟିକ ଭାବେ ନିଜ ଅକ୍ତିଆରକୁ ନେଇପାରିବେ। କେନ୍ଦ୍ର ଆଣିଥିବା ପ୍ରସ୍ତାବିତ ଟେଲିକମ୍ୟୁନିକେଶନ ଆଇନରେ ଏଭଳି ବ୍ୟବସ୍ଥା ରହିଛି। ପାର୍ଲାମେଣ୍ଟ ସୁରକ୍ଷା ବିଭ୍ରାଟକୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଗୃହରେ ଉତ୍ତର ରଖନ୍ତୁ ବୋଲି ବିରୋଧୀ ସଦସ୍ୟମାନେ ଦାବି ଜାରି ରଖିଥିବାବେଳେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୋମବାର



ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

ଲୋକ ସଭାରେ ଟେଲିକମ୍ୟୁନିକେଶନ୍ସ ବିଲ୍,୨୦୨୩ ଉପସ୍ଥାପନ କରିଛନ୍ତି। ଜରୁରୀ ସ୍ଥିତି ଉପୁଜିଲେ କିମ୍ବା ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଯଦି କେନ୍ଦ୍ର କିମ୍ବା ରାଜ୍ୟ ସରକାର ଅଥବା ଉଭୟ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ଭାବେ ଅଧିକୃତ କୌଣସି ଅଧିକାରୀ ଅନୁଭବ କରନ୍ତି ଯେ, ମୋବାଇଲ ନେଟ୍‌ୱର୍କକୁ ସାମୟିକ ଭାବେ ଅକ୍ତିଆର କରିବାକୁ ହେବ, ତେବେ ସେମାନେ ବିଜ୍ଞପ୍ତି ଦେଇ ତାହା କରିପାରିବେ। ସେହିପରି ଜାତୀୟ ସୁରକ୍ଷା କାରଣରୁ ପ୍ରସାରଣ ନିଷିଦ୍ଧ ହୋଇ ନ ଥିଲେ ସ୍ୱୀକୃତିପ୍ରାପ୍ତ ଖବରଦାତାଙ୍କ ବାର୍ତ୍ତାକୁ ଅବରୋଧ କରାଯିବ ନାହିଁ। ଚିଠା ବିଲ୍‌ର ଧାରା (କ) ଏବଂ ଉପଧାରା(୨)ରେ ସେମାନଙ୍କ ପ୍ରସାରଣକୁ ନିଷିଦ୍ଧ କରାଯାଇ ନ ଥିଲେ ଭାରତରେ ପ୍ରକାଶିତ ହେବାକୁ ଥିବା ପ୍ରେସ୍ ବାର୍ତ୍ତା, କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଖବରଦାତାଙ୍କ ବାର୍ତ୍ତାକୁ ଅଟକାଯିବ ନାହିଁ। ଜନସୁରକ୍ଷା ଦୃଷ୍ଟିରୁ ସରକାର ଯେକୌଣସି ବ୍ୟକ୍ତିବିଶେଷଙ୍କ ମଧ୍ୟରେ ବାର୍ତ୍ତାକୁ ସିଧାସଳଖ ଅବରୋଧ କରିପାରିବେ। ସେହିପରି ଟେଲି ଯୋଗାଯୋଗ ନେଟ୍‌ୱର୍କକୁ ସ୍ଥଗିତ ରଖିବା କ୍ଷମତା ସରକାରଙ୍କୁ ଦିଆଯାଇଛି।

ବିଲ୍‌ରେ ଉଲ୍ଲେଖ ରହିଛି ଯେ, ଭାରତର ସାର୍ବଭୌମତ୍ୱ ଓ ସଂହତି ଦୃଷ୍ଟିରୁ, ରାଷ୍ଟ୍ରର ପ୍ରତିରକ୍ଷା ଓ ସୁରକ୍ଷା ପାଇଁ କେନ୍ଦ୍ର ସରକାର ଯେକୌଣସି ବ୍ୟକ୍ତି ବା ବ୍ୟକ୍ତିସମୂହଙ୍କ ମଧ୍ୟରେ ବାର୍ତ୍ତା ଯେକୌଣସି ଟେଲି ଯୋଗାଯୋଗ ଉପକରଣରୁ କୌଣସି ନିର୍ଦ୍ଦିଷ୍ଟ ବିଷୟ ଉପରେ କୌଣସି ଟେଲିକମ୍ୟୁନିକେଶନ ସେବା ବା ନେଟ୍‌ୱର୍କ ଦ୍ୱାରା ପ୍ରସାରଣ ହେବାକୁ ଆସିଥିଲେ ବା ହୋଇଥିଲେ କିମ୍ବା ନେଟ୍‌ୱର୍କ ଏହାକୁ ଗ୍ରହଣ କରିଥିଲେ ତାହାକୁ ପ୍ରସାରଣ କରାଯିବ ନାହିଁ କିମ୍ବା ଅଟକ ରଖାଯିବ ଅଥବା ଗୋଇନ୍ଦା ଅଧିକାରୀଙ୍କୁ ଅବଗତ କରାଯିବ। ବାର୍ତ୍ତାକୁ ବେଆଇନ ଭାବେ ଅବରୋଧ କରାଗଲେ ୩ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ କିମ୍ବା ୨ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ଅଥବା ଉଭୟ ଦଣ୍ଡ ବ୍ୟବସ୍ଥା ରହିଛି। ଚିଠା ଆଇନରେ ଟେଲିକମ୍ ବିବାଦ ସମାଧାନ ଓ ଆପିଲେଟ୍ ଟ୍ରିବ୍ୟୁନାଲର ବ୍ୟବସ୍ଥା ମଧ୍ୟ ରହିଛି।

## ୮ ଆଇଏସ୍ ଆତଙ୍କବାଦୀ ଗିରଫ

**ବେଙ୍ଗାଲୁରୁ,୧୮।୧୨**

### ବିସ୍ଫୋରଣ ଯୋଜନା ପଣ୍ଡ

ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) କର୍ନାଟକର ବଲାରିରୁ ଆଇଏସ୍ ଆତଙ୍କବାଦୀ ସଂଗଠନ ସହ ସମ୍ପୃକ୍ତ ୮ ଜଣଙ୍କୁ ଗିରଫ କରିଥିବାବେଳେ ସେମାନଙ୍କର ଆଇଇଡି ବିସ୍ଫୋରଣ ଯୋଜନାକୁ ପଣ୍ଡ କରିଦେଇଛି। କର୍ନାଟକର ବଲାରି, ବେଙ୍ଗାଲୁରୁ ସମେତ ମହାରାଷ୍ଟ୍ରର ମୁମ୍ବାଇ, ପୁଣେ ଏବଂ ଦିଲ୍ଲୀ ଓ ଝାଡ଼ଖଣ୍ଡର ବୋକାରୋର ୧୯ଟି ସ୍ଥାନରେ ସୋମବାର ସକାଳେ ଏନ୍‌ଆଇଏ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ସଲ୍‌ଫର, ପୋଟାସିୟମ ନାଇଟ୍ରେଟ୍, ଗନ୍‌ପାଉଡ଼ର, ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରଣ କରାଯିବାକୁ ଥିବା ପ୍ରସ୍ତାବିତ ସ୍ଥାନ ସମ୍ପର୍କିତ କାଗଜାତ ମିଳିଛି। ଏଥିସହିତ ଧାରୁଆ ଅସ୍ତ୍ର, ନଗଦ ଅର୍ଥ ଏବଂ ଡିଜିଟାଲ ଉପକରଣ ମଧ୍ୟ ଆତଙ୍କବାଦୀମାନଙ୍କଠାରୁ ଜବତ ହୋଇଛି। ବଲାରି ମଡ୍ୟୁଲ୍‌ର ନେତା କୁହାଯାଉଥିବା ମିନାଜ ଓରଫ ମହମ୍ମଦ ସୁଲେମାନ ମଧ୍ୟ ଗିରଫ ହୋଇଛନ୍ତି। ସେମାନେ ପରସ୍ପର ସହ ଯୋଗାଯୋଗ ପାଇଁ ଆଇଏମ୍ ଆପ୍ ବ୍ୟବହାର କରୁଥିଲେ। ଚଢ଼ାଉରେ କର୍ନାଟକର ବଲାରି ଏବଂ ବେଙ୍ଗାଲୁରୁ ପୋଲିସ ସାମିଲ ଥିଲେ। ସେମାନେ କଲେଜ ଛାତ୍ରଙ୍କୁ ଟାର୍ଗେଟ କରି ସେମାନଙ୍କୁ ଆତଙ୍କବାଦୀ କାର୍ଯ୍ୟ ପାଇଁ ନିଯୁକ୍ତି ଦେଉଥିଲେ ବୋଲି ଜଣାପଡ଼ିଛି।

## ଜ୍ଞାନବାପି ସର୍ଭେ ରିପୋର୍ଟ କୋର୍ଟରେ ଦାଖଲ

**ନୂଆଦିଲ୍ଲୀ,୧୮।୧୨**

ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ସୋମବାର ଅପରାହ୍ନରେ ଜ୍ଞାନବାପି ମସ୍‌ଜିଦ ପରିସରର ସର୍ଭେ ରିପୋର୍ଟ ଜଉମୁଦ ଲଫାପାରେ ଉତ୍ତରପ୍ରଦେଶର ବାରାଣସୀ ଜିଲା ଜଜ୍ କୋର୍ଟରେ ଦାଖଲ କରିଛି। ତେବେ ଏହି ରିପୋର୍ଟକୁ ସର୍ବସାଧାରଣରେ ପ୍ରକାଶ କରାଯିବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଗୁରୁବାର ମାମଲାର ପରବର୍ତ୍ତୀ ଶୁଣାଣି ହେବ। ହିନ୍ଦୁ ପକ୍ଷ ଜଉମୁଦା ଲଫାପାରେ ରିପୋର୍ଟକୁ ବିରୋଧ କରିଥିବାବେଳେ ମୁସଲମାନ ପକ୍ଷ ରିପୋର୍ଟକୁ ସର୍ବସାଧାରଣରେ ପ୍ରକାଶ



କରିବାକୁ ବିରୋଧ କରିଆସୁଛି। ସପ୍ତଦଶ ଶତାବ୍ଦୀର ଏହି ମସ୍‌ଜିଦ ଏକ ହିନ୍ଦୁ ମନ୍ଦିର ଉପରେ ନିର୍ମାଣ ହୋଇଥିବା ହିନ୍ଦୁ ପକ୍ଷ ଦାବି କରୁଥିବାରୁ ଏହାର ସର୍ଭେ ଆବଶ୍ୟକ ପଡ଼ିଥିଲା। ସୁପ୍ରିମକୋର୍ଟଙ୍କ ଦ୍ୱାରା ସିଲ୍ ହୋଇଥିବା ଅଞ୍ଚଳକୁ ବାଦ୍ ଦେଇ ମସ୍‌ଜିଦ ପରିସରର ଅବଶିଷ୍ଟ ଅଞ୍ଚଳର ସର୍ଭେ ଲାଗି ବାରାଣସୀ କୋର୍ଟ ନିର୍ଦ୍ଦେଶ ଦେଇଥିଲେ।

## କର୍ନାଟକରେ ବୟସ୍କଙ୍କ ପାଇଁ ମାସ୍କ ବାଧ୍ୟତାମୂଳକ

**ମଡ଼ିକେରୀ,୧୮।୧୨**

ପଡୋଶୀ କେରଳରେ କୋଭିଡ୍-୧୯ର ସବ୍‌ଭାରିଆଣ୍ଟ ଜେଏନ୍.୧ ଚିହ୍ନଟ ହେବା ଓ ସଂକ୍ରମଣ ବଢୁଥିବାରୁ କର୍ନାଟକ ସରକାର ୬୦ ବର୍ଷରୁ ଊର୍ଦ୍ଧ୍ୱ ଲୋକମାନଙ୍କ ପାଇଁ ଫେସ୍ ମାସ୍କକୁ ବାଧ୍ୟତାମୂଳକ କରିଛନ୍ତି। ବୟସ୍କ ତଥା ବହୁବିଧ ରୋଗ କିମ୍ବା କାଶ, କଫ ତଥା ଜ୍ୱର ଆଦି ଲକ୍ଷଣ ଥିଲେ ମାସ୍କ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ସନ୍ଦିଗ୍ଧ ମାମଲାଗୁଡ଼ିକର ପରୀକ୍ଷାକୁ ବଢ଼ାଇ ଦିଆଯିବା ସହ ସୀମାନ୍ତ ଜିଲାଗୁଡ଼ିକରେ ସର୍ଭିଲାନ୍ସକୁ କଡ଼ାକଡ଼ି କରାଯାଇଛି। ସରକାର ସ୍ଥିତି ଉପରେ କଡ଼ା ନଜର ରଖିଥିବାରୁ ଏବେ ଯାତାୟାତ ଓ ସମାବେଶ ଉପରେ କଟକଣା ଲଗାଯିବା ଆବଶ୍ୟକ ନଥିବା ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

## ଭାରତରେ ଚାଲିବନି ଚାଳକବିହୀନ କାର୍

**ନୂଆଦିଲ୍ଲୀ,୧୮।୧୨**

ଭାରତରେ ଚାଳକବିହୀନ କାର୍ ଚଳାଚଳ ପାଇଁ କଦାପି ଅନୁମତି ଦିଆଯିବ ନାହିଁ ବୋଲି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି। ତାଙ୍କର ପ୍ରଥମ ଯୁକ୍ତି ହେଲା ଚାଳକବିହୀନ କାର୍ ଚଳାଚଳ ପାଇଁ ଅନୁମତି ଦେଲେ ଦେଶରେ ହଜାର ହଜାର ଡ୍ରାଇଭର ଚାକିରି ହରାଇବେ। ଡ୍ରାଇଭରଲେସ୍ କାର୍ ଚଳାଚଳ ପାଇଁ ଲମ୍ବା ରାସ୍ତା ଆବଶ୍ୟକ। ଭାରତରେ ନିରାପଦ ଓ ପ୍ରଯୁକ୍ତି ଦୃଷ୍ଟିରୁ ଅତ୍ୟାଧୁନିକ ଯାନ ନିର୍ମାଣ ଆରମ୍ଭ ହୋଇଗଲାଣି। ଗ୍ରାହକ ଏବେ ଶସ୍ତା ବଦଳରେ ନିରାପଦ ଏବଂ ଆକାଂକ୍ଷିତ ଉତ୍ପାଦ ଚାହୁଁଥିବା ପରିବହନ ମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ଭାରତୀୟ ଗାଡ଼ି



ବଜାରର ଦ୍ରୁତ ବୃଦ୍ଧିକୁ ନଜରରେ ରଖି ଆମେରିକାର ବିଦ୍ୟୁତ୍‌ଚାଳିତ କାର୍ ନିର୍ମାତା କମ୍ପାନୀ ଟେସ୍‌ଲା ଏଠାରେ ପ୍ରବେଶ ପାଇଁ ଉଦ୍ୟମ ଚଳାଇଛି। ତେବେ ଗାଡ଼ି ଆମଦାନି ଉପରୁ ଶୁଳ୍କ ରିହାତି ଲାଗି କମ୍ପାନୀ ଦାବି କରୁଛି। ଗଡ଼କରୀ ଟେସ୍‌ଲାକୁ ସ୍ୱାଗତ କରିଥିଲେ ମଧ୍ୟ ଏହା ଚାଇନାରୁ କାର୍ ଆମଦାନି ନ କରି ଭାରତରେ ନିର୍ମାଣ କରିବାକୁ ସର୍ତ୍ତ ରଖିଛନ୍ତି।

# ଷ୍ଟେଶନ ଜଳାର୍ଣ୍ଣବ: ଫସିଛନ୍ତି ୫୦୦ ଯାତ୍ରୀ

**ଚେନ୍ନାଇ,୧୮।୧୨**

ତାମିଲନାଡୁରେ ରବିବାରଠାରୁ ପ୍ରବଳ ବର୍ଷା ଲାଗିରହିଥିବାରୁ ଶ୍ରୀବୈକୁଣ୍ଠମ୍ ରେଲଷ୍ଟେଶନ ପାଣିରେ ବୁଡ଼ିଯାଇଛି। ଟ୍ରେନ୍ ଚଳାଚଳ ବନ୍ଦ ଥିବାରୁ ୫୦୦ରୁ ଊର୍ଦ୍ଧ୍ୱ ଯାତ୍ରୀ ସେଠାରେ ଫସିରହିଛନ୍ତି। ମାଟି ଅତଡ଼ା ଖସି ରେଳ ଟ୍ରାକ୍ ଭାସିଯାଇଛି। ଚାରିଆଡ଼େ ପାଣି ଯୋଗୁ ଷ୍ଟେଶନକୁ ଗାଡ଼ି ଯାଇପାରୁ ନାହିଁ। ତେଣୁ ରେଳଲାଇନ୍ ମରାମତି କାମ ହୋଇପାରୁ ନ ଥିବା କର୍ତ୍ତୃପକ୍ଷ କହିଛନ୍ତି। ଏନ୍‌ଡିଆର୍‌ଏଫ୍ ଟିମ୍ ଷ୍ଟେଶନରେ ପହଞ୍ଚିବାକୁ ଚେଷ୍ଟା କରୁଥିବାବେଳେ ଆକାଶମାର୍ଗରୁ ଖାଦ୍ୟ ପୁଡ଼ିଆ ପକାଇବାକୁ ଉଦ୍ୟମ ହେଉଛି।



ପ୍ରବଳ ବର୍ଷାରେ ଶ୍ରୀବୈକୁଣ୍ଠମ୍ ରେଲଷ୍ଟେଶନ ପାଣିରେ ବୁଡ଼ିଯାଇଛି।

କେତେକ ଅଞ୍ଚଳରୁ ବର୍ଷା ଛାଡ଼ିଥିଲେ ମଧ୍ୟ ଡ୍ୟାମ୍‌ରୁ ବଳକା ଜଳ ପ୍ରବାହ ଜାରି ରହିଥିବାରୁ ଖାଲୁଆ ଅଞ୍ଚଳଗୁଡ଼ିକ ବୁଡ଼ିରହିଛି। ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ବନ୍ୟା ସ୍ଥିତି ସମ୍ପର୍କରେ ଆଲୋଚନା ପାଇଁ ମଙ୍ଗଳବାରକୁ ସମୟ ମାଗିଛନ୍ତି। କନ୍ୟାକୁମାରୀ, ଥୁଥୁକୁଡ଼ି, ଟେଙ୍କାସି ଏବଂ ତିରୁନେଲ୍‌ଭେଲିରେ ଅତି ପ୍ରବଳ ବର୍ଷା ହୋଇଛି। ଟୁଟିକୋରିନ୍‌ର କୟାଲପଟ୍ଟିନମ୍‌ରେ ୨୪ ଘଣ୍ଟା ମଧ୍ୟରେ ୯୫ ସେଣ୍ଟିମିଟର ବୃଷ୍ଟିପାତ ରେକର୍ଡ କରାଯାଇଛି। ୪ଜିଲାରୁ ୭,୦୦୦ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।

## ଫୁର୍‌ସତ୍

### ରେସ୍‌ରେ ଦୌଡ଼ି ରୋବଟ୍‌ର ବିଶ୍ୱ ରେକର୍ଡ



**ସିଓଲ:** ମଣିଷ ବେଳକୁ ବେଳ ଆଧୁନିକର ଛାପରେ ଟେକ୍ନୋଲୋଜିକୁ ଆପଣେଇ ସାରିଲାଣି। ବର୍ତ୍ତମାନ ସମୟରେ ଏପରି ଜିନିଷ ସବୁ ଉଦ୍ଭାବନ ହେଉଛି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ନିକଟରେ ଦକ୍ଷିଣ କୋରିଆ ଦ୍ୱାରା ପ୍ରସ୍ତୁତ ହୁଣ୍ଡ ନାମକ ଏକ ରୋବଟ୍ ବିଶ୍ୱ ରେକର୍ଡ ହାସଲ କରିଛି। ଦକ୍ଷିଣ କୋରିଆର ଡେଜିଆନ୍‌ସ୍ଥିତ କୋରିଆ ଆଡ୍‌ଭାନ୍ସଡ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଡାଇନାମିକ୍ ରୋବଟ କଣ୍ଟ୍ରୋଲ ଏବଂ ଡିଜାଇନ ଲାବୋରେଟୋରି ସହଯୋଗରେ ୪ ଗୋଡ଼ ବିଶିଷ୍ଟ ଏକ ରୋବଟ ତିଆରି କରିଛି। ଏହି ରୋବଟ୍ ଏକ ରେସ୍‌ରେ ଦୌଡ଼ି ବିଶ୍ୱ ରେକର୍ଡ ସୃଷ୍ଟି କରିଛି। ହୁଣ୍ଡ ୧୦୦ ମିଟର ଦୌଡ଼କୁ ମାତ୍ର ୧୯. ୮୭ ସେକେଣ୍ଡରେ ଶେଷ କରିଛି। ଗିନିଜ୍ ୱାର୍ଲ୍ଡ ରେକର୍ଡ ମୁତାବକ, ହୁଣ୍ଡ ଘଣ୍ଟା ପ୍ରତି ୧୮.୧୨ କି.ମି. ବେଗରେ ଦୌଡ଼ି ଅନ୍ୟ ରୋବଟ୍‌କୁ ପଛରେ ପକାଇଥିଲା। ହୁଣ୍ଡର ଓଜନ ପ୍ରାୟ ୪୫ କିଲୋଗ୍ରାମ। ଏହା ଦେଖିବାକୁ ଆମେରିକାନ ବୁଲ୍‌ଡଗ୍ ପରି। ଦ୍ରୁତ ଗତିରେ ଦୌଡ଼ିବା ପାଇଁ ଏହାର ଗୋଡ଼କୁ ଡିଜାଇନ କରାଯାଇଛି। ହୁଣ୍ଡ ହେଉଛି ବିଶ୍ୱର ଏକମାତ୍ର ରୋବଟ୍, ଯିଏ ଯେକୌଣସି ରୋବଟ୍‌ଠାରୁ ଦ୍ରୁତଗତିରେ ଦୌଡ଼ିପାରେ। କେବଳ ଦୌଡ଼ିବାରେ ନୁହେଁ ଏହି ରୋବଟ୍ ଉଚ୍ଚ ସ୍ଥାନରୁ ମଧ୍ୟ ତଳକୁ ଓହ୍ଲାଇପାରେ। ଏହା ବ୍ୟତୀତ ହୁଣ୍ଡ ୩୫ ସେମି ଉଚ୍ଚକୁ ମଧ୍ୟ ଡେଇଁପାରେ।

### ଭଗ୍ନ ଜାହାଜ ଖଣ୍ଡରୁ ମିଳିଲା କଳାସୁନା

**ରୋମ୍:** ଇଟାଲିର ସମୁଦ୍ର ତଳେ ୪ ହଜାର ବର୍ଷ ପୁରୁଣା ଏକ ଜାହାଜର ଭଗ୍ନଅଂଶରୁ ଏକ ମୂଲ୍ୟବାନ ପଥରଖଣ୍ଡ ମିଳିଛି, ଯାହାକୁ କଳାସୁନା ବୋଲି କୁହାଯାଉଛି। ଏହା ଅବ୍‌ସିଡିଆନର ଏକ ଖଣ୍ଡ । ଯାହା ବାଇଗଣି-କଳାରଙ୍ଗର ଜ୍ୱାଳାମୁଖୀର ଏକ କାଚ। ଜାହାଜର ଭଗ୍ନଅଂଶରୁ ଅବ୍‌ସିଡିଆନର ଏକ ଖଣ୍ଡ ଦେଖି ଅନୁସନ୍ଧାନକାରୀ ଆଶ୍ଚର୍ଯ୍ୟ ହୋଇଗଲେ। ରିପୋର୍ଟ ମୁତାବକ, ଅବ୍‌ସିଡିଆନର ଏହି ଖଣ୍ଡକୁ ନେପଲ୍‌ସ ପୋଲିସର ଏକ ୟୁନିଟ୍ ଖୋଜିଛି। ସମୁଦ୍ରର ୧୩୦ ଫୁଟ ତଳେ ଇଟାଲିର କେପ୍ରିରେ ଗ୍ରୋଟା ବିୟାଙ୍କାର ସମୁଦ୍ର ଗୁମ୍ଫାରେ ନେପଲ୍‌ସ ପୋଲିସକୁ ଏହି ଖଣ୍ଡ ମିଳିଥିଲା। ପ୍ରକୃତରେ ଏକ ଜାହାଜର ଖଣ୍ଡକୁ ଖୋଜିବାକୁ ନଭେମ୍ବର ୨୦ରୁ ମିଶନ ଆରମ୍ଭ ହୋଇଥିଲା। ସେହି ମିଶନରେ ଅବ୍‌ସିଡିଆନର ଏକ ଖଣ୍ଡ ମିଳିଥିଲା, ଯାହାର ଓଜନ ପ୍ରାୟ ୮ କି.ଗ୍ରା.। ସୂଚନାଯୋଗ୍ୟ, ୧୭୦୮ରେ ବ୍ରିଟିଶ ନୌସେନା ସହ ଯୁଦ୍ଧ ସମୟରେ ଏକ ସ୍ପାନିସ ଜାହାଜ କ୍ୟାରିବିୟନ ସମୁଦ୍ରରେ ବୁଡ଼ିଯାଇଥିଲା। ସେହି ଜାହାଜର ନାମ ସାନ ଜୋସ୍ ଗାଲିଅନ ଥିଲା। ସେହି ଜାହାଜରେ ୧୬ ବିଲିୟନ ଡଲାରର ମୂଲ୍ୟବାନ ପଦାର୍ଥ ରହିଥିଲା। ଏବେ ଏହି ଜାହାଜକୁ ବାହାର କରିବାକୁ ପ୍ରସ୍ତୁତି କରାଯାଉଛି। ସେହି ସମୟରେ ଏପରି ଏକ ମୂଲ୍ୟବାନ ପଥର ମିଳିବା ବୈଜ୍ଞାନିକଙ୍କୁ ଆଶ୍ଚର୍ଯ୍ୟ କରିଛି। ଅବ୍‌ସିଡିଆନକୁ କଳାସୁନା ମଧ୍ୟ କୁହାଯାଏ। କଟିଙ୍ଗ ଟୁଲ୍ସ ପ୍ରସ୍ତୁତିରେ ଏହି ପଥରକୁ ବ୍ୟବହାର କରାଯାଇଥାଏ। ଲାଭା ଶୀଘ୍ର ଥଣ୍ଡା ହୋଇ ବସିଗଲେ ଏହି କଳାସୁନା ହୋଇଥାଏ। ଏହାକୁ ସୁରକ୍ଷାତ୍ମକ ରତ୍ନ ମଧ୍ୟ କୁହାଯାଏ। ନକାରାତ୍ମକ ଉର୍ଜାରୁ ରକ୍ଷା କରିବାର କ୍ଷମତା ଏହି ପଥରର ରହିଛି, ଯାହା ଅତ୍ୟନ୍ତ ମହଙ୍ଗା।




### ଶ୍ରେଷ୍ଠ ୫୦ ଏସୀୟ ତାରକା: ଶୀର୍ଷରେ ଶାହରୁଖ

**ମୁମ୍ବାଇ:** ଚଳିତବର୍ଷ ଶାହରୁଖ ଖାନ୍‌ଙ୍କୁ ତାଙ୍କ ଫିଲ୍ମ ପାଇଁ ଅନେକ ସଫଳତା ମିଳିଥିବାବେଳେ କିଛି ଦିନରେ ଆଉ ଏକ ସିନେମା 'ଡଙ୍କି' ରିଲିଜ୍ ହେବାକୁ ଯାଉଛି। ସେଥିପାଇଁ ମଧ୍ୟ ଟିକେଟ ବୁକିଂ ଆରମ୍ଭ ହୋଇଗଲାଣି। ଏହା ମଧ୍ୟରେ ତାଙ୍କୁ ଆଉ ଏକ ସଫଳତା ମିଳିଛି। କିଙ୍ଗ୍ ଖାନ୍ ତାଙ୍କ ସଫଳତାର ତାଲିକାରେ ଆଉ ଏକ ଧାଡି ଯୋଡିଛନ୍ତି। ସୂଚନା ମୁତାବକ, ବ୍ରିଟେନରେ ହେଉଥିବା ଶ୍ରେଷ୍ଠ ୫୦ ଏସୀୟ ତାରକା ତାଲିକାରେ ଶାହାରୁଖଙ୍କ ନାମ ଶୀର୍ଷରେ ରହିଛି। ସେହିପରି ଦ୍ୱିତୀୟରେ ଅଭିନେତ୍ରୀ ଆଲିଆ ଭଟ୍ଟ ଏବଂ ତୃତୀୟରେ ପ୍ରିୟଙ୍କା ଚୋପ୍ରା ରହିଛନ୍ତି। ଦଲଜିତ୍ ଦୋସାଞ୍ଜ ଏବଂ ରଣବୀର କପୁର ମଧ୍ୟ ସମାନ ତାଲିକାରେ ସ୍ଥାନ ପାଇଛନ୍ତି। ବ୍ରିଟେନର ସାପ୍ତାହିକ 'ଇଷ୍ଟର୍ନ ଆଇ'ରେ ଏହି ତାଲିକା ପ୍ରକାଶ ପାଇଛି। ଚଳିତବର୍ଷ ଖାହରୁଖ୍‌ଙ୍କ 'ପଠାନ', 'ଜୱାନ' ବ୍ଲକବ୍ଲଷ୍ଟର ହୋଇଥିବାବେଳେ 'ଡଙ୍କି' ଆସନ୍ତା ୨୧ରେ ମୁକ୍ତିଲାଭ କରିବ। ୧୯୯୨ରେ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିବା ଶାହରୁଖ ଅନେକ ଫିଲ୍ମ କରି ଦର୍ଶକଙ୍କ ପ୍ରିୟ ହୋଇପାରିଛନ୍ତି।



## ସଂକ୍ଷେପରେ

### ମନ୍ଦାକିନୀଙ୍କୁ ଯୁବ ପ୍ରତିଭା ସମ୍ମାନ

**ଜାତୀୟ ଲୋକ ସଙ୍ଗୀତ ଆଦିବାସୀ ନୃତ୍ୟ ଉତ୍ସବ ଉଦ୍‌ଯାପିତ**



ଭବାନୀପାଟଣା,୧୮।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ଲାଲବାହାଦୂର ଷ୍ଟାଡିୟମଠାରେ ଗତ ୧୪ ତାରିଖଠାରୁ ଚାଲିଥିବା ଜାତୀୟ ଲୋକ ସଙ୍ଗୀତ ଆଦିବାସୀ ନୃତ୍ୟ ଉତ୍ସବ 'ନୃତ୍ୟ ସଙ୍ଗମ' ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ତଥା ରାଜ୍ୟ ବାହାରର ଅନେକ ସାଂସ୍କୃତିକ ଦଳ ଯୋଗଦେଇ ନିଜ କଳା ପରିବେଷଣ କରିଥିଲେ। ସେହିପରି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ବ୍ୟକ୍ତି ବିଶେଷଙ୍କୁ ବିଭିନ୍ନ ଦିନରେ ସମ୍ମାନିତ କରାଯାଇଥିଲା। ସୁଶ୍ରୀ ମନ୍ଦାକିନୀ ବାଣୁଆଙ୍କୁ ଯୁବ ପ୍ରତିଭା ସମ୍ମାନ, ସତ୍ୟବ୍ରତ ଦାସଙ୍କୁ ସଙ୍ଗୀତ ଯୁବ ରତ୍ନ, ତାପସ ଦାସଙ୍କୁ ଯୁବ ପ୍ରତିଭା ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ କଳାହାଣ୍ଡି ଏମପି ବସନ୍ତ ପଣ୍ଡା, ଜୁନାଗଡ ବିଧାୟକ ଦିବ୍ୟଶଙ୍କର ମିଶ୍ର ଯୋଗଦେଇଥିଲେ।

### ମାଣବସା ଲକ୍ଷ୍ମୀ ପୂଜା ପାଇଁ ଶୁଭସ୍ତମ୍ଭ

ଖଡ଼ିଆଳ,୧୮।୧୨(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ଲକ୍ଷ୍ମୀ ଛକଠାରେ ମାଣବସା ଲକ୍ଷ୍ମୀ ପୂଜା କମିଟି ଦ୍ୱାରା ଆୟୋଜିତ ଲକ୍ଷ୍ମୀ ପୂଜା ସୁଭସ୍ତମ୍ଭ ସ୍ଥାପନ ହୋଇଛି। ଲକ୍ଷ୍ମୀ ପୂଜା କର୍ତ୍ତା ଭାବେ ପ୍ରମୋଦ କେତକି ଓ ତାଙ୍କ ପତ୍ନୀ ରହିଥିବା ବେଳେ ପୂଜକ ଭାବେ ପ୍ରଦୀପ ମିଶ୍ର ପୂଜାକ ଭାବରେ ରହିବେ। ୧୯ରୁ ୨୩ ତାରଖ ପର୍ଯ୍ୟନ୍ତ ପୂଜା ହେବ। ଲକ୍ଷ୍ମୀ ପୂଜାରେ ଖଡ଼ିଆଳର ୧୩ଟି ୱାର୍ଡର ସମସ୍ତ ଜନସାଧାରଣଙ୍କ ସହଯୋଗ ରହିଛି। କମିଟି ସଦସ୍ୟ ସଇଲେନ୍ଦ୍ର ପାଣିଗ୍ରାହୀ, ଚନ୍ଦନ ସାହୁ, ଅନୁଭବ ବୈଠାରୁ, ପଞ୍ଚାନନ ପୋଡ଼, ଗଜି ବୈଠାରୁ, ସୁରେନ୍ଦ୍ର ଦଣ୍ଡସେନା, ଗିରିଶ, ରମେଶ ମହାନ୍ତି ଓ ଅନ୍ୟ ସମସ୍ତ କମିଟି ସଦସ୍ୟ ସହଯୋଗ କରୁଛନ୍ତି।

### ପଞ୍ଚକୁଣ୍ଡୀୟ ଗାୟତ୍ରୀ ଯଜ୍ଞ ପାଇଁ ବୈଠକ

ଖଡ଼ିଆଳ,୧୮।୧୨(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଅନ୍ତର୍ଗତ ସାନମହେଶ୍ୱରଠାରେ ଖଡିଆଳ ଗାୟତ୍ରୀ ପରିବାର ବ୍ଲକ କମିଟି ପକ୍ଷରୁ ପଞ୍ଚକୁଣ୍ଡୀୟ ଗାୟତ୍ରୀ ଯଜ୍ଞ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସୁନାନୀଙ୍କ ଆହ୍ୱାନରେ ଜିଲା ନାରୀ ଜାଗରଣ ସଂଯୋଜିକା ମମତା ମଞ୍ଜରୀ ଥପା ସଭାପତିତ୍ୱ କରିଥିଲେ। ବୈଠକରେ ଆସନ୍ତା ୨୦୨୪ ଜାନୁୟାରୀ ୧୨, ୧୩ ଓ ୧୪ ତାରିଖରେ ସାନମହେଶ୍ୱରଠାରେ ହେବାକୁ ଥିବା ୫କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ପାଇଁ ଆଲୋଚନା କରାଯାଇଥିଲା। ବୈଠକରେ ତ୍ରିଲୋଚନ ବିଶି, ରାମଚନ୍ଦ୍ର ବାରିକ, ରଘୁରାମ ଶବର, ଦୟା ଥପା, ବିକ୍ରମ ବନ୍ଦିଛୋର, ଧ୍ରୁବ ଚରଣ ଭୋଇ, ଶୋଭା ରାମ ଶବର, ଦିପାଞ୍ଜଳୀ ଶବର ଓ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

### ସାମାଜିକ ସଚେତନତା କାର୍ଯ୍ୟକ୍ରମ

କର୍ଲାମୁଣ୍ଡା,୧୮।୧୨(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ରିଷିଡାସ୍ଥିତ ଜଗନ୍ନାଥ କୌଶଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅଧକ୍ଷ ହେମନ୍ତ କୁମାର ଚୌଧୁରୀଙ୍କ ପରାମର୍ଶରେ ନୋଡାଲ ଅଫିସର ଅଧ୍ୟାପକ ଗିରିରାଜ ଗହୀରଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ସଚେତନତା ରାଲି କରି ଜନସାଧାରଣଙ୍କୁ ସଡ଼କ ସୁରକ୍ଷା, ନାରୀ ଶିକ୍ଷା, ପ୍ଲାଷ୍ଟିକ ବର୍ଜନ, ମଦ ବିରୋଧୀ, ପରିଷ୍କାର ପରିଚ୍ଛନ୍ନତା ରକ୍ଷା କରିବା ପାଇଁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମ ଅଧ୍ୟାପକ ନିଳାମ୍ବର ପାତ୍ର, କ୍ରୀଡା ଶିକ୍ଷକ ଲଳିତ କୁମାର ଦାସ, ଚିନ୍ମୟ ରଣା, ଯୋଗେନ୍ଦ୍ର ବେହେରା, ପାଣ୍ଡବ ହରିଜନ, କଳ୍ପନା ରଣା ପ୍ରମୁଖ ସହଯୋଗ କରିଥିଲେ।

# ଉନ୍ନତିମୂଳକ କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ଡିପିଆର ପ୍ରସ୍ତୁତ କର

ଭବାନୀପାଟଣା,୧୮।୧୨(ଉତ୍ତମ କୁମାର ଦାଶ)



ମୋହନଗିରି ଶୈବପୀଠରେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରୁଛନ୍ତି ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ।

**୨ ଦିନିଆ କଳାହାଣ୍ଡି ଗସ୍ତରେ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ**

- ପରିଷଦର ଅନୁଦାନରେ ବିକଶିତ ହେବ ମୋହନଗିରି ଶୈବପୀଠ
- ମୁଖ୍ୟମନ୍ତ୍ରୀଙ୍କ ସଭାଗୃହ ଉଦ୍‌ଘାଟିତ

କଳାହାଣ୍ଡି ଜିଲାକୁ ସୋମବାର ୨ ଦିନିଆ ଗସ୍ତ କରିଛନ୍ତି ପଶ୍ଚିମ ଓଡିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି) ଅଧ୍ୟକ୍ଷ ଅସିତ ତ୍ରିପାଠୀ। ପ୍ରଥମ ଦିନରେ ସେ ଏମ୍. ରାମପୁରସ୍ଥିତ ଦୁର୍ଗାମଣ୍ଡପ ନିକଟରେ ମୁଖ୍ୟମନ୍ତ୍ରୀ ସଭାଗୃହର ଉଦଘାଟନ କରିଥିଲେ। ଏହି ସଭାଗୃହରେ ସ୍ଥାନୀୟ ଜନସାଧାରଣ ଗୁରୁତ୍ୱପୂର୍ଣ୍ଣ ବୈଠକ ସହ ଗାଁର ଭଲମନ୍ଦ ବିଷୟରେ ଆଲୋଚନା କରିପାରିବେ। ରାଜ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏଭଳି ୧୬ ଶହଟି ମୁଖ୍ୟମନ୍ତ୍ରୀ ସଭାଗୃହ ନିର୍ମାଣ ନେଇ ଅନୁମୋଦନ କରାଯାଇଥିବା ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ ତ୍ରିପାଠୀ ପ୍ରକାଶ କରିଥିଲେ। ପରେ ସେ ବ୍ଲକର ମୋହନଗିରିର ଷଷ୍ଠ ଶତାବ୍ଦୀର ଐତିହାସିକ ଧବଳେଶ୍ୱର ଶୈବପୀଠ ପରିଦର୍ଶନ କରିଥିଲେ। ଏହି ପ୍ରାଚୀନ ଶୈବପୀଠ ଏମ୍. ରାମପୁର ବ୍ଲକ କାର୍ଯ୍ୟାଳୟଠାରୁ ପ୍ରାୟ ୩୦ କି.ମି. ଦୂରରେ ରହିଛି। ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ ତ୍ରିପାଠୀ ଧବଳେଶ୍ୱର ବାବାଙ୍କ ଦର୍ଶନ କରିବା ସହ ମନ୍ଦିର ଚତୁଃପାର୍ଶ୍ୱ ପରିଦର୍ଶନ କରି ବିମୋହିତ ହୋଇଥିଲ। ମନ୍ଦିର ପରିଚାଳନା କମିଟି ସଭାପତି ଓ ସଦସ୍ୟମାନଙ୍କ ସହିତ ଆଲୋଚନା କରିବା ସହ ମନ୍ଦିର ପାରିପାର୍ଶ୍ୱିକ ଉନ୍ନତିକରଣ କାର୍ଯ୍ୟ ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ଅନୁଦାନ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଶେଷ କରି ମନ୍ଦିର ପୋଖରୀ ଚାରିପଟେ ଚଲାପଥ ନିର୍ମାଣ, ପ୍ରମୋଦ ଉଦ୍ୟାନର ଉନ୍ନତୀକରଣ, ପୁରାତନ କୀର୍ତ୍ତିରାଜିର ରକ୍ଷଣାବେକ୍ଷଣ ପାଇଁ ନୂତନ ସଂଗ୍ରହାଳୟର ପ୍ରତିଷ୍ଠା କରିବା, ମନ୍ଦିର ପାଚେରି ନିର୍ମାଣ, ସୋଲାର ଲାଇଟ ବ୍ୟବସ୍ଥା, ନିକଟରେ ବୋହି ଯାଉଥିବା କାଳିଗଙ୍ଗା ନଦୀ ଉପରେ ପୋଲ ନିର୍ମାଣ ଆଦି ଉନ୍ନତି ମୂଳକ କାର୍ଯ୍ୟ ପାଇଁ ଏକ ସ୍ୱତନ୍ତ୍ର ଡିପିଆର ପ୍ରସ୍ତୁତ କରି ଶୀଘ୍ର ଦେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ କହିଥିଲେ। ଐତିହାସିକ ଶୈବପୀଠର ଉନ୍ନତି ହୋଇପାରିଲେ ଆହୁରି ଅଧିକ ପର୍ଯ୍ୟଟକ ଆକୃଷ୍ଟ ହେବା ସହ ନର୍ଲା ନିର୍ବାଚନ ମଣ୍ଡଳୀର ବିକାଶ ହୋଇପାରିବ ବୋଲି ଅଧ୍ୟକ୍ଷ ତ୍ରିପାଠୀ କହିଥିଲେ। ଏହି ସମୟରେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଡବ୍ଲ୍ୟୁଓଡିସି ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜିତ ମିଶ୍ର, ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ସିଡିଓ ସଚିନ ପାୱାର ପ୍ରକାଶ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ବିଶେଷଜ୍ଞ ସଦସ୍ୟ ଅବିନାଶ ଠାକୁର, ଜିଲା ଯୋଜନା ଓ ସମନ୍ୱୟ ଅଧିକାରୀ ଶ୍ରୀକାନ୍ତ ଦଳେଇ, ବିଡ଼ିଓ ସବ୍ୟସାଚୀ ବେହେରା, ମୋହନଗିରି ଧବଳେଶ୍ୱର ଶୈବପୀଠ ମନ୍ଦିର ସଭାପତି ପୂର୍ଣ୍ଣନନ୍ଦ ବଗର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଧବଳେଶର ଶୈବପୀଠ କଳାହାଣ୍ଡି, ବଲାଙ୍ଗୀର, ବୌଦ୍ଧ ଓ କନ୍ଧମାଳ ଏହି ଚାରି ଜିଲାର ସୀମାନ୍ତରେ ଥିବାରୁ ପ୍ରତିବର୍ଷ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥାଏ।

## ମେଗାଲିଫ୍ଟରୁ ଜଳସେଚନ ପାଇଁ ଦାବିପତ୍ର

କୋକସରା,୧୮।୧୨(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ତେଣ୍ଡାପାଲି ପଞ୍ଚାୟତ ଅନ୍ତର୍ଗତ ତେଣ୍ଡାପାଲି ଓ ଲିମପଡା ଗାଁର ଶତାଧିକ ଚାଷୀ ସୋମବାର ଇନ୍ଦ୍ରାବତୀ ମେଗାଲିଫ୍ଟ କେନାଲରୁ ଜଳସେଚନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଚାଷୀଙ୍କ ଅଭିଯୋଗ ଅନୁସାରେ ଉଠା ଜଳସେଚନ କେନାଲ ସିଲିଗୁଡା ୧୫ ନମ୍ବର ଡି.ଏମ ଦେଇ ଯାଇଥିବା ବେଳେ ନିକଟବର୍ତ୍ତୀ ଦୁଇ ଗାଁର ପାଖାପାଖି ୫୦୦ ହେକ୍ଟର ଜମି ଖରିଫ ଓ ରବି ଚାଷ ପାଇଁ ଜଳସେଚନରୁ ବଞ୍ଚିତ ରହିଛନ୍ତି। ଏହି ଅଞ୍ଚଳର ଚାଷଜମି ଜଳସେଚନରୁ ବାଦ ପଡି ରହିଥିବା ବେଳେ ପୂର୍ବରୁ ମଧ ଲିଖିତ ଅଭିଯୋଗ କରାଯାଇଛି। ହେଲେ ଜଳସେଚନ ନେଇ କୌଣସି ପଦକ୍ଷେପ ନିଆଯାଇନାହିଁ। ଏଣୁ ଆଗାମୀ ଦିନରେ ଚାଷୀଙ୍କ ବୃହତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜଳସେଚନ ବ୍ୟବସ୍ଥା କରିବାକୁ ଚାଷୀନେତା ରାଜେନ୍ଦ୍ର ନାଏକଙ୍କ ନେତୃତ୍ୱରେ କୁସୁମଖୁଣ୍ଟି ମେଗାଲିଫ୍ଟ ବିଭାଗ ଅଧିକାରୀଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। କୀର୍ତ୍ତନ ମାଝି, ଡମ୍ବରୁ ଧରୁଆ, ଉଦ୍ଧବ ନାଏକ, କୃଷ୍ଣ ନାଏକ, ସାନୁ ମାଝି, ଟଙ୍କଧର ନାଏକ ସମେତ ଶତାଧିକ ଚାଷି କୁସୁମଖୁଣ୍ଟି ମେଗାଲିଫ୍ଟ କେନାଲର କନିଷ୍ଠ ଯନ୍ତ୍ରୀ ବିଶ୍ୱନାଥ ସାହୁଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। କନିଷ୍ଠ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ନେବାରୁ ଯଦି ସେମାନଙ୍କ ଚାଷଜମି ମେଗାଲିଫ୍ଟର ଆଇକଟ ଏରିଆ ମଧରେ ରହିଛି, ତାହେଲେ ଉଚ୍ଚ ପଦସ୍ଥ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଆଗାମୀ ସମୟରେ ଜଳସେଚନ ସୁବିଧା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

କେସିଙ୍ଗା,୧୮।୧୨(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ପଞ୍ଚାୟତ ସମିତି ପକ୍ଷରୁ ଚାଲିଥିବା ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ସୋମବାର ଉଦଯାପିତ ହୋଇଯାଇଛି। ୩ଦିନ ଧରି ବ୍ଲକର ୩ଟି ଖେଳ ପଡ଼ିଆରେ ଆୟୋଜିତ ପ୍ରତିଯୋଗିତାରେ ଫୁଟବଲ, କ୍ରିକେଟ, ଭଲିବଲ, ହକି, ଖୋକୋ ପ୍ରଭୃତି ଖେଳ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟକ ଭୂପିନ୍ଦର ସିଂ, ନଗରପାଳ ନୃପରାଜ ଯାଦବ, ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ବିଡ଼ିଓ ପଦ୍ମନାଭ ପୁରୋହିତ ଓ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହେମନ୍ତ ବାଗ ପ୍ରମୁଖ ମଞ୍ଚାସୀନ ଥିଲେ। ଖେଳ ଶିକ୍ଷକ ଆଶ୍ୱିନ କୁମାର ପଧାନ, ବିଭୂତି ପଧାନ, ପଞ୍ଚମ ସାହୁ, କୃପା ପାତ୍ର ପ୍ରମୁଖ ପ୍ରତିଯୋଗିତାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଖେଳରେ ଆୟୋଜନ ନିର୍ବାହୀ ଅଧିକାରୀ ଲମ୍ବୁ ଶିଖାଙ୍କ ସମେତ ସମସ୍ତ ବ୍ଲକ ନିର୍ବାହୀ ଅଧିକାରୀ, ରିତୁ ପାଢ଼ୀ, ସମସ୍ତ ଜିଆର୍‌ଏସ ତଥା ବ୍ଲକ କାର୍ଯ୍ୟାଳୟର ସମସ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଶେଷରେ ବିଜେତା ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥିଙ୍କ ଦାରା ପୁରସ୍କାର ପ୍ରଦାନ କରାଯାଇଥିଲା।

## ପୋଖରୀବନ୍ଧ ଧନୁଯାତ୍ରା ଉଦ୍‌ଘାଟିତ

ଲାଞ୍ଜିଗଡ଼,୧୮।୧୨(ରମେଶ ଚନ୍ଦ୍ର ନାୟକ)



ପରିବେଷିତ ନାଟକର ଏକ ଦୃଶ୍ୟ ।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ଗ୍ରାମପଞ୍ଚାୟତ ପୋଖରିବନ୍ଧଠାରେ ପ୍ରଥମ ବର୍ଷ ବିରାଟ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝି ଉଦଘାଟନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଟଙ୍କଧର ମାଝି ଏବଂ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସସ୍ମିତା ମାଝି, ଦିପକ ମହାପାତ୍ର, ନିରଞ୍ଜନ ପାତ୍ର, ଗୋବିନ୍ଦ ପ୍ରଧାନୀ ପ୍ରମୁଖ ଯୋଗଦେଇଥିଲେ। ଧନୁଯାତ୍ରା ଆୟୋଜନ କମିଟି ସଭାପତି ରମେଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ସାଧାରଣ ସମ୍ପାଦକ ଭବାନି ଶଙ୍କର ବାଣୁଆ, କାର୍ଯ୍ୟକାରୀ ସଭାପତି ସନାତନ ବିଶି, ଉପ ସଭାପତି କର୍ଣ୍ଣ ମାଝି, ସମ୍ପାଦକ ବିକ୍ରମାଦିତ୍ୟ ବାରିକ, ଯୁଗ୍ମ ସମ୍ପାଦକ ଭଗବାନ ରାଉତ, କୋଷାଧ୍ୟକ୍ଷ ଜୟମୁନି ବେହେରା, ପବିତ୍ର ବିଭାର, ଶଙ୍କର ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ କଂସ ଭୂମିକାରେ ଅଭିନୟ କରୁଥିବା ନରେନ୍ଦ୍ର ପ୍ରଧାନ, ମନ୍ତ୍ରୀ ଭୂମିକାରେ ନନ୍ଦିଘୋଷ ମହାପାତ୍ର, ସେନାପତି ଭୂମିକାରେ ଅରୁଣ ଖର୍ସେଲ ଏବଂ ତାଙ୍କ ସହଯୋଗୀମାନେ ମଥୁରାନଗରୀରେ ମହାରାଜ ଉଗ୍ରସେନଙ୍କ ନଗର ପରିକ୍ରମା, ଦେବକୀ ବସୁଦେବଙ୍କ ଶୁଭବିବାହ, ଯୁବରାଜ କଂସଙ୍କ ମୃଗୟାଯାତ୍ରାରୁ ପ୍ରତ୍ୟାବର୍ତ୍ତନ, ଉଗ୍ରସେନଙ୍କୁ ଗାଦିଚ୍ୟୁତ୍ କରି କଂସଙ୍କ ରାଜସିଂହାସନ ଆରୋହଣ, ଦୈବବାଣୀ ଓ ବସୁଦେବଙ୍କ କାରାବରଣ ନାଟକ ମଞ୍ଚସ୍ଥ ହୋଇଥିଲା। ପ୍ରଥମ ଥର ପାଇଁ ପୋଖରୀବନ୍ଧଠାରେ ଆୟୋଜିତ ଧନୁଯାତ୍ରା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସୁକତା ଦେଖାଦେଇଥିଲା। ଧନୁଯାତ୍ରା ମହୋତ୍ସବ ୭ ଦିନ ଧରି ଚାଲିବାକୁ ଥିବାବେଳେ ଧନୁଯାତ୍ରା ପରିଚାଳନା କମିଟି ପକ୍ଷରୁ ବିଭିନ୍ନ ଲୋକ ସାଂସ୍କୃତିକ କାର୍ଯ୍ୟକ୍ରମ, ମୀନା ବଜାର, ଅପେରା, ରାମଦୋଳି ଓ ଓଡ଼ିଶାର ଚର୍ଚ୍ଚିତ ହାସ୍ୟ ଅଭିନେତା ଓ ଅନେକ କଳାକାରମାନ ଆସୁଥିବା କମିଟି ପକ୍ଷରୁ ସୂଚନା ମିଳିଛି।

## ଦାଦନ ସର୍ଦ୍ଦାରଙ୍କ ନିର୍ଯାତନାରୁ ଯୁବକଙ୍କ ଆତ୍ମହତ୍ୟା

ନୂଆପଡ଼ା,୧୮।୧୨(ମକାରୁ ବେମାଲ)

ନୂଆପଡା ସଦର ବ୍ଲକ ଆମସେନା ପଞ୍ଚାୟତ କଲ୍ୟାଣପୁର ଗାଁର ଜଣେ ଯୁବକ ବିଷପାନ କରି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ କଲ୍ୟାଣପୁର ଗାଁର ଫଗନୁ ମାଝି (୩୦)। ପ୍ରାପ୍ତ ସୂଚନାମତେ ଫଗନୁ ଖରିଆର ରୋଡ ବନକା ଗାଁର ଦାଦନ ସର୍ଦ୍ଦାରଙ୍କଠାରୁ ୪୦ ହଜାର ଟଙ୍କା ଅଗ୍ରୀମ ଆଣିଥିଲେ। ପରିବାର ଅସୁବିଧା ଯୋଗୁ ଯାଇ ନ ପାରିବାରୁ ଦାଦନ ସର୍ଦ୍ଦାର ପ୍ରତି ଦିନ ଫଗନୁ ପାଖକୁ ଯାଇ ଇଟା ତିଆରି କରିବା ପାଇଁ ଚାଲ ନ ହେଲେ ଟଙ୍କା ଫେରାଇ ଦେଇବାକୁ ବାରମ୍ବାର କହୁଥିଲେ। ଏହି ନିର୍ଯାତନା ସହି ନ ପାରି ବିଷପାନ କରି ଆତ୍ମହତ୍ୟା କଲେ ବୋଲି ଜୋଙ୍କ ଥାନାରେ ତାଙ୍କ ସ୍ତ୍ରୀ ମନିକା ମାଝି (୨୭) ଅଭିଯୋଗ କରିଛନ୍ତି। ହେଲେ ଦାଦନ ସର୍ଦ୍ଦାର ସନ୍ତୋଷ ସାହୁଙ୍କୁ ପଚାରିବାରୁ ମୁଁ ଦାଦନ ସର୍ଦ୍ଦାର ନୁହେଁ, ଟ୍ରକ ଡ୍ରାଇଭର କାମ କରି ପରିବାର ପ୍ରତିପୋଷଣ କରେ। ଫଗନୁଙ୍କୁ ମୁଁ ଚାଷ କରିବା ପାଇଁ ଟଙ୍କା ଦେଇଥିଲି। ଦାଦନ ଯିବା ପାଇଁ ଦେଇ ନ ଥିଲ। ଲୋକେ ଅଯଥାରେ ଫସାଇବା ପାଇଁ ଏହି ସବୁ ଅଭିଯୋଗ ଆଣୁଛନ୍ତି। ତାଙ୍କ ଗାଁରେ ରବିବାର ରାତ୍ରିରେ ଘୁଡଘୁଡି ଖେଳ ହୋଇଥିଲା। ଫଗନୁ ସବୁ ଟଙ୍କା ନେଇ ଜୁଆରେ ହାରି ଯିବାରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇ ଫଗନୁ କୀଟନାଶକ ଔଷଧ ଖାଇ ମୃତ୍ୟୁବରଣ କରିଛନ୍ତି ବୋଲି କହିଥିଲେ। ଜୋଙ୍କ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅଧିକ ତଦନ୍ତ ଚାଲିଛି ବୋଲି ଥାନାଧିକାରୀ କହିଥିଲେ।

## ୨୧୦ ତୀର୍ଥଯାତ୍ରୀଙ୍କ ନାସିକ୍, ଶିରିଡ଼ି ଯାତ୍ରା



ଅତିରିକ୍ତ ଜିଲାପାଳ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ଭବାନୀପାଟଣା,୧୮।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାର ୨୧୦ଜଣ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରୀ ସୋମବାର ନାସିକ ଓ ଶିରିଡ଼ିକୁ ଯାତ୍ରା ଆରମ୍ଭ କରିଛନ୍ତି। ଭବାନୀପାଟଣା ରେଡକ୍ରସ କଲ୍ୟାଣମଣ୍ଡପଠାରେ ଅପରାହ୍ନରେ ୬ଟି ବସରେ ସେମାନେ ରାୟଗଡା ରେଳ ଷ୍ଟେଶନ ପର୍ଯ୍ୟନ୍ତ ଯାଇଛନ୍ତି। ସେଠାରୁ ରେଳ ଯୋଗେ ଉପରୋକ୍ତ ତୀର୍ଥ କ୍ଷେତ୍ରକୁ ଯିବେ ବୋଲି ଜଣାପଡିଛି। ଏହି ଅବସରରେ ଅତିରିକ୍ତ ଜିଲାପାଳ ତ୍ରିଲୋଚନ ପାତ୍ର ସବୁଜ ପତାକା ଦେଖାଇ ବରିଷ୍ଠ ନାଗରିକମାନଙ୍କ ତୀର୍ଥଯାତ୍ରା ଶୁଭାରମ୍ଭ କରିଥିଲେ। ଏହାସହ ତୀର୍ଥଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ ଦେବଦର୍ଶନ ସହ ଦର୍ଶନୀୟ ତୀର୍ଥ ସ୍ଥାନ ଭ୍ରମଣ କରି ଖୁସିରେ ଜିଲାକୁ ଫେରନ୍ତୁ ବୋଲି ଶୁଭ କାମନା କରିଥିଲେ। ୨୧୦ଜଣ ତୀର୍ଥଯାତ୍ରୀମାନଙ୍କ ପାଇଁ ୭ଜଣ ଏସ୍କଟ ଅଧିକାରୀ ମଧ ଯାତ୍ରା କରୁଛନ୍ତି। ମଙ୍ଗଳବାର ରାୟଗଡା ରେଳ ଷ୍ଟେଶନଠାରେ ଏକ ସ୍ୱତନ୍ତ୍ର ଟ୍ରେନରେ ଅନ୍ୟ ୫ଟି ଜିଲାର ତୀର୍ଥଯାତ୍ରୀଙ୍କ ସହ ନାସିକ ଓ ଶିରିଡ଼ିକୁ ଯାତ୍ରା କରିବେ। ଡିସେମ୍ବର ୨୪ରେ ସେମାନେ ଜିଲାକୁ ଫେରିବେ। ପୂର୍ବରୁ ଏହି ଯୋଜନାରେ ଜିଲାର ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ମଥୁରା, ବୃନ୍ଦାବନ, ଭେଲୋର୍, ତିରୁପତି, ଶ୍ରୀକଳାହସ୍ତୀ ଦର୍ଶନୀୟ ଧାର୍ମିକ ସ୍ଥଳ ଭ୍ରମଣ ସୁଯୋଗ ନେଇଛନ୍ତି। ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଓ ଆଇଆରଟିସି ପକ୍ଷରୁ ତୀର୍ଥଯାତ୍ରୀମାନଙ୍କ ପାଇଁ ପରିବହନ ଓ ପ୍ରତ୍ୟାବର୍ତ୍ତନ ସମସ୍ତ ସୁବିଧା ସହ ଯାତ୍ରା ସମୟରେ ରହିବା, ଖାଦ୍ୟ ଆଦିର ବ୍ୟବସ୍ଥା କରାଯାଇଛି। କାର୍ଯ୍ୟକ୍ରମରେ ଡିଆଇପିଆରଓ ମନୋଜ ବେହେରା, ଜିଲା ପର୍ଯ୍ୟଟନ ଅଧିକାରୀ ସୁବୋଧ କୁମାର ଛତ୍ରିଆ ଓ ଓରମାସ ଡେପୁଟି ସିଇଓ ଜଜ୍ କେରକେଟା ପ୍ରମୁଖ ଉପସ୍ଥିତ ଥିଲେ ।

## ରିଷିଡ଼ା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ

କର୍ଲାମୁଣ୍ଡା,୧୮।୧୨(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ମଣ୍ଡଳ ଭାଜପା ପକ୍ଷରୁ ରିଷିଡା ରାଜସ୍ୱ ନିରୀକ୍ଷକଙ୍କ ଅଫିସ ଘେରାଉ କରିବା ସହିତ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ମଣ୍ଡଳ ସଭାପତି ସଞ୍ଜୟ କୁମାର ଜୈନଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ରିଷିଡା କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ଆରଆଇ ଅଫିସରେ ପହଞ୍ଚିଥିଲେ। ଏଥିରେ ଜିଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ଉପସଭାପତି ଅନିରୁଦ୍ଧ ପଧାନ, ମଣ୍ଡଳ ପ୍ରଭାରୀ ଘନ ଶ୍ୟାମ ଗହୀର, ଏମ୍‌ପି ବ୍ଲକ ପ୍ରତିନିଧି ରାଜେନ୍ଦ୍ର ନାରାୟଣ ମିଶ୍ର, ଜିଲା ହରିଜନ ମୋର୍ଚ୍ଚା ସଭାପତି ଗଣେଶ କୁମାର, ହରିଜନ ମୋର୍ଚ୍ଚା ଉପସଭାପତି ଦୈତ୍ୟ ରାମ ସୁନା, ଜିଲା ସମ୍ପାଦିକା ପ୍ରଭାତୀ ଭୋଇ, ହରିଜନ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟ କାରିଣୀ ସଭ୍ୟା ପୁଷ୍ପକାନ୍ତି କୁମାର, ମଣ୍ଡଳ ସାଧାରଣ ସମ୍ପାଦକ ଲିଙ୍ଗରାଜ ସାହୁ ଓ ଶୁଶୀଳ ସାହୁ, ଜିଲା କାର୍ଯକରିଣୀ ସଭ୍ୟ ଦିବାକର ବାଗ, ଯୁବ ନେତାଗୁଣ ନିଧି ସାହୁ ପ୍ରମୁଖ ଉଦବୋଧନ ଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ।

## ମା' ଲଙ୍କେଶ୍ୱରୀଙ୍କ ବାର୍ଷିକ ମଣ୍ଡେଇ ଯାତ୍ରା

କୋକସରା,୧୮।୧୨(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ପଞ୍ଚାୟତ ପାତ୍ରବସା ଗାଁରେ ମା'ଲଙ୍କେଶ୍ୱରୀଙ୍କ ବାର୍ଷିକ ମଣ୍ଡେଇ ଯାତ୍ରା ପାଳନ କରାଯାଇଛି। ଦେବୀଙ୍କ ପୂଝାରୀ ସୁକଚନ ମାଝି, ଧନୁର୍ଯ୍ୟ ମାଝି ସକାଳୁ ରୀତିନୀତି ଓ ପରମ୍ପରା ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା ପରେ କନ୍ଦାଗଡ଼ ଓ ନୂଆଗାଁରୁ ଦେବୀ ଠାକୁରାଣୀ, ମାମାନ ପୁରିଆଣି, ମା' ଛୋଟୀ ଗୋଟେନଙ୍କ ଲାଠିକୁର୍ସି ଆସି ପହଞ୍ଚିଥିଲେ। ପରେ ସମବେତ ଦେବୀଙ୍କ ଲାଠିକୁର୍ସି ଏକ ବିରାଟ ପଟୁଆରରେ ଗାଁ ପରିକ୍ରମା କରି ପୁଣି ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଶ୍ରଦ୍ଧାଳୁମାନେ ଦର୍ଶନ କରିବା ସହ ନିଜର ମାନସିକ ପୁରଣ ପାଇଁ ଦେବୀଙ୍କ ଶରଣାପନ୍ନ ହୋଇ ଶୁକ୍ଳଭୋଗ ଓ ରକ୍ତ ଭୋଗ ଅର୍ପଣ କରିଥିଲେ। ରାତିରେ ମନ୍ଦିର କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ଆମପାଣି ସମିତି ସଭ୍ୟା ନର୍ତ୍ତକୀ ଦଣ୍ଡସେନା, ସମିତି ସଭ୍ୟ ବରାଡଙ୍ଗା ପଞ୍ଚାୟତ ଗୁପ୍ତେଶ୍ୱର ବାଗ, ସାମାଜିକ କର୍ମୀ ମନୋରଞ୍ଜନ ବାଣୁଆ, ପଙ୍କଜ ମୁଖ ଚୌଧୁରୀ, ସୋନୁ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ପୂଜା କମିଟି ସଭାପତି ପ୍ରଭାକର ନାଏକ, ସମ୍ପାଦକ ଭୋଳାନାଥ ମାଝି, ସୁଭାଷ ଅଗ୍ରୱାଲ, ଭୁବନେଶ୍ୱର ବାଗ, ବଳରାମ ଦୁର୍ଗା, ଗୋବର୍ଦ୍ଧନ ମାଝି, ଧରିତ୍ରୀ ବାଗ, ଡାଳିମ୍ବ ବାଗ ଓ ଗ୍ରାମବାସୀ ସହଯୋଗ କରିଥିଲେ।




## ମଧ୍ୟାହ୍ନଭୋଜନରେ ପୋକ ବାହାରିବା ଘଟଣା: ୪ ଶିକ୍ଷକ ନିଲମ୍ବିତ

ନୂଆପଡ଼ା,୧୮।୧୨(ମକାରୁ ବେମାଲ)



ସ୍କୁଲରେ ପହଞ୍ଚି ଶିକ୍ଷା ବିଭାଗ ତଦନ୍ତ କରୁଛି।

- ଶିକ୍ଷକମାନେ ଭୋଜିଭାତର ଆସର ଜମାଇଥିଲେ
- ଛାତ୍ରୀମାନଙ୍କ ଉପରେ ଅଶ୍ଳୀଳ ଇଙ୍ଗିତ ଅଭିଯୋଗ

ନୂଆପଡା ସଦର ବ୍ଲକ ଧରମବନ୍ଧା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନରେ ପୋକ ବାହାରିବା ପରେ ଛାତ୍ରୀଛାତ୍ର ନ ଖାଇ ଫିଙ୍ଗି ଦେଇଥିଲେ। ଏହି ଘଟଣା ଉପରେ ସୋମବାର ନୂଆପଡା ଶିକ୍ଷା ବିଭାଗ ତଦନ୍ତ କରି ୪ଜଣ ଶିକ୍ଷକଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି। ନିଲମ୍ବିତ ଶିକ୍ଷକମାନେ ହେଲେ ଗୋପବନ୍ଧୁ କୂଳଦୀପ, ଅକ୍ଷୟ କୁମାର ସେଠୀ, ରାଜେନ୍ଦ୍ର ଦଣ୍ଡସେନା ଓ ଦେବାଦୀ ଶିଖା। ସ୍ଥାନୀୟ ସରପଞ୍ଚ ଭୁନେଶ୍ୱରୀ ଦଣ୍ଡସେନା, ଗ୍ରାମବାସୀ ଓ ଅଭିଭାବକମାନେ ଶିକ୍ଷକମାନଙ୍କ ଅପ୍ରିତିକର ଘଟଣା ଉପରେ ଶିକ୍ଷା ବିଭାଗକୁ ଅବଗତ କରିଥିଲେ। ଅଭିଯୋଗକୁ ଭିତ୍ତିକରି ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦଙ୍କ ନେତୃତ୍ୱରେ ଶିକ୍ଷା ବିଭାଗର ଏକ ଟିମ ଧରମବନ୍ଧା ପ୍ରାଥମିକ ବିଦ୍ୟାଳୟ ଯାଇ ତଦନ୍ତ କରି ଘଟଣାର ସତ୍ୟାସତ୍ୟ ଜଣାପଡିବା ପରେ ଶିକ୍ଷକମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଉକ୍ତ ବିଦ୍ୟାଳୟର ଶିକ୍ଷକମାନେ ଉକ୍ତ ଦିନ ଭୋଜିଭାତ କରି ଛାତ୍ରୀମାନଙ୍କ ଉପରେ ଅଶ୍ଳୀଳ ଇଙ୍ଗିତ କରିଥିବା ତଦନ୍ତ କରିଥିବା ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନ ବିଦ୍ୟାଳୟକୁ ସୁରୁଖୁରୁରେ ଚଳାଇବା ପାଇଁ ପାଖ ବିଦ୍ୟାଳୟ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ନିଯୁକ୍ତ କରାଯିବ। ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ଏସଏଚ୍‌ଜିଙ୍କୁ ପ୍ରଧାନ ଶିକ୍ଷକଙ୍କ ଜରିଆରେ ତାଗିଦ କରିଛନ୍ତି। ଏହି ଘଟଣା ଉପରେ ଅଧିକ ତଦନ୍ତ ଚାଲିଛି ବୋଲି ବିଇଓ ମହାନନ୍ଦ କହିଛନ୍ତି। ସୂଚନା ଯେ, ଗତ ୧୫ରେ ବିଦ୍ୟାଳୟରେ ଶିକ୍ଷକମାନେ ପାଠ ପଢାଇବା ବଦଳରେ ଭୋଜିଭାତ କରି ଛାତ୍ରୀମାନଙ୍କ ଉପରେ ଅଶ୍ଳୀଳ ବ୍ୟବହାର ଇଙ୍ଗିତ କରିଥିଲେ। ଯେଉଁ ଛାତ୍ରୀଛାତ୍ରମାନେ ଶିକ୍ଷକଙ୍କୁ ଜବାବ ଦେଇଥିଲେ ସେମାନଙ୍କୁ ମାରିଦେବା ପାଇଁ ଧମକ ଦେଇ ଅସଭ୍ୟ ଭାଷାରେ ଗାଳିଗୋଲଜ କରିଥିଲେ। ଏହି ଘଟଣା ଗାଁରେ ପ୍ରଘଟ ହେବା ପରେ ସ୍ଥାନୀୟ ସରପଞ୍ଚ, ଗ୍ରାମବାସୀ ଓ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି କଥା ଛାତ୍ରୀଛାତ୍ରମାନଙ୍କଠାରୁ ଶୁଣି ସରପଞ୍ଚ ସ୍ଥାନୀୟ ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳକୁ ଆସି କେବଳ ମଦ ବୋତଲ ଜବତ କରିଥିଲା। ହେଲା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଶିକ୍ଷକମାନଙ୍କ ଅବହେଳା ଯୋଗୁ ଛାତ୍ରୀଛାତ୍ରମାନଙ୍କୁ ପ୍ରତିଦିନ ନିମ୍ନମାନର ଭାତଡାଲି ଦିଆଯାଉଥିବା ଅଭିଯୋଗ ହେଉଥିଲା। ନିମ୍ନମାନର ଖାଦ୍ୟ ତଦନ୍ତ କରିବାକୁ ଯାଇ ଏହି ସବୁ ତଥ୍ୟର ପର୍ଦ୍ଦାଫାଶ ହୋଇଛି। ଏମାନଙ୍କୁ କେବଳ ନିଲମ୍ବିତ କରାଯାଇଛି। ତାଙ୍କ କର୍ମ ଅନୁସାରେ ଜେଲଦଣ୍ଡ ହେବା କଥା ବୋଲି ସରପଞ୍ଚ ଦଣ୍ଡସେନା ଦାବି କରିଛନ୍ତି।

## ସଂକ୍ଷେପରେ

### ୧୨ହଜାର ଗଞ୍ଜେଇ ଗଛ ନଷ୍ଟ କଲା ପୋଲିସ

ଘଣ୍ଟାପଡ଼ା,୧୮।୧୨(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା ଆରକ୍ଷୀ ଅଧିକ୍ଷକ ରାଜପ୍ରସାଦଙ୍କ ନିର୍ଦ୍ଦେଶରେ ଘଣ୍ଟାପଡା ଥାନା ପକ୍ଷରୁ ଲଣ୍ଡନପଡା ଜଙ୍ଗଲରେ ଚଢ଼ାଉ କରାଯାଇ ୧୦ଏକର ପରିମିତ ଜାଗାରେ ବେଆଇନ ଭାବେ ଲଗାଯାଇଥିବା ପ୍ରାୟ ୧୨ ହଜାର ଗଞ୍ଜେଇ ଗଛ କାଟିବା ସହ ପୋଡି ନଷ୍ଟ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ଦେଢ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଉକ୍ତ ଜଙ୍ଗଲରେ ଗଞ୍ଜେଇ ରୋପଣ ହୋଇଥିବା ନେଇ ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲା। ଚଢ଼ାଉରେ ଥାନାଧିକାରୀ ବଳଭଦ୍ର ଗଣ୍ଡାଙ୍କ ସମେତ ଏସଆଇ ବିଶ୍ୱାମିତ୍ର ଲୋଇ, କନଷ୍ଟେବଲ ଦାମୋଦର ନାୟକ, ହୋମଗାର୍ଡ ଜଳେଶ୍ୱର କୁମ୍ଭାର, ଗିରିଶ ଚନ୍ଦ୍ର କହଁର, ଶିରିଧାରୀ ମାଝି, ୨ ସେକସନ ଯବାନ ଓ ଶ୍ରମିକ ସାମିଲ ଥିଲେ । ଆଗାମୀ ଦିନରେ ଗ୍ରୀନ ସୁଇପ ଅଭିଯାନକୁ ସୁଦୃଢ଼ କରି ଅଞ୍ଚଳରୁ ସମସ୍ତ ବେଆଇନ ଗଞ୍ଜେଇ ଗଛ ନଷ୍ଟ କରାଯିବା ନେଇ ଦୃଢୋକ୍ତି ପ୍ରକାଶ କରିଛନ୍ତି ଥାନାଧିକାରୀ ଗଣ୍ଡା।

### ୭ରୁ ସୁଜନ ନାଗ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ

ସୋନପୁର,୧୮।୧୨(ମୃତ୍ୟୁଞ୍ଜୟ ଶତପଥୀ)

ଜାନୁୟାରୀ ୭ ତାରିଖରୁ ସୁଜନ ନାଗ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏହା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ସୋନପୁର ସୁଜନ ନାଗ ଫୁଟବଲ ଏକାଡେମୀ ପକ୍ଷରୁ ସ୍ଥାନୀୟ ରୟାଲ ପଡିଆରେ ଏହା ଆୟୋଜିତ ହେବ। ୭ ତାରିଖରେ ୮ଟି ଦଳକୁ ନେଇ ପ୍ରଥମ କାଏଁରୁ ମୁଣ୍ଡା ମେମୋରିଆଲ ରାଜ୍ୟସ୍ତରୀୟ ଭେଟେରାନ ଏକ ଦ୍ୱିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ୪୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ଫୁଟବଲ ଖେଳାଳି ଅଂଶଗ୍ରହଣ କରିବେ। ସେହିପରି ୮ ତାରିଖରେ ୧୧ତମ ସୁଜନ ନାଗ ମେମୋରିଆଲ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହେବ। ୧୪ ତାରିଖ ରବିବାର ଅପରାହ୍ନରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଚାମ୍ପିୟନ ଦଳକୁ ନରେଶ ନାଗ ମେମୋରିଆଲ ଟ୍ରଫି ପ୍ରଦାନ କରାଯିବ ବୋଲି ଆୟୋଜକ କମିଟିର ସଭାପତି ରାକେଶ ନାଗ, ସମ୍ପାଦକ ଶ୍ରୀରାମ ଚରଣ ସୁନା, କୋଷାଧ୍ୟକ୍ଷ ଜନ୍ମେଜୟ ନାଗ ଓ ସହସମ୍ପାଦକ ସୁରଜ ବାଗ ଜଣାଇଛନ୍ତି।

### ଡାଟା ଏଣ୍ଟ୍ରି ଅପରେଟର ପରିବର୍ତ୍ତନ ପାଇଁ ଦାବିପତ୍ର

ବାଉଁଶୁଣୀ,୧୮।୧୨(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ସେବା ସମବାୟ ସମିତିର ଚାଷୀ ଓ ସଦସ୍ୟମାନେ ସମିତିର ଡାଟା ଏଣ୍ଟ୍ରି ଅପରେଟର ପରିବର୍ତ୍ତନ ପାଇଁ ଏକ ଦାବିପତ୍ର ସହକାରୀ ନିବନ୍ଧକ ହାଡିବନ୍ଧୁ ମହାକୁଡଙ୍କୁ ପ୍ରଦାନ କରିଛନ୍ତି। ଏକ ସପ୍ତାହ ମଧ୍ୟରେ ସେମାନଙ୍କ ଦାବି ପୂରଣ ନ ହେଲେ ସମିତି ଆଗରେ ତାଲା ପକାଇ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

### ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର

କଣ୍ଟାମାଳ,୧୮।୧୨(ଆଦିତ୍ୟେଶ୍ୱର ମିଶ୍ର)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ସମ୍ମିଳନୀ କକ୍ଷରେ ବୌଦ୍ଧ ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ, ଉପଜିଲାପାଳ ରବୀନ୍ଦ୍ରନାଥ କହଁର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, କଣ୍ଟାମାଳ ବିଡ଼ିଓ ସାମୀ ଜୟଶ୍ରୀ ରେଣ୍ଟୀ, କଣ୍ଟାମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀ, ଥାନା ଅଧିକାରୀ ଗୋପୀନାଥ ପ୍ରଧାନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ପୂଜାହାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର୍, ଜିଲା ଶ୍ରମ ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ ସନୋଜ ସେଠୀ, କଣ୍ଟାମାଳ ଶିଶୁ ବିକାଶ ଅଧିକାରୀ ଜ୍ୟୋସ୍ନାରାଣୀ ପାଢ଼ୀଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦାନ କରି ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ଏହି ଶିବିରରେ ସମୁଦାୟ ୯୧ଟି ମାମଲା ପଞ୍ଜୀକୃତ ହୋଇଥିବା ବେଳେ ୮୩ ବ୍ୟକ୍ତିଗତ ଓ ୮ ସାମୁହିକ ମାମଲା ପଞ୍ଜୀକୃତ ହୋଇଥିଲା। ଏହି ଅବସରରେ ଜଣକୁ ଟ୍ରାଇ ସାଇକେଲ ଓ ୮ ଜଣକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା

# ଉଦ୍‌ଘାଟନ ଅପେକ୍ଷାରେ ସୁବର୍ଣ୍ଣପୁର ରେଳ ଷ୍ଟେଶନ

ସୋନପୁର,୧୮।୧୨(ମୃତ୍ୟୁଞ୍ଜୟ ଶତପଥୀ)

ବଲାଙ୍ଗୀର ପଟ୍ଟୁ ସୁବର୍ଣ୍ଣପୁର ଜିଲା ସଦର ମହକୁମା ପର୍ଯ୍ୟନ୍ତ ରେଳପଥ ଓ ରେଳ ଷ୍ଟେଶନ ନିର୍ମାଣ କାର୍ଯ୍ୟ ପ୍ରାୟତଃ ସରି ଆସିଲାଣି। ସୁବର୍ଣ୍ଣପୁର ରେଳ ଷ୍ଟେଶନର ଟ୍ରାକ୍, ବିଦ୍ୟୁତ୍, ସିଗ୍ନାଲ, ଷ୍ଟେଶନ୍ ବିଲଡିଂ, ଯାତ୍ରୀ ପ୍ରତୀକ୍ଷା କକ୍ଷ, ପ୍ଲାଟଫର୍ମ ଆଲୋକ ଓ ଶୌଚାଳୟ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରେଳଯାତ୍ରୀଙ୍କ ସୁବିଧା ପାଇଁ ଷ୍ଟେଶନ ପର୍ଯ୍ୟନ୍ତ ସଡକ ସଂଯୋଗ କାର୍ଯ୍ୟ ଜାରି ରହିଛି। ଆଉ ୧ ସପ୍ତାହ ଭିତରେ ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ପୂର୍ବତଟ ରେଳପଥ ଲକ୍ଷ୍ୟ ରଖିଛି। ସୋନପୁର ବ୍ଲକର ଖମ୍ବେଶ୍ୱରୀପାଲି ରେଳ ଷ୍ଟେଶନରୁ ସୁବର୍ଣ୍ଣପୁର ରେଳ ଷ୍ଟେଶନ ପର୍ଯ୍ୟନ୍ତ ରେଳପଥକୁ ଦକ୍ଷିଣ ପୂର୍ବ ସର୍କଲର ରେଳ ନିରାପତ୍ତା ଆୟୁକ୍ତ ନୀରିକ୍ଷଣ କରିବେ। ଦୁଇ ଷ୍ଟେଶନ ମଧ୍ୟରେ ସ୍ପିଡ୍ ଟ୍ରାଏଲ ପରେ ଏହି ନୂତନ ରେଳ ଲାଇନ ଓ ରେଳ ଷ୍ଟେଶନକୁ ଉଦ୍‌ଘାଟନ କରାଯିବ। ଚଳିତ ମାସ ଶେଷ ସପ୍ତାହରେ କିମ୍ବା ୨୦୨୪ ଜାନୁୟାରୀ ପ୍ରଥମ ସପ୍ତାହରେ ବଲାଙ୍ଗୀର–ସୁବର୍ଣ୍ଣପୁର ମଧ୍ୟରେ ରେଳ ଗଡିବ ବୋଲି ସୂଚନା ମିଳିଛି। ଏହି ରେଳ ଚଳାଚଳ ସୁବର୍ଣ୍ଣପୁର



ସୁବର୍ଣ୍ଣପୁର ରେଳପଥ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।

ଜିଲାବାସୀଙ୍କ ପାଇଁ ବଡ ସମ୍ଭାବନା ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

ଖୋର୍ଦ୍ଧା–ବଲାଙ୍ଗୀର ରେଳପଥର ଦୈର୍ଘ୍ୟ ୩୦୧ କିଲୋମିଟର। ସେଥିମଧ୍ୟରୁ ମୋଟ ୧୪୨.୫ କିଲୋମିଟର କାର୍ଯ୍ୟ ଏପର୍ଯ୍ୟନ୍ତ ଶେଷ ହୋଇଛି। ଖୋର୍ଦ୍ଧାରୋଡରୁ ଦଶପଲ୍ଲା ପର୍ଯ୍ୟନ୍ତ ପ୍ରାୟ ୧୦୫.୮ କିଲୋମିଟର ଏବଂ ବଲାଙ୍ଗୀର ପଟ୍ଟୁ ଖମ୍ବେଶ୍ୱରୀପାଲି ପର୍ଯ୍ୟନ୍ତ ୩୬.୬ କିଲୋମିଟର ରେଳପଥ ନିର୍ମାଣ ହୋଇଛି। ୨୦୧୯ ଜାନୁୟାରୀ ୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ବଲାଙ୍ଗୀରରୁ ବିଚ୍ଛୁପାଲି ଷ୍ଟେଶନ ପର୍ଯ୍ୟନ୍ତ ରେଳସେବାର ଶୁଭାରମ୍ଭ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ପ୍ରକଳ୍ପ ପାଇଁ ଗୁରୁତ୍ୱ ଦେଇ ଆସୁଛନ୍ତି। ତେବେ ସୁବର୍ଣ୍ଣପୁର ଜିଲା ସଦର ମହକୁମା ପର୍ଯ୍ୟନ୍ତ ଏହି ରେଳପଥ ନିର୍ମାଣ ପାଇଁ ଦୀର୍ଘ ୫ ବର୍ଷ ସମୟ ଲାଗିଲା। ଏଥିପାଇଁ ଜିଲା ପ୍ରଶାସନର ଜମି ଅଧିଗ୍ରହଣରେ ବିଳମ୍ବ ଓ ଠିକାସଂସ୍ଥାର ବିଳମ୍ବିତ କାର୍ଯ୍ୟକୁ ଦାୟୀ କରାଯାଉଛି। ୧୮୯୨ ମସିହା ଅକ୍ଟୋବର ମାସରେ ସମ୍ବଲପୁରରୁ ସୋନପୁର ଭାୟା ଦେଇ ଖୋର୍ଦ୍ଧା ରୋଡକୁ ରେଳପଥ ନିର୍ମାଣ କରିବାକୁ ପ୍ରଥମେ ସର୍ଭେ ହୋଇଥିଲା। ରେଳପଥର ଦୈର୍ଘ୍ୟ ଥିଲା ୧୧୪ ମାଇଲ।

## ଖୁବଶୀଘ୍ର ବଲାଙ୍ଗୀର-ସୁବର୍ଣ୍ଣପୁର ରେଳ ଗଡ଼ିବ

୧୯୪୫ ମସିହାରେ ପୁଣି ଥରେ ଖୋର୍ଦ୍ଧା–ବଲାଙ୍ଗୀର ରେଳ ପ୍ରକଳ୍ପର ସର୍ଭେ ହେଲା। ବ୍ୟୟ ଅଟକଳ ବଢି ୪ କୋଟି ୯୮ ଲକ୍ଷ ଟଙ୍କାରେ ପହଞ୍ଚିଲା। ମାତ୍ର ସ୍ୱାଧୀନତା ଆନ୍ଦୋଳନ ଓ ରାଜନୈତିକ ଅସ୍ଥିରତା ଯୋଗୁ ପ୍ରକଳ୍ପ କାମ ଆଗେଇ ପାରିଲାନି। ୧୯୮୪ ମସିହାରେ ପୁଣି ଥରେ ଏହି ପ୍ରକଳ୍ପ ପାଇଁ ସର୍ଭେ ହେଲା। ବ୍ୟୟ ଅଟକଳ ହେଲା ୨୦୮.୮୦ କୋଟି ଟଙ୍କା। କିନ୍ତୁ ତତ୍କାଳୀନ କେନ୍ଦ୍ର ସରକାର ଏହି ପ୍ରକଳ୍ପକୁ ଗୁରୁତ୍ୱ ଦେଲେ ନାହିଁ। ବହୁ ଦାବି ଓ ପ୍ରତିବାଦ ପରେ ୧୯୯୦ ମସିହାରେ ପୁଣି ଥରେ ଉପରୋକ୍ତ ପ୍ରକଳ୍ପ ପାଇଁ ସର୍ଭେ କରାଗଲା। କିନ୍ତୁ ପୂର୍ବ ଥର ଭଳି କାମ ହେଲାନି। ୧୯୯୩ରେ ୭୦୦ କୋଟି ଅଟକଳରେ କାମ ଧିମା ଗତିରେ ଆରମ୍ଭ ହେଲା। ଶତାଧିକ ବର୍ଷ ପୂର୍ବରୁ ଏହି ରେଳପଥର ପରିକଳ୍ପନା କରାଯାଇଥିଲା ବେଳେ କେନ୍ଦ୍ର ସରକାରଙ୍କ ନିରନ୍ତର ଅବହେଳା ପାଇଁ ଅଞ୍ଚଳବାସୀଙ୍କ ଏହି ଶତାୟୁ ସ୍ୱପ୍ନ ଏବେ ବି ଅପୂରଣୀୟ ହୋଇ ରହିଛି।

# ସଚେତନ ହେଲେ ଅନ୍ଧବିଶ୍ୱାସ ଦୂରହେବ



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ।

ଅମରପାଲି,୧୮।୧୨(ପୀତାମ୍ବର ସାହୁ)

## ଅନ୍ଧ ବିଶ୍ୱାସ ଓ କୁସଂସ୍କାର ସମ୍ପର୍କରେ ଆଲୋଚନାଚକ୍ର

ପ୍ରାଚୀନ କାଳରୁ ଆମ ଦେଶରେ ଦେବା ଦେବୀଙ୍କୁ ବଳୀ ଅର୍ପଣ କରାଯାଉଛି। ଆଦିବାସୀ ବହୁଳ ଅଞ୍ଚଳରେ ନବଜାତକମାନଙ୍କୁ ଚେଙ୍କ ଦିଆଯାଉଛି। ଅନ୍ଧ ବିଶ୍ୱାସ ଓ କୁସଂସ୍କାର ଦୂର କରିବାକୁ ହେଲେ କଠୋର ଆଇନ ପ୍ରଣୟନ ସହିତ ସାମାଜିକ ସଚେତନତାର ଆବଶ୍ୟକତା ରହିଛି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନ୍ଧବିଶ୍ୱାସ ଓ କୁସଂସ୍କାର ସମ୍ପର୍କରେ ଆୟୋଜିତ ଆଲୋଚନାଚକ୍ରରେ ନିମନ୍ତ୍ରିତ ଅତିଥିମାନେ ଉପରୋକ୍ତ ମତ ରଖିଥିଲେ।

ନୂଆ ଓଡ଼ିଶା, ଯୁବ ଓଡ଼ିଶା ନବୀନ ଓଡ଼ିଶାର ଆର୍ଥିକ ସହଯୋଗରେ ଆୟୋଜିତ ଆଲୋଚନାଚକ୍ରରେ ଡ. ହିମାଂଶୁ ଶେଖର ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ବିଶିଷ୍ଟ ଶିକ୍ଷାବିତ ଭୂଷଣ ପାତ୍ର ମୁଖ୍ୟ ଅତିଥି, ସ୍ଥାନୀୟ ବାଳକ ହାଇସ୍କୁଲ ପ୍ରଧାନଶିକ୍ଷକ ନିରଞ୍ଜନ ଦାସ ସମ୍ମାନୀତ ଅତିଥି ଓ ଜଡଁରାଉଡଁରା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରାଧେଶ୍ୟାମ ପୁରୋହିତ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ଅଧ୍ୟକ୍ଷ ସୁଦାମ ଚରଣ ସାହୁ, ଅଧ୍ୟାପକ ନରେନ୍ଦ୍ର ଝା ମଞ୍ଚାସୀନ ହୋଇ ଉକ୍ତ ବିଷୟରେ ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ଡ. ଶିଶିର ବଣିଆ ସଭା ସଂଯୋଜନା କରିଥିବା ବେଳେ ଡ.ପାଢ଼ୀ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପକ ଡ.ନରେନ୍ଦ୍ର ଝା ଧନ୍ୟବାଦ ଅର୍ପଣ କରିଥିଲେ।

# ନିଖିଳ ଉତ୍କଳ ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘର ବାର୍ଷିକ ବୈଠକ



ବୈଠକରେ ସଂଘର କର୍ମକର୍ତ୍ତା ।

ବୌଦ୍ଧ,୧୮।୧୨(ଅଜିତ କୁମାର ବାରିକ)

ନିଖିଳ ଉତ୍କଳ ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘ ବୌଦ୍ଧ ଜିଲା ଶାଖାର ବାର୍ଷିକ ବୈଠକ ଜିଲା ସଭାପତି ରାଜ କିଶୋର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଂଘର ପୂର୍ବତନ ସଂପାଦକ ଅଭୟ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବରେ ଖୋର୍ଦ୍ଧା ଜିଲାର ତ୍ରିନାଥ ସେଠୀ, ସୁବର୍ଣ୍ଣପୁର ଜିଲାର ସଭାପତି ଜଗଦୀଶ ପରୁଆ, ସଂପାଦକ ଜୟଦେବ ପାଟ୍ଟଶାଣୀ, ପୁରୀ ଜିଲାର କାହ୍ନୁ ଚରଣ ଦାଶ ଓ ସୁବାଷ ଦାଶ ଯୋଗ ଦେଇଥିଲେ। ଜିଲା ସଂପାଦକ ସୁକାନ୍ତ ରାଜହଂସ ବୈଠକର ଆଭିମୁଖ୍ୟ ସଂପର୍କରେ ସୂଚନା ଦେଇଥିଲେ। ବୈଠକରେ ୭ଟି ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ସମସ୍ତ ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀଙ୍କ ସର୍ବନିମ୍ନ ଗ୍ରେଡ ପେ ୧୮ ହଜାର କରିବା ପାଇଁ ସଂଘ ମାଧ୍ୟମରେ ସରକାରଙ୍କୁ ଜଣାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପ୍ରତ୍ୟେକ ବର୍ଷ ଡିସେମ୍ବର ମାସ ସୁଦ୍ଧା ଯୋଗ୍ୟତା ଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କୁ ତୃତୀୟ ଶ୍ରେଣୀକୁ ପଦୋନ୍ନତି ପାଇଁ ସଂଘ ମାଧ୍ୟମରେ ଜିଲାପାଳଙ୍କୁ ଅନୁରୋଧ କରାଯାଇଥିଲା। ଜିଲାର ଚିକିତ୍ସା ବିଭାଗରେ କାର୍ଯ୍ୟ କରୁଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ମାସକୁ ପାଞ୍ଚ ଦିନ ଛୁଟି ପରିବର୍ତ୍ତେ ସାତ ଦିନ ସରକାରୀ ଛୁଟି ପ୍ରଦାନ କରିବା ପାଇଁ ଜିଲା ଚିକିତ୍ସାଧିକାରୀଙ୍କୁ ଅନୁରୋଧ କରାଯାଇଥିଲା। ଜିଲାର ସମସ୍ତ ବିଭାଗରେ ଖାଲି ପଡିଥିବା ଚତୁର୍ଥ ଶ୍ରେଣୀ ସରକାରୀ ପଦବୀଗୁଡିକୁ ପୂରଣ କରିବା ପାଇଁ ଜିଲାପାଳଙ୍କୁ ଜଣାଇବା ଲାଗି ନିଷ୍ପତ୍ତି ନିଆଯିବା ନେଇ ଆଲୋଚନା ହୋଇଥିଲା। ବୈଠକରେ ଜିଲାର କାର୍ଯ୍ୟରତ ସମସ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀ ସାମିଲ ଥିଲେ।

## ତମାଖୁ ନିୟନ୍ତ୍ରଣ ସଚେତନତା ଶିବିର

ତଳଗାଁ,୧୮।୧୨(କୁନା ବେହେରା)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ସଭାଗୃହଠାରେ ସୋମବାର ଦିନ ତମାଖୁ ନିୟନ୍ତ୍ରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ବିଡ଼ିଓ ସ୍ୱପ୍ନିତା ନାଏକ, ଉପାଧ୍ୟକ୍ଷ ସରୋଜ ପ୍ରଧାନ, ବିପିଏମ ଅରୁଣ ପାଢ଼ୀ, ଅତିରିକ୍ତ ବିଡ଼ିଓ ସୁବାସ ଜାନ,ବ୍ଲକର ୨୨ଗୋଟି ପଞ୍ଚାୟତର ଜନ ପ୍ରତିନିଧି ଓ କର୍ମଚାରୀ ଉପସ୍ଥିତ ଥିଲେ। ତମାଖୁ ମୁକ୍ତ ପଞ୍ଚାୟତ ଗଠନ, ତମାଖୁ ମୁକ୍ତ ଗ୍ରାମ୍ୟ ଗଠନ ଓ କମିଟି ଗଠନ ସାଙ୍ଗକୁ ବ୍ଲକର ପ୍ରତି ଗ୍ରାମରେ ଯେପରି ସଚେତନତା ବାର୍ତ୍ତା ପହଞ୍ଚି ଜନସାଧାରଣ ସଚେତନ ରହିବେ ସେନେଇ ବିଶେଷ ଭାବେ ଆଲୋଚନା ହୋଇଥିଲା। ସେହିପରି ଗାଁ କଲ୍ୟାଣ ସମିତି ସଭ୍ୟା ସଭ୍ୟ, ମିଶନ ଶକ୍ତି ଚାରିଛକ, ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ସଚେତନତା ଶିବିର ହୋଇଥିବା ଜଣାପଡିଛି। ସମସ୍ତ କାର୍ଯ୍ୟକ୍ରମରେ ଶ୍ରୀମନ୍ତ ରଞ୍ଜନ ସ୍ୱାଇଁ, ଟ୍ରେନର ମମତା ରାଣୀ ଦାସ, ଅଶୋକ ମିଶ୍ର ପରାମର୍ଶଦାତା ତମାଖୁ ନିୟନ୍ତ୍ରଣ ବୌଦ୍ଧ, ଉପସ୍ଥିତ ଥିଲେ।

# ଆଗେଇ ପାରୁନି ଆପ୍ରୋଚ ରାସ୍ତା ନିର୍ମାଣ କାମ

ଘଣ୍ଟାପଡ଼ା,୧୮।୧୨(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ତେଲ ନଦୀ ଉପରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଦ୍ୱାରା ନିର୍ମାଣଧୀନ ସେତୁର ଉଭୟ ପାର୍ଶ୍ୱର ଆପ୍ରୋଚ ରାସ୍ତା ନିର୍ମାଣ କାର୍ଯ୍ୟ ଧିମେଇ ଯାଇଛି। ଫଳରେ ଗମନାଗମନରେ ଅସୁବିଧା ହେଉଛି। ଏନେଇ ଜନ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଆପ୍ରୋଚ ରାସ୍ତା ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସୋମବାର ଘଣ୍ଟାପଡାର ଜମିଦାର ବସନ୍ତ ବାଝି, ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ଦେହୁରୀ, ସମିତି ସଭ୍ୟା ପ୍ରତିନିଧି ଅନନ୍ତ ମାଝି ପ୍ରମୁଖ ବିଭାଗୀୟ ଏସଡିଓ ବିଦ୍ୟାଧର



ମହାନ୍ତିଙ୍କୁ ଭେଟି ତାଙ୍କ ନିକଟରେ ଏନେଇ ଅଭିଯୋଗ କରିଥିଲେ। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳାରେ ୨୫ ପ୍ରକଳ୍ପ



ଛାତ୍ରୀମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

ଅମରପାଲି,୧୮।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ରାଣୀପୁର ନିକଟସ୍ଥ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ସୋମବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସମ୍ପାଦକ ମନୋରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉତ୍ଫୁଲା ମାହେଶ୍ୱରୀ ବିଦ୍ୟାପୀଠ ସଭାପତି ପ୍ରମୋଦ କ୍ଷେତୀ ମୁଖ୍ୟ ଅତିଥି ଓ ସିଆରସିସି ଉମାଶଙ୍କର ପୂଜାରୀ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। କନିଷ୍ଠ ବିଭାଗରେ ସ୍ୱିଟି ପଧାନ, ପ୍ରଦ୍ୟୁମ୍ନ ମିଶ୍ର, ହିତେଶ କର୍ମୀ, ଆଦର୍ଶ ଅଗ୍ରୱାଲ, ସୋହନ ପଧାନ ଓ ବରିଷ୍ଠ ବିଭାଗରେ ଖୁସିରାଣୀ ମେହେର, ବର୍ଷା ରାଜହଂସ, ବିଶ୍ୱରଞ୍ଜନ ଷାଣ୍ଡଙ୍କ ପ୍ରକଳ୍ପ ଗୁଡିକ ଚୟନ ହୋଇଥିଲା। ଏଥିରେ ୨୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲଶ।

# ଗଡ଼ଜାତ ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଚତୁର୍ଥ ସନ୍ଧ୍ୟା

ବୌଦ୍ଧ,୧୮।୧୨(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବୀରନରସିଂହପୁରଠାରେ ଚାଲିଥିବା ସପ୍ତମ ଗଡଜାତ ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ସୋମବାର ଥିଲା ଚତୁର୍ଥ ସନ୍ଧ୍ୟା । ଗଡଜାତ ଲୋକ ମହୋତ୍ସବ କମିଟିର ଅଧ୍ୟକ୍ଷ ତଥା ଜିଲା ପରିଷଦ ସଦସ୍ୟ ବିଶ୍ୱଜିତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁରୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ସରୋଜ କୁମାର ପ୍ରଧାନ, ଏଆରସିଏସ ହାଡିବନ୍ଧୁ ମହାକୁଡ ଯୋଗ



ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଯୋଗ ଦେଇଥିବା ଅତିଥି ।

ଦେଇଥିଲେ। ଗଡଜାତ ମହୋତ୍ସବ ଦ୍ୱାରା ଜିଲାର କଳା, ସଂସ୍କୃତିର ପ୍ରଚାର ଓ ପ୍ରସାର ହୋଇପାରୁଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଚଳିତବର୍ଷ ମହୋତ୍ସବକୁ ଆକର୍ଷଣୀୟ କରିବାକୁ ପଲ୍ଲିଶ୍ରୀ ମେଳା, ମୀନାବଜାର ସହ ଖାଦ୍ୟଷ୍ଟଲ ଖୋଲାଯାଇଛି। ମଞ୍ଚକୁ ବିଜୟ କୁମାର ସାହୁ ପରିଚାଳନା କରିଥିବା ବେଳେ ଦୁଃଖୀଶ୍ୟାମ ଗାଇଗୌରିଆ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି

## ୫୨ ଜଣ କବିଙ୍କୁ ସମ୍ବର୍ଦ୍ଧନା

ମହୋତ୍ସବରେ ୫୨ ଜଣ କବିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶୀତୁଆ ରାତିରେ ଦର୍ଶକ ବିଳମ୍ବିତ ରାତି ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଦେବାଶିଷ ମହାକୁଡ, ପୂର୍ଣ୍ଣ ଗାଇଗୌରିଆ, ନରେନ୍ଦ୍ର ସାହୁ, ଲିଙ୍ଗରାଜ ମହାକୁଡ, ସୁଶାନ୍ତ ପାତ୍ର, ଜ୍ୟୋତି ଗାଇଗୌରିଆ, ରାକେଶ ମହାକୁଡ,ବିଜୟ କୁମାର ସାହୁ, ବିଘ୍ନରାଜ, ରାଜେଶ, ସୁଜ୍ଞାନ, ପୁରନ୍ଦର ଠେଲା ଓ ଦେବେନ୍ଦ୍ର ସାହୁ ପରିଚାଳନା କରିଥିଲେ।

# ସିଦ୍ଧାର୍ଥ ଜୁନିୟର କଲେଜରେ ନୂଆ-ଓ କାର୍ଯ୍ୟକ୍ରମ

ବିନିକା, ୧୮।୧୨(ରାମ ଗୋପାଳବାଘ )

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଜୁନିୟର କଲେଜରେ ନୂଆ–ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅଧକ୍ଷା ରେଖା ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଶ୍ରୀରାମ କଲେଜ ପରିଚାଳନା କମିଟି ସଭାପତି ରମେଶ ପୂଜାରୀ ଯୋଗଦେଇଥିଲେ। ସାମ୍ମାନୀତ ଅତିଥିଭାବେ ଅଧ୍ୟାପକ ସପ୍ତସାଗର ପଧାନ, ବିଜୟ କୁମାର ସାହୁ, ଝସକେତନ ମେହେର, ଗରିବ ସାଲମା ଯୋଗଦେଇ ଯୁବ ଓଡ଼ିଶା କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ଏହି ପରିପେକ୍ଷୀରେ ଯୁକ୍ତ ୨ ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷ ଛାତ୍ରଙ୍କ ମଧ୍ୟରେ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ପୂଜାରୀ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମେ ବ୍ୟାଟିଂ କରି ଦ୍ୱିତୀୟ ବର୍ଷ ଛାତ୍ର ୧୫ ଓଭରରେ ୬ ଉଇକେଟ ହରାଇ ୯୭ ରନ କରିଥିଲେ। ଜବାବରେ ପ୍ରଥମ ବର୍ଷ ଛାତ୍ର ୧୩ ଓଭରରେ ୯୧ରନ କରି ଅଲଆଉଟ ହୋଇ ଯାଇଥିଲେ। ରାହୁଲ ବାରିକ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ପାଚିକା ସଂଘର ବିକ୍ଷୋଭ

ବୌଦ୍ଧ,୧୮।୧୨(ଅଜିତ କୁମାର ବାରିକ)

ଓଡିଶା ମିଳିତ ବିଦ୍ୟାଳୟ ପାଚିକା–ସହାୟିକା ସଂଘ ପକ୍ଷରୁ ୧୦ ଦଫା ଦାବି ନେଇ ସୋମବାର ଦିନ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହିତ ଜିଲା ଶିକ୍ଷାଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଦାବିପତ୍ରରେ ମଧ୍ୟାହ୍ନ ଭୋଜନ ପାଚିକା–ସହାୟିକାମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ, ମାସକୁ ସର୍ବନିମ୍ନ ୨୬ ହଜାର ଟଙ୍କା ଦରମା ପ୍ରଦାନ, ବର୍ଷକୁ ୧୨ ମାସରେ ନିୟମିତ ଦରମା ଦେବା ସହିତ ବକେୟା ପାରିଶ୍ରମିକ ପ୍ରଦାନ, ଛଟେଇ ପାଚିକାଙ୍କୁ ପୁନଃ ନିଯୁକ୍ତି, ପାଚିକା ସହାୟିକାମାନଙ୍କୁ ମଧ୍ୟାହ୍ନ ଭୋଜନ ରନ୍ଧନ ଏବଂ ବଣ୍ଟନ କାର୍ଯ୍ୟ ବ୍ୟତୀତ ଅନ୍ୟ କାର୍ଯ୍ୟ କରାଇବା ବନ୍ଦ କରିବା, ଅବସରକାଳୀନ




ବିକ୍ଷୋଭରେ ସାମିଲ ପାଚିକା ଓ ସହାୟିକା।

## ସର୍ବନିମ୍ନ ଦରମା ୨୬ ହଜାର ଟଙ୍କା ପ୍ରଦାନ ଦାବି

ପେନସନ ପ୍ରଦାନ, ପିଏଫ ଓ ବୀମା ସୁବିଧା, ପାଚିକା–ସହାୟିକାମାନଙ୍କ ଉପରେ ଜୁଲୁମ ଓ ଆକ୍ରୋଶମୂଳକ ଛଟେଇ ବନ୍ଦ କରାଯାଉ, ବିଦ୍ୟାଳୟ ବନ୍ଦ ଓ ମିଶ୍ରଣ ଯୋଗୁ ଛଟେଇ ହେଉଥିବା ପାଚିକା– ସହାୟିକାଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦିଆଯିବା, ପ୍ରତି ୨୫ ଜଣ ଛାତ୍ରୀଛାତ୍ରରେ ଜଣେ ପାଚିକା ନିଯୁକ୍ତି କରାଯିବା, ବକେୟା ପ୍ରାପ୍ୟ ପ୍ରଦାନରେ ବାଦ ପଡିଥିବା ପାଚିକା–ସହାୟିକାମାନଙ୍କୁ ତୁରନ୍ତ ଚିହ୍ନଟ କରାଯାଇ ସମସ୍ତ ବକେୟା ପ୍ରଦାନ କରାଯିବାକୁ ଦାବି କରାଯାଇଛି। ବିକ୍ଷୋଭରେ ଜିଲାର ସମସ୍ତ ପାଚିକା ସହାୟିକାମାନେ ସାମିଲ ଥିଲେ ।

## ସଂକ୍ଷେପରେ

### ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

କୁଆଁରମୁଣ୍ଡା,୧୮।୧୨(ମହେନ୍ଦ୍ର କୁମାର ସାହୁ): କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ସିଟି ସ୍କୁଲ ରୋଡରେ ଥିବା ଏକ ଘରୁ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତା ଯୁବତୀ ହେଲେ ଦିପ୍ତୀମୟୀ ଦାସ(୨୨)। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି।

### ବାଇକ୍‌ରୁ ଖସି ମହିଳା ମୃତ

ହେମଗିର,୧୮।୧୨(ଚୈତନ୍ୟ ପଟେଲ): ହେମଗିର ଥାନା ବିଜାହାଣ୍ଡି ରାସ୍ତାରେ ବାଇକ୍‌ରୁ ଖସି ସୋମବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସମରପିଣ୍ଡା ଗ୍ରାମର ଗୀତାଞ୍ଜଳି ସା(୪୬)। ପୋଲିସ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ କେସ୍ ନଂ ୩୮/୨୩ରେ ଏକ ମାମଲା ରୁଜୁ କରିଛି।

# ଆଦର୍ଶ ବିଦ୍ୟାଳୟ, ସରକାରୀ ହାଇସ୍କୁଲର ବଦଳୁଛି ରୂପରେଖ

## ଓମ୍ୱାଡସି ସହାୟତାରେ ପୂରଣ ହୋଇଛି ଛାତ୍ରୀଛାତ୍ରଙ୍କ ସ୍ୱପ୍ନ

ସୁନ୍ଦରଗଡ଼,୧୮।୧୨(ଜୟ ନାରାୟଣ ମେଣ୍ଡୁଲି)

ସ୍କୁଲ ସ୍ତରରୁ ଛାତ୍ରୀଛାତ୍ରଙ୍କ କ୍ୟାରିୟର ସ୍ୱପ୍ନକୁ ପୂରଣ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରାଯାଉଛି। ଏହି କ୍ରମରେ ଖଣି ପ୍ରଭାବିତ ସୁନ୍ଦରଗଡ଼ ଜିଲାରେ ବିଭିନ୍ନ ସରକାରୀ ହାଇସ୍କୁଲ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ନୂଆ ରୂପ ଦିଆଯାଉଛି। ଏଥିପାଇଁ ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ (ଓମ୍ୱାଡସି) ପାଣ୍ଠିରୁ ଆର୍ଥିକ ସହାୟତା ଦିଆଯାଉଛି। ରାଜ୍ୟ ସରକାରଙ୍କ ୫-ଟି ଅଭିଯାନ ଅଧୀନରେ ଚାଲିଥିବା ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମରେ ଜିଲାର ସରକାରୀ ହାଇସ୍କୁଲଗୁଡ଼ିକର ରୂପରେଖ ବଦଳିଛି। ଓମ୍ୱାଡସି ସହାୟତାରେ ୩୪୭ଟି ହାଇସ୍କୁଲରେ ସ୍ମାର୍ଟ କ୍ଲାସରୁମ୍, ଆଧୁନିକ ବିଜ୍ଞାନାଗାର, ଆଇସିଟି ଲ୍ୟାବ୍ ଏବଂ ଇ-ଲାଇବ୍ରେରି ଆଦି ବ୍ୟବସ୍ଥା କରାଯାଇଛି। ସ୍କୁଲରେ ଶିକ୍ଷକମାନେ ସ୍ମାର୍ଟ ବୋର୍ଡ ସାହାଯ୍ୟରେ ପାଠ ପଢ଼ାଉଛନ୍ତି। ଫଳରେ ପାଠ ବୁଝିବା ଅଧିକ ସହଜ ହେଉଛି। ଯେଉଁ ବିଷୟ ଆମେ କେବଳ ବହିରେ ପଢୁଥିଲୁ ଏବଂ ଚିତ୍ର ଦେଖୁଥିଲୁ ତାହାକୁ ଏବେ ବିଜ୍ଞାନାଗାରରେ ନିଜ ହାତରେ ପ୍ରୟୋଗ କରିପାରୁଛୁ। ଏହା ଦ୍ୱାରା ବିଜ୍ଞାନ ସମ୍ପର୍କରେ ଆମେ ଅଧିକ ଜ୍ଞାନ ପାଇପାରୁଛୁ ବୋଲି କହିଛନ୍ତି କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପୂଜା ବରୁଆ। ଓମ୍ୱାଡସି ସହାୟତାରେ ସରକାରୀ ହାଇସ୍କୁଲରେ ଖେଳ ପଡ଼ିଆର ବିକାଶ ଓ କ୍ରୀଡ଼ା ଉପକରଣ ବ୍ୟବସ୍ଥା କରାଯାଉଛି। ଏହା ଦ୍ୱାରା ଛାତ୍ରୀଛାତ୍ରମାନେ ନିଜ ଭିତରେ ଥିବା କ୍ରୀଡ଼ା ପ୍ରତିଭା ଦେଖାଇବାର ସୁଯୋଗ ପାଉଛନ୍ତି। ଓମ୍ୱାଡସି ସହଯୋଗରେ ରାଜ୍ୟର ୭ଟି ଖଣି ପ୍ରଭାବିତ ଜିଲାର ୧୬ ଶହରୁ ଅଧିକ ସରକାରୀ ହାଇସ୍କୁଲ ଏହି ରୂପାନ୍ତରଣ ପ୍ରକ୍ରିୟାରେ ଯୋଡ଼ି ହୋଇଛି। ଗ୍ରାମାଞ୍ଚଳର ପିଲାଙ୍କୁ ଇଂଲିସ ମିଡିୟମ ସ୍କୁଲ ଢାଞ୍ଚାରେ ଉନ୍ନତ ମାନର ଶିକ୍ଷା ଦେବା ପାଇଁ ପ୍ରତି ବ୍ଲକରେ ପ୍ରତିଷ୍ଠା କରାଯାଉଛି ଓଡ଼ିଶା ଆଦର୍ଶ ବିଦ୍ୟାଳୟ। ସୁନ୍ଦରଗଡ଼ ଜଲାର ସମସ୍ତ ୧୭ଟି ବ୍ଲକରେ ସ୍ଥାପିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ଲାଗି ଓମ୍ୱାଡସି ଆର୍ଥିକ ସହାୟତା ଦେଉଛି। ଘରୋଇ ସ୍କୁଲଠାରୁ ଆମ ସ୍କୁଲ କୌଣସି ଗୁଣରେ କମ୍ ନୁହେଁ। ଏଠାରେ ଛାତ୍ରୀଛାତ୍ରଙ୍କ ପାଇଁ ବିଭିନ୍ନ ଆଧୁନିକ ବ୍ୟବସ୍ଥା ରହିଛି ବୋଲି କହିଛନ୍ତି ସିମଡେଗାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ଆଶିଷ କୁମାର ନାୟକ। ଓମ୍ୱାଡସି ସହାୟତାରେ ଜିଲାରେ ଶିକ୍ଷା କ୍ଷେତ୍ରର ସାମଗ୍ରିକ ବିକାଶ ପାଇଁ ଯେଉଁ କାର୍ଯ୍ୟକ୍ରମ କରାଯାଉଛି ତାହା ସ୍ୱାଗତ ଯୋଗ୍ୟ। ଏଭଳି ପଦକ୍ଷେପ ଯୋଗୁ ଛାତ୍ରୀଛାତ୍ରଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ହୋଇପାରୁଛି। ଫଳରେ ସେମାନେ ଆଗାମୀ ଦିନରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇପାରିବେ ବୋଲି କହିଛନ୍ତି ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋଜ ମହାଜନ।



ଜଣେ ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ତାଲିମ ଦେଉଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ସଚିନ


@ ସୌରଭ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଯୁଗ୍ମ ଜନଶୁଣାଣିରେ ୪୯ ଅଭିଯୋଗ ଆଗତ

ଟେନ୍‌ସା,୧୮।୧୨(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ କୋଇଡା ବ୍ଲକ ସଭା ଗୃହଠାରେ ଜିଲାପାଳ ଡ. ଗଭାଲି ପରାଗ ହର୍ଷଦ ଜନ ସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଯୁଗ୍ମ ଜନଶୁଣାଣୀ କରିଛନ୍ତି। ଏଥିରେ ମୋଟ ୪୯ଟି ଅଭିଯୋଗ ଆଗତ ହୋଇଥିଲା। ସେଥି ମଧ୍ୟରୁ ୨୭ ବ୍ୟକ୍ତିଗତ ଏବଂ ୨୨ଟି ସାମୂହିକ ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ଅସଙ୍ଗତ ଦରମା, ବଦଳି ଓ ଆବାସ ଗୃହ ଇତ୍ୟାଦି ରହିଥିବା ବେଳେ ସାମୂହିକ ଭାବେ ରାସ୍ତା, ବିଜୁଳି ଓ ପାନୀୟ ଜଳ ପ୍ରଭୃତି ଅଭିଯୋଗ ରହିଥିଲା। ଏହି ଯୁଗ୍ମ ଜନଶୁଣାଣୀ କାର୍ଯ୍ୟକ୍ରମରେ ରାଉରକେଲା ଆରକ୍ଷୀ ଅଧୀକ୍ଷକ ମିତ୍ରଭାନୁ ମହାପାତ୍ର, ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର, ଉପଜିଲାପାଳ ସୁରଞ୍ଜନ ସାହୁ, ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝି, ଜିଲା ପରିଷଦ ଅଧ୍ୟକ୍ଷ କମଳ ଲାକ୍ରା, କୋଇଡା ବିଡିଓ ରଶ୍ମି ରେଖା ପାତ୍ର, କୋଇଡା ତହସିଲଦାର ଅନିଲ କୁମାର ଅଚାର୍ଯ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେଶ କୁମାର ନାଏକଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ କର୍ମଚାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ। ଜିଲାପାଳ ଡା.ଗାଭାଲି ପରାଗ ହର୍ଷଦ ଅଭିଯୋଗ ଗୁଡ଼ିକ ପାଇବା ପରେ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।


ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

## ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ


ଅତିଥିଙ୍କ ଗହଣରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର।

କୁତ୍ରା,୧୮।୧୨(ଦେବାଶିଷ ସାହୁ)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ତରକେରା ଉଚ୍ଚ ବିଦ୍ୟାଳୟ ପରିସରରେ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର କୁତ୍ରା ବ୍ଲକ ଶାଖା ପକ୍ଷରୁ ଶିଶୁ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଲୋକନାଥ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥିଭାବେ ସରପଞ୍ଚ ବୁଧବାରୀ ଏକ୍କା ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ବିରିଙ୍ଗାଟୋଲି ସମିତି ସଭ୍ୟ ଲକ୍ଷଣ ଦାନୀ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶରତ କୁମାର ପତି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଶିବା ସିମେଣ୍ଟ ସିଏସଆର୍ ଅଧିକ୍ଷକ ଅଲେଖ କୁମାର ଦଳାଇ, ଓଷ୍ଟାର ଜିଲା ସଭାପତି ବିଭୀଷଣ ବାରିକ, ଓଷ୍ଟା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିତ୍ୟାନନ୍ଦ ବେହେରା, ସମାଜିକ କର୍ମୀ ବିଦ୍ୟାଧର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗୀତା ହୋଇଥିଲା। କୃତୀ ପ୍ରତିଯୋଗୀ ପୁରସ୍କୃତ ହେବା ସହ ଆସନ୍ତା ୨୧ରେ କୁତ୍ରା ଉଚ୍ଚ ବିଦ୍ୟାଳୟରେ ହେବାକୁଥିବା ଜିଲା ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। କାର୍ଯ୍ୟକ୍ରମକୁ ବ୍ଲକ ଓଷ୍ଟା ସମ୍ପାଦକ ମହେନ୍ଦ୍ର ସିଂ, ଉପ ସଭାପତି ରବୀନ୍ଦ୍ର ପଣ୍ଡା, ନିରଞ୍ଜନ ପୃଷ୍ଟି, ବିରଜା ପ୍ରଧାନ, ଟିକଟାନ୍ଦ ସିଂ, ରାଧାନାଥ ଦିଶ୍ରି, ମମତା ଶତପଥୀ, ମଧୁସ୍ମିତା ଶତପଥୀ, ଜସମିନ ମିଞ୍ଜଙ୍କ ସମେତ ବ୍ଲକର ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ଚାଷୀଙ୍କଠାରୁ ଧାନ କ୍ରୟ ଶୁଭାରମ୍ଭ

ବାଲିଶଙ୍କରା,୧୮।୧୨( ହୃଦାନନ୍ଦ ବାରିକ)

ବାଲିଶଙ୍କରା ଲ୍ୟାମ୍ପସ ତରଫରୁ ବୁଡ଼ାବାହାଲଠାରେ ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ପରମେଶ୍ୱର ମହାକୁଡ଼ଙ୍କ ନେତୃତ୍ୱରେ ସୋମବାର ଚାଷୀଙ୍କ ଠାରୁ ଧାନ କ୍ରୟର ଶୁଭାରମ୍ଭ କରାଯାଇଛି। ମୁଖ୍ୟ ଅତିଥିଭାବେ ଲ୍ୟାମ୍ପସ ସଭାପତି ଫ୍ରାନସିସ ତିର୍କୀ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ରବିନ୍ଦ୍ର ପଟେଲ, ବନମାଳୀ ବାରସଡିଆ, ଖଡୁ ନାଏକ, ଉପେନ୍ଦ୍ର ପ୍ରଧାନ, ମନୋଜ ବାରସଡିଆ, ପିଣ୍ଟୁ ପଣ୍ଡା, ପୁତୁଲ ସିଂ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ଦିନରେ ୨୫୦ କୁଇଣ୍ଟାଲ ଧାନ ଚାଷୀଙ୍କ ଠାରୁ କିଣାଯାଇଛି। ଚାଷୀ ବନମାଳୀ ବାରସଡିଆ, ପ୍ରଦୀପ ତାଣ୍ଡିଆ, ଦିଲ୍ଲୀପ ଖମଣିଆ ଏପରି ୨୦ ଜଣ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯାଇଛି। ବାଲିଶଙ୍କରା ଲ୍ୟାମ୍ପସର ୪ଟି ଜାଗାରେ ଧାନ କ୍ରୟ କରାଯିବ। ଲ୍ୟାମ୍ପସ ମୋଟ ୧୭ ଶହ ୪ ଜଣ ଚାଷୀଙ୍କ ପଞ୍ଜିକରଣ କରିଥିବା ବେଳେ ୧ ଲକ୍ଷ ୪୦ ହଜାର କୁଇଣ୍ଟାଲ ଧାନ କ୍ରୟ ହେବାର ସ୍ଥିର କରାଯାଇଛି।


ଚାଷୀଙ୍କଠାରୁ ଧାନ କ୍ରୟ କରାଯାଉଛି।

## କୋଇଲା ପରିବହନ ବନ୍ଦ କଲେ ଝାରପଲମବାସୀ

ସୁନ୍ଦରଗଡ,୧୮।୧୨(ଚୈତନ୍ୟ ପଟେଲ)

ଝାରପଲମ ଗ୍ରାମବାସୀଙ୍କ ପକ୍ଷରୁ କୋଇଲା ବୋଝେଇ ଟ୍ରକ ଗୁଡିକ ବନ୍ଦ କରି ଦିଆଯାଇଛି। ଏହି କୋଇଲା ଖଣିରେ ଝାରପଲମ,ଜାମକାନି,ଗିରିସିମା ଓ ମେଣ୍ଡ୍ରା ଗ୍ରାମ ଲୋକେ ବିସ୍ଥାପିତ ହେଉଛନ୍ତି। ତେବେ ଏନେଇ ଅନେକ ସମୟରେ ରାସ୍ତା ସମସ୍ୟା,ବିସ୍ଥାପିତଙ୍କ ଦାବି ପୂରଣ ଆଦି ବିଭିନ୍ନ ସମସ୍ୟାକୁ ନେଇ ସ୍ଥାନୀୟବାସୀ ଆନ୍ଦୋଳନ କରୁଛନ୍ତି। ତେବେ ଏହି ଦାବିକୁ ନେଇ ମଙ୍ଗଳବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମଧ କୋଇଲା ପରିବହନ ବନ୍ଦ ରହିବ ବୋଲି ଗ୍ରାମବାସୀଙ୍କ ତରଫରୁ କୁହାଯାଇଛି।



ବଡ଼ଗାଁ ଯୁକ୍ତ ୨କଲେଜ ପକ୍ଷରୁ ଆୟୋଜିତ ନାରୀ ଶିକ୍ଷା,ପରିମଳ ଓ ସଡ଼କ ସୁରକ୍ଷା ସଚେତନତା ରାଲିକୁ ବଡ଼ଗାଁ ତହସିଲଦାର ଝରଣା ପ୍ରଧାନ ଉଦ୍‌ଘାଟନ କରୁଛନ୍ତି।

## ଭାଜପାର ମହିଳା ସମାବେଶ

ବ୍ରଜରାଜନଗର, ୧୮।୧୨(ବିଜୟ ବରାଡ)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲଖନପୁର ବ୍ଲକ ୧୯ ଖଣ୍ଡ ମୌଜାରେ ୪ଟି ପଞ୍ଚାୟତର ଏସ୍‌ଏଚ୍‌ଜି ମହିଳାମାନଙ୍କର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶ ଭାଜପା ପକ୍ଷରୁ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ସୁଜିତ ସିଂ, ସ୍ଥାନୀୟ କାର୍ଯ୍ୟକର୍ତ୍ତା ଶୁଭେନ୍ଦୁ ଦେହେରି, ଆକାଶ ବାରିକ, ବୀରେନ ପ୍ରଧାନ, ତପେଶ୍ୱର ବାରିକ, ଜିକେଶ ଭୋଇ, ରାଜା ପଧାନ, ସୁନ୍ଦରଲାଲ ସେଠ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଯୁବମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ସିଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହିଳାମାନଙ୍କୁ ୩୩ ପ୍ରତିଶତ ଆରକ୍ଷଣ ପ୍ରଦାନ କରି ରାଜନୀତି କ୍ଷେତ୍ରରେ ଅଧିକାର ପ୍ରଦାନ କରିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହାସହିତ ମୋଦି ସରକାରଙ୍କର ନାରୀ ସଶକ୍ତିକରଣ ଯୋଜନା ସମ୍ବନ୍ଧରେ ଆଲୋଚନା କରିଥିଲେ। ଅଞ୍ଚଳର ବିଭିନ୍ନ ସମସ୍ୟା ଓ ତାର ସମାଧାନ ବିଷୟରେ ସମାବେଶରେ ଆଲୋଚନା କରାଯାଇଥିଲା।


ସମାବେଶରେ ଯୋଗ ଦେଇଥିବା ମହିଳା।

## ସୋରଡ଼ାରେ ଉନ୍ନୟନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ନୂଆଗାଁ,୧୮।୧୨(ବିଜୟ ତ୍ରିପାଠୀ)

ଆମ ଓଡ଼ିଶା ନବୀନ ଓଡ଼ିଶା ମାଧ୍ୟମରେ ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକର ସୋରଡ଼ା ପଞ୍ଚାୟତର ବିଭିନ୍ନ ସ୍ଥାନରେ ସୋମବାର ଅନେକ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। । ସୋରଡ଼ା ପୋଖରୀରେ ଗାଧୁଆ ଘାଟ, ବୋଙ୍ଗଲେଇ ଶିବ ମନ୍ଦିରରେ ଭୋଗ ମଣ୍ଡପ, ସାଂସ୍କୃତିକ ଗତିବିଧି କେନ୍ଦ୍ର, ଖେଳ ପଡ଼ିଆର ଉନ୍ନତି କରଣ, ସୋରଡ଼ା ମୁସଲିମ ବସ୍ତିଠାରେ କ୍ରିମିସନ ସେଡ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର କରାଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ବିଶ୍ୱାସୀ ଟପ୍ପୋ, ଏସଡିସି ଭାଇସ୍ ଚେୟାରମ୍ୟାନ ସୁଶିଲା ଟପ୍ପୋ, ବ୍ଲକ ସଭାପତି ଦିଗାମ୍ବର ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମଖଲୁ ଏକ୍କା, ମହିଳା ସଭା ନେତ୍ରୀ ଏମ୍ମା ଏକ୍କା, ରାଜ୍ୟ ଯୁଗ୍ମ ସମ୍ପାଦକ ତଥା ଏସଡିସି ସଦସ୍ୟ ହିମାଂଶୁ ପଣ୍ଡା, ଛାତ୍ର ସଭାପତି ମହେନ୍ଦ୍ର ବଡ଼ାଇକ, ଯୁବ ନେତା ମୁବାରକ ଆନସାରୀ, ହିମାଂଶୁ ତ୍ରିପାଠୀ, ସୋରଡ଼ା ସରପଞ୍ଚ ଅନୁଗ୍ରହ ଯୋଜ, ଜନ୍ମଜୟ ପଣ୍ଡା, ମହେନ୍ଦ୍ର ଗୋୱାଲା, ଖୋଗେଶ୍ୱର ପଣ୍ଡା, ରାମେଶ୍ୱର ଭାଇସଲ,ବିନୋଦ ଜାତେ, ରବି ପଣ୍ଡା, ମନୋଜ ସାହୁ,ପ୍ରମୁଖ ଉପସ୍ଥିତ ଥିଲେ।

## ହାର୍ପିକ ସ୍ୱଚ୍ଛତା ତାଲିମ କର୍ମଶାଳା

ସବ୍‌ଡେଗା,୧୮। ୧୨( ଅନନ୍ତ ପଟେଲ)

ସବ୍‌ଡେଗାଠାରେ ଅମର ଜ୍ୟୋତି ଯୁବକ ସଂଘ ଓଡିଶା ଓ ରେକିଟ ଇଣ୍ଡିଆର ମିଳିତ ସହଯୋଗରେ ବ୍ଲକ୍ ସ୍ତରୀୟ ହାର୍ପିକ ସ୍ୱଚ୍ଛତା ତାଲିମ କର୍ମଶାଳା ଉପେନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ୍‌ର ସମସ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ, ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକ ତଥା ସିଆର୍‌ସିସି ତାଲିମ ଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ କାଦମ୍ବିନୀ ମିଶିର, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବେଦବ୍ୟାସ ପଟେଲ, ପ୍ରଧାନ ଶିକ୍ଷକ ବ୍ରିଧି ଚନ୍ଦ୍ର ବିଲୁଙ୍ଗ ପ୍ରମୁଖ ଯୋଗଦେଇଥିଲେ। ଅମର ଜ୍ୟୋତି ଯୁବକ ସଂଘର ରାଜ୍ୟ କାର୍ଯ୍ୟକାରୀ ସଂଯୋଜକ ନୀଳମାଧବ ଦିଗାଲ ତାଲିମ ପ୍ରଦାନ କରିଥିବା ବେଳେ ସୁନ୍ଦରଗଡ ଜିଲା ସଂଯୋଜକ ସଂଯୁକ୍ତା ମହାପାତ୍ର ଓ ଦେବଗଡ଼ ଜିଲା ସଂଯୋଜକ ଅରୁଣ ଟାଲି ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟତ୍ରୀ ଶିକ୍ଷକଙ୍କୁ କିଟାନୁ ଓ ଥ୍ରିଡି କିଟ ଶୌଚାଳୟ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। ସଂଘ ପକ୍ଷରୁ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ବ୍ୟକ୍ତିଙ୍କୁ ତାଲିମ ପତ୍ର ପ୍ରଦାନ କରାଯାଇଥିଲା। ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ ଛାତ୍ରୀଛାତ୍ରଙ୍କ ସହ ନିଜ ଜୀବନର ସଂଘର୍ଷମୟ ଜୀବନ ବିଷୟରେ ଆଲୋକପାତ କରିବା ସହ ନିଜର ଅଦମ୍ୟ ଚେଷ୍ଟା ଓ ଅଧ୍ୟବସାୟ ଦ୍ୱାରା ଦିନେ ବଡ ମଣିଷ ହୋଇ ପାରିବ ବୋଲି ପ୍ରେରଣା ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ବ୍ରିଧୀ ଚନ୍ଦ୍ର ବିଲୁଙ୍ଗ ସମ୍ବର୍ଦ୍ଧିତ କରିବା ସହ ତାଙ୍କ ସଫଳତା କାହାଣୀ ବିଷୟରେ ଆଲୋକପାତ କରିଥିଲେ। ସଂଯୁକ୍ତା ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।




## କ୍ରୀଡ଼ା ପ୍ରତି ସମର୍ପିତ ହେଲେ ଜୀବନ ଶୃଙ୍ଖଳିତ ହେବ

ଲାଠିକଟା,୧୮।୧୨(ରାମେଶ୍ୱର ଖାଡାଙ୍ଗା)

କ୍ରୀଡ଼ାପ୍ରେମୀ ଛାତ୍ରୀଛାତ୍ର ଦେଶର ଭବିଷ୍ୟତ ପାଇଁ ବଡ଼ ଶକ୍ତି। ସେମାନେ ଅଧ୍ୟୟନ ସହିତ ଖେଳକୁଦରେ ଭାଗନେଇ ସୁନାଗରିକ ହୋଇପାରିବେ ବୋଲି ବେଦବ୍ୟାସସ୍ଥିତ ବ୍ୟାସଦେବ ଉଚ୍ଚ ବିଦ୍ୟାଳୟରେ ଅୟୋଜିତ ୨୯ତମ ବାର୍ଷିକ କ୍ରୀଡ଼ା ଉତ୍ସବରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ବାରିକ ଅଧକ୍ଷତା କରି ଶାରୀରିକ ସୁସ୍ଥତା ନିମନ୍ତେ କ୍ରୀଡ଼ାର ଅତୁଳନୀୟ ଅବଦାନ ରହିଛି ବୋଲି କହିଥିଲେ। ମୁଖ୍ୟ ଅତିଥି ଅନ୍ତର୍ଜାତୀୟ ଲାୟନ୍ସ କ୍ଲବର ପୂର୍ବତନ ଜିଲା ଗଭର୍ଣ୍ଣର୍ ରାକେଶ କୁମାର ସିଂହ କ୍ରୀଡ଼ା ପତାକା ଉତ୍ତୋଳନ କରି କହିଥିଲେ, କ୍ରୀଡ଼ା ମାନବ ଜୀବନକୁ ନିରୋଗ ରଖିବା ସହ ମୈତ୍ରୀ ଭାବ ସୃଷ୍ଟି କରେ । କ୍ରୀଡ଼ା ପ୍ରତି ଛାତ୍ରୀଛାତ୍ରମାନେ ସମର୍ପିତ ହେଲେ ଜୀବନ ଶୃଙ୍ଖଳିତ ହେବ ଓ ସମାଜରେ ସେମାନେ ଆଦର୍ଶ ବ୍ୟକ୍ତିତ୍ୱର ମର୍ଯ୍ୟାଦା ହାସଲ କରିପାରିବେ ବୋଲି ମୁଖ୍ୟ ବକ୍ତା ଯୁବ ସାମାଜିକ କର୍ମୀ ପ୍ରକାଶ ଚନ୍ଦ୍ର ଧଳ କହିଲେ। ଅନ୍ୟତମ ସମ୍ମାନୀତ ଅତିଥି ଇଞ୍ଜିନିୟର କିରଣ ପ୍ରସାଦ ମେହେର୍ , ବନବିହାରୀ ରଣା ଓ ପ୍ରିୟମ୍ବଦା ଆଚାର୍ଯ୍ୟ ଖେଳକୁଦର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ । ଛାତ୍ର ସୁମିତଗୋପ କ୍ରୀଡ଼ା ମଶାଲ ଧରି ପ୍ରତିଯୋଗିତା ପଡ଼ିଆ ପରିକ୍ରମା କରିଥିବା ବେଳେ ଛାତ୍ରୀ ସୁସିତା ଦାସ ଶପଥ ପାଠ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଲାୟନ୍ସ କ୍ଲବର ପୂର୍ବତନ ଜିଲା ଗଭର୍ଣ୍ଣର୍ ମୃତ୍ୟୁଞ୍ଜୟ ଦେଓଙ୍କ ସ୍ମୃତିରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା । କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ସୁଶାନ୍ତ କୁମାର ପାଢ଼ୀ, ଗିରୀଶ ଚନ୍ଦ୍ର ପଣ୍ଡା, ଉମେଶ ଚନ୍ଦ୍ର ଦାଶ, ମଞ୍ଜୁବାଳା ତ୍ରିପାଠୀ, ସୁପ୍ରିୟା ମହାରଣା, ସୁବାସ ଚନ୍ଦ୍ର ସାହୁ, ଲକ୍ଷ୍ମୀଧର ସାହୁ ,ସୀତା ନାଗ ସହଯୋଗ କରିଥିଲେ। ମଙ୍ଗଳବାର କ୍ରୀଡ଼ା ଉଦ୍‌ଯାପିତ ହେବ।


କ୍ରୀଡା ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

### ବ୍ୟାସଦେବ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

**ଘରକାନ୍ଥ ଭାଙ୍ଗି ଖାଇଲେ ଧାନ**

# ବଣୁଆ ହାତୀପଲ ଉପଦ୍ରବ





ସମ୍ବଲପୁର ଜିଲା ବାମରା ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ ଜମନକିରା ରେଞ୍ଜ ଅଞ୍ଚଳରେ ହାତୀ ଭାଙ୍ଗିଥିବା ଘର।

**କୁଚିଣ୍ଡା,୧୮।୧୨(ବିରଞ୍ଚି ଦର୍ଜୀ)**

ସମ୍ବଲପୁର ଜିଲା ବାମରା ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ ଜମନକିରା ରେଞ୍ଜ ଅଞ୍ଚଳରେ ୧୭/୧୮ ଟିକିଆ ହାତୀ ପଲର ଉପଦ୍ରବ ବଢିବାରେ ଲାଗିଛି। କଟଙ୍ଗପାଣି, ବଡମାଲ, କସଡା, ଟିକିବା, ବଡରମା ଆଦି ପଞ୍ଚାୟତ ଅଞ୍ଚଳରେ ପ୍ରତିଦିନ ଧାନବିଲରେ ପଶି ଖାଇବା ଏବଂ ଅମଳ ପାଇଁ ଖଳାରେ ରଖିଥିବା ଧାନ ଗଦା ଖାଇ ନଷ୍ଟ କରୁଛନ୍ତି। ଶନିବାର ମଧ୍ୟରାତ୍ରିରେ କଟଙ୍ଗପାଣି ପଞ୍ଚାୟତ ଜଟିଆଖୋଲଡିହି ଗ୍ରାମର ନକୁଳ ପ୍ରଧାନ ଏଂ ମୟୂରନାଚେନ ଗ୍ରାମର ବୀରେନ୍ଦ୍ର କିଷାନଙ୍କ ଘରକାନ୍ଥ ଭାଙ୍ଗି ସାଇତି ରଖିଥିବା ଧାନ ଚାଉଳ ଆଦି ଖାଇ ଦେଇଛନ୍ତି। ହାତୀପଲ ବିଲରେ ଧାନଖାଇବାରେ ବ୍ୟସ୍ତ ଥିବା ସମୟରେ ଏକ ଦନ୍ତାହାତୀ ପଲରୁ ବାହାରି ଆସି ଏହି ଗରିବ ପରିବାର ଘର ଭାଙ୍ଗି ଧାନ ଖାଇଦେଇଛି। ସେହିପରି ସରେଇ ଗ୍ରାମର ରାଜେନ୍ଦ୍ର ପଟେଲ ଓ ମୟୁରନାଚେନର ସନାତନ କିଷାନଙ୍କ ବିଲରେ ଥିବା ପାଚିଲା ଧାନ ଫସଲ ଖାଇ ମାଡିଦଳି ନଷ୍ଟ କରିଛନ୍ତି। ପରେ ହାତୀପଲ ରବିବାର ବଡମାଲ ପଞ୍ଚାୟତ ଅଞ୍ଚଳରେ ଧାନ ବିଲରେ ପଶି ଉତ୍ପାତ ମଚାଇଛନ୍ତି। ସୋମବାର କସଡା ପଞ୍ଚାୟତର ଲଦୋପଡା ଓ ଟିକିବା ପଞ୍ଚାୟତର ବିଭିନ୍ନ ବିଲରେ ପଶି ପାଚିଲା ଧାନ ଖାଇବା ସହ ନଷ୍ଟ କରୁଛନ୍ତି। ବଡରମା ପଞ୍ଚାୟତ ଚିନିମହୁଲ (ଲଦୋପଡା) ଗ୍ରାମରେ ମଧ୍ୟ ଏହି ହାତୀପଲ ଧାନ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଖବରପାଇ ବନବିଭାଗ କର୍ମଚାରୀ କ୍ଷେତ୍ର ପରିଦର୍ଶନ ସହ କ୍ଷତିପୂରଣ ନିମନ୍ତେ ଅନଲାଇନ କରିଥିବା ଜଣାଯାଇଛି। ଗତ ଅକ୍ଟୋବର ମାସରେ କଟଙ୍ଗପାଣି, ସରେଇ ଆଦି ଗ୍ରାମରେ ହାତୀପଲ ଧାନ ଫସଲ ନଷ୍ଟ କରିଥିଲେ ହେଁ ଏ ପର୍ଯ୍ୟନ୍ତ କ୍ଷତିପୂରଣ ପାଇପାରି ନ ଥିବାରୁ ଜନଅସନ୍ତୋଷ ବଢିବାରେ ଲାଗିଛି। ଗରିବ ଚାଷୀ ଋଣକରଜ କରି ଧାନ ଫସଲ କରିଥିବାବେଳେ, କ୍ଷତି ପୂରଣ ନ ମିଳିବା ଗରିବଙ୍କ ପାଇଁ ଏହା ଉପହାସ ପାଲଟିଛି। ଗତ ଅକ୍ଟୋବର ୨୦ରେ ଫସଲ ବଞ୍ଚାଇବା ପାଇଁ ହାତୀ ଘଉଡାଇବା ବେଳେ କଟଙ୍ଗପାଣି ଗ୍ରାମର ପ୍ରମୋଦ କିଷାନ ଗୁରୁତର ଆହତ ହୋଇ ବୁର୍ଲା ମେଡିକାଲରେ ଚିକିତ୍ସିତ ହୋଇଥିଲେ। ତାଙ୍କ ଜୀବନ ବଞ୍ଚିଗଲା ହେଲେ ସରକାରୀ ସହାୟତା ମିଳିଲା ନାହିଁ। ମଣିଷ ହାତୀ ମାରିଲେ କିମ୍ବା ତାଙ୍କର କୌଣସି କ୍ଷତି ଘଟାଇଲେ କଠୋର ଶାସ୍ତି ମିଳୁଥିବାବେଳେ ମଣିଷର କ୍ଷତି ଘଟିଲେ ତାଙ୍କ କ୍ଷତିପୂରଣ ଦେବାରେ ସରକାର କାହିଁକି କୁଣ୍ଠା ପ୍ରକାଶ କରୁଛନ୍ତି ଏନେଇ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ ଜମନକିରା ରେଞ୍ଜର ଲକ୍ଷ୍ମୀକାନ୍ତ ନାଏକଙ୍କ ମତାମତ ନିଆଯିବାରେ ଆମ ବିଭାଗ କ୍ଷତିଗ୍ରସ୍ତଙ୍କ ରିପୋର୍ଟ ଅନଲାଇନରେ ସରକାରଙ୍କୁ ଜଣେଇଛୁ। ତେଣୁ ଅର୍ଥ ମଞ୍ଜୁର ହେଲେ ଶୀଘ୍ର କ୍ଷତିଗ୍ରସ୍ତଙ୍କୁ ଦିଆଯିବ ବୋଲି କହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ସଚିନ



@ ସୌରଭ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବା।

## ପ୍ରହସନ ପାଲଟିଛି ପ୍ରଶାସନର ଅଭିଯୋଗ ଶୁଣାଣି ଶିବିର

**ପ୍ରଚାର ପ୍ରସାର ଅଭାବରୁ କମୁଛି ଅଭିଯୋଗକାରୀଙ୍କ ସଂଖ୍ୟା**

**ନାକଟିଦେଉଳ,୧୮।୧୨(ବୈକୁଣ୍ଠନାଥ ସାହୁ):** ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଏକ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିବିରରେ ଜନସାଧାରଣ ଯୋଗଦେଇ ସମୁଦାୟ ୪୩ଟି ଅଭିଯୋଗପତ୍ର ଦାଖଲ କରିଥିଲେ। ସମୁଦାୟ ୪୩ଟି ଯାକ ଅଭିଯୋଗ ବ୍ୟକ୍ତିଗତ ରହିଥିଲା। ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ଅଭିଯୋଗ ଶୁଣାଣି ଶିବିରରେ ସମ୍ବଲପୁର ଜିଲାପାଳ ଏବଂ ଜିଲା ଆରକ୍ଷୀ ଅଧୀକ୍ଷକ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଶୁଣି ବହୁ ବ୍ୟକ୍ତି ଅଭିଯୋଗ କରିବାକୁ ଆସିଥିଲେ। ଜିଲାପାଳ ଏବଂ ଏସ୍‌ପି ଶିବିରକୁ ଜନସାଧାରଣଙ୍କ ଅଭିଯୋଗ ଶୁଣିବାକୁ ଆସି ନ ଥିବାରୁ ଅଭିଯୋଗକାରୀମାନେ ନିରାଶ ହୋଇ ଫେରି ଯାଇଥିବା ଦେଖିବାକୁ ମିଳିଥିଲା। ଜିଲା ପ୍ରଶାସନ ପକ୍ଷରୁ ଆସିଥିବା ଅନ୍ୟ ଅଧିକାରୀମାନେ ବ୍ଲକ କାର୍ଯ୍ୟାଳୟ ପରିସରରେ ୧୧ଟା ସମୟରେ ଅଭିଯୋଗ ଶୁଣାଣି ଆରମ୍ଭ କରି ୧୨ଟାରେ ଉଠି ଚାଲି ଯାଇଥିଲେ। ଫଳରେ ଆସିଥିବା ଅଭିଯୋଗକାରୀମାନେ ଜିଲାସ୍ତରୀୟ ଅଧିକାରୀମାନଙ୍କ ଅନୁପସ୍ଥିତିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିଜର ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଅପର ପକ୍ଷରେ ବ୍ଲକରେ ଅନୁଷ୍ଠିତ ହେଉଥିବା ଏହି ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସମ୍ପର୍କରେ ବ୍ଲକ ପ୍ରଶାସନ ପକ୍ଷରୁ ଆବଶ୍ୟକ ପ୍ରଚାର, ପ୍ରସାର ଅଭାବରୁ ଦିନକୁ ଦିନ ଅଭିଯୋଗକାରୀମାନଙ୍କ ସଂଖ୍ୟା ମଧ୍ୟ କମୁଥିବା ପରିଲକ୍ଷିତ ହେଉଛି। ସୋମବାର ଶିବିରରେ ସମ୍ବଲପୁରର ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଏସ୍‌ପି ଆଲବିନୋସ କେରକେଟା, ସିଡ଼ିଏମଓ ଡ଼ା.ପୂର୍ଣ୍ଣଚନ୍ଦ୍ର ସାହୁ, ବିଡ଼ିଓ ଦନାଇ ଚରଣ ଟୁଡୁ ପ୍ରମୁଖ ଯୋଗଦେଇଥିଲେ।

## ବାମରା ରେଳଷ୍ଟେଶନରୁ କଫ ସିରପ ଜବତ: ୪ ଗିରଫ

**କୁଚିଣ୍ଡା,୧୮।୧୨(ବିରଞ୍ଚି ଦର୍ଜୀ)**

ସମ୍ବଲପୁର ଜିଲା ବାମରା ରେଳଷ୍ଟେଷନରୁ ସୋମବାର ବିପୁଳ ପରିମାଣର କଫ ସିରଫ(କୋରେକ୍ସ) ଜବତ ହୋଇଛି। ୯୪୫ ବୋତଲ କଫ ସିରଫ ଜବତ ସହ ଚୋରାଚାଲାଣ କରୁଥିବା ୪ଜଣଙ୍କୁ ରେଳବାଇ ପୋଲିସ ଗିରଫ କରି କୁଚିଣ୍ଡା ଏସ୍‌ଡିଜେଏମ କୋର୍ଟଙ୍କୁ ଚାଲାଣ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ସମ୍ବଲପୁର ଜିଲା ବୁର୍ଲା ଥାନା ବୁର୍ଲା ସମଲେଶ୍ୱରୀନଗରର ଶ୍ରୀଧର ପଞ୍ଚବିହାର, ଟୁନା ଜାଲ ଏବଂ ବୁର୍ଲା ବୋଲପଡାର ଗଜେନ୍ଦ୍ର ପଞ୍ଚବିହାର ଓ ସୋନୁ ଶାସନୀ। ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ନରେ କେତେକ ସନ୍ଦିଗ୍ଧ ବ୍ୟକ୍ତି ପଶ୍ଚିମବଙ୍ଗ ରାଜ୍ୟରୁ ହାଓଡ଼ା–ଅହମଦାବାଦ ସୁପରଫାଷ୍ଟ ଏକ୍ସପ୍ରେସ ଟ୍ରେନ୍‌ରେ କଫ ସିରଫ ଚୋରାଚାଲାଣ କରୁଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ରେଳବାଇ ପୋଲିସ ପକ୍ଷରୁ ଚଢାଉ କରାଯାଇଥିଲା। ଝାରସୁଗୁଡା ଆରପିଏଫ୍



ଅଭିଯୁକ୍ତଙ୍କ ସହ ଜବତ କଫ ସିରପ।

ଇନ୍ସପେକ୍ଟର ରାକେଶ ମୋହନଙ୍କ ନିର୍ଦ୍ଦେଶ କ୍ରମେ ବାମରା ଆରପିଏଫ୍ ସବଇନ୍ସପେକ୍ଟର ବିଶ୍ୱନାଥ କୁମାର, ଆର୍ଯ୍ୟନ ଯାଦବ ଓ ରାମଭଞ୍ଜନ ଗୌଡ଼ ପ୍ରମୁଖ ଟ୍ରେନରେ ଚଢ଼ାଉ କରି ମୋଟ ୯୪୫ ବୋତଲ କଫ ସିରଫ ଜବତ କରିବା ସହ ୪ ଚୋରାଚାଲାଣକାରୀଙ୍କୁ ଗିରଫ କରିଥିଲେ। ଏନେଇ ଝାରସୁଗୁଡ଼ା ରେଳବାଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ସମ୍ବଲପୁର ଅବକାରୀ ଅଧୀକ୍ଷକ ଅଶୋକ ସେଠଙ୍କ ଆଦେଶ କ୍ରମେ କୁଚିଣ୍ଡା ଅବକାରୀ ନିରୀକ୍ଷକ ଭୈରବ ସାହୁ, ଗୋବିନ୍ଦପୁର ଅବକାରୀ ଏଏସଆଇ ସମୀର ସ୍ୱାଇଁ, ଅଭିଲାଶ ବେହେରା, ଆଲମା ଟିଗ୍ଗା, ଶ୍ୟାମା ଭୋଇ ପ୍ରମୁଖ ସାମିଲ ହୋଇଥିଲେ।

## ୬ ବର୍ଷର ଶିଶୁ କନ୍ୟା ଅପହରଣ

**ଦେବଗଡ଼,୧୮।୧୨(ଶଶାଙ୍କ ଶେଖର ଝାଙ୍କର):** ଦେବଗଡ ଆଦର୍ଶ ଥାନାରୁ ମାତ୍ର ୩୦୦ ମିଟର ଦୂରରେ ଜଣେ ବ୍ୟବସାୟୀଙ୍କ ୬ ବର୍ଷର ଶିଶୁ କନ୍ୟାକୁ ରବିବାର ଅପହରଣ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଏଭଳି ଅପହରଣ ଘଟଣା ଜିଲାରେ ପ୍ରଥମ । ସୂଚନା ଅନୁଯାୟୀ, ସହରର ପ୍ରତିଷ୍ଠିତ ବ୍ୟବସାୟୀଙ୍କ ନାତୁଣି ସଂଧ୍ୟାରେ ପଡୋଶୀ ଘରୁ ଟ୍ୟୁସନ ସାରି ନିଜ ଆଈଙ୍କ ସହିତ ଘରକୁ ଫେରୁଥିବା ବେଳେ ଘରଠାରୁ ମାତ୍ର ୩୦୦ ମିଟର ଦୂରରେ ଏକ କଳା ରଙ୍ଗର ପଲସର ବାଇକ୍‌ରେ ଆସିଥିବା ମୁଖା ପିନ୍ଧିଥିବା ୨ ଦୁର୍ବୃତ୍ତ ଆଈଙ୍କୁ ଧକ୍କା ମାରି ଶିଶୁଟିକୁ ଅପହରଣ କରିନେଇଥିଲେ। ଏନେଇ ପରିବାର ଲୋକେ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିବା ସହ ବନ୍ଧୁ ପରିଜନ ଓ ପଡୋଶୀଙ୍କ ସହାୟତାରେ ଶିଶୁକୁ ଖୋଜୁଥିବା ଜଣାପଡିଛି। ଅନ୍ୟପକ୍ଷରେ ଥାନା ଅଧିକାରୀ ସରୋଜ କୁମାର ସେଠୀ ନିଜେ ଘଟଣା ସ୍ଥଳରେ ପହଞ୍ଚି ପରିବାର ଲୋକ ଏବଂ ପଡୋଶୀଙ୍କୁ ପଚରା ଉଚରା କରିଛନ୍ତି। ଜିଲା ଆରକ୍ଷୀ ଅଧିକ୍ଷକ ପ୍ରଦ୍ୟୁମ୍ନ କୁମାର ମିଶ୍ର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାସହ ଥାନାରେ ପହଞ୍ଚି ଅଧିକ ତଦାରଖ କରୁଛନ୍ତି। ଅନ୍ୟପକ୍ଷରେ ଘଟଣା ସ୍ଥଳର ଆଖ ପାଖରେ ଥିବା ଘର, ବ୍ୟବସାୟିକ ପ୍ରତିଷ୍ଠାନ ଆଦିରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଜାରି ରଖିଥିଲେ ହେଁ ଖବର ଲେଖାଯିବା ପର୍ଯ୍ୟନ୍ତ ଅପହୃତା ଶିଶୁ କନ୍ୟା ସମ୍ପର୍କରେ କୌଣସି ସୁରାଗ ମିଳିନାହିଁ। ଅନ୍ୟପକ୍ଷରେ ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ବିଭାଗୀୟ ଅଧିକାରୀଙ୍କ ସହିତ ଘଟଣା ସ୍ଥଳ ଏବଂ ଆଦର୍ଶ ଥାନାରେ ପହଞ୍ଚିଥିବା ଜଣାପଡିଛି।

## ସରକାରୀ ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ପରିବେଷଣ**

**ଜମନକିରା,୧୭।୧୨(ରବୀନ୍ଦ୍ରପ୍ରସାଦ ଦାନୀ)**

ସମ୍ବଲପୁର ଜିଲା ଜମନକିରା ବ୍ଲକ ଭୋଜପୁର ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଆଇରିନା ମିଞ୍ଜ ସଭାରେ ଅଧ୍ୟକ୍ଷତା କରୁଥିବା ବେଳେ ମୁଖ୍ୟଅତିଥି ଭାବେ ଆଇଟିଡିଏ ପ୍ରକଳ୍ପ ଅଧିକାରୀ ହେମସାଗର ଭୋଇ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାୟଗଡ଼ା ଜିଲା ଅବସରପ୍ରାପ୍ତ ଶିକ୍ଷା ମଣ୍ଡଳାଧିଶ ତ୍ରିଲୋଚନ ପଟେଲ ଯୋଗଦେଇ ଲକ୍ଷ୍ୟ ସ୍ଥିର କଲେ ଭବିଷ୍ୟତରେ ନିଶ୍ଚୟ ସଫଳତା ମିଳିବ ବୋଲି ଛାତ୍ରୀଛାତ୍ରମାନଙ୍କୁ ଉଦବୋଧନ ମାଧ୍ୟମରେ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଐଶର୍ଯ୍ୟ କୁମାର ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଦର୍ଶନ ସରାଫ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲକ୍ଷ୍ମୀ ନାରାୟଣ ସିଂ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶଚନ୍ଦ୍ର ନାୟକ, ଅବସରପ୍ରାପ୍ତ ଶିକ୍ଷକ ସୁଶିଲ କୁମାର ନାୟକ, ଅବସରପ୍ରାପ୍ତ ଶିକ୍ଷକ ଦଶାବତାର ସାହୁ ଏବଂ ମୋ ସ୍କୁଲ ଅଭିଯାନ କମିଟିର ସଭାପତି ମଳୟ ବେହେରା ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ରୋହିତ କୁମାର ନାଥ ଅତିଥି ପରିଚୟ ପ୍ରଦାନ କରିବା ସହ ସଭା ପରିଚାଳନା କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଶେଷରେ ସହକାରୀ ଶିକ୍ଷୟିତ୍ରୀ ସୁଜାତା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିଲୀପ କୁମାର ପଟେଲ, ଅମିୟ କୁମାର ନାୟକ, ରାଧେଶ୍ୟାମ ବାରିକ, ସୁକାନ୍ତ ଚୌଧୁରୀ, ସଞ୍ଜୁ ଲତା ବାଘ, ପଙ୍କଜିନି ବାରିକ, ରଶ୍ମି କୁସୁମ, ରୁବୀ ଦାଶଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ନୃତ୍ୟ ନାଟିକା, ଓଡ଼ିଶୀ, ଯୋଗା, ନୃତ୍ୟ, ଗୀତ, ସଙ୍ଗୀତ ଓ ରେକର୍ଡ ନୃତ୍ୟ ପ୍ରଭୃତି ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷଣ ହୋଇଥିଲା।

## କୃଷି ମହୋତ୍ସବ, ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

**ଦେବଗଡ଼, ୧୮।୧୨(ଶଶାଙ୍କ ଶେଖର ଝାଙ୍କର)**

ଜିଲା କୃଷି ବିଭାଗ ଆନୁକୂଲ୍ୟରେ ପ୍ରଧାନପାଟ ଜଳପ୍ରପାତ ନିକଟସ୍ଥ ବଡବଗିଚାଠାରେ ୫ ଦିନିଆ ଜିଲା ସ୍ତରୀୟ କୃଷି ମହୋତ୍ସବ ଓ ଯନ୍ତ୍ରପାତି ମେଳା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଓ ବରଣ୍ୟ ଅତିଥିଭାବେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ପୌରପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରି ଦେଈ, ନିର୍ବାହୀ ଯନ୍ତ୍ରୀ (କୃଷି) ସମ୍ବଲପୁର ଇଞ୍ଜିନିୟର ଦେବାଶିଷ ମିଶ୍ର, ଜିଲା କୃଷି ଅଧିକାରୀ ଧବଳେଶ୍ୱର ପ୍ରଧାନ, ଜିଲା ମୁଖ୍ୟ କୃଷି ଅଧିକାରୀ ମନୋରଞ୍ଜନ ମଣ୍ଡଳ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ମେଳାକୁ ଉଦ୍‌ଘାଟନ କରିବାସହ କୃଷି ଆମ ଦେଶର ଆତ୍ମା ଓ ସଦୃଶ୍ୟ ବୋଲି ବକ୍ତବ୍ୟରେ କହିଥିଲେ। ସେଥିପାଇଁ କୃଷି ଓ କୃଷକ ବିକାଶ



ଜଣେ କୃଷକଙ୍କୁ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଉଛି।

ତଥା ଉତ୍ପାଦନ ବୃଦ୍ଧି ସହ ଆର୍ଥିକ ଅଭିବୃଦ୍ଧି ପାଇଁ ସରକାର ଅନେକ ବ୍ୟବସ୍ଥା କରିଛନ୍ତି ବୋଲି ମତବ୍ୟକ୍ତ କରିଛନ୍ତି। ଆଧୁନିକ ଯନ୍ତ୍ରପାତି ଓ ଜ୍ଞାନ କୌଶଳ ଉତ୍ପାଦନ କ୍ଷମତା ବଢ଼ାଇଛି। କୃଷି ଓ କୃଷକ ସଶକ୍ତ କରିବା ସହ କୃଷି ଯନ୍ତ୍ରପାତି ଯୁବ ଚାଷୀଙ୍କୁ ଚାଷ କ୍ଷେତକୁ ଫେରିବା ପାଇଁ ପ୍ରେରଣା ଯୋଗାଇ ଦେଇଛି। ସରକାର ଯନ୍ତ୍ରପାତିରେ ରିହାତି ଦେଇ କୃଷି ବ୍ୟବସ୍ଥାକୁ ସଶକ୍ତ କରିବାକୁ ଉଦ୍ୟମ କରୁଛି ବୋଲି ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ। ଟିକେଶ୍ୱର ସାହୁ, ରମାଞ୍ଚଳ ବାଗ, କ୍ଷୀରୋଦ ଚନ୍ଦ୍ର ନାଏକ, ସାଗରିକା ସାହୁ, ମନ୍ଦାକିନୀ ସାହୁ, ସଞ୍ଜୟ ପ୍ରଧାନଙ୍କୁ ଅତିଥିମାନେ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ପ୍ରଦର୍ଶନୀ ମଣ୍ଡପରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ, ଉଦ୍ୟାନ ବିଭାଗ, କୃଷି ବିଭାଗ ଓ ଜିଲା ଶିଳ୍ପ କେନ୍ଦ୍ରରେ ମୋଟ ୫୨ଟି ଷ୍ଟଲ୍ ଖୋଲା ଯାଇଛି। ଶେଷରେ କୃଷି ନିର୍ବାହୀ ଯନ୍ତ୍ରୀ ଦିବ୍ୟ ଲୋଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବପିଢ଼ି ସଚେତନ ହେଲେ ସଡ଼କ ଦୁର୍ଘଟଣା କମିବ

**ଦେବଗଡ, ୧୮।୧୨ (ଶଶାଙ୍କ ଶେଖର ଝାଙ୍କର):** ବାରକୋଟ ଥାନା କଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସ୍ନାତକ ମହାବିଦ୍ୟାଳୟରେ ଜିଲା ପୋଲିସ ବିଭାଗ ପକ୍ଷରୁ ସୋମବାର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ଡିପିଓ ସୌମ୍ୟ ରଞ୍ଜନ ମଲ୍ଲିକ ଏବଂ ବାରକୋଟ ଥାନା ଭାରପ୍ରାପ୍ତ ଇନ୍ସପେକ୍ଟର ଯାଜ୍ଞସିନୀ ପ୍ରଧାନ ଉପସ୍ଥିତ ରହି ସଡକ ସୁରକ୍ଷା ଉପରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ଯୁବ ପିଢି ସଚେତନ ହେଲେ ଦୁର୍ଘଟଣା ରୋକାଯାଇ ପାରିବ ବୋଲି ଅତିଥି ପରାମର୍ଶ ଦେଇଥିଲେ। ସଡକ ସୁରକ୍ଷା ନିୟମ ଭଙ୍ଗ କଲେ ଏହାର ଦଣ୍ଡବିଧାନ ଉପରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା। ଏଥିସହ ରାସ୍ତାରେ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିବା ନଜରକୁ ଆସିଲେ ପୋଲିସକୁ ଭୟ ନ କରି ସୂଚନା ପ୍ରଦାନ କରିବା ସହ ଦୁର୍ଘଟଣାଗ୍ରସ୍ତଙ୍କ ପାଇଁ ସାହାଯ୍ୟର ହାତ ବଢାଇବାକୁ ପରାମର୍ଶ ଦିଆଯାଇଥିଲା। ଏଥିରେ ଥାନାର କର୍ମଚାରୀ ମାନେ ସହଯୋଗ କରିଥିଲେ।

**ଭଲିବଲ ପ୍ରତିଯୋଗିତା**

## କୁଣ୍ଡେଇଗୋଳା ଚାମ୍ପିୟନ



ଅତିଥିଙ୍କ ଗହଣରେ ଖେଳାଳି।

**ଦେବଗଡ଼,୧୮।୧୨(ଶଶାଙ୍କ ଶେଖର ଝାଙ୍କର)**

ବାରକୋଟ ବ୍ଲକ ବମ୍ପରଡା ପଞ୍ଚାୟତ ସଦର ମହକୁମାରେ ବଜରଙ୍ଗୀ କ୍ଲବ ଆନୁକୁଲ୍ୟରେ ରବିବାରଠାରୁ ଏକ ଦିବସୀୟ ରାଜ୍ୟ ସ୍ତରୀୟ ଦିବାରାତ୍ର ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ମୁକେଶ ମହାକୁଲଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ସରପଞ୍ଚ ସଂଘ ସଭାପତି ସତ୍ୟ ନାରାୟଣ ପାଣି ଓ ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳୀ ପାଣି, ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ ଓ ମଳେହିପଡା ପଞ୍ଚାୟତର ସମିତି ସଦସ୍ୟ ମୁନସୁନ କୁମାର ସାହୁ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ମୋଟ ୮ଟି ଦଳକୁ ନେଇ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ଅନୁଗୁଳ ଜିଲାର ଟାକୁଆ ଭଲିବଲ ଦଳକୁ ପରାସ୍ତ କରି ଦେବଗଡ ଜିଲାର କୁଣ୍ଡେଇଗୋଳା ଭଲିବଲ ଦଳ ଚାମ୍ପିୟନ ହୋଇଥିଲା। ମ୍ୟାଚ ଗୁଡିକୁ ରେଫରୀଭାବେ ଉଦୀତ ଗଡନାୟକ, ଅନିଲକାନ୍ତ ପ୍ରଧାନ, ତପନ କୁମାର ପ୍ରଧାନ, ବଳରାମ ଦ୍ୱିବେଦୀ ଓ ହେମସାଗର ପ୍ରଧାନ ପରିଚାଳନା କରିଥିଲେ। ଭାଷ୍ୟକାର ଫକୀର ମୋହନ ଦଳବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ। ରାତିରେ କ୍ଲବ ସଭାପତି ମୁକେଶ ମହାକୁଲଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ ଓ ସମ୍ମାନିତ ଅତିଥି ରତନ କୁମାର ଦଳବେହେରା ଯୋଗଦେଇ ଚାମ୍ପିୟନ କୁଣ୍ଡେଇଗୋଳା ଓ ରନର୍ସ ଅପ୍ ଟାକୁଆ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ।

## ପ୍ରତିଭା ବିକାଶ ଅଭିଯାନର ସଦସ୍ୟ, ଶିକ୍ଷାବିତ୍ ସମାବେଶ

**ଜମନକିରା,୧୮।୧୨ (ରବୀନ୍ଦ୍ର ପ୍ରସାଦ ଦାନୀ)**

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡ ଅଞ୍ଚଳରେ ଶିକ୍ଷାର ବିକାଶ ଓ ପ୍ରତିଭା ଚୟନ ଅଭିଯାନରେ ଦୀର୍ଘବର୍ଷ ଧରି ଉଦ୍ୟମ କରୁଥିବା ଶିକ୍ଷାନୁରାଗୀ ଓ ଶିକ୍ଷାବିତଙ୍କ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡିୟ ମହକୁମାସ୍ଥ କୁଚିଣ୍ଡା ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ସଭାରେ କୁଚିଣ୍ଡା ମହାବିଦ୍ୟାଳୟର ଅଧ୍ୟକ୍ଷା ସୁଚିତ୍ରା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା ମଣିଷକୁ ପୂର୍ଣ୍ଣାଙ୍ଗ ଓ ଆନନ୍ଦମୟ କରିଥାଏ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ। ସଭାରେ ଡା. ହୃଦାନନ୍ଦ ନାଏକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଡା.ସତ୍ୟବ୍ରତ ଦୋରା, ପୂର୍ବତନ ଅଧ୍ୟକ୍ଷ ସୁବାସ ନାଏକ, ରାଜ୍ୟରେ ଶ୍ରେଷ୍ଠ ଶିକ୍ଷକ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଉପଦେଷ୍ଟା ଲକ୍ଷପତି ନନ୍ଦ, ବିଶିଷ୍ଟ ଶିକ୍ଷାବିତ ତଥା ଉପଦେଷ୍ଟା ରତନ ଲାଲ ସିଂ ଅତିଥି ଭାବେ ଯୋଗଦେଇଥିଲେ। ସଭାକୁ ଅଧ୍ୟାପକ ପ୍ରଶାନ୍ତ ପଟେଲ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଦେବେନ୍ଦ୍ର ନାଏକ ବାର୍ଷିକ ବିବରଣୀ ପଠନ କରିଥିଲେ। ଆବାହକ ପ୍ରଭାତ ବେହେରା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଭାରେ ୨୦୨୨ ଅଭିଯାନର ସଦସ୍ୟଙ୍କୁ କୃତଜ୍ଞତା ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ବରିଷ୍ଠ ସଦସ୍ୟ ତଥା କୁଚିଣ୍ଡା ମହାବିଦ୍ୟାଳୟ ଆଲମ୍ନି ସଭାପତି ପ୍ରଫୁଲ୍ଲ ସାହୁ, ସମ୍ପାଦକ ପୁର୍ଣ୍ଣେନ୍ଦୁ ମହାନ୍ତି, ଡା.ଜ୍ୟୋତ୍ସ୍ନା ପ୍ରଧାନ, ପ୍ରଧାନ ଶିକ୍ଷକ ସୁଦର୍ଶନ ପାଣି, ପ୍ରକୃତିବନ୍ଧୁ ସୁଗତ ପଟେଲ, ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଚକ୍ରଧର ମାଝି, ରମାକାନ୍ତ ମହାକୁଳ, ଶ୍ରମିକ ନେତା ମହମ୍ମଦ ମୁର୍ତୁଜା, ଅଧ୍ୟାପକ



ଶିକ୍ଷାନୁରାଗୀ ଓ ଶିକ୍ଷାବିତ୍‌ଙ୍କ ସମାବେଶରେ ଅତିଥି, ଛାତ୍ରୀଛାତ୍ର।

ସତ୍ୟନାରାୟଣ ପଟେଲ, କୃଷ୍ଣଚନ୍ଦ୍ର ପୂଜାରୀ, ବରିଷ୍ଠ ଶିକ୍ଷକ ବିନୋଦ ସାହୁ, ସାଂସ୍କୃତିକ ସଙ୍ଗଠକ ମଳୟ ବେହେରା, ନାଲକୋ ଡେପୁଟି ମ୍ୟାନେଜର ରାମଚନ୍ଦ୍ର ମାଝି, ଓକିଲ ସଂଘର ପୂର୍ବତନ ସଭାପତି ରବୀନ୍ଦ୍ର ନାଏକ, ବରିଷ୍ଠ ଶିକ୍ଷକ ପ୍ରମୋଦ ଚୌଧୁରୀ, ବିମଳା ଚୌଧୁରୀ, କଲ୍ୟାଣୀ ପଟେଲ, ଦୀପକ ନାୟକ, ସମାଜସେବୀ ଅତୁଲ ଅଗ୍ରୱାଲ, ଦୁଃଖବନ୍ଧୁ କିଷାନ, ପ୍ରବୀଣ ବେହେରା, ବିକାଶ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ସଭାରେ ଆଦର୍ଶ ଶିକ୍ଷକ ଭାବେ ପୁରସ୍କୃତ ପ୍ରଧାନ ଶିକ୍ଷକ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅବସରପ୍ରାପ୍ତ ଶିକ୍ଷକ କୈଳାସ ନାଏକଙ୍କୁ ତାଙ୍କ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଭିଯାନକୁ ପୃଷ୍ଟପୋଷାକତା ଦେଇ ଶିକ୍ଷାର ବିକାଶ ସକାଶେ ଉଦ୍ୟମ କରୁଥିବା ସଦସ୍ୟଙ୍କୁ ମାନପତ୍ର ଦିଆଯାଇଥିଲା। ସଭା ପ୍ରାରମ୍ଭରେ ଦିବଂଗତ ସମାଜସେବୀଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିବା ବେଳେ ଅଭିଯାନର ମାଗାଜିନ ୨୦୨୨କୁ ଅତିଥିଗଣ ଲୋକାର୍ପିତ କରିଥିଲେ। ଉତ୍ସବରେ କୁଚିଣ୍ଡା କଲେଜ ଓ ଭାତପୁରା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସଂକ୍ଷେପରେ

### ଶକ୍ତି ସଂରକ୍ଷଣ ମଡେଲ ପ୍ରଦର୍ଶନୀରେ ସ୍ୱପ୍ନେନ୍ଦୁ



ବଲାଙ୍ଗୀର,୧୮।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ଜାତୀୟ ଶକ୍ତି ସଂରକ୍ଷଣ ସପ୍ତାହ ପାଳନ ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ, ଜଳବାୟୁ, ପରିବର୍ତ୍ତନ ବିଭାଗ ଏବଂ ଶକ୍ତି ବିଭାଗ ମିଳିତ ପ୍ରୟାସରେ ଭୁବନେଶ୍ୱର ଲୋକସେବା ଭବନରେ ରାଜ୍ୟସ୍ତରୀୟ ମଡେଲ ପ୍ରଦର୍ଶନ ଅନୁଷ୍ଠିତ ହୋଇଛି। ଓଡିଶାର ୩୦ଟି ଜିଲାରୁ ଜେଣ ଲେଖାଏ କୁନୀ ବୈଜ୍ଞାନିକ ଏଥରେ ଅଂଶଗ୍ରହଣ କରିଥିଲେ। ଏଥିରେ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଡୁଡୁକା ଆଦର୍ଶ ବିଦ୍ୟାଳୟର ଛାତ୍ର ସ୍ୱପ୍ନେନ୍ଦୁ ପାଢ଼ୀ ଯୋଗଦେଇ ପ୍ରଶଂସିତ ହୋଇଛନ୍ତି। ଛାତ୍ର ସ୍ୱପ୍ନେନ୍ଦୁ ଶକ୍ତି କୁଶଳ ସ୍ମାର୍ଟ ଗୃହ ମଡେଲ ପ୍ରଦର୍ଶନ କରିଥିଲେ। ଶକ୍ତି ସଞ୍ଚାର ନିୟମାବଳୀ ନିର୍ଦ୍ଦେଶନାମା ଅନୁସରଣ କରି ଆଦର୍ଶ ଗୃହ ଉକ୍ତ ମଡେଲ ପ୍ରସ୍ତୁତି ନିମନ୍ତେ ରେଙ୍ଗାଲି ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଦିଲୀପ କୁମାର ଧଳ ମାର୍ଗଦର୍ଶନ ପ୍ରଦାନ କରିଥିଲେ।

# ଆଧୁନିକ ଯନ୍ତ୍ରପାତି କୃଷି, କୃଷକଙ୍କୁ ସହାୟକ ହେବ

ବଲାଙ୍ଗୀର,୧୮।୧୨(ବୀରେନ୍ଦ୍ର କୁମାର ଝାଙ୍କର)



ଜିଲାପାଳ ଚଞ୍ଚଳ ରାଣା ଚାଷୀମାନଙ୍କୁ ଟ୍ରାକ୍ଟର ଚାବି ହସ୍ତାନ୍ତର କରୁଛନ୍ତି।

**ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ**

ବଲାଙ୍ଗୀର ଜିଲା ପ୍ରଶାସନ ଏବଂ ଜିଲା କୃଷି ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ କୋଶଳ କଳା ମଣ୍ଡଳ ପଡିଆରେ ଚାଲିଥିବା ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ସୋମବାର ଉଦ୍‌ଯାପିତ ହୋଇଛି। ମୁଖ୍ୟ ଜିଲା କୃଷି ଅଧିକାରୀ ସୁବାସ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଜିଲାପାଳ ଚଞ୍ଚଳ ରାଣା ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ସଭାରେ ଉଦ୍ୟାନ କୃଷି ବିଭାଗ ଉପନିର୍ଦ୍ଦେଶକ ଡ଼. ପ୍ରଫୁଲ୍ଲ କୁମାର ଭଞ୍ଜ ଓ କୃଷି ବିଭାଗ ନିର୍ବାହୀ ଯନ୍ତ୍ରୀ ଲାସା ମୁର୍ମୁ ମଞ୍ଚାସୀନ ଥିଲେ।

ଜିଲାପାଳ ରାଣା ତାଙ୍କ ବକ୍ତବ୍ୟରେ ଆଧୁନିକ କୃଷି ପାଇଁ ଯନ୍ତ୍ରପାତି ଏବଂ ସରକାରୀ ଯୋଜନା ବିଷୟରେ କହିଥିଲେ। ଏହି ମେଳା ଦ୍ୱାରା ୧୪.୫ କୋଟି ଟଙ୍କାର ସବ୍‌ସିଡି ମିଳିଥିବା ଜଣାଇଥିଲେ। ସରକାରୀ ପ୍ରୋତ୍ସାହନ ଯୋଗୁ ଚାଷୀ ଲାଭାନ୍ୱିତ ହେବେ ବୋଲି କହିଥିଲେ। କାଳିଆ ଯୋଜନା, ମିଲେଟ ତଥା ଚାଷ ବୀମା ଦ୍ୱାରା ଚାଷୀଙ୍କ ସୁବିଧା ହୋଇଛି। ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଦ୍ୱାରା ଜଳସେଚିତ ଜମି ପରିମାଣ ବଢିବ ଓ ଚାଷୀମାନେ ଅଧିକ ବ୍ୟବସାୟିକ ଚାଷ କରି ରୋଜଗାର ବଢେଇ ପାରିବେ ବୋଲି କହିଥିଲେ। ଅଧିକ ଯନ୍ତ୍ରପାତି ବିକ୍ରି ଦ୍ୱାରା ଆଇଟିଆଇ, ପୋଲିଟେକ୍ନିକ ଛାତ୍ର ମଧ ଚାକିରି ପାଇବେ। ଏଥିପାଇଁ ଆସନ୍ତା ବର୍ଷରେ ବ୍ୟାଙ୍କମାନଙ୍କୁ ମଧ ଅନ୍ତର୍ଭୁକ୍ତ କରିବାକୁ କହିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ବେହେରା ତାଙ୍କ ସଭାପତୀୟ ଅଭିଭାଷଣରେ ସାଧାରଣ ବର୍ଗ ପୁରୁଷ ଚାଷୀଙ୍କୁ ୪୦ପ୍ରତିଶତ ରିହାତି ଏବଂ ମହିଳା ତଥା ଅନ୍ୟ ସମସ୍ତ ବର୍ଗ ପାଇଁ ୫୦ ପ୍ରତିଶତ ରିହାତି ତଥା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ୭୫ ପ୍ରତିଶତ ରିହାତି ସୁବିଧା ସରକାରଙ୍କ ତରଫରୁ ଦିଆଯାଇଛି ବୋଲି କହିଥିଲେ। ପୂର୍ବ ବର୍ଷଗୁଡିକରେ ୨୨କୋଟି ଟଙ୍କାର ବେପାର ହୋଇଥିବା ବେଳେ ଚଳିତବର୍ଷ ୪୫ କୋଟି ଟଙ୍କା ବେପାର ହୋଇଥିବା ସୂଚନା ଦେଇଥିଲେ। ଆଗକୁ ସେମାନଙ୍କ ମେଶିନ ଚାଳନା ତଥା ପାର୍ଟ କିଣାବିକା ସମ୍ବନ୍ଧୀୟ କର୍ମଶାଳା କରାଯିବାକୁ ନିଷ୍ପତି ନିଆଯାଇଥିବା କଥା ଜଣାଇଥିଲେ। ଏହି ଅବସରରେ ଜିଲାର ୯ ଜଣ ଚାଷୀଙ୍କୁ ଟ୍ରାକ୍ଟର ଚାବି ପ୍ରଦାନ କରି ଜିଲାପାଳ ରାଣା ସମ୍ବର୍ଦ୍ଧିତ କରିଥିଲେ। ଏହି ସଭାରେ ଜିଲାର ଅନ୍ୟ ଚାଷୀଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ମେଳାରେ କୃଷି ଓ କୃଷକଙ୍କ ବିକାଶ ସହ କମ୍ ସମୟରେ ଅଧିକ ଅମଳ ନିମନ୍ତେ ଅତ୍ୟାଧୁନିକ ଜ୍ଞାନକୌଶଳ ଶୈଳୀରେ ତିଆରି ହୋଇଥିବା ଏବଂ ଉନ୍ନତମାନର ଯନ୍ତ୍ରପାତି ପ୍ରଦର୍ଶିତ ହୋଇଥିଲା। ଏହି ମେଳାରେ ଅବସରରେ କୃଷି ସମ୍ବନ୍ଧୀୟ କର୍ମଶାଳା, କୃଷି ଯନ୍ତ୍ରପାତିର ରିହାତି ଦରରେ ବିକ୍ରି ଓ ପ୍ରଦର୍ଶନ କରାଯାଇଥିଲା।

## ମରାମତି ହେଉନି, ଅପଚୟ ହେଉଛି ଜଳ

ଲୋଇସିଂହା,୧୮।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ପଞ୍ଚାୟତ ସଦର ଗ୍ରାମ ରାମଜୀ ମନ୍ଦିର ନିକଟରେ ଥିବା ଗ୍ରାମ୍ୟ ଜଳଯୋଗାଣ କି-ପଏଣ୍ଟର ୱାସର ଖାଇଯାଇଛି। ଫଳରେ ପାଣି ବାହାରି ଅଯଥାରେ ବୋହି ଯାଉଛି। ଲୋକେ ପାଇପ ଜଳ ପାଇବାରେ ସମସ୍ୟା ହେଉଛି। ୫ବର୍ଷ ପର୍ଯ୍ୟନ୍ତ ମରାମତି ଦାୟିତ୍ୱରେ ଥିବା ଠିକାଦାରଙ୍କୁ ମରାମତି ପାଇଁ ପଞ୍ଚାୟତ କର୍ତ୍ତୃପକ୍ଷ ଜଣାଇଲେ ସୁଦ୍ଧା ସୁଫଳ ମିଳିନାହିଁ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୁଡ଼ୁଡିଖାଲ ରାସ୍ତାରେ ନବନିର୍ମିତ ଜଳ ପ୍ରକଳ୍ପ ଅଚଳ ହୋଇ ପଡିଛି। ଗାଁ କଟାଁର ପୁରୁଣା ପାନୀୟ ପ୍ରକଳ୍ପରୁ ଜଳ ଯୋଗାଣ ହେଉଛି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କରାଯାଇଥିବା ପାଇପ କାମ ନିମ୍ନମାନର ହୋଇଥିବାରୁ ଅଳ୍ପ ଦିନରେ ଅବସ୍ଥା ଶୋଚନୀୟ ହୋଇଛି। ବିଭିନ୍ନ ସ୍ଥାନରେ ପାଣି ଲିକ୍ କରୁଛି। ଜଳ ଯୋଗାଣ ବେଳେ ରାମଜୀ ମନ୍ଦିର କେ ପଏଣ୍ଟରୁ ଏକ ସପ୍ତାହ ହେଲା ପାଣି ବୋହି ଯାଉଛି। ରାସ୍ତା କାଦୁଆ ହେବା ସହ ଯାତାୟତରେ ସମସ୍ୟା ସୃଷ୍ଟି ହେଉଛି। ପାଣି ଅପଚର ରୋକିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ଚାମ୍ପିୟନ କବାଡି ଦଳକୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଲୋଇସିଂହା,୧୮।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ପଞ୍ଚାୟତ ସମିତି ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମରେ ଚାଲିଥିବା ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। କ୍ରୀଡା ଉତ୍ସବରେ ଭଲିବଲ, ଫୁଟବଲ, କ୍ରିକେଟ, କବାଡି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ କ୍ରିକେଟ ଓ ଫୁଟବଲ ସେମିଫାଇନାଲ ଓ ଫାଇନାଲ ଅନୁଷ୍ଠିତ ହୋଇଥିଲା । କ୍ରିକେଟ ଫାଇନାଲରେ ପଥରଖଣ୍ଡିକୁ ହରାଇ ତଲିଉଡାର ଚାମ୍ପିୟନ ହୋଇଥିଲା। ସେହିପରି ଫୁଟବଲରେ ଏବିଏଫଏ ଲୋଇସିଂହା ଓ ବିଡିଏଫସି ଲୋଇସିଂହା ମଧ୍ୟରେ ଫାଇନାଲ ମୁକାବିଲା ହୋଇଥିଲା। ଟାଇବ୍ରେକର ୩-୨ ଗୋଲରେ ଏବିଏଫଏ ଲୋଇସିଂହା ଚାମ୍ପିୟନ ହୋଇଛି। ଚାମ୍ପିୟନ ଦଳକୁ ଟ୍ରଫିସହ ୨୦ ହଜାର ଏବଂ ରନର ଅପ ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ସେହିପରି ସେମିଫାଇନାଲକୁ ଉନ୍ନୀତ ଦଳକୁ ମଧ୍ୟ ୧୦ହଜାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ବିଡିଓ ଯୁଧିଷ୍ଠିର ମେହେର ଅଧ୍ୟକ୍ଷତା କରିଥିଲେ । ଏଥିରେ ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ, ଜିଲା ପରିଷଦ ସଭ୍ୟା ଲିଲିମା ବେହେରା, ସରପଞ୍ଚ ନବକିଶୋର ନାଏକ, ରମାକାନ୍ତ ବିଶ୍ୱାଳ, ସମିତି ସଭ୍ୟା ଜିତ ବେହେରା, ଯୁବ ସମାଜିକ କର୍ମୀ ନିହାର ରଞ୍ଜନ ବେହେରା ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିୟନ ଓ ରନର ଅପ ଦଳକୁ ପୁରସ୍କୃତ କରିଥିଲେ। ପୁରସ୍କାର ବିତରଣ ଉତ୍ସବକୁ ଜିପିଓ କିଶୋର ମାନସିଂ ଓ ଯୋଗାଣ ନିରୀକ୍ଷକ ସୌମ୍ୟ ରଞ୍ଜନ ମହାନନ୍ଦ ପରିଚାଳନା କରିଥିଲେ । ଏବିଡିଓ ବିଜୟ କୁମାର ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।

# ଚ୍ୟାଲେଞ୍ଜ ଗ୍ରହଣ କର, ଆଗକୁ ବଢ଼



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ମୁରିବାହାଲ,୧୮।୧୨(ଶ୍ରୀବତ୍ସ ବେହେରା)

- ମୁରିବାହାଲ ଜୁନିୟର କଲେଜରେ ନୂଆ-ଓ କାର୍ଯ୍ୟକ୍ରମ
- ୯ ବିଶିଷ୍ଟ ପ୍ରତିଭା ସମ୍ବର୍ଦ୍ଧିତ

ବଲାଙ୍ଗୀର ଜିଲା ମୁରିବାହାଲ ଜୁନିୟର କଲେଜରେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷ ରମେଶ ଚନ୍ଦ୍ର ମହାନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ଯୋଗଦେଇ ଏହି କାର୍ଯ୍ୟକ୍ରମ ଯୁବପିଢିଙ୍କ ପାଇଁ ପ୍ରେରଣାଦାୟୀ ହୋଇ ପାରିବ ବୋଲି କହିଥିଲେ।

ସମ୍ମାନୀତ ଅତିଥି ଭାବେ ମୁରିବାହାଲ ବ୍ଲକ ଅଧକ୍ଷ ହରିବନ୍ଧୁ ମେହେର, ଜିଲ୍ଲା ପରିଷଦ ଉପାଧକ୍ଷ ମିଥିଳା ମାଝି, କଲେଜ ପ୍ରତିଷ୍ଠାତା ସମ୍ପାଦକ ଧନଞ୍ଜୟ ପଧାନ, ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା ଉପସ୍ଥିତ ଥିଲେ। ଚ୍ୟାଲେଞ୍ଜକୁ ଗ୍ରହଣ କରି ଯୁବପୀଢି ଆଗକୁ ବଢନ୍ତୁ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ମୁରିବାହାଲ ବ୍ଲକ ଅଞ୍ଚଳର ୯ ଜଣ ବିଶିଷ୍ଟ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ କୋଶଲି କବି ମଧୁସୂଦନ ନାଗ, କଲେଜ ପ୍ରତିଷ୍ଠାତା ସମ୍ପାଦକ ଧନଞ୍ଜୟ ପଧାନ, ବିଶିଷ୍ଟ ଗାୟକ ସୁଦର୍ଶନ ଦୀପ, କ୍ରୀଡ଼ାବିତ୍ ଶ୍ରୀବତ୍ସ ବେହେରା, ସାମାଜିକ କର୍ମୀ ଯୁଧିଷ୍ଠିର ବଘାର, ସାମ୍ବାଦିକତା ପାଇଁ ସୁବ୍ରତ ମହାକୁର, ଦୁର୍ଗାନନ୍ଦ ମହାକୁର, କରୋନା ଯୋଦ୍ଧା ଭଗବାନ ମହାନ୍ତି, ଲେଖକ ଘନଶ୍ୟାମ ଖମାରୀ। ଗତ ୧ତାରିଖଠାରୁ ଉକ୍ତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ନୋଡାଲ ଅଧିକାରୀ ବିକ୍ରମ ତାଣ୍ଡିଙ୍କ ସଂଯୋଜନାରେ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ୨୬ଟି ବିଭାଗରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ଅଧାପକ ନରେନ୍ଦ୍ର ପାଣିଗ୍ରାହୀ, ହୃଦାନନ୍ଦ ପୁହାଣ, ରାଧେଶ୍ୟାମ ତ୍ରିପାଠୀ ଭବାନୀ ପୋଢ଼, ମମତା ସାହୁ, ଅଂଶୁମାନ ଦାସ, ପୂଜାରାଣୀ ରଥ, ରାଧେଶ୍ୟାମ ବଘାର, ସ୍ୱାଗତିକା ସାହୁ, ନରେଶ ସତରାମୀ, ଶାନ୍ତରାମ ପଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଯଙ୍ଗଷ୍ଟାର କବାଡ଼ି ଦଳ ଜିଲାସ୍ତରକୁ ମନୋନୀତ

ଲାଠୋର,୧୮।୧୨(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧିନ ଲାଠୋର ଯଙ୍ଗ ଷ୍ଟାର କବାଡ଼ି ଦଳ ଜିଲାସ୍ତରକୁ ମନୋନୀତ ହୋଇଛି। ସରକାରଙ୍କ ନୂଆ-ଓ ସ୍ପୋର୍ଟ ଯୋଜନାରେ ଖପ୍ରାଖୋଲ ପଞ୍ଚାୟତ ସମିତି ଆନୁକୂଲ୍ୟରେ ରବିବାର ଫୁଲକିମୁଣ୍ଡା ଖେଳ ପଡ଼ିଆରେ ବ୍ଲକସ୍ତରୀୟ କବାଡ଼ି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଫାଇନାଲରେ ଲାଠୋର ଯଙ୍ଗ ଷ୍ଟାର ଦଳ ୧୯-୧୩ପଏଣ୍ଟରେ ଲାଠୋର ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ପରାସ୍ତ କରି ଜିଲାସ୍ତରକୁ ମନୋନୀତ ହୋଇଛି। କ୍ୟାପଟେନ ମନୋଜ କରୁଆଁଙ୍କ ନେତୃତ୍ୱରେ କବାଡ଼ି ଦଳ ଭାଗ ନେଇଥିଲା।

## ପାଟଖଣ୍ଡା କପ୍ ଫୁଟବଲ: ଫାଇନାଲରେ ନୂଆପଡା

ଦେଓଗାଁ,୧୮।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ମିନିଷ୍ଟାଡିୟମରେ ପାଟଖଣ୍ଡା କପ୍ ଫୁଟବଲ ଟୁର୍ନାମେଣ୍ଟର ସୋମବାର ତୃତୀୟ ଦିବସରେ ଜରାସିଂହା ବିଏନଏଏ ଦଳ ଓ ନୂଆପଡା ମଧରେ ପ୍ରଥମ ସେମି ଅନୁଷ୍ଠିତ ହୋଇଥିଲା। ଟାଇବ୍ରେକରର ୫-୪ ଗୋଲରେ ନୂଆପଡା ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲକୁ ଉନ୍ନୀତ ହୋଇଥିଲେ। ଏହି ଅବସରରେ ପୂର୍ବତନ ଫୁଟବଲ ଖେଳାଳି ସ୍ୱର୍ଗତ ଜୟକୃଷ୍ଣ ପୁଟେଲଙ୍କୁ ମରଣୋତ୍ତରଭାବେ ସମ୍ମାନିତ କରାଯାଇଥିଲା। ତାଙ୍କ ପୁତ୍ର ଦେବାଶିଷ ପୁଟେଲ ଉକ୍ତ ସମ୍ମାନ ଗ୍ରହଣ କରିଥିଲେ। କମିଟି ସଭାପତି ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

## ଦେଓଗାଁ ଯୁକ୍ତ ୨ କଲେଜରେ କ୍ରୀଡ଼ା ପ୍ରତିଯୋଗିତା

ଦେଓଗାଁ,୧୮।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ଉଚ୍ଚ ମାଧମିକ ବିଦ୍ୟାଳୟରେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉପଲକ୍ଷେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସୋମବାର ବାଳିକା ବିଭାଗରେ ଖୋଖୋ, କବାଡି, ନିଡିଲ ରେସ, ମ୍ୟୁଜିକାଲ ଚେୟାର, ପଟାଟୋ ରେସ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାଳକ ବିଭାଗରେ ଖୋଖୋ ଓ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଖେଳ ଅବସରରେ କଲେଜର ଅଧକ୍ଷ ଉପମନ୍ୟୁ ବାଗ, କ୍ରୀଡା ଅଧିକାରୀ ପ୍ରାଧ୍ୟାପକ ଦେବଦତ୍ତ ଗୁରୁ, କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ପ୍ରସନ୍ନ କୁମାର ସାହୁ ଓ ଦିବ୍ୟଲୋଚନ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ଖେଳକୁ ଡାହିମାଲ କଲେଜ କ୍ରୀଡା ଶିକ୍ଷକ ସୌମ୍ୟରଞ୍ଜନ ସାହୁ, ସ୍ଥାନୀୟ ଖେଳ ଶିକ୍ଷକ ଗିରିଗୋବର୍ଦ୍ଧନ ବିଶ୍ୱାଳ, ଅଧାପକ ସନ୍ତୋଷ କୁମାର ଜାନୀ, ବିକାଶ ବେହେରା, ବୈକୁଣ୍ଠନାଥ ବରର୍ଡ଼ି, ସୁଶାନ୍ତ ସାହୁ, ଅଧାପିକା ଡ.ସନ୍ଧ୍ୟାରାଣୀ ସାହୁ, ମନିଶା ମେହେର, ନମ୍ରତା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ସ୍ମାର୍ଟପାର୍କର ନାମ ବଲାଙ୍ଗୀର ଇକୋ ରିଟ୍ରିଟ୍ ପାର୍କ ରଖିବାକୁ ନିଷ୍ପତ୍ତି

ବଲାଙ୍ଗୀର,୧୮।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହରରେ ନୂତନ ଭାବେ ନିର୍ମିତ ସ୍ମାର୍ଟ ପାର୍କର ନାମକରଣ କରାଯିବା ଉଦ୍ଦେଶ୍ୟରେ ସୋମବାର ବଲାଙ୍ଗୀର ପୌର ପରିଷଦ ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର ବୈଠକ ଆୟୋଜିତ ହୋଇଥିଲା। ବୈଠକରେ ପୌରାଧକ୍ଷା ଲିକା ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର, ଉପାଧକ୍ଷା ଗାୟତ୍ରୀ ଭୋଇଙ୍କ ସହ ବିଭିନ୍ନ ୱାର୍ଡର କାଉନସିଲର ଉପସ୍ଥିତ ଥିଲେ। ବଲାଙ୍ଗୀର ଠାରେ ନିର୍ମାଣାଧିନ ସ୍ମାର୍ଟ ପାର୍କର ନାମକରଣ ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ପ୍ରତିନିଧିମାନେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ଉକ୍ତ ସ୍ମାର୍ଟ ପାର୍କର ନାମ ବଲାଙ୍ଗୀର ଇକୋ ରିଟ୍ରିଟ୍ ପାର୍କ ରଖାଯିବାକୁ ବୈଠକରେ ସ୍ଥିର ହୋଇଥିବା ପୌରାଧକ୍ଷା ସାହୁ ଗଣମାଧମକୁ ସୂଚନା ଦେଇଛନ୍ତି। ସେ କହିଥିଲେ ଯେ, ବଲାଙ୍ଗୀର କଳା ସଂସ୍କୃତି, ଐତିହ୍ୟ ପରମ୍ପରାର ଏକ ସିଦ୍ଧ ପୀଠ। ଏହାକୁ ଆଖିଆଗରେ ରଖି ଏକ ସ୍ୱତନ୍ତ୍ର ବୈଠକରେ ସ୍ମାର୍ଟ ପାର୍କର ଏଭଳି ନାମକରଣ କରାଯାଇଛି। ଆସନ୍ତା ୩ ତାରିଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏହି ପାର୍କ ଉଦ୍‌ଘାଟନ କରାଯିବ ବୋଲି ସେ କହିଥିଲେ। ଏହି ସ୍ମାର୍ଟ ପାର୍କରେ ଛୋଟପିଲା ଠୁ ଆରମ୍ଭ କରି ବୃଦ୍ଧାବୃଦ୍ଧ ସମସ୍ତଙ୍କ ମନୋରଞ୍ଜନ ବ୍ୟବସ୍ଥା ରହିଛି ଓ ପାର୍କ ଭିତରେ ଏକ ପୋଖରୀ ରହିଥିବା ସୂଚନା ଦେଇଥିଲେ।

# ଓଷ୍ଟା ଲୋଇସିଂହା ଜୋନ୍‌ସ୍ତରୀୟ ଶିଶୁ ମେଳା

ଲୋଇସିଂହା,୧୮।୧୨(ସୁଶାନ୍ତ ବାରିକ)

ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟରେ ଓଷ୍ଟା ଲୋଇସିଂହା ଜୋନସ୍ତରୀୟ ଶିଶୁ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ତର୍କରେ ଦିପ୍ତିମୟୀ ରାଉତ, କଣ୍ଠ ସଙ୍ଗୀତରେ ଶ୍ରଦ୍ଧାରାଣୀ ଦାଶ, ଚିତ୍ରାଙ୍କନରେ ଅଙ୍କିତ ପଟେଲ, କବିତା ଆବୃତ୍ତିରେ କୁସୁମ ମଞ୍ଜରୀ ବିଶ୍ୱାଳ, ଗଳ୍ପ ଲିଖନ ସ୍ନେହା ବେହେରା, କବିତା ରଚନା ହରେଶ ସାହୁ, ଏକକ ଅଭିନୟ ବୀଣାରାଣୀ ନାଗ,ଏକକ ନୃତ୍ୟ ସଙ୍ଗୀତା ବାଗ, ସାଧାରଣ ଜ୍ଞାନ ପ୍ରିୟ ନାଏକ, ବୁଦ୍ଧି ପରୀକ୍ଷା ପ୍ରିୟଙ୍କା ଧରୁଆ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ମେଳାକୁ ଉନ୍ନୀତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ପ୍ରଧାନ ଶିକ୍ଷକ ସଦାନନ୍ଦ ଭୋଇ ଅଧ୍ୟକ୍ଷତା କରିଥିଲେ । ଏଥିରେ ଓଷ୍ଟା ପୂର୍ବତନ ରାଜ୍ୟ ସଭାପତି ପୁରନ୍ଦର ଦାଶ ମୁଖ୍ୟ ଅତିଥି, ବିନୋଦ ବିହାରୀ ମଲ୍ଲିକ, ସମ୍ପାଦକ ସାରଥୀ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଏହି ଅବସରରେ ଅବସର ଗ୍ରହଣ କରିଥିବା ୧୦ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

## 'ଗଣମାଧ୍ୟମ ସମାଜର ଅଭିଭାବକ'



ବଲାଙ୍ଗୀର,୧୮।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଲାଲଟିକ୍ରା ସ୍ଥିତ ବିଶ୍ୱ କଲ୍ୟାଣ ଭବନରେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ମିଡିଆ ସେଲ୍ ପକ୍ଷରୁ ସୋମବାର ସ୍ପିରିଚୁଆଲିଟି ଇଜ୍ ଦି ବେସିସ୍ ଅଫ୍ ଜର୍ନାଲିଜମ୍ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଦିଲ୍ଲୀ ବ୍ରହ୍ମକୁମାରୀ ଜାତୀୟ ମିଡିଆ ସଂଯୋଜକ ରାଜଯୋଗୀ ବ୍ରହ୍ମକୁମାର ସୁଶାନ୍ତ ଯୋଗଦାନ କରିଥିଲେ। ସେ କହିଥିଲେ ଯେ, ଗଣମାଧମ ହେଉଛି ସମାଜର ଅଭିଭାବକ। କୌଣସି ଖବର ପରିବେଷଣ ବେଳେ ଗଣମାଧମ ପ୍ରତିନିଧିମାନେ ସଚେତନ ରହିବା ଜରୁରୀ। ସେମାନଙ୍କ ସୂଚନା ସମାଜରେ ନକରାତ୍ମକ ନା ସକରାତ୍ମକ ପ୍ରଭାବ ପକାଉଛି ଏବଂ ଖବର ପ୍ରଭାବରେ କ'ଣ ସବୁ ଘଟିବାର ଆଶଙ୍କା ରହିଛି ତାକୁ ନେଇ ଗଣମାଧମ ପ୍ରତିନିଧିମାନେ ସଚେତନ ରହିବା ଆବଶ୍ୟକ ବୋଲି କହିଥିଲେ। ସମାଜକୁ କ୍ରିୟାଶୀଳ, ପ୍ରଗତିଶୀଳ ଏବଂ ଶୁଦ୍ଧପୂତ କରିବାକୁ ହେଲେ ଗଣମାଧମର ବଡ ଭୂମିକା ରହିଛି। ଏଦିଗରେ ପ୍ରଥମେ ଗଣମାଧମ ପ୍ରତିନିଧିମାନେ ସଚେତନ ହେବା ଉଚିତ୍ ବୋଲି ସେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜଯୋଗିନୀ ବ୍ରହ୍ମକୁମାରୀ ଉଷା, ବ୍ରହ୍ମକୁମାର ଅଭିମନ୍ୟୁ ମିଶ୍ର ଓ ଅନ୍ୟମାନେ ମଞ୍ଚାସୀନ ଥିଲେ। ବ୍ରହ୍ମକୁମାରୀ ଲିଲି କବିତା ପାଠ, ମମତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ସରଧାପାଲିକୁ ହରାଇଲା ବଲାଙ୍ଗୀର ଏଫ୍‌ସି

ବଲାଙ୍ଗୀର,୧୮।୧୨(ବୀରେନ୍ଦ୍ର କୁମାର ଝାଙ୍କର)

**ଶିବ ପ୍ରସାଦ ପଟ୍ଟନାୟକ ସ୍ମାରକୀ ଫୁଟବଲ**

ବଲାଙ୍ଗୀର ସ୍ପୋର୍ଟସ୍ ହଷ୍ଟେଲ ଓ ଜଗନ୍ନାଥ ସ୍ପୋର୍ଟିଂ ଖଲିଆପାଲି ମିଳିତ ଆନୁକୂଲ୍ୟରେ ଆମ୍ବେଦକର ଷ୍ଟାଡିୟମରେ ସୋମବାର ଚତୁର୍ଥ ବାର୍ଷିକ କୋଚ୍ ଶିବ ପ୍ରସାଦ ପଟ୍ଟନାୟକ ସ୍ମାରକୀ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ସାଇଟ୍ ସଦାଇପାଲି ସମ୍ପାଦକ ଡ. ନାରାୟଣ ପ୍ରସାଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଜିଲା କ୍ରୀଡା ଅଧିକାରୀ ପରାଶର ବାଗ, ପୂର୍ବତନ ଖେଳାଳି ପ୍ରଦୀପ ମହାରଣା ଓ କମିଟି ସଭାପତି ନାରାୟଣ ବିଶ୍ୱାଳ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ବଲାଙ୍ଗୀର ଏଫ୍‌ସି ଦଳ ୧-୦ ଗୋଲରେ ସରଧାପାଲିକୁ ହରାଇ ବିଜୟୀ ହୋଇଥିଲା। ମଙ୍ଗଳବାର ତେନ୍ତୁଲିଖୁଣ୍ଟି ବନାମ ହୀରାକୁଦ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି କମିଟି ସମ୍ପାଦକ ଅଭିମନ୍ୟୁ ପାଣ୍ଡେ ଜଣାଇଛନ୍ତି।



ଉଦ୍‌ଘାଟନୀ ମ୍ୟାଚ୍‌ରେ ଉଭୟ ଦଳର ଖେଳାଳିଙ୍କ ସହ ଅତିଥି।

# ଅମଳ ସରିଛି, ମଣ୍ଡି ଖୋଲିନି

ଦେଓଗାଁ,୧୮।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)



ବନ୍ଧପଡା ପାକ୍ସ ପରିସରରେ ଅଧିକାରୀଙ୍କ ସହ ଚାଷୀମାନେ ଆଲୋଚନା କରୁଛନ୍ତି।

- ବନ୍ଧପଡା ପାକ୍ସ ଚାଷୀଙ୍କ ସହ ଅଧିକାରୀଙ୍କ ଆଲୋଚନା
- ବକେୟା ଧାନବିକ୍ରି ଟଙ୍କା ନ ଦେବା ଯାଏ ମଣ୍ଡି ଖୋଲିପାରିବନି କହିଥିଲେ ଚାଷୀ

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡା ପାକ୍ସରେ ପୂର୍ବବର୍ଷରେ ହୋଇଥିବା ଅନିୟମିତତାର ସମାଧାନ ନ ହେବାରୁ ଚଳିତ ବର୍ଷ ଏଯାଏ ଧାନ ମଣ୍ଡି ଖୋଲି ପାରିନାହିଁ। କିଛିଦିନ ପୂର୍ବରୁ ଉକ୍ତ ପାକ୍ସ ଅଧିନ କେତେକ ଚାଷୀ ଧାନବିକ୍ରିର କିଛି ବକେୟା ଟଙ୍କା ପାଇ ନ ଥିବାକୁ ନେଇ ବିକ୍ଷୋଦ୍‌ଗାର କରିଥିଲେ। ବକେୟା ଧାନର ଟଙ୍କା ନ ଦେବା ଯାଏ ମଣ୍ଡି ଆରମ୍ଭ ହୋଇପାରିବ ନାହିଁ ବୋଲି ସେମାନେ ରୋକଠୋକ ଶୁଣାଇଥିଲେ। ତେବେ ଦେଓଗାଁ ବ୍ଲକର ୧୨ଟି ପାକ୍ସରୁ ୧୧ଟିରେ ମଣ୍ଡି ଆରମ୍ଭ ହୋଇଥିବାବେଳେ ଏହି ବିବାଦକୁ ନେଇ ବନ୍ଧପଡାରେ ମଣ୍ଡି ଖୋଲିନାହିଁ। ଫଳରେ ସୋମବାର ସନ୍ଧ୍ୟାରେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସ୍ମାରକ ରଞ୍ଜନ ମିଶ୍ର, ସହକାରୀ ସମବାୟ ଉପନିବନ୍ଧକ(ଏଆରସିଏସ) ରାଧାକୃଷ୍ଣ ମେହେର, ଏସ୍ଏଆରସିଏସ ରବିନ୍ଦ୍ର କୁମାର ପଣ୍ଡା ପ୍ରମୁଖ ପାକ୍ସ ପରିସରରେ ଚାଷୀ ଓ ତତ୍କାଳୀନ ଡିଇଓ ରାକେଶ ମିଶ୍ର ଓ ବସନ୍ତ ସାହୁଙ୍କ ସହ ଆଲୋଚନା କରିଥିଲେ। ଏ ସମୟରେ ଚାଷୀମାନେ ଗତବର୍ଷ ବିକ୍ରି କରିଥିବା ଧାନରୁ କିଛି ପ୍ରାପ୍ୟ ଏ ଯାଏ ପାଇପାରି ନ ଥିବା ଅଭିଯୋଗ କରିଥିଲେ। ତେବେ ଗତବର୍ଷ କ୍ରୟ ହୋଇଥିବା ଧାନ ମଧ୍ୟରୁ ୧୩ଜଣ ଚାଷୀଙ୍କ ପ୍ରାୟ ୪୪୭ କୁଇଣ୍ଟାଲ ଧାନର ବକେୟା ପାଉଣା ହୋଇ ନ ଥିବା ଜଣାପଡିଥିଲା । ଏହାପରେ ସମ୍ପୃକ୍ତ ଡିଇଓ ମିଶ୍ର ଅଧିକାରୀ ଓ ଚାଷୀଙ୍କ ସମ୍ମୁଖରେ ବକେୟା ଟଙ୍କା ଥିବା ସ୍ୱୀକାର କରି ଫେରାଇବା ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏ ବିଷୟରେ ଏଆରସିଏସ୍ ମେହେରଙ୍କୁ ପଚାରିବାରୁ ଚାଷୀଙ୍କୁ ଟଙ୍କା ଫେରାଇବା ପ୍ରତିଶ୍ରୁତି ଡିଇଓ ଦେଇଛନ୍ତି, ଆଗକୁ ମଣ୍ଡି ଠିକ୍‌ଭାବେ ଚାଲିବ ବୋଲି କହିଥିଲେ ।

## ସଂକ୍ଷେପରେ

### ବିଜେଡିର ପ୍ରତିଷ୍ଠା ଦିବସରେ ରକ୍ତଦାନ

**ଝାରବନ୍ଧ,୧୮।୧୨(ଦେବେନ୍ଦ୍ର ସାହୁ):** ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ଅବସରରେ ଝାରବନ୍ଧଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଝାରବନ୍ଧ ବ୍ଲକ ବିଜେଡି ନେତୃବୃନ୍ଦ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଜୟ କେତନ ପ୍ରଧାନ, ବ୍ଲକ ଯୁବ ବିଜେଡି ସଭାପତି ଚନ୍ଦ୍ରଶେଖର ପଟେଲଙ୍କ ନେତୃତ୍ୱରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ମୋଟ ୩୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ବିଧାୟିକା ବର୍ଷା ସିଂ ବରିହାଙ୍କ ସହିତ ବିଜେଡି ବ୍ଲକ ସଭାପତି ଯତୀନ ହାତୀ, ସମ୍ପାଦକ ବିଦ୍ୟୁତ ରଞ୍ଜନ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ହୃଷୀକେଶ ବରିହା, ମାନଭଞ୍ଜନ ବେହେରା ପ୍ରମୁଖ ଯୋଗଦାନ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ।

### ମିଶନ ଶକ୍ତି କାଫେ ଉଦ୍‌ଘାଟିତ

**ଝାରବନ୍ଧ,୧୮।୧୨(ଦେବେନ୍ଦ୍ର ସାହୁ):** ଝାରବନ୍ଧ ମୁଖ୍ୟ ଛକଠାରେ ନିର୍ମିତ ମିଶନ ଶକ୍ତି କାଫେ ଉଦଘାଟି ହୋଇଯାଇଛି। ସୋମବାର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଏହାକୁଉଦ୍‌ଘାଟନ କରିଛନ୍ତି। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିଭିନ୍ନ କାର୍ଯ୍ୟ କରିବା ପାଇଁ ପ୍ରୋତ୍ସାହନ ଦେଉଛନ୍ତି। ଏବେ ମହିଳାମାନଙ୍କୁ ମିଶନ ଶକ୍ତି ମାଧ୍ୟମରେ କାଫେ କରି ରୋଜଗାର ପାଇଁ ସହଯୋଗ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଲିପ୍‌ସା ପ୍ରଧାନ, ବିଡ଼ିଓ ପୁରୁଷୋତ୍ତମ ମିର୍ଦ୍ଧା, ସିଡିପିଓ ସନ୍ଧ୍ୟାରାଣୀ ନେପାକ, ଜିଲା ପରିଷଦ ସଭ୍ୟ ସୁଶୀଲ ମରେଇ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ବିପିଏମ ସତ୍ୟ କୁମ୍ଭାର ଓ ବ୍ଲକ ମିଶନ ଶକ୍ତି ସଂଯୋଜକ ରବିଶଙ୍କର ନାଏକ ପରିଚାଳନା କରିଥିଲେ।

### ପାଇକମାଳରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ପାଇକମାଲ,୧୮।୧୨(ବଡ ଶତପଥୀ):** ବରଗଡ ଜିଲା ପାଇକମାଳ ବ୍ଲକ ସଭାଗୃହରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି । ଏଥିରେ ବରଗଡ଼ ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମୀନା, ଅତିରିକ୍ତ ଜିଲାପାଳ ପବିତ୍ର ବେହେରା, ପଦ୍ମପୁର ଉପଜିଲାପାଳ ଆଲୋକ ପଟେଲ, ବ୍ଲକ ଅଧ୍ୟକ୍ଷା ଭାବନା ସିଂ, ବିଡିଓ ପ୍ରଫୁଲ୍ଲ କୁମାର ଅଡୁ, ତହସିଲଦାର ସିନ୍ଧୁସୁତା ପାତ୍ର, ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇ ଜନସାଧାରଣଙ୍କ ସମସ୍ୟା ଶୁଣିଥିଲେ। ବିଦ୍ୟୁତ୍, ମଣ୍ଡି, କ୍ଷୁଦ୍ରଜଳସେଚନ, ମୋ ଘର, ରାସନ୍ କାର୍ଡ, ପାନୀୟଜଳ ଆଦି ବିଷୟରେ ମୋଟ୍ ୭୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଅଭିଯୋଗଗୁଡିକର ତୁରନ୍ତ ସମାଧାନ କରିବାକୁ ଆରକ୍ଷୀ ଅଧୀକ୍ଷକ ଓ ଅତିରିକ୍ତ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦିଷ୍ଟ ବିଭାଗର ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ସମସ୍ତ ସମସ୍ୟାର ସମାଧାନ କରିବା ପାଇଁ ଉଚିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

### ପଦ୍ମପୁର ଲୋକ ମହୋତ୍ସବ ଉଦ୍‌ଯାପିତ

**ପଦ୍ମପୁର, ୧୮।୧୨ (ପ୍ରଦୀପ୍ତ ଦାଶ):** ପଦ୍ମପୁର ଟାଉନ କ୍ଲବ ପକ୍ଷରୁ ଚାଲିଥିବା ତୃତୀୟ ପଦ୍ମପୁର ଲୋକ ମହୋତ୍ସବ ଉଦଯାପିତ ହୋଇଯାଇଛି। ଉଦଯାପନୀ ସନ୍ଧ୍ୟାରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ ମୁଖ୍ୟ ଅତିଥି, ବିକାଶ ଗ୍ରୁପ୍ ଅଧ୍ୟକ୍ଷ ଡି. ମୁରଲୀକ୍ରିଷ୍ଣା, ଭାଜପା ରାଜ୍ୟ ସମ୍ପାଦକ ଇରାସିସ୍ ଆଚାର୍ଯ୍ୟ, ଛତିଶଗଡ଼ ମହାସମୁନ୍ଦ ଏମ୍‌ପି ଚୁନିରାମ ସାହୁ, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଆବାହକ ଅଶୋକ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ନାଟ୍ୟକାର ଅଶୋକ ବହିଦାର ଓ ତୁଳାରାମ କଲେତଙ୍କୁ ସମ୍ମାନିତ କରାଯାଇଥିଲା ଏବଂ ସ୍ମରଣିକାକୁ ସମ୍ପାଦକ ପ୍ରମୋଦ ପାଢୀ ଓ ଅତିଥିମାନେ ଉନ୍ମୋଚନ କରିଥିଲେ। ପରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ପ୍ରତିଯୋଗିତାର କୃତୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଟାଉନ କ୍ଲବ ସଭାପତି ପ୍ରିତେଶ ବହିଦାର, କେଶରଞ୍ଜନ ପ୍ରଧାନ, ନାଟ୍ୟକାର ଅଶୋକ ବହିଦାର, ଅଞ୍ଜନ ପଧାନ ଓ ସୁଶ୍ରୀ ସ୍ୱଜଳ ପଧାନ ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ ଇଂ. କୁନାଲ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# କଟ୍‌ନୀରେ ରାଜି ନ ହେଲେ ଉଠୁନି ଧାନ

**ବରଗଡ଼,୧୮।୧୨(ପ୍ରେମାନନ୍ଦ ଖମାରୀ)**

ଦିନକ ପରେ ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହକୁ ମାସେ ପୂରିବ । ଅଥଚ ଜିଲାରେ ଧାନ ବିକ୍ରିବଟାରେ ଥିବା ସମସ୍ୟା ସମାଧାନ ହେଉନାହିଁ। ଜିଲାର ଚାଷୀମାନେ ଧାନ ଅମଳ କରିସାରିଥିଲେ ମଧ୍ୟ ସେମାନଙ୍କୁ ହଟହଟା ହେବାକୁ ପଡୁଛି। ଟୋକନ କଟକଣା ସେଥିରେ ପ୍ରମୁଖ କାରଣ ସାଜିଥିଛି। ଅଦିନିଆ ବର୍ଷା ପରେ ମଣ୍ଡିରେ ଧାନକ୍ରୟ ସଂସ୍ଥା କର୍ମଚାରୀଙ୍କ ମନମାନି ଚାଷୀଙ୍କ ପାଇଁ ସମସ୍ୟା ଭାବେ ଉଭା ହୋଇଛି। ଚାଷୀମାନେ ମଣ୍ଡିକୁ ଧାନ ଆଣୁଛନ୍ତି। କିନ୍ତୁ ବିଭିନ୍ନ ମଣ୍ଡିରେ ଚାଷୀମାନେ କଟନୀଛଟନୀରେ ରାଜି ନ ହେଲେ ଧାନକ୍ରୟ ସଂସ୍ଥା କର୍ମଚାରୀମାନେ ଧାନ କିଣିବା ତ ଦୂରର କଥା, ସେଠାରେ ନିୟୋଜିତ ବିଭାଗୀୟ କର୍ମଚାରୀମାନେ ମଣ୍ଡି ଭିତରେ ଗଦା ହୋଇଥିବା ଚାଷୀଙ୍କ ଧାନକୁ କାଗଜପତ୍ରରେ ଏଣ୍ଟ୍ରି ସୁଦ୍ଧା କରୁନାହାନ୍ତି । ଅନ୍ୟପଟେ ମିଲର୍ସ, ଧାନକ୍ରୟ ସଂସ୍ଥା ଏବଂ ବିଭାଗୀୟ କର୍ମଚାରୀଙ୍କ ମିଳିଭଗତରେ ମଣ୍ଡିକୁ ଆସି ନ ଥିବା ଧାନକୁ କାଗଜାତ୍‌ରେ ଫଲ୍ସ ଏଣ୍ଟ୍ରି କରାଉଛନ୍ତି। ଏଭଳି ଅଭିଯୋଗ କରି ସୋମବାର ଚାଷୀ ସଙ୍ଗଠନ ଜୟ କିଷାନ ଆନ୍ଦୋଳନ ପକ୍ଷରୁ ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦିଆଯାଇଥିଲା। ୨ଦିନ ମଧ୍ୟରେ ସେ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହା ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଧାରଣାରୁ ଉଠିଥିଲେ। ଏହାସହିତ ଜୟ କିଷାନ ଆନ୍ଦୋଳନ ପକ୍ଷରୁ ଅତିରିକ୍ତ ଜିଲାପାଳ ଲୁହାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ସମସ୍ୟାର ତ୍ୱରିତ ସମାଧାନ ତଥା ମଣ୍ଡିରେ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଚାଷୀମାନେ ଜିଲାପାଳଙ୍କ ଅଫିସରେ ଧାନ ଗଦା କରିବେ ବୋଲି ଚେତାବନୀ ଦେଇଛନ୍ତି ।

ବରଗଡ଼ ଜିଲାରେ ନଭେମ୍ବର ୨୧ରୁ ଖରିଫ ଧାନ ସଂଗ୍ରହ ଆରମ୍ଭ ହୋଇଛି। ଏଥିପାଇଁ ଜିଲାରେ ୨୨୦ ମଣ୍ଡି ଖୋଲାଯାଇଛି। ୫୮ ପ୍ରାଥମିକ କୃଷି ସମବାୟ ସମିତି ଏବଂ ୩୪ ମହିଳା ସ୍ୱୟଂ ସହାୟକ ଗୋଷ୍ଠି ଜରିଆରେ ଯୋଗାଣ ନିଗମ ଧାନ କିଣୁଛି। ଏଥର ସାଧାରଣ ଧାନ କୁଇଣ୍ଟାଲ ପ୍ରତି ୨୧୮୩ ଟଙ୍କା ଏବଂ ଗ୍ରେଡ୍‌-ଏ ଧାନ କୁଇଣ୍ଟାଲ ପ୍ରତି ୨୨୦୩ ଟଙ୍କା ରହିଛି । ମାତ୍ର ବିଭିନ୍ନ ଆଳ ଦେଖାଇ ଉକ୍ତ ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ଶହେରୁ ଦେଢ଼ଶହ ଟଙ୍କା କମ୍ ଦରରେ ଧାନ କିଣାଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏପରିକି ନଭେମ୍ବର ପ୍ରଥମ ସପ୍ତାହରୁ ଧାନ ଅମଳ ହୋଇସାରିଥିଲେ ସୁଦ୍ଧା ଟୋକନରେ ବିକ୍ରି ଦିବସକୁ ଡିସେମ୍ବର ଶେଷ ଏବଂ ଜାନୁୟାରୀ ପ୍ରଥମ ସପ୍ତାହ ଉଲ୍ଲେଖ କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଟୋକନ କଟକଣା ଯୋଗୁ ଗତ ଅଦିନିଆ ବର୍ଷାରେ ସେମାନଙ୍କ ଅମଳ ଧାନ କ୍ଷତିଗ୍ରସ୍ତ ହୋଇଥିବା ଏବଂ ଏହାପରେ ଧାନ ସଂଗ୍ରହ ପ୍ରକ୍ରିୟାରେ ମିଲର୍ସ, ଧାନକ୍ରୟ ସଂସ୍ଥା ବିଭିନ୍ନ ଆଳ ଦେଖାଇ ଧାନ କିଣୁ ନ ଥିବାବେଳେ ଯୋଗାଣ ବିଭାଗ ତଥା ଜିଲା ପ୍ରଶାସନ ଚୁପ୍ ରହିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି ।

ବିଜେପୁର ବ୍ଲକ ଜାରିଂ ଅଞ୍ଚଳର ଚାଷୀ ସୁବାସ ଚନ୍ଦ୍ର ସାହୁ କହିଛନ୍ତି, ସେ ଗତ ୧୦ତାରିଖରୁ ଜାରିଂ ମଣ୍ଡିକୁ ୭୫ ପ୍ୟାକେଟ୍ ଧାନ ନେଇଛନ୍ତି। ତାଙ୍କ ଧାନ ଶୁଖିଲା ଏବଂ ଠିକ୍ ରହିଛି। ଅଥଚ ସେଠାରେ ଧାନକ୍ରୟ ଦାୟିତ୍ୱରେ ରହିଥିବା କର୍ମଚାରୀମାନେ ପ୍ୟାକେଟ୍ ପ୍ରତି ଦେଢ଼ କି.ଗ୍ରା ଧାନ କଟନୀ ହେଲେ ଯାଇ ତାହା ଉଠାଯିବ ବୋଲି କହୁଛନ୍ତି। ଏହାର ପ୍ରତିବାଦ କରିବାରୁ ମଣ୍ଡି କର୍ମଚାରୀମାନେ ତାଙ୍କୁ ଠେଲାପେଲା କରିଥିବା ସେ ଅତିରିକ୍ତ ଜିଲାପାଳ ଲୁହାଙ୍କଠାରେ ଅଭିଯୋଗ କରିଥିଲେ। ସେହିପରି ସୋହେଲା ବ୍ଲକ ପାଣିମୋରା ଗ୍ରାମର ଅନ୍ୟ ଜଣେ ଚାଷୀ ବୃନ୍ଦାବନ ନାଏକ କହିଛନ୍ତି, ଗତ ୧୧ତାରିଖରୁ ସେ ପାଣିମୋରା ମଣ୍ଡିକୁ ୬୦ ପ୍ୟାକେଟ୍ ଧାନ ନେଇଛନ୍ତି। ମାତ୍ର ବିନା କଟନୀଛଟନୀରେ ତାଙ୍କ ଧାନ ଉଠାଯିବ ନାହିଁ ବୋଲି ସେଠାରେ ଉପସ୍ଥିତ ପାକ୍ସ କର୍ମଚାରୀମାନେ କହିଥିଲେ। ସେଠାରେ ରହିଥିବା ଗୁଣମାନ ପରୀକ୍ଷା ଯନ୍ତ୍ର ଅଚଳ ଥିଲା। ସୋହେଲା, ପଦ୍ମପୁରରୁ ଗୁଣମାନ ପରୀକ୍ଷା ଯନ୍ତ୍ର ଅଣାଯାଇ ଧାନ ପରୀକ୍ଷା କରାଯାଇଥିଲା, ଏହାସତ୍ତ୍ୱେ ତାଙ୍କ ଧାନକୁ ଉଠାଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି। ତେବେ ଜିଲାରେ ଏଭଳି ଜଣେ, ଦୁଇଜଣ କିମ୍ବା ଗୋଟିଏ, ଦୁଇଟି ମଣ୍ଡି ନୁହେଁ, ପ୍ରାୟତଃ ସବୁ ମଣ୍ଡିରେ ଧାନ କିଣାବିକାରେ ଧାନକ୍ରୟ ସଂସ୍ଥା କର୍ମଚାରୀଙ୍କ ଏଭଳି ମନମାନି ଏବଂ ମିଲର୍ସ ଏଜେଣ୍ଟଙ୍କ ରାଜ୍ ଚାଲିଥିବା ଯୋଗୁ ଚାଷୀ ଶୋଷିତ ହେଉଛି ବୋଲି ଜୟ କିଷାନ ଆନ୍ଦୋଳନ ସଭାପତି ସୁଶିଲ କୁମାର ସାହୁ କହିଛନ୍ତି। ଏଭଳି କଟନୀଛଟନୀ ଏବଂ ଫଲ୍ସ ଏଣ୍ଟ୍ରି କରାଯାଇ ଧାନ କୁଇଣ୍ଟାଲ ପ୍ରତି ୪୦ରୁ ୬୦ ଟଙ୍କାର କମିଶନି କାରବାର ଚାଲିଛି ବୋଲି ସମ୍ପାଦକ ହର ବଣିଆ ଅଭିଯୋଗ କରି ଏହାର ତଦନ୍ତ ଦାବି କରିଛନ୍ତି। ଜୟ କିଷାନ ଆନ୍ଦୋଳନର ସରୋଜ ପ୍ରଧାନ, ରଞ୍ଜନ ସାହୁ, ସୁଶାନ୍ତ ସାହୁ, ବିଜୟ ପ୍ରଧାନ, ମିନିଷ୍ଟର ବାରିକ, ତପୋବନ୍ତ ନାୟକ, ଅଶ୍ୱିନୀ ସାହୁ ପ୍ରମୁଖ ସକ୍ରିୟ ଧାରଣାରେ ଅଂଶଗ୍ରହଣ କରିଥିଲେ ।



ଜିଲାପାଳଙ୍କ ଅଫିସ ଆଗରେ ଚାଷୀ ପ୍ରତିନିଧିବୃନ୍ଦ ।

### ବରଗଡ଼ରେ ବ୍ଲକସ୍ତରୀୟ ଶିଶୁମେଳା


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ।

**ବରଗଡ଼,୧୮।୧୨(ପ୍ରେମାନନ୍ଦ ଖମାରୀ)**

ଓଷ୍ଟା ତରଫରୁ ବରଗଡ଼ ଟାଉନ ହାଇସ୍କୁଲରେ ବ୍ଲକସ୍ତରୀୟ ଶିଶୁମେଳା ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଧାନ ଶିକ୍ଷକ ମନମୋହନ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଉକ୍ତ ଉତ୍ସବରେ ଶିଶୁମାନଙ୍କ ମଧ୍ୟରେ କବିତା ଲିଖନ, କବିତା ଆବୃତ୍ତି, ତର୍କ, ସାଧାରଣଜ୍ଞାନ, ସଙ୍ଗୀତ, ନୃତ୍ୟ, ଅଭିନୟ ଆଦି ପ୍ରତିଯୋଗିତା ହୋଇଥିଲା। ବ୍ଲକ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ ମୁଖ୍ୟ ଅତିଥି, ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା, ଓଷ୍ଟାର ବରଗଡ଼ ବ୍ଲକ ସଭାପତି ଡୋଲାମଣି ସାହୁ, ସମ୍ପାଦକ ଋଷଭ ହୋତା, ବିବେକ ଅଦାବର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଗୌରୀଶଙ୍କର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅତିଥିବୃନ୍ଦ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ହେମନ୍ତ ପଣ୍ଡା, ସୁରେନ୍ଦ୍ର ମହାପାତ୍ର, ସୁବାସ ପଟେଲ ପ୍ରମୁଖ ସହଯୋଗ କରିଥିଲେ। ଦେଓଗାଁ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ


ବରଗଡ଼ରେ ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା ଉଦଘାଟନ କରାଯାଉଛି ।

**ବରଗଡ଼,୧୮।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜର୍ଜ ହାଇସ୍କୁଲ ପଡ଼ିଆରେ ସୋମବାର ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ ହୋଇଛି। ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଆପିକଲ ଅଧ୍ୟକ୍ଷ ପ୍ରଭାତ ଆଦିତ୍ୟ ମିଶ୍ର, ଜିଲାପାଳ ମୋନିଷା ବାନାର୍ଜୀ, ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଚାଷୀମାନଙ୍କୁ ବୈଜ୍ଞାନିକ ଜ୍ଞାନ କୌଶଳ ପହଞ୍ଚାଇବା ଉକ୍ତ ମେଳାର ଉଦ୍ଦେଶ୍ୟ ବୋଲ ଜିଲାପାଳ ବାନାର୍ଜୀ କହିଥିଲେ ।

ବରଗଡ଼ ଏକ କୃଷିପ୍ରଧାନ ଜିଲା। ଜିଲାର ୮୦ପ୍ରତିଶତ ଲୋକ କୃଷିକୁ ଜୀବିକା ଭାବେ ଗ୍ରହଣ କରିଛନ୍ତି । ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ମାଧ୍ୟମରେ ଉନ୍ନତ ପ୍ରଣାଳୀରେ ଚାଷ କରିବା ଏବଂ ବିଭିନ୍ନ କୃଷି ଯନ୍ତ୍ରପାତି ସାହାଯ୍ୟରେ ସେମାନେ ସୁବିଧାରେ ଚାଷକାର୍ଯ୍ୟ କରିପାରିବା ସହିତ ସେମାନଙ୍କ ଆର୍ଥିକ ମାନଦଣ୍ଡ ଉନ୍ନତ କରିବାରେ ଏହି ମେଳା ସହାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ମେଳାରେ ୫୦ରୁ ୭୫ପ୍ରତିଶତ ରିହାତି ଦରରେ ବିଭିନ୍ନ କୃଷି ଯନ୍ତ୍ରପାତି ଉପଲବ୍ଧ ହେଉଛି ଏବଂ ପ୍ରତ୍ୟେକ ଚାଷୀ ଏହି ସୁବିଧାର ସଦୁପଯୋଗ କରନ୍ତୁ ବୋଲି ମନ୍ତ୍ରୀ ସାହୁ କହିଥିଲେ। ଆସନ୍ତା ୨୨ତାରିଖ ପର୍ଯ୍ୟନ୍ତ ଏହି ମେଳା ଚାଲିବ। ଉକ୍ତ ମେଳାରେ ବରଗଡ଼, ସମ୍ବଲପୁର, ବଲାଙ୍ଗୀର, ସୋନପୁର, ଝାରସୁଗୁଡ଼ା ଜିଲାର ଚାଷୀମାନେ ଯୋଗଦେଇ ସେମାନଙ୍କ ଅନୁଭବ, ଅଭିଜ୍ଞତା ସମ୍ପର୍କରେ କହିବା ସହିତ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସେମିନାର, ଆଲୋଚନା ତଥା ପ୍ରଶିକ୍ଷଣ ଆୟୋଜନରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନୀ ଦିବସରେ ବରଗଡ଼, ସମ୍ବଲପୁର ଜିଲାର କୃଷିକାର୍ଯ୍ୟରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଚାଷୀମାନଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ। ମୁଖ୍ୟ ଜିଲା କୃଷି ଅଧିକାରୀ ଅମିୟ ସାହୁ, ବିଭାଗୀୟ ଅଧିକାରୀ, କର୍ମଚାରୀ ସହଯୋଗ କରିଥିଲେ ।

### ଚିଚିଣ୍ଡା ଧନୁଯାତ୍ରା ଉଦ୍‌ଘାଟିତ

**ଭେଡ଼େନ, ୧୮।୧୨ (ସୁଦନ ମହାକୁର)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଚିଚିଣ୍ଡା ଗ୍ରାମରେ ୧୦ଦିନ ଧରି ହେବାକୁ ଥିବା ଧନୁଯାତ୍ରା ମହୋତ୍ସବ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ଆରଏମ୍‌ସି ସମ୍ପାଦକ ଦୁର୍ଗା ପ୍ରସାଦ ଛୁରିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ସୀମା ମେହେର, ସମିତିସଭ୍ୟା ଜ୍ୟୋତିର୍ମୟୀ ସାହୁ, ଏସ୍‌ଆଇ ଧନେଶ୍ୱର ସାହୁ, ଗୌନ୍ତିଆ ଅଲେଖ ବାବୁ, ଅରବିନ୍ଦ ହୋତା, ପରିଚାଳନା କମିଟି ସଭାପତି ସଞ୍ଜୀବ ମେହେର, ସମ୍ପାଦକ ସୁଶାନ୍ତ ପଧାନ, ଭଗବାନ ମେହେର, ଅଲେଖ ମେଣ୍ଡେଲି, ହରିବୋଲ ମାଝି, ଗୌରାଙ୍ଗ ପଧାନ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ନାରାୟଣ ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଧନୁଯାତ୍ରାର ପ୍ରଥମ ସନ୍ଧ୍ୟା ନାଟକରେ ଉଗ୍ରସେନଙ୍କ ସିଂହାସନ ଆରୋହଣ, ରାଜୁତି, ପ୍ରଜାପାଳନ ବିଷୟରେ ବିଚାର ବିମର୍ଶ, ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି କଂସଙ୍କ ସିଂହାସନ ଆରୋହଣ ଆଦି ନାଟକୀୟ ଦୃଶ୍ୟ ଅଭିନୀତ ହୋଇଥିଲା। ଚଳିତବର୍ଷ ବରଗଡ଼ ଧନୁଯାତ୍ରାର ପୂର୍ବତନ କଂସ ଅଭିନେତା ଭୁବନେଶ୍ୱର ପଧାନଙ୍କ ଚିତ୍ତାକର୍ଷକ ଅଭିନୟ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି।

## ମଦ ବିରୋଧରେ ତାତିଲେ ମହିଳା

**ବରଗଡ଼,୧୮।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଅମ୍ବାଭୋନା ଥାନା କପାଶିରା ଗ୍ରାମରେ ମଦ କାରବାର ବଢ଼ିଚାଲିଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି କ୍ରମରେ ସୋମବାର ଉକ୍ତ ଗ୍ରାମର ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଫେରାଦ ହୋଇଛନ୍ତି। ଗ୍ରାମରେ ମଦ କାରବାର ବନ୍ଦ କରିବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସେମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

ପ୍ରକାଶ ଯେ, ପ୍ରକାଶପୁର ମଦଭାଟିରୁ କିଛି ଲୋକ ଦେଶୀମଦ ଆଣି କପାଶିରା ଗ୍ରାମରେ ଅବାଧରେ ବିକ୍ରି କରୁଛନ୍ତି । ଫଳରେ ଏହାର କୁପ୍ରଭାବ ଗ୍ରାମର ଯୁବପିଢ଼ି ଉପରେ ପଡୁଛି । ସେହିପରି ଗ୍ରାମର ସ୍କୁଲ, କଲେଜ ଛାତ୍ରୀଛାତ୍ର ଏବଂ ମହିଳାମାନେ ରାସ୍ତାଘାଟରେ ଯାତାୟାତ କରିବା ପାଇଁ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଏପରିକି ବିଭିନ୍ନ ସମୟରେ ଗ୍ରାମରେ ମଦଜନିତ ଅପରାଧ ମଧ୍ୟ ବଢ଼ିଚାଲି ଥିବାବେଳେ ଲୋକେ ରୋଗାକ୍ରାନ୍ତ ହେଉଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଫଳରେ ଗ୍ରାମରେ ମଦ କାରବାର ସମ୍ପୂର୍ଣ୍ଣ ବନ୍ଦ କରିବାକୁ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଦାବି କରିଛନ୍ତି। ବୈଷ୍ଣବୀ, ବିଷ୍ଣୁପ୍ରିୟା, ରମାଦେବୀ ସ୍ୱୟଂ ସହାୟିକା ଗୋଷ୍ଠୀ ସମେତ ଅନ୍ୟ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ମଧ୍ୟ ଏଥିରେ ସାମିଲ ହୋଇଥିଲେ।


ମଦ କାରବାର ବନ୍ଦ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଗ୍ରାମବାସୀ ।

## ରାମଲୀଳା ପାଇଁ ଶୁଭସ୍ତମ୍ଭ ସ୍ଥାପନ

**ଭେଡ଼େନ,୧୮।୧୨ (ସୁଦନ ମହାକୁର)**

ବରଗଡ଼ ଜିଲା ଭେଡ଼େନସ୍ଥିତ ବାବା ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବିଶ୍ୱଶାନ୍ତି ଅଖଣ୍ଡ ଶ୍ରୀହରି ନାମଯଜ୍ଞ ଓ ବିରାଟ ରାମଲୀଳା ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରେମ ପ୍ରକାଶ ପୁରୋହିତ ପୂଜକ ଏବଂ ଜଗତ ଭୂଷଣ ଶତପଥୀ ଓ ଅଶୋକ ସିଂ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ବିଶିଷ୍ଟ ମଞ୍ଚ କଳାକାର ଜଗଦାନନ୍ଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ରାମଲୀଳା କଳାକାରମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କଳାକାରମାନେ ଚଳିତବର୍ଷ କିପରି ଉଚ୍ଚକୋଟୀର ଅଭିନୟ କରି ଦର୍ଶକଙ୍କ ମନକୁ ଆମୋଦିତ କରିବେ ସେଥିପ୍ରତି ଧ୍ୟାନ ଦେବାକୁ ମତପ୍ରକାଶ ପାଇଥିଲା। ଅପରପକ୍ଷେ ଭେଡ଼େନରେ ହେବାକୁ ଥିବା ରାମଲୀଳା ମହୋତ୍ସବକୁ ସମ୍ବଲପୁରୀ ଭାଷାରେ ସଂଳାପ ପାଇଁ କୋସଲ ସେନା ପକ୍ଷରୁ ଅନୁରୋଧ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧ୍ୟକ୍ଷ ଡୋଲାମଣି କ୍ଷେତି, ଜିଲା ପରିଷଦ ସଭ୍ୟା ପଦ୍ମିନୀ ଗଡ଼ତିଆ, ପିଙ୍କି ବଡେଇ, ସତ୍ୟଜିତ ପୁରୋହିତ, ଭରତ କୁମାର ବରେଇ, ସରପଞ୍ଚ ଅକ୍ଷୟ ନାଏକ, ମାନ ମଡ଼ପାଚି, କୃଷ୍ଣଚନ୍ଦ୍ର ବେହେରା, ଦଶରଥ ମେହେର, ଗଜରାଜ ମେହେର, ଗୌରା ଅଦାବର ପ୍ରମୁଖ ଉପସ୍ଥିତ ଥିଲେ।


ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶୁଭସ୍ତମ୍ଭ ସ୍ଥାପନ କରାଯାଉଛି।

## ସମ୍ବଲପୁରୀ ଭାଷାରେ ହେବନି ବରଗଡ଼ ଧନୁଯାତ୍ରା

- କଳାକାରଙ୍କୁ କଟକଣା ନାହିଁ
- ୨୨ରେ ଶୁଭସ୍ତମ୍ଭ ସ୍ଥାପନ

**ବରଗଡ଼,୧୮।୧୨(ପ୍ରେମାନନ୍ଦ ଖମାରୀ)**

ବୃହତ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ୨୦୨୪ ଜାନୁୟାରୀ ୧୫ରୁ ଆରମ୍ଭ ହେବ। ତେବେ ଏଥର ସମ୍ବଲପୁରୀ ଭାଷାରେ ଧନୁଯାତ୍ରା କରିବାକୁ ଦାବି କରି କୋଶଳ କ୍ରାନ୍ତି ସେନା ପକ୍ଷରୁ ବରଗଡ଼ ଗାନ୍ଧୀଛକରେ ୫ଦିନ ଧରି ଅନଶନ କରାଯାଇଥିଲା। ମାତ୍ର ସୋମବାର ସନ୍ଧ୍ୟାରେ ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ଧନୁଯାତ୍ରା ମହୋତ୍ସବର ଉପଦେଷ୍ଟା କମିଟି ଏବଂ କାର୍ଯ୍ୟକାରିଣୀ କମିଟି ବୈଠକରେ ଏହି ଦାବି ଫସର ଫାଟିଯାଇଛି । ବୈଠକରେ ଉପସ୍ଥିତ କମିଟି ସଭ୍ୟ ତଥା କଳାକାରଙ୍କ ମତାମତ ନେବା ପରେ ଧନୁଯାତ୍ରା ମହୋତ୍ସବକୁ ସମ୍ପୂର୍ଣ୍ଣ ସମ୍ବଲପୁରୀ ଭାଷାରେ କରାଯିବା ସମ୍ଭବ ହେଉନାହିଁ। ମାତ୍ର ମଞ୍ଚର ଗାମ୍ଭୀର୍ଯ୍ୟକୁ ଦୃଷ୍ଟିରେ ରଖି କଳାକାରମାନେ ଚାହିଁଲେ ଆବଶ୍ୟକ ସ୍ଥଳେ ସମ୍ବଲପୁରୀ ଭାଷା ବ୍ୟବହାର କରିବାରେ କଟକଣା ନାହିଁ ବୋଲି ଜିଲାପାଳ ମୋନିଷା ବାନାର୍ଜୀ କହିଛନ୍ତି। ସେହିପରି ଆସନ୍ତା ୨୨ତାରିଖରେ ଧନୁଯାତ୍ରା ମହୋତ୍ସବ ପାଇଁ ବରଗଡ଼ ହାଟପଦା ସଞ୍ଚାର ମଣ୍ଡଳୀରେ ଶୁଭସ୍ତମ୍ଭ ସ୍ଥାପନ କରାଯିବ ବୋଲି ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ ସୂଚନା ଦେଇଛନ୍ତି । ସେହିଦିନ ସନ୍ଧ୍ୟା ୫ଟାରେ ବରଗଡ଼ ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରା ସଞ୍ଚାର ମଣ୍ଡଳୀ ଅଭିମୁଖେ ବାହାରିବ ଏବଂ ସେଠାରେ ପହଞ୍ଚିବା ପରେ ଶୁଭସ୍ତମ୍ଭ ସ୍ଥାପନ କରାଯିବ। ଶୁଭସ୍ତମ୍ଭ ସ୍ଥାପନ ସମୟରେ ଧନୁଯାତ୍ରା ମହୋତ୍ସବ ସମିତି ସଭାପତି ତଥା ଜିଲାପାଳ ବାନାର୍ଜୀ ଏବଂ କାର୍ଯ୍ୟକାରୀ ସଭାପତି ତଥା ଏସ୍‌ପି ପି.ଏସ ମୀନା କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିବେ ବୋଲି ଶତପଥି ସୂଚନା ଦେଇଥିଲେ। ସେହିପରି ଏଥର ରଙ୍ଗମହଲ, ରାଜ ଦରବାରକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଧନୁଯାତ୍ରା ସମୟରେ ଲୁଟ୍‌ପାଟ୍ ରୋକିବା ସହ ଦର୍ଶକ, ପର୍ଯ୍ୟଟକଙ୍କ ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ବୈଠକରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଏସ୍‌ପି ମୀନା, ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହାଙ୍କ ସମେତ ମହୋତ୍ସବ ସମିତିର କର୍ମକର୍ତ୍ତା, କଳାକାର ଉପସ୍ଥିତ ଥିଲେ।


ବୈଠକରେ ଧନୁଯାତ୍ରା ମହୋତ୍ସବ ସମିତିର କର୍ମକର୍ତ୍ତା, ସଭ୍ୟବୃନ୍ଦ ।

## ସଂକ୍ଷେପରେ

### ନବବିବାହିତାଙ୍କ ମୃତଦେହ ଜବତ

ରାଉରକେଲା,୧୮।୧୨(ସଙ୍ଗୀତା ଜେନା): ଛେଣ୍ଡ ଥାନା ଅନ୍ତର୍ଗତ ଟିସ୍କୋ ଅଞ୍ଚଳରେ ଜଣେ ନବବିବାହିତା ମହିଳାଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ମିଲି ସାହୁ(୨୩)। ମିଲିଙ୍କ ମୃତଦେହ ସୋମବାର ସକାଳେ ଶୋଇବା ଘର ଫ୍ୟାନ୍‌ରେ ଝୁଲୁଥିବା ଦେଖି ଶାଶୁଘର ଲୋକେ ତାଙ୍କୁ ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମୃତା ମହିଳାଙ୍କ ମାତାପିତା ମଙ୍ଗଳବାର ଆସିଲେ ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି। ମିଲିଙ୍କ ସ୍ୱାମୀ ଅନ୍ୟତ୍ର ରହି କାମ କରନ୍ତି ବୋଲି ଜଣାପଡ଼ିଛି।

### ଭାଜପା ନେତାଙ୍କ ଭ୍ରାତୃ ବିୟୋଗ

ରାଉରକେଲା,୧୮।୧୨(ସଙ୍ଗୀତା ଜେନା): ରାଜ୍ୟ ଭାଜପା ପ୍ରବକ୍ତା ଧୀରେନ୍ ସେନାପତିଙ୍କ ଜ୍ୟେଷ୍ଠ ଭ୍ରାତା ଗଦାଧର ସେନାପତିଙ୍କ ସୋମବାର ସେକ୍ଟର-୭ ବାସଭବନରେ ପରଲୋକ ହୋଇଛି। ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ସେ ଜଣେ ମିଷ୍ଟଭାଷୀ ଓ ସମାଜସେବୀ ଥିଲେ। ସେ କଟକ ସ୍ଥିତ ୪୨ ମୌଜା ଧୂଳିଶ୍ୱର ଗ୍ରାମର ମୂଳବାସିନ୍ଦା ଓ ରାଉରକେଲା ଇସ୍ପାତ କାରଖାନାରେ ଚାକିରୀ କରି ସେକ୍ଟର-୭ରେ ରହିଆସୁଥିଲେ। ମୃତ୍ୟୁଶଯ୍ୟା ନିକଟରେ ଏକପୁତ୍ର ସମୀର ସେନାପତି, ପୁତ୍ରବଧୂ ଶର୍ମିଷ୍ଠା ସେନାପତି, ଦେବଜ୍ୟୋତି, ଅର୍ଣ୍ଣବ, ବିଶ୍ୱମ୍ଭର ସେନାପତି, ଧୀରେନ୍ ସେନାପତି, ବିନୋଦିନୀ ସେନାପତି ଓ ପରିବାରବର୍ଗ ଉପସ୍ଥିତ ଥିଲେ। ବେଦବ୍ୟାସ ତ୍ରିବେଣୀ ଘାଟରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

### ବିଜେଡିର ପ୍ରତିଷ୍ଠା ଦିବସରେ ରକ୍ତଦାନ

ଝାରବନ୍ଧ,୧୮।୧୨(ଦେବେନ୍ଦ୍ର ସାହୁ): ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ଅବସରରେ ଝାରବନ୍ଧଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଝାରବନ୍ଧ ବ୍ଲକ ବିଜେଡି ନେତୃବୃନ୍ଦ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଜୟ କେତନ ପ୍ରଧାନ, ବ୍ଲକ ଯୁବ ବିଜେଡି ସଭାପତି ଚନ୍ଦ୍ରଶେଖର ପଟେଲଙ୍କ ନେତୃତ୍ୱରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ମୋଟ ୩୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ବିଧାୟିକା ବର୍ଷା ସିଂ ବରିହାଙ୍କ ସହିତ ବିଜେଡି ବ୍ଲକ ସଭାପତି ଯତୀନ ହାତୀ, ସମ୍ପାଦକ ବିଦ୍ୟୁତ ରଞ୍ଜନ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ହୃଷୀକେଶ ବରିହା, ମାନଭଞ୍ଜନ ବେହେରା ପ୍ରମୁଖ ଯୋଗଦାନ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ।

### ମିଶନ ଶକ୍ତି କାଫେ ଉଦ୍‌ଘାଟିତ

ଝାରବନ୍ଧ,୧୮।୧୨(ଦେବେନ୍ଦ୍ର ସାହୁ): ଝାରବନ୍ଧ ମୁଖ୍ୟ ଛକଠାରେ ନିର୍ମିତ ମିଶନ ଶକ୍ତି କାଫେ ଉଦଘାଟି ହୋଇଯାଇଛି। ସୋମବାର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଏହାକୁ ଉଦ୍‌ଘାଟନ କରିଛନ୍ତି। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିଭିନ୍ନ କାର୍ଯ୍ୟ କରିବା ପାଇଁ ପ୍ରୋତ୍ସାହନ ଦେଉଛନ୍ତି। ମହିଳାମାନଙ୍କୁ ମିଶନ ଶକ୍ତି ମାଧ୍ୟମରେ କାଫେ କରି ରୋଜଗାର ପାଇଁ ସହଯୋଗ କରୁଛନ୍ତି।

# ଝାଡ଼ାବାନ୍ତି ସଂକ୍ରମଣ, ଭାଜପା ଦେଲା ଦାବିପତ୍ର

ରାଉରକେଲା,୧୮।୧୨(ସଙ୍ଗୀତା ଜେନା)

ରାଉରକେଲା ସହରରେ ଝାଡ଼ାବାନ୍ତି ନିୟନ୍ତ୍ରଣ ପାଇଁ ଭାଜପା ପାନପୋଷ ସାଙ୍ଗଠନିକ ଜିଲା ସଭନେତ୍ରୀ ଲତିକା ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ସୋମବାର ଅତିରିକ୍ତ ଜିଲାପାଳକୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦଳ ପକ୍ଷରୁ ଅଭିଯୋଗ ହୋଇଛି, ଜିଲାରେ ଝାଡ଼ାବାନ୍ତି ସ୍ଥିତି ଅତ୍ୟନ୍ତ ଗମ୍ଭୀର ରହିଛି। ପ୍ରଶାସନର ଅପାରଗତା ଯୋଗୁ ଏପରି ହୋଇଛି। ଆର୍‌ଜିଏଚ୍ ଓ ଅନ୍ୟ ଘରୋଇ ହସ୍ପିଟାଲରେ ସଚେତନତା



ଭାଜପା ପକ୍ଷରୁ ଏଡ଼ିଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ପାଇଁ ୨୪ ଘଣ୍ଟିଆ ଯୋଗାଯୋଗ ବ୍ୟବସ୍ଥା, ଜଳଯୋଗାଣ ଟାଙ୍କିଗୁଡ଼ିକୁ ସ୍ୱଚ୍ଛ କରିବା, ସଂକ୍ରମିତ ଅଞ୍ଚଳକୁ ଡାକ୍ତରୀ ଦଳ ପଠାଇବା, ପର୍ଯ୍ୟାପ୍ତ ଔଷଧ ଉପଲବ୍ଧ କରିବା, ମାଗଣା ଖାଦ୍ୟ ବଣ୍ଟନ, ସ୍କୁଲ ଓ ଶିକ୍ଷାନୁଷ୍ଠାନରେ ସଚେତନତା କାର୍ଯ୍ୟକ୍ରମ ଆଦି କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଭାଜପା ନେତା ନିହାର ରାୟ, ପ୍ରମିଳା ଦାସ, ଜଗବନ୍ଧୁ ବେହେରା, ଗଙ୍ଗାଧର ଦାଶ, କଳ୍ପନା ଲେଙ୍କା, ସୁବ୍ରତ ପଟ୍ଟନାୟକ, ଶଶାଙ୍କ ଜେନା, ହିରୋଜ ରାୟ, ତାପସ ପରିଡ଼ାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ୨୨ରୁ କଳିଙ୍ଗ ହର୍ବାଲ ମେଳା

ରାଉରକେଲା,୧୮।୧୨(ସଙ୍ଗୀତା ଜେନା)

ରାଉରକେଲା ବନଖଣ୍ଡ ଓ ରାଜ୍ୟ ଔଷଧୀୟ ବୃକ୍ଷ ପରିଷଦ ପକ୍ଷରୁ ଆସନ୍ତା ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ସେକ୍ଟର-୫ ପ୍ରଦର୍ଶନୀ ପଡ଼ିଆରେ ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଅନୁଷ୍ଠିତ ହେବାକୁ ଯାଉଛି। ଏ ନେଇ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ମେଳା ସକାଳ ୬ରୁ ରାତ୍ରି ୯ଟା ପର୍ଯ୍ୟନ୍ତ ଚାଲିବ। ଆୟୁର୍ବେଦ ଉପଚାର ଓ ଚିକିତ୍ସା ପଦ୍ଧତିରେ ହଜିଯାଉଥିବା ଗୁଳ୍ମଲତା ଓ ଜଡ଼ିବୁଟି ଏଠାରେ ଉପଲବ୍ଧ ହେବ। ରାଜ୍ୟର କୋଣ ଅନୁକୋଣରୁ ଆସିଥିବା ୫୦ ବୈଦ୍ୟ ଲୋକଙ୍କୁ ନିଃଶୁଳ୍କ ଚିକିତ୍ସା କରିବେ। ଏହାବ୍ୟତୀତ ୨୦/୩୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଜଡ଼ିବୁଟି ଓ ପ୍ରାକୃତିକ ସାମଗ୍ରୀ ବିକ୍ରି ଷ୍ଟଲ ଲଗାଯିବ। ସେହିପରି ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମରେ ଓଲିଉଡ୍ କଳାକାର କୁକି ସ୍ୱାଇଁ ଓ ସନ୍ଦୀପ ମିଶ୍ର ଯୋଗ ଦେବେ ବୋଲି ସେଠୀ ସୂଚନା ଦେଇଥିଲେ। ଏସିଏଫ୍ ସୌମ୍ୟରଞ୍ଜନ ଗୋଛାୟତ ଓ ପାନପୋଷ ରେଞ୍ଜ୍ ଅଫିସର ଜ୍ଞାନେନ୍ଦ୍ର ଲିମା ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

# କୁଇଜ୍ ପ୍ରତିଯୋଗିତାରେ ୩ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ

ରାଉରକେଲା,୧୮।୧୨(ଦିନେଶ ମିଶ୍ର)

ଭାରତ ବିକାଶ ପରିଷଦ ପକ୍ଷରୁ ଆଞ୍ଚଳିକ ସ୍ତରୀୟ କୁଇଜ ପ୍ରତିଯୋଗିତା ସଭାପତି ଅଶୋକ କକ୍କଡଙ୍କ ଅଧ୍ୟକ୍ଷତାରେ ବରଟୋଲି ସ୍ଥିତ ପଦ୍ମିନି ପ୍ୟାଲେସ୍‌ରେ ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତା ଓଡ଼ିଶା ପଶ୍ଚିମ ପ୍ରାନ୍ତ ପକ୍ଷରୁ ଆୟୋଜିତ ହୋଇଥିଲା। ଏଥିରେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ମୁଖ୍ୟ ଅତିଥି, ରାଉରକେଲା ବଣିକ ସଂଘ ସଭାପତି ସୁନିଲ କୟାଲ, କମଲ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କୁଇଜ ପ୍ରତିଯୋଗିତାରେ ଓଡ଼ିଶା ସମେତ ଝାଡ଼ଖଣ୍ଡ, ବିହାରରୁ ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଯୋଗ ଦେଇଥିଲେ। ବରିଷ୍ଠ ବର୍ଗରେ ବାସନ୍ତୀ କଲୋନି ଡିଏଭି ସ୍କୁଲର ଅମିତ କୁମାର ସାହୁ ଓ ବାଳିକା ବର୍ଗରେ ବିଶ୍ୱାସ ବଳ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି କନିଷ୍ଠ ବର୍ଗରେ ଭୁବନେଶ୍ୱର କଳିଙ୍ଗନଗର ଡିଏଭି ସ୍କୁଲର ସାନଭି ହୋତା ଓ ମିଧିର ଷଡଙ୍ଗୀ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟ ସ୍ତର କୁଇଜ ପ୍ରତିଯୋଗିତାକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜଗଦା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶିକ୍ଷୟିତ୍ରୀ ଶିକ୍ଷକ କୁଇଜ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଭାରତ ବିକାଶ ପରିଷଦ ସମ୍ପାଦକ ଗୋଦାବରୀଶ ଶତପଥୀ, ବୈଷ୍ଣବ ମହାପାତ୍ର, ହୀରାଲାଲ ମହାପାତ୍ର, ଡକ୍ଟର ଆର. ସି. ମେହେର, ଅସୀମ ଗୁପ୍ତା, ବନ୍ଦିତା ମାହାତୋ, ଝୁନୁ ନାୟକ, ଅଞ୍ଜୁ କକ୍କଡ, ଅନୁପ ଗୁପ୍ତା, ମଞ୍ଜୁ ମେହେର ପ୍ରମୁଖ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

### ରାମେଶ୍ୱର ମହାଦେବଙ୍କ ରୁଦ୍ର ମହାଯଜ୍ଞ

ରାଉରକେଲା,୧୮।୧୨(ଦିନେଶ ମିଶ୍ର): ରାଉରକେଲା ସେକ୍ଟର-୨୦ ନେହେରୁପଲ୍ଲୀ ସ୍ଥିତ ଶ୍ରୀ ଶ୍ରୀ ରାମେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ୧୦ମ ରୁଦ୍ର ମହାଯଜ୍ଞ ଡକ୍ଟର ପ୍ରଶାନ୍ତ କୁମାର ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ସୋମବାର ଆରମ୍ଭ ହୋଇଛି। ପୁରୀ ମୁକ୍ତିମଣ୍ଡପର ପଣ୍ଡିତମାନେ ଉପସ୍ଥିତ ରହି ଯଜ୍ଞାନୁଷ୍ଠାନ ପରିଚାଳନା କରିଥିଲେ। ଯଜ୍ଞ ଚତୁଃପାର୍ଶ୍ୱରେ ଘଟ ସ୍ଥାପନ କରିବା ସହ ବିଶ୍ୱଶାନ୍ତି ପାଇଁ ଯଜ୍ଞକୁଣ୍ଡରେ ଘୃତ ଅର୍ପଣ କରିଥିଲେ। ଏହି ତ୍ରିଦିବସୀୟ ଯଜ୍ଞ କାର୍ଯ୍ୟକ୍ରମରେ ପ୍ରଥମେ ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, ଦଶଦିଗପାଳ ପୂଜା ଓ ପାର୍ଶ୍ୱଦେବଦେବୀ ପୂଜା କରାଯାଇଥିଲା। ଏହି ଯଜ୍ଞରେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ଡକ୍ଟର ସୁମନ ଦତ୍ତ, ଇଞ୍ଜିନିୟର, ଅଜୟ ପୂଜାରୀ, ଗୋକୁଳ ପାତ୍ର, ସଭାପତି ଜଗନ୍ନାଥ ରାଉତ, ସାଧାରଣ ସମ୍ପାଦକ ଗଣେଷ ଜୟସିଂହ, ଧୀରେନ୍ଦ୍ର ଓଝା, ଅମୂଲ୍ୟ ରାଉତ, ଅନୁପ ଜେନା, ରମେଶ ଯାଦବ, ଅମୂଲ୍ୟ ରାଉତ, ସନ୍ତୋଷ ପ୍ରଧାନ, ଗୀତା ପୂଜାରୀ, ରୁକସାନା ବେଗମ, ଲିଲିମା ଜୟସିଂହ, ରଞ୍ଜନ ରାଉତଙ୍କ ସହ ନେହେରୁପାଲ୍ଲୀ ବାସୀ ସହଯୋଗ କରିଥିଲେ।

# ଏଫ୍‌ଟିବିଆଇରେ ଅନୁଦାନ ରାଶି ବଣ୍ଟନ

ରାଉରକେଲା,୧୮।୧୨(ସଙ୍ଗୀତା ଜେନା)

ରାଉରକେଲା ସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ପୃଷ୍ଠପୋଷକତାରେ ଚାଲିଥିବା ଫାଉଣ୍ଡେଶନ ଫର୍ ଟେକ୍‌ନୋଲୋଜି ଆଣ୍ଡ ବିଜନେସ୍ ଇନକ୍ୟୁବେଶନ (ଏଫ୍‌ଟିବିଆଇ) ଓ ଭାରତ ସରକାରଙ୍କ ସହଯୋଗରେ ସୋମବାର ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଷ୍ଟାର୍ଟଅପ୍‌ମାନଙ୍କୁ ଅନୁଦାନ ରାଶି ପ୍ରଦାନ କରାଯାଇଛି। କାରଖାନାର ପାରିପାର୍ଶ୍ୱିକ ବିକାଶ ପାଣ୍ଠିରୁ ଏହି ରାଶି ପ୍ରଦାନ କରାଯାଇଥିଲା। ସ୍ଥାନୀୟ ମହିଳା ଓ ଯୁବକମାନଙ୍କୁ ରୋଜଗାର ପ୍ରଦାନ ଓ ସେମାନଙ୍କ ଆର୍ଥିକ ବିକାଶକୁ ଦୃଷ୍ଟିରେ ରଖି ଏପରି କରାଯାଇଛି। ଏଥିପାଇଁ ସ୍ଥାନୀୟ ଷ୍ଟାର୍ଟଅପ୍ କମ୍ପାନୀ ସ୍ୱତ୍ତ୍ୱାଧିକାରୀମାନଙ୍କଠାରୁ ୧୯ଟି ଆବେଦନ ପତ୍ର ହାସଲ ହୋଇଥିଲା। ସେଥିମଧ୍ୟରୁ ୧୦ଟି ମନୋନୀତ କରି ଅନୁଦାନ ରାଶି ବଣ୍ଟନ କରାଯାଇଥିଲା। ଇସ୍ପାତ କାରଖାନା ସିଏସ୍‌ଆର୍ ଜିଏମ୍ ମୁନ୍‌ମୁନ୍ ମିତ୍ର, ଏଫ୍‌ଟିବିଆଇର ମୁଖ୍ୟ ପ୍ରଫେସର ମନୋଜ ମିଶ୍ର, ରଞ୍ଜିତ ସାହୁ, ମହମ୍ମଦ ରାଜିକ ଖାନ୍ ଓ ସିଇଓ ଚିରଞ୍ଜୀବୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।



ଆରଏସ୍‌ପି ସିଏସ୍‌ଆର ପ୍ରମୁଖ ଅନୁଦାନ ରାଶି ବଣ୍ଟନ କରୁଛନ୍ତି।

# ଆର୍‌ଇସି ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ୋତ୍ସବ

ରାଉରକେଲା,୧୮।୧୨(ଦିନେଶ ମିଶ୍ର)

ରାଉରକେଲା ଆର୍‌ଇସି ସରକାରୀ ଉଚ୍ଚବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ୋତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ସୁଦୀପ୍ତା ବେହେରାଙ୍କ ସଭାପତିତ୍ୱରେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ମ୍ୟୁନିସିପାଲ କଲେଜର କ୍ରୀଡ଼ା ଅଫିସର କ୍ୟାପଟେନ ଏସ୍.ଏନ୍. ରାଉତ ମୁଖ୍ୟ ଅତିଥି, ସୁଶ୍ରୀ ସୁକ୍ତି ବୈଶାଖ, ଏବିଇଓ ସତ୍ୟଭାମା ବେହେରା ଓ ସିଆରସିସି ସିପ୍ରା ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କ୍ରୀଡ଼ା ଶିକ୍ଷକ ଅଜୟ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ୧୦ରୁ ଊର୍ଦ୍ଧ୍ୱ ବିଭାଗରେ ଦୌଡ଼, ଲଙ୍ଗ୍‌ଜମ୍ପ, ହାଇଜମ୍ପ, ସଟ୍‌ପୁଟ ଆଦି କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ପରେ ବିଭିନ୍ନ ପ୍ରତିଯୋଗିତାର କନିଷ୍ଠ ଓ ବରିଷ୍ଠ ବର୍ଗର ୭୦ଜଣ ବିଜେତାଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଉତ୍ସବରେ ଶିକ୍ଷକ ସରୋଜ କୁମାର ଜେନା ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ନିରୂପମା ଦାଶ ମଞ୍ଚ ପରିଚାଳନା କରିଥିଲେ। ସରୋଜ କୁମାର ଜେନା, ସୁଜତା ତ୍ରିପାଠୀ, ମିନତୀ ଖମାର, ନମିତା ଦନ୍ତା, ସାଗର ପରିଡା, ସୀତାରାମ ସାହୁ, ମମତା ସେନାପତିଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଏହି ଅବସରରେ ଖେଳ ଶିକ୍ଷକ ଅଜୟ କୁମାର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ଛବିରାଣୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




କ୍ରୀଡ଼ୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

### ପରିବାର ଲୋକଙ୍କ ହତ୍ୟା ଅଭିଯୋଗ

**ନାବାଳକ ମୃତ୍ୟୁ ମାମଲା**

ରାଉରକେଲା,୧୮।୧୨(ସଙ୍ଗୀତା ଜେନା): ଗତ ୧୪ ତାରିଖ ଦିନ ଉଦିତନଗର ଥାନା ଅଧୀନ ବିରଜାପାଲ୍ଲୀ ଓଭରବ୍ରିଜ୍‌ରୁ ପଡ଼ି ନାବାଳକ ମୃତ୍ୟୁ ମାମଲା ଭିନ୍ନ ମୋଡ ନେଇଛି। ସୋମବାର ମୃତ ନାବାଳକ ରାହୁଲ ବେହେରା(୧୩)ଙ୍କ ପିତା ସନ୍ତୋଷ ବେହେରା ଉଦିତନଗର ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି। ତାଙ୍କ ପୁଅକୁ ୨ ସାଙ୍ଗ ହତ୍ୟା କରିଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ହତ୍ୟା ମାମଲା (ନଂ.୪୨୧/୨୩) ରୁଜୁ କରି ତଦନ୍ତ କରୁଛି। ସୂଚନାଯୋଗ୍ୟ, ରାହୁଲ କୌଣସି ଦିନ ମର୍ନିଂୱାକ୍‌ରେ ଯାଆନ୍ତିନାହିଁ। ହେଲେ ୧୪ ତାରିଖରେ ୨ ଜଣ ସାଙ୍ଗ ବୁଲିବାକୁ କହି ରାହୁଲଙ୍କୁ ନେଇଯାଇଥିଲେ। ବିରଜାପାଲ୍ଲୀ ଓଭରବ୍ରିଜ୍‌ରେ ଏହି ୨ ସାଙ୍ଗ ରାହୁଲଙ୍କୁ ତଳକୁ ଠେଲି ଦେଇଥିଲେ ବୋଲି ଏତଲାରେ ଉଲ୍ଲେଖ ରହିଛି।

# ମଦ ବିରୋଧରେ ତାତିଲେ ମହିଳା

ବରଗଡ଼,୧୮।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ଥାନା କପାଶିରା ଗ୍ରାମରେ ମଦ କାରବାର ବଢ଼ିଚାଲିଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି କ୍ରମରେ ସୋମବାର ଉକ୍ତ ଗ୍ରାମର ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଫେରାଦ ହୋଇଛନ୍ତି। ଗ୍ରାମରେ ମଦ କାରବାର ବନ୍ଦ କରିବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସେମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

ପ୍ରକାଶ ଯେ, ପ୍ରକାଶପୁର ମଦଭାଟିରୁ କିଛି ଲୋକ ଦେଶୀମଦ ଆଣି କପାଶିରା ଗ୍ରାମରେ ଅବାଧରେ ବିକ୍ରି କରୁଛନ୍ତି । ଫଳରେ ଏହାର କୁପ୍ରଭାବ ଗ୍ରାମର ଯୁବପିଢ଼ି ଉପରେ ପଡୁଛି ।

# କ୍ରିକେଟ୍ : ସେମିରେ ବ୍ରଜରାଜନଗର

ରାଉରକେଲା,୧୮।୧୨(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୧୭ ସ୍ଥିତ ଟାଟା ପଡିଆରେ ଆଶୁ ଇଲେଭେନ କ୍ଲବ ପକ୍ଷରୁ ତୃତୀୟ ଶନିଶ୍ଚରାୟ ଅଲ୍‌ଇଣ୍ଡିଆ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଏହି ଟୁର୍ନାମେଣ୍ଟରେ ସାଗରିକା ୱେଲଫେୟାର ଟ୍ରଷ୍ଟ ସଭାପତି ଜୟନ୍ତୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ଖେଳାଳି ଖେଳୁଆଡ଼ ମନୋଭାବ ନେଇ ଉତ୍ତମ ଖେଳ ପ୍ରଦର୍ଶନ କରିବାକୁ କହିଥିଲେ। ସାମାଜିକ କର୍ମୀ ସନ୍ତୋଷ ତନ୍ତୀ, ସରିତା ନାୟକ, ସଂଯୁକ୍ତା ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟରେ ଓଡ଼ିଶା ସମେତ ଝାଡ଼ଖଣ୍ଡ, ରାଞ୍ଚିରୁ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏଥିରେ ଚାମ୍ପିୟନ ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ଆଜିର ମ୍ୟାଚ ସେକ୍ଟର-୧୫ ସନ୍‌ରାଇଜ ଓ ବ୍ରଜରାଜନଗର ମଧ୍ୟରେ ଖେଳାଯାଇଥିଲା। ସନରାଇଜର ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୧୪୪ ରନ କରିଥିଲା। ଦଳ ପକ୍ଷରୁ ତାଇମୁର ସିଂ ସର୍ବାଧିକ ୫୮ ରନ ସଂଗ୍ରହ କରିଥିଲେ। ଏହି ରନ୍‌ର ଲକ୍ଷ୍ୟ ନେଇ ବ୍ରଜରାଜନଗର ଦଳ ମାତ୍ର ୪ ଉଇକେଟ ହରାଇ ମ୍ୟାଚରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ଜୟନ୍ତ ସାହୁ ୪୨ଟି ବଲ ଖେଳି ସର୍ବାଧିକ ୭୦ ରନ କରିଥିଲେ। ଏହି ମ୍ୟାଚକୁ ଓସିଏ ଅମ୍ପାୟାର ଏସ୍. କେ. ଜମାଲ ଓ କିଶୋର ମହାନ୍ତି ପରିଚାଳନା କରିଥିବାବେଳେ ଲକି ନାୟକ ରନ ତଦାରଖ କରିଥିଲେ। ଆଶୁ ଇଲେଭେନ୍‌ର ଶୁଭମ ରାଉତରାୟ, କୈଳାସ ପତି, ବିକ୍ରୁ ସେନାପତି, ଜିତେନ ରାୟ, ଆଶିଷ ମିତ୍ରା, ସିଲୁ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିମାନଙ୍କ ସହ ଖେଳାଳିବୃନ୍ଦ।

# ସମ୍ବଲପୁରୀ ଭାଷାରେ ହେବନି ବରଗଡ଼ ଧନୁଯାତ୍ରା

- କଳାକାରଙ୍କୁ କଟକଣା ନାହିଁ
- ୨୨ରେ ଶୁଭସ୍ତମ୍ଭ ସ୍ଥାପନ

ବରଗଡ଼,୧୮।୧୨(ପ୍ରେମାନନ୍ଦ ଖମାରୀ)

ବୃହତ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ୨୦୨୪ ଜାନୁୟାରୀ ୧୫ରୁ ଆରମ୍ଭ ହେବ। ତେବେ ଏଥର ସମ୍ବଲପୁରୀ ଭାଷାରେ ଧନୁଯାତ୍ରା କରିବାକୁ ଦାବି କରି କୋଶଲ କ୍ରାନ୍ତି ସେନା ପକ୍ଷରୁ ବରଗଡ଼ ଗାନ୍ଧୀଛକରେ ୫ଦିନ ଧରି ଅନଶନ କରାଯାଇଥିଲା। ମାତ୍ର ସୋମବାର ସନ୍ଧ୍ୟାରେ ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ଧନୁଯାତ୍ରା ମହୋତ୍ସବର ଉପଦେଷ୍ଟା କମିଟି ଏବଂ କାର୍ଯ୍ୟକାରିଣୀ କମିଟି ବୈଠକରେ ଏହି ଦାବି ଫସର ଫାଟିଯାଇଛି । ବୈଠକରେ ଉପସ୍ଥିତ କମିଟି ସଭ୍ୟ ତଥା କଳାକାରଙ୍କ ମତାମତ ନେବା ପରେ ଧନୁଯାତ୍ରା ମହୋତ୍ସବକୁ ସମ୍ପୂର୍ଣ୍ଣ ସମ୍ବଲପୁରୀ ଭାଷାରେ କରାଯିବା ସମ୍ଭବ ହେଉନାହିଁ। ମାତ୍ର ମଞ୍ଚର ଗାମ୍ଭୀର୍ଯ୍ୟକୁ ଦୃଷ୍ଟିରେ ରଖି କଳାକାରମାନେ ଚାହିଁଲେ ଆବଶ୍ୟକ ସ୍ଥଳେ ସମ୍ବଲପୁରୀ ଭାଷା ବ୍ୟବହାର କରିବାରେ କଟକଣା ନାହିଁ ବୋଲି ଜିଲାପାଳ ମୋନିଷା ବାନାର୍ଜୀ କହିଛନ୍ତି। ସେହିପରି ଆସନ୍ତା ୨୨ତାରିଖରେ ଧନୁଯାତ୍ରା ମହୋତ୍ସବ ପାଇଁ ବରଗଡ଼ ହାଟପଦା ସଞ୍ଚାର ମଣ୍ଡଳୀରେ ଶୁଭସ୍ତମ୍ଭ ସ୍ଥାପନ କରାଯିବ ବୋଲି ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ ସୂଚନା ଦେଇଛନ୍ତି । ସେହିଦିନ ସନ୍ଧ୍ୟା ୫ଟାରେ ବରଗଡ଼ ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରା ସଞ୍ଚାର ମଣ୍ଡଳୀ ଅଭିମୁଖେ ବାହାରିବ ଏବଂ ସେଠାରେ ପହଞ୍ଚିବା ପରେ ଶୁଭସ୍ତମ୍ଭ ସ୍ଥାପନ କରାଯିବ। ଶୁଭସ୍ତମ୍ଭ ସ୍ଥାପନ ସମୟରେ ଧନୁଯାତ୍ରା ମହୋତ୍ସବ ସମିତି ସଭାପତି ତଥା ଜିଲାପାଳ ବାନାର୍ଜୀ ଏବଂ କାର୍ଯ୍ୟକାରୀ ସଭାପତି ତଥା ଏସ୍‌ପି ପି.ଏସ ମୀନା କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିବେ ବୋଲି ଶତପଥି ସୂଚନା ଦେଇଥିଲେ। ସେହିପରି ଏଥର ରଙ୍ଗମହଲ, ରାଜ ଦରବାରକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଧନୁଯାତ୍ରା ସମୟରେ ଲୁଟ୍‌ପାଟ୍ ରୋକିବା ସହ ଦର୍ଶକ, ପର୍ଯ୍ୟଟକଙ୍କ ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ବୈଠକରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଏସ୍‌ପି ମୀନା, ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହାଙ୍କ ସମେତ ମହୋତ୍ସବ ସମିତିର କର୍ମକର୍ତ୍ତା, କଳାକାର ଉପସ୍ଥିତ ଥିଲେ।




ବୈଠକରେ ଧନୁଯାତ୍ରା ମହୋତ୍ସବ ସମିତିର କର୍ମକର୍ତ୍ତା, ସଭ୍ୟବୃନ୍ଦ ।

## ସଂକ୍ଷେପରେ

### ଯୁବକଙ୍କ ବେଟେନ୍ ମାଡ଼ରେ ଫେରିବାଲା ମୃତ

ସମ୍ବଲପୁର,୧୮।୧୨(ପ୍ରମୋଦ ବହିଦାର): ଧନୁପାଲି ଥାନା ଅନ୍ତର୍ଗତ ପେନ୍ସନପଡ଼ାରେ ଜଣେ ଯୁବକଙ୍କ ବେଟେନ୍ ମାଡ଼ରେ ଜଣେ ଫେରିବାଲାର ମୃତ୍ୟୁ ଘଟିଛି। ଉତ୍ତରପ୍ରଦେଶର ମୂଳନିବାସୀ ଅହମ୍ମଦ ଅଲ୍ଲୀ(୫୫) ନାମକ ଜଣେ ବ୍ୟକ୍ତି ଭୁତାପଡ଼ାରେ ରହି ଘରଘର ବୁଲି ଫେରିରେ ଚୁଡ଼ି ବିକ୍ରୟ କରି ଜୀବିକା ନିର୍ବାହ କରୁଥିଲେ। ସୋମବାର ଅପରାହ୍ନରେ ଚୁଡ଼ିବିକ୍ରୟ ପାଇଁ ଘରୁ ବାହାରି ପେନ୍ସନପଡ଼ାରେ କେତେକ ମହିଳାଙ୍କୁ ଚୁଡ଼ି ବିକ୍ରୟ କରୁଥିଲେ। ଏହି ସମୟରେ ସେହି ପଡ଼ାର ଅବଦୁଲ ଇସ୍‌ଲାମ(୨୭) ନାମକ ଯୁବକଙ୍କ ଫେରିବାଲା ଅହମ୍ମଦ ଅଲ୍ଲୀ ସହ କୌଣସି କଥାକୁ ନେଇ ସାମାନ୍ୟ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଇସ୍‌ଲାମ ଘରୁ ଏକ ବେଟେନ ଆଣି ଅଲ୍ଲୀଙ୍କ ମୁଣ୍ଡରେ ଆଘାତ କରିଥିଲେ। ବେଟେନ୍ ମାଡ଼ରେ ଫେରିବାଲା ଅଲ୍ଲୀ ଗୁରୁତର ଆହତ ହୋଇ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ତାଙ୍କର ଅବସ୍ଥା ଆହୁରି ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଭୀମ୍‌ସାରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ଇସ୍‌ଲାମଙ୍କୁ ଥାନାରେ ଅଟକ ରଖିଥିବା ବେଳେ ଏହାକୁ ନେଇ ଧନୁପାଲି ଥାନାରେ ଏକ ମାମଲା (ନଂ.୪୩୪/୨୩) ରୁଜୁ ହୋଇଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି କୁହାଯାଇଛି।

### ଭାଜପା ମହିଳା ସମାବେଶ


ସମାବେଶରେ ଯୋଗ ଦେଇଥିବା ମହିଳା।

ବ୍ରଜରାଜନଗର, ୧୮।୧୨(ବିଜୟ ବରାଡ): ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲଖନପୁର ବ୍ଲକ ୧୯ ଖଣ୍ଡ ମୌଜାରେ ୪ଟି ପଞ୍ଚାୟତର ଏସ୍‌ଏଚ୍‌ଜି ମହିଳାମାନଙ୍କର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶ ଭାଜପା ପକ୍ଷରୁ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ସୁଜିତ ସିଂ, ସ୍ଥାନୀୟ କାର୍ଯ୍ୟକର୍ତ୍ତା ଶୁଭେନ୍ଦୁ ଦେହେରି, ଆକାଶ ବାରିକ, ବୀରେନ ପ୍ରଧାନ, ତପେଶ୍ୱର ବାରିକ, ଜିକେଶ ଭୋଇ, ରାଜା ପଧାନ, ସୁନ୍ଦରଲାଲ ସେଠ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଯୁବମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ସିଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହିଳାମାନଙ୍କୁ ୩୩ ପ୍ରତିଶତ ଆରକ୍ଷଣ ପ୍ରଦାନ କରି ରାଜନୀତି କ୍ଷେତ୍ରରେ ଅଧିକାର ପ୍ରଦାନ କରିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହାସହିତ ମୋଦି ସରକାରଙ୍କର ନାରୀ ସଶକ୍ତିକରଣ ଯୋଜନା ସମ୍ବନ୍ଧରେ ଆଲୋଚନା କରିଥିଲେ। ଅଞ୍ଚଳର ବିଭିନ୍ନ ସମସ୍ୟା ଓ ତାର ସମାଧାନ ବିଷୟରେ ସମାବେଶରେ ଆଲୋଚନା କରାଯାଇଥିଲା।

# କ୍ଷତିଗ୍ରସ୍ତଙ୍କୁ ଥଇଥାନ କର

**ଜିଲାପାଳଙ୍କୁ ଘେରାଉ ଦଶମତି କଲୋନୀ, ଠାକୁରପଡାବାସୀ**

ସମ୍ବଲପୁର,୧୮।୧୨(ବି.ଶଙ୍କର)



କ୍ଷତିଗ୍ରସ୍ତ ଲୋକେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଛନ୍ତି।

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଦଶମତି କଲୋନୀ ବାସିନ୍ଦା ଜିଲାପ୍ରଶାସନର ତରବରିଆ ଉଚ୍ଛେଦକୁ ବିରୋଧ କରିଛନ୍ତି। ସେମାନେ ସୋମବାର ଥଇଥାନ ପ୍ରସଙ୍ଗରେ ସମ୍ବଲପୁର ଜିଲାପାଳ ଅନନ୍ୟା ଦାସଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସମ୍ପ୍ରତି ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ପାଇଁ ଉଚ୍ଛେଦ କରାଯାଉଛି। ଏନେଇ ଦଶମତି କଲୋନୀ ବାସିନ୍ଦା କହିଛନ୍ତି ଯେ, ଦଶମତି କଲୋନୀଠାରେ ୪ଶହ ଲୋକ ଶତାଧିକ ବର୍ଷ ହେବ ଏଠାରେ ରହି ଆସୁଛନ୍ତି। କିନ୍ତୁ ରାସ୍ତା ପ୍ରଶସ୍ତୀକରଣ ଦ୍ୱାହି ନେଇ ସେମାନଙ୍କୁ ଉଚ୍ଛେଦ କରାଯାଉଛି। ଏଣୁ ଉଚ୍ଛେଦ ହୋଇଥିବା ଲୋକଙ୍କୁ ଥଇଥାନ କରିବା ଆବଶ୍ୟକତା ରହିଛି। ଯଦ୍ୱାରା ସେମାନେ ପ୍ରଚଣ୍ଡ ଶୀତର ରକ୍ଷା ପାଇପାରିବେ । ସେହିପରି ସମ୍ବଲପୁର ଠାକୁରପଡାର ଉଚ୍ଛେଦ ହୋଇଥିବା ପରିବାର ମଧ୍ୟ ଥଇଥାନ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଦୀର୍ଘ ବର୍ଷ ହେବ ନିଜ ବାପ ଅଜା ଅମଳରୁ ସପରିବାର ଘର କରିକି ଏଠାରେ ରହୁଛନ୍ତି। ଠାକୁରପଡା ଅଞ୍ଚଳର ବାସିନ୍ଦାଙ୍କୁ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ପାଇଁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଥିଲା। ତେଣେ ସେମାନଙ୍କୁ ଉଚ୍ଛେଦ ପରେ ଥଇଥାନ କରାଯିବା ସହ ଘର ତିଆରି କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ପ୍ରଶାସନ କରିବାକୁ ଉଚ୍ଛେଦରେ କ୍ଷତିଗ୍ରସ୍ତ ହୋଇଥିବା ପରିବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜିଲା ପ୍ରଶାସନର ଅଧିକାରୀଙ୍କୁ ସାକ୍ଷାତ କରଛନ୍ତି ।

# ତଦନ୍ତ କଲେ ରାଜ୍ୟ କମିଟି ପ୍ରତିନିଧି

ସମ୍ବଲପୁର,୧୮।୧୨ (ଭବାନୀ ଶଙ୍କର ଭୋଇ)

**କଂଗ୍ରେସ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟଣା**

**ତଦନ୍ତ ସମୟରେ ପୁଣି ଗଣ୍ଡଗୋଳ ଅଭିଯୋଗ**

ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଘଟିଥିବା ଗଣ୍ଡଗୋଳ ଘଟଣା ଥାନାକୁ ଯିବା ମାମଲାର ତଦନ୍ତ ପାଇଁ ସୋମବାର ପିସିସି ସାଧାରଣ ସମ୍ପାଦକ ବିଦ୍ୟୁଭୂଷଣ ତ୍ରିପାଠୀଙ୍କ ନେତୃତ୍ୱରେ ୧୧ ଜଣିଆ କମିଟି ସମ୍ବଲପୁରରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ଗତ ଶନିବାର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଚାଲିଥିବା ବୈଠକ ସମୟରେ ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁତପା ମିତ୍ର ଦଳର କେତେକ ନେତା ଓ କର୍ମୀଙ୍କ ତାଙ୍କୁ ଗାଲିଗୁଲଜ ଏବଂ ଆକ୍ରମଣ କରିଥିବା ନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ । ଏହାପରେ କଂଗ୍ରେସ କର୍ମୀ ମୂଳା କଲେତ ତାଙ୍କୁ ଜିଲା ମହିଳା ମୋର୍ଚ୍ଚ ସଭାନେତ୍ରୀ ଜାତିଆଣ ଆକ୍ଷେପ କରିଥିବା ନେଇ ପାଲଟା ଅଭିଯୋଗ କରିଥିଲେ। ରାଜ୍ୟ କଂଗ୍ରେସ କମିଟି ପକ୍ଷରୁ ଘଟଣାର ତଦନ୍ତ କରିବା ପାଇଁ ସୋମବାର ୧୧ଜଣିଆ କମିଟି ଜିଲା କଂଗ୍ରେସ କାର୍ଯ୍ୟାଳୟରେ ପହଞ୍ଚି ଉଭୟ ପକ୍ଷଠାରୁ ତଥ୍ୟ ଏବଂ ପ୍ରମାଣ ସଂଗ୍ରହ କରିଥିଲେ। ପିସିସି ସାଧାରଣ ସମ୍ପାଦକ ତ୍ରିପାଠୀଙ୍କ ନେତୃତ୍ୱରେ ପିସିସିର ୩ ମହିଳା ସଦସ୍ୟା, ଏଆଇସିସିର ୩ ଜଣ ମହିଳା ସଦସ୍ୟା ରହିଛନ୍ତି। ଜିଲା ମହିଳା ସଭାନେତ୍ରୀ ସୁତପା ମିତ୍ର ଓ ଘଟଣା ସମୟରେ ଉପସ୍ଥିତ ଅନ୍ୟ କେତେକ ସଦସ୍ୟଙ୍କୁ କମିଟି ସଦସ୍ୟ ପଚରାଉଚରା କରିଥିଲେ। ତଦନ୍ତ କମିଟି ପକ୍ଷରୁ ପ୍ରତିପକ୍ଷର ସଦସ୍ୟାମାନଙ୍କୁ ମଧ୍ୟ ପଚରାଉଚରା କରାଯାଇଥିଲା । ରାଜ୍ୟ ମହିଳା କଂଗ୍ରେସ ମହାସଚିବ ନିଖତ ପରବିନ, କଂଗ୍ରେସ ନେତ୍ରୀ ମୀନାକ୍ଷୀ ରାଉତ, ବିଜୟଲକ୍ଷ୍ମୀ ବେହେରା ପାଲଟା ଅଭିଯୋଗ ଆଣିଥିବା ମୂଳା କାଲେତଙ୍କ ସମେତ ପୂର୍ବତନ ଜିଲା ସଭାପତି ଅଶ୍ୱିନୀ ଗୁରୁ, ପ୍ଲାବନ ବହିଦାର, ଅମିତ ଗୁରୁଙ୍କୁ ମଧ୍ୟ ଘଟଣା ସମ୍ପର୍କରେ ପଚରାଉଚରା କରିଥଲେ। ଏହାସହ ଘଟଣା ସମୟରେ ଉପସ୍ଥିତ ଥିବା ଜିଲା ସଭାପତି ରାଜେନ୍ଦ୍ର ଛତ୍ରିଆଙ୍କଠାରୁ ପୁରା ଘଟଣାର ତଥ୍ୟ ନିଆଯାଇଥିଲା। ତଦନ୍ତ ସମୟରେ ଅନ୍ୟ କାହାରିକୁ କୋଠରି ଭିତରକୁ ପଶିବାକୁ ଦିଆଯାଇ ନଥଲା। ପ୍ରତିପକ୍ଷ ଗୋଷ୍ଠୀ ପକ୍ଷରୁ ଘଟଣା ଦିନର ଭିଡିଓ ଏବଂ ଫଟୋ କମିଟିକୁ ଦିଆଯାଇଥିବା କୁହାଯାଉଛି। ଏପରିକି ଜିଲା ସଭାନେତ୍ରୀଙ୍କୁ ପଦରୁ ହଟାଇବାକୁ ଦଳର କେତେକ ନେତା ଏବଂ କର୍ମୀ କମିଟି ନିକଟରେ ଦାବି କରିଥିବା କୁହାଯାଉଛି। ଜିଲା କାର୍ଯ୍ୟାଳୟରେ କମିଟି ପକ୍ଷରୁ ତଦନ୍ତ ଚାଲିଥିବା ସମୟରେ ଜିଲା ସଭାନେତ୍ରୀ ନିଜର ୧୦ ୧୨ଜଣ ସମର୍ଥକଙ୍କୁ ଡାକାଇ ପ୍ରତିପକ୍ଷର କର୍ମୀଙ୍କୁ ଡରାଇବାକୁ ଚେଷ୍ଟା କରିଥିବା ନେଇ କମିଟି ଆଗରେ ଅଭିଯୋଗ ହୋଇଛି । ଏନେଇ ଜିଲା ସଭାପତ ଗଣମାଧ୍ୟମକୁ କହିବାକୁ କିଛି କହିବାକୁ ମନା କରିଛନ୍ତି। ଅନ୍ୟପକ୍ଷରେ ଉଭୟ ଗୋଷ୍ଠୀଙ୍କୁ ତଦନ୍ତକାରୀ କମିଟି ଗଣମାଧ୍ୟରେ କିଛି ନ କହିବାକୁ ତାଗିଦ୍ କରିଥିବା ଜଣାପଡିଛି। ସୋମବାର ରାଜ୍ୟ କଂଗ୍ରେସ ପ୍ରତିନିଧି ତଦନ୍ତ କରି ଫେରିବା ପରେ ରାଜ୍ୟ ସଭାପତିଙ୍କୁ ରିପୋର୍ଟ ଦେବେ ବୋଲି କୁହାଯାଉଛି ।

# ଦେୟମୁକ୍ତ କ୍ୟାନ୍‌ସର ଯାଞ୍ଚ ଶିବିର

ସମ୍ବଲପୁର,୧୮।୧୨(ବି.ଶଙ୍କର)


ହରାକୁଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ମାଗଣା କ୍ୟାନସର ଯାଞ୍ଚ ଶିବିର।

ହୀରାକୁଦସ୍ଥିତ ହିଣ୍ଡାଲକୋ, ବାଲକୋ ମେଡିକାଲ ସେଣ୍ଟର ଏବଂ ହୀରାକୁଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମିଳିତ ଆନୁକୂଲ୍ୟରେ ମାଗଣା କ୍ୟାନ୍‌ସର ଯାଞ୍ଚ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ହିଣ୍ଡାଲକୋ ହୀରାକୁଦ କ୍ଲଷ୍ଟର ମୁଖ୍ୟ କୈଳାସନାଥ ପାଣ୍ଡେ ଏବଂ ଓଡ଼ିଶା କ୍ଲଷ୍ଟର ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢୀ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବାଲକୋ ମେଡିକାଲ ସେଣ୍ଟରରୁ ଆସିଥିବା ସର୍ଜିକାଲ ଅଙ୍କୋଲୋଜିଷ୍ଟ ଡାକ୍ତର ଦିପାଞ୍ଜନ ବିଶ୍ୱାସ ଶିବିରରେ କ୍ୟାନସର ରୋଗର ନିରୂପଣ କରିଥିଲେ। ଏହି ଶିବିରରେ ହିଣ୍ଡାଲକୋର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁବ୍ରତ ଚାଟାର୍ଜୀ, ହୀରାକୁଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତର ଅଲିଫ ପଟ୍ଟନାୟକ, ବାଲକୋ ମେଡିକାଲ ସେଣ୍ଟରର କ୍ୟାନସର ନେଭିଗେସନ (ଓଡ଼ିଶା) ବିଭାଗ ପରିଚାଳକ ସତ୍ୟ ପ୍ରକାଶ ଆଚାର୍ଯ୍ୟ, କ୍ୟାନସର ନେଭିଗେସନ (ଓଡ଼ିଶା) ବିଭାଗ କାର୍ଯ୍ୟକାରୀ ପ୍ରତିନିଧି ରାମେଶ୍ୱର ତ୍ରିପାଠୀ, ହିଣ୍ଡାଲକୋ ସିଏସ୍‌ଆର ଏବଂ ହସ୍ପିଟାଲର କର୍ମଚାରୀ ଓ ବାଲକୋ ମେଡିକାଲ ସେଣ୍ଟର କର୍ମଚାରୀ ଉପସ୍ଥିତ ରହି ଶିବିରକୁ ସଫଳ କରିଥିଲେ। ଏହି ଶିବିରରେ ମୋଟ ୮୭ଜଣ ନିଜର କ୍ୟାନସର ପରୀକ୍ଷଣ କରିଥିବାବେଳେ ୩୩ ଜଣଙ୍କ ମ୍ୟାମୋଗ୍ରାଫି ଓ ୪୩ ଜଣଙ୍କ ପ୍ୟାପ ଟେଷ୍ଟ କରାଯାଇଛି।

# ଲୋକ ମହୋତ୍ସବ ପାଇଁ ଉଦ୍‌ଘୋଷକ ଚୟନ

ସମ୍ବଲପୁର,୧୮।୧୨(ବି.ଶଙ୍କର) ସମ୍ବଲପୁର ଲୋକ ମହୋତ୍ସବ-୨୦୨୪ ସକାଶେ ଉଦ୍‌ଘୋଷକ ଚୟନ କାର୍ଯ୍ୟକ୍ରମ ରବିବାର ରାତିରେ ଜିଲା ପରିଷଦ ସଭାକକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘୋଷକ ଉପକମିଟିର ଆବାହକ ମାନସ ରଞ୍ଜନ ମିଶ୍ରଙ୍କ ପରିଚାଳନାରେ ଚୟନ ପ୍ରକ୍ରିୟା ହୋଇଥିଲା। ସମ୍ବଲପୁର, ହୀରାକୁଦ, ବୁର୍ଲା ଅଞ୍ଚଳରୁ ୩୭ ଯୁବତୀଯୁବକ ଏଥିରେ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ଡ. ଦ୍ୱାରିକାନାଥ ନାୟକ ଓ ନାଟ୍ୟଶ୍ରୀ ସତ୍ୟରଞ୍ଜନ ବେହେରା ଯୋଗ ଦେଇଥିଲେ। ଲୋକ ମହୋତ୍ସବ ମୁଖ୍ୟ ସଂଯୋଜକ ଭୋଳା ଶଙ୍କର ମହନ୍ତ, ସହ ସଂଯୋଜକ ଅନୁପ ତରିଆଙ୍କ ସମେତ ବିଭିନ୍ନ କମିଟିର ଆବାହକମାନେ ଉପସ୍ଥିତ ଥିଲେ। ସତ୍ୟନାରାୟଣ ସାହୁ, ବନ୍ଦିତାରାଣୀ ମିଶ୍ର, ପୁଷ୍ପାଞ୍ଜଳି ଦାଶ, ବିପ୍ଳବ ତନସେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଜିଏମ୍‌ୟୁ ପଦାର୍ଥ ବିଜ୍ଞାନ ବିଭାଗର ସମ୍ପ୍ରସାରିତ କାର୍ଯ୍ୟକ୍ରମ


ଅଇଁଠାପାଲି ନିକଟସ୍ଥ ମଦନାବତୀ ପବ୍ଲିକ ସ୍କୁଲରେ ସମ୍ପ୍ରସାରିତ କାର୍ଯ୍ୟକ୍ରମ।

**ଛାତ୍ରୀଛାତ୍ର ଜ୍ଞାନ ଓ ଗବେଷଣା ସହ ଜଡ଼ିତ ଯନ୍ତ୍ରପାତି ଦେଖିଲେ**

ସମ୍ବଲପୁର,୧୮।୧୨(ବି.ଶଙ୍କର)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ସମ୍ବଲପୁର ସହର ଅଇଁଠାପାଲି ନିକଟସ୍ଥ ମଦନାବତୀ ପବ୍ଲିକ ସ୍କୁଲରେ ସମ୍ପ୍ରସାରିତ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପଦାର୍ଥ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ସୁଶାନ୍ତ କୁମାର ଦାସ, ଅଧ୍ୟାପିକା ଡ. ପ୍ରଣତୀ ପୁରୋହିତ, ଅଧ୍ୟାପକ ଡ. ଅନନ୍ତ ପ୍ରସାଦ ଚକ୍ରବର୍ତ୍ତୀ, ଡ. ଯଶୋବନ୍ତ ଶେଖର ହଁସଦା ଯୋଗଦେଇଥିଲେ। ବିଦ୍ୟାଳୟର ଦଶମ, ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନକୌଶଳ ସମ୍ପର୍କରେ ଅବଗତ କରାଇବା ସହ ଗବେଷଣାତ୍ମକ ଯନ୍ତ୍ରପାତି ଦେଖାଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭିକ ସଭା ସମାପ୍ତ ହେବା ପରେ ୩ଶହରୁ ଅଧିକ ଛାତ୍ରୀଛାତ୍ର ବିଜ୍ଞାନ ଓ ଗବେଷଣା ସହ ଜଡ଼ିତ ଯନ୍ତ୍ରପାତି ଦେଖିଥିଲେ। ଏହି ସମ୍ପ୍ରସାରିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ପ୍ରାରମ୍ଭିକ ବିଜ୍ଞାନ ଶିକ୍ଷା ପାଇଁ ବ୍ୟବହୃତ ଯନ୍ତ୍ରାଂଶ ଯଥା ଓମଙ୍କ ବିଦ୍ୟୁତ୍ ସ୍ରୋତ ନିୟମ, ଡିଫ୍ରାକ୍ସନ ଗ୍ରେଟିଙ୍ଗର ସ୍ୱଚ୍ଛ ସମ୍ବଳରେ ତିଆରି ଯନ୍ତ୍ରପାତିର ବ୍ୟବହାର ଓ ତାର ଉପଯୋଗିତା ବିଷୟରେ ମାର୍ଗଦର୍ଶନ କରାଯାଇଥିଲା। ଏହା ବ୍ୟତୀତ କେତେକ ବିଜ୍ଞାନ ସମ୍ବନ୍ଧିୟ ଗବେଷଣାତ୍ମକ ଯନ୍ତ୍ର, ମାଇକେଲସନଙ୍କ ଇଣ୍ଟର ଫେରୋମିଟର, ସ୍ୱଚ୍ଛ ସମ୍ବଳ ଓ ବର୍ଜ୍ୟବସ୍ତୁରେ ତିଆରି ହୋଇଥିବା ବ୍ୟାଟେରୀ, ଫ୍ଲାଏ ଆସ ତଥା ରେଡ ମଡ ଭଳି କଳକାରଖାନାର ଆବର୍ଜନାର ଉପାଦେୟତା, ଏକ୍ଟିଭେଟେଡ ଚାର୍କୋଲ ଓ ଫୋଟୋ ଡାଏଡ ଗୁଡ଼ିକୁ ପ୍ରଦର୍ଶନ କରାଯାଇଥିଲା। ଉନ୍ନତମାନର ବିଜ୍ଞାନ କୌଶଳ ସହ ତାର ଭୌତିକ ସମ୍ପୃକ୍ତି ଜଡ଼ିତ ବ୍ଲୁ ଓୟେସ୍କର ଭଳି ଛତୁ ଉତ୍ପାଦନର ପ୍ରକ୍ରିୟା ମଧ୍ୟ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇଥିଲା। ଏହି ସମ୍ପ୍ରସାରିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନକୌଶଳ, ପ୍ରଯୁକ୍ତି ବିଦ୍ୟା ବିଷୟରେ ଜାଣିବା ସହ ପଦାର୍ଥ ବିଜ୍ଞାନ ସହ ଜଡ଼ିତ ଗବେଷଣା ଓ ଭବିଷ୍ୟତ ବିସ୍ତାର ବିଷୟରେ ଜ୍ଞାନ ଅର୍ଜନ କରିଥିଲେ। ମଦନାବତୀ ପବ୍ଲିକ ସ୍କୁଲର କର୍ତ୍ତୃପକ୍ଷ, ଅଧ୍ୟକ୍ଷ, ଶିକ୍ଷୟିତ୍ରୀ, ଶିକ୍ଷକ କାର୍ଯ୍ୟକ୍ରମରେ ବିଶେଷ ସହାୟତା କରିଥିଲେ। ଜିଏମ୍‌ୟୁ ପଦାର୍ଥ ବିଜ୍ଞାନ ବିଭାଗର ଗବେଷକ ଛାତ୍ରୀ ଓମ କ୍ରିଷ୍ଣା ସ୍ୱରୁପା, ସ୍ୱାଗତିକା ସାହୁ , ଅଣ ଶିକ୍ଷକ କର୍ମଚାରୀମାନଙ୍କ ମଧ୍ୟରେ ଅରବିନ୍ଦ ଧର, ସୁନିଲ ନାୟକ, ଡାକେଶ୍ୱର ପ୍ରଧାନ, ସ୍ନାତକ ଛାତ୍ର କରନ ଧନରାଜ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନାଟ୍ୟକାର, ନିର୍ଦ୍ଦେଶକ ପ୍ରଦୀପ ଭୋଳଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି


ସମ୍ବଲପୁର ମଞ୍ଚ ନାୟକ ଅନୁଷ୍ଠାନ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭା।

ସମ୍ବଲପୁର,୧୮।୧୨(ବି.ଶଙ୍କର)

**ସମ୍ବଲପୁରୀ ନାଟ୍ୟ ଜଗତ ପାଇଁ ନୁହେଁ, ଚଳଚ୍ଚିତ୍ର ପାଇଁ ମଧ୍ୟ ଅପୂରଣୀୟ କ୍ଷତି**

ଦିବଂଗତ ପ୍ରଦୀପ ଭୋଳ ମଞ୍ଚ ନାଟକର ପ୍ରତିଟି ବିଭବକୁ ସ୍ପର୍ଶ କରିଥିଲେ। ତାଙ୍କର ଉଚ୍ଚକୋଟୀର ଲେଖା କେବଳ ସମ୍ବଲପୁରୀ ନାଟ୍ୟ ସାହିତ୍ୟକୁ ମଜବୁତ କରି ନାହିଁ, ବରଂ ନାଟ୍ୟକଳାକୁ ମଧ୍ୟ ଦିଗଦର୍ଶନ ଦେଇଛି। ଏଥିସହ ନାଟକକୁ ଉଚ୍ଚତର ସୋପାନକୁ ନେଇ ଯାଇଥିଲେ। ରବିବାର ରାତିରେ ଧନୁପାଲିସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ନାଟ୍ୟସଂସ୍ଥା 'ମଞ୍ଚ ନାୟକ' ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ଉପରୋକ୍ତ ମତପ୍ରକାଶ କରିଛନ୍ତି। ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ତଥା ଗବେଷକ ଡ.ଦ୍ୱାରିକା ନାଥ ନାୟକ ବକ୍ତାଭାବେ ଯୋଗଦେଇ ଥିଲେ। ନାଟ୍ୟକାର, ନିର୍ଦ୍ଦେଶକ ସିନେ ପ୍ରଯୋଜକ ସ୍ୱର୍ଗତ ପ୍ରଦୀପ ଭୋଳଙ୍କର ପ୍ରଥମ ପୁଣ୍ୟତିଥି ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ସେ କହିଲେ ଯେ, ସ୍ୱର୍ଗତ ଭୋଳଙ୍କ ରଚିତ ବଏଠା, ଭୂମିସୁତା, ଅନାଥ, ଚିଠି, କାଉଁର, ଦିନ, ଭାର ପ୍ରଭୃତି ନାଟକରେ ଭାଷା ସଂଳାପ, କାହାଣୀ, ଦୃଶ୍ୟ ଚିନ୍ତା ଚେତନା, ମଞ୍ଚସଜ୍ଜା, ଚରିତ୍ର ଚିତ୍ରଣ, ସାମାଜିକ ଆବେଦନ ସାଂସ୍କୃତିକ ଛାପ ଅନ୍ୟତ୍ର ଦେଖିବାକୁ ମିଳେ ନାହିଁ। ମଞ୍ଚ ନାୟକର ନାଟ୍ୟ ନିର୍ଦ୍ଦେଶକ ପ୍ରଦୀପ ପଣ୍ଡା କହିଥିଲେ ଯେ, ଆମ ସମୟର ଶ୍ରେଷ୍ଠ ନାଟ୍ୟକାର ନିର୍ଦ୍ଦେଶକ ପ୍ରଦୀପ ଭୋଳଙ୍କ ଅକାଳ ବିୟୋଗ କେବଳ ସମ୍ବଲପୁରୀ ନାଟ୍ୟ ଜଗତ ପାଇଁ ନୁହେଁ, ସମ୍ବଲପୁରୀ ଚଳଚ୍ଚିତ୍ର ପାଇଁ ମଧ୍ୟ ଏକ ଅପୂରଣୀୟ କ୍ଷତି ହୋଇଛି। ଅଭିନେତ୍ରୀ ମମତା ପଣ୍ଡା କହିଥିଲେ ଯେ, ଆମେମାନେ ଜଣେ ପ୍ରଚଣ୍ଡ ପ୍ରତିଭାବାନ କଳାକାରଙ୍କୁ ହରାଇବା ସହ ଜଣେ ଭଲ ମଣିଷକୁ ମଧ୍ୟ ହରାଇଦେଲେ। ସଭାରେ ସର୍ବପ୍ରଥମେ ସ୍ୱର୍ଗତ ପ୍ରଦୀପ ଭୋଳଙ୍କ ପ୍ରତିଛବିରେ ମାଲ୍ୟାର୍ପଣ ତଥା ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ସଭାରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ଣ୍ଣଚନ୍ଦ୍ର ଦାସ, ସୁରେଶ ତ୍ରିପାଠୀ, ସଞ୍ଜୀବ ପାଢ଼ୀ, ପ୍ରକାଶ ପଣ୍ଡା, ବରିଷ୍ଠ ଚିତ୍ରଶିଳ୍ପୀ ପ୍ରଶାନ୍ତ ମାଝି, ସୁବ୍ରତ ବେହେରା, ତୃପ୍ତିମୟୀ ପ୍ରଧାନ ଉପସ୍ଥିତ ରହି ସ୍ୱର୍ଗତ ଭୋଳଙ୍କର ସ୍ମୃତିଚାରଣ କରିଥିଲେ।

# ଇନରହ୍ୱିଲ କ୍ଲବ ସମ୍ବଲପୁର ହ୍ୟାଣ୍ଡଲୁମ ସିଟି ପକ୍ଷରୁ ସମ୍ବର୍ଦ୍ଧନା

ସମ୍ବଲପୁର,୧୮।୧୨ (ଭବାନୀ ଶଙ୍କର ଭୋଇ)



ଇନରହ୍ୱିଲ କ୍ଲବର ସଦସ୍ୟାମାନଙ୍କ ଦ୍ୱାରା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ।

ଇନରହ୍ୱିଲ କ୍ଲବ ସମ୍ବଲପୁର ହ୍ୟାଣ୍ଡଲୁମ ସିଟି ପକ୍ଷରୁ ସୋମବାର ଦାନିବନ୍ଧରେ ଥିବା ଶିକ୍ଷା ନିକେତନର ପ୍ରତିଷ୍ଠାତା ଶୁଭାଶିଷ ସରକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବସ୍ତିର ପିଲାଙ୍କୁ ଶିକ୍ଷିତ କରିବା ପାଇଁ ଶୁଭାଶିଷ ଉଲ୍ଲେଖନୀୟ କାର୍ଯ୍ୟକରୁଥିବା ନେଇ ଇନରହ୍ୱିଲ କ୍ଲବର ସଦସ୍ୟାମାନେ ପ୍ରଶଂସା କରିଥିଲେ। ବସ୍ତିର ପ୍ରାୟ ୪୦-୫୦ ଜଣ ପିଲାଙ୍କ ପାଇଁ ୬ ଜଣ ଶିକ୍ଷକ ସକାଳେ ଏବଂ ସନ୍ଧ୍ୟାରେ ପାଠ ପଢାଇବା ସହ ପିଲାଙ୍କୁ ଯୋଗ, ନୃତ୍ୟ ଏବଂ ଚିତ୍ରାଙ୍କନ ମଧ୍ୟ ଶିକ୍ଷା ଦେଉଛନ୍ତି। ଏହି ଅବସରରେ ଇନରହ୍ୱିଲ କ୍ଲବର ସଭାପତି ମମତା ବାରିକଙ୍କ ନେତୃତ୍ୱରେ ସଦସ୍ୟାମାନେ ଅନୁଷ୍ଠାନର ପିଲାଙ୍କୁ ପାଠ୍ୟ ଓ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। କ୍ଲବର ସଦସ୍ୟାଙ୍କ ଆଗରେ ପିଲାମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଇନରହ୍ୱିଲ କ୍ଲବର ସମ୍ପାଦିକା ଜ୍ୟୋତିମଞ୍ଜରୀ ସିଂହ, ପ୍ରତିମା କୁମ୍ଭାର, ସୂର୍ଯ୍ୟକାନ୍ତି ମେହେର, କୃତିକା ପଟେଲ, ମୁନୁକାନ୍ତି ପଟେଲ, ସ୍ୱସ୍ତିକା ନାୟକ, ସ୍ୱାଗତିକା, ହରିପ୍ରିୟା ବଗର୍ତ୍ତି, ସନ୍ଧ୍ୟାରାଣୀ ମିଶ୍ର, ସ୍ୱାଗତିକା ପାଣିଗ୍ରାହୀ, ରୁନୁ ସାହୁ, ସରିତା ବଡପଣ୍ଡା ଏବଂ ଉର୍ମିଳା ବାରିକ ପ୍ରମୁଖ ସାମିଲ ହୋଇଥିଲେ।

# ଦେଢ଼ କୁଇଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ

ସମ୍ବଲପୁର,୧୮।୧୨(ପ୍ରମୋଦ ବହିଦାର)


ଚୋରା ଗଞ୍ଜେଇ ଓ ଗିରଫ ଅଭିଯୁକ୍ତଙ୍କ ସହ ଅବକାରୀ ଗୋଇନ୍ଦା ବିଭାଗ କର୍ମଚାରୀ।

ସମ୍ବଲପୁର ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ଶାସନ ଥାନା ଅନ୍ତର୍ଗତ ପଧାନପାଲି ଟୋଲଗେଟ୍ ନିକଟରୁ ଚୋରା ଚାଲାଣ ହେଉଥିବା ଦେଢ଼ କୁଇଣ୍ଟାଲ ଗଞ୍ଜେଇକୁ ଜବତ କରାଯାଇଛି। ଏହା ସହ ଦୁଇଜଣ ଗଞ୍ଜେଇ ଚାଲାଣକାରୀଙ୍କୁ ମଧ୍ୟ ଗିରଫ କରିଛି ଅବକାରୀ ଗୋଇନ୍ଦା ବିଭାଗ। ଏସମ୍ପର୍କରେ ଜଗନ୍ନାଥ କଲୋନୀସ୍ଥିତ ଅବକାରୀ ଗୋଇନ୍ଦା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡେପୁଟି କମିଶନର ରାଜେନ୍ଦ୍ର କୁମାର ଭୋରା ସୂଚନା ଦେଇଥିଲେ। ତାଙ୍କ ସୂଚନା ଅନୁସାରେ ସୋମବାର ସକାଳୁ ପଧାନପାଲି ଟୋଲଗେଟ୍ ନିକଟରେ ନିୟମିତ ଭାବେ ଅବକାରୀ ଗୋଇନ୍ଦା ବିଭାଗ କର୍ମଚାରୀମାନେ ଯାନବାହନ ଯାଞ୍ଚ ଜାରି ରଖିଥିଲେ। ଏହି ସମୟରେ ଏକ ପଇଡ଼ ବୋଝେଇ ବୋଲେରୋ ପିକ୍‌ଅପ୍ ଓଡି ୧୪ ଏକ୍ସ ୬୧୨୪ କୁ ଯାଞ୍ଚକାରୀ ଦଳ ସନ୍ଦେହରେ ଅଟକ ରଖି ପଚରା ଉଚୁରା କରିଥିଲେ। ପଚରା ଉଚୁରା ବେଳେ ଗାଡ଼ି ଚାଳକ ଓ ଆରୋହୀଙ୍କ କଥାରେ ତାଳମେଳ ଠିକ ନ ହେବାରୁ ସନ୍ଦେହରେ ଗାଡ଼ିକୁ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ପିକ୍‌ଅପ୍‌ରେ ବୋଝେଇ ହୋଇଥିବା ପଇଡ଼ ତଳେ ଥିବା ୪ ବସ୍ତା ଗଞ୍ଜେଇକୁ କର୍ମଚାରୀମାନେ ଜବତ କରିଥିଲେ। ଏହାସହ ଗାଡ଼ିର ଚାଳକ ସହ ଆରୋହୀଙ୍କୁ ଅବକାରୀ ଗୋଇନ୍ଦା କାର୍ଯ୍ୟାଳୟକୁ ଆଣି ଅଧିକ ପଚରାଉଚରା କରାଯିବାରେ ଉଭୟ ଗଞ୍ଜେଇକୁ ବୌଦ୍ଧରୁ ରାଉରକେଲା ଚୋରା ଚାଲାଣ କରୁଥିବା ସ୍ୱୀକାର କରିଥିଲେ। ଏହାବାଦ ଉଭୟଙ୍କୁ ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବିହାର ରାଜ୍ୟ ଗୋପାଳଗଞ୍ଜ ଜିଲା ସାହାଲାଦପୁର ଗ୍ରାମର ଶୈଳେଶ ଯାଦବ(୨୬) ଓ ସୁନ୍ଦରଗଡ଼ ଜିଲା ବନ୍ଧୋମୁଣ୍ଡା ଶିବଶଙ୍କର ନଗରର ଲାଲୁ କୁମାର ଶାହା(୨୭)। ସେମାନଙ୍କଠାରୁ ଦୁଇଟି ମୋବାଇଲ୍ ଫୋନ ଓ ବୋଲେରୋ ପିକ୍ ସହ ବୋଝେଇ ହୋଇଥିବା ୧ ହଜାର ପଇଡ଼କୁ ମଧ୍ୟ ଅବକାରୀ ବିଭାଗ ପକ୍ଷରୁ ଜବତ କରାଯାଇଛି। ଗଞ୍ଜେଇ ସହ ଜବତ ସାମଗ୍ରୀର ମୋଟ ଆନୁମାନିକ ମୂଲ୍ୟ ପ୍ରାୟ ୨୦ ଲକ୍ଷ ୩୦ ହଜାର ଟଙ୍କା ହେବ ବୋଲି ଅବକାରୀ ଗୋଇନ୍ଦା ବିଭାଗ ଡେପୁଟି କମିଶନର ଭୋରା କହିଛନ୍ତି। ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଏଠି ଲଢ଼େଇ ପାଇଁ ଭାଜପା, କଂଗ୍ରେସର ଦିଲ୍ଲୀ ଚଲୋ







ଭୁବନେଶ୍ୱର, ୧୮।୧୨(ସୁନିତ୍ ମିଶ୍ର)

୨୦୨୪ ସାଧାରଣ ନିର୍ବାଚନ ଭୋଟରଙ୍କ ଦୁଆର ଖଟ ଖଟ କରିବା ଉପରେ। କେବଳ ତାରିଖ ଘୋଷଣାକୁ ଅପେକ୍ଷା। ଓଡ଼ିଶା କଥା ଦେଖିଲେ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସର ପ୍ରଦର୍ଶନ କିପରି ରହିବ ତା'ଉପରେ ସମସ୍ତଙ୍କ ନଜର। ରାଜ୍ୟରେ ଲଗାତର ୫ମ ଥର ସରକାର ଗଢ଼ିସାରିଥିବା ବିଜେଡିକୁ ଦୀର୍ଘ ବର୍ଷ ହେଲା ଅନ୍ୟ କୌଣସି ଦଳ ଅଡୁଆରେ ପକାଇପାରିନାହାନ୍ତି। ତେଣୁ ଆଞ୍ଚଳିକ ଦଳ ବିଜେଡିକୁ ପ୍ରତିହତ କରି ଭାଜପା ଓ କଂଗ୍ରେସ ଭଳି ଜାତୀୟ ଦଳର ରାଜ୍ୟ ନେତାମାନଙ୍କୁ ଏବେ କେନ୍ଦ୍ରରୁ ଡକରା ଆସିଥିବା ଜଣାପଡ଼ିଛି। ଉଭୟ ଦଳର ନେତାମାନେ ଚଳିତ ସପ୍ତାହରେ ଦିଲ୍ଲୀ ଗସ୍ତକରି ଆସନ୍ତା ନିର୍ବାଚନ କିପରି ରାଜ୍ୟରେ ଲଢ଼ାଯିବ ସେନେଇ ଆଲୋଚନା କରିବେ ବୋଲି ଶୁଣିବାକୁ ମିଳୁଛି।

ଆସନ୍ତା ୨୦ ତାରିଖରେ ରାହୁଲ ଗାନ୍ଧୀ ଏବଂ ମଲ୍ଲିକାର୍ଜୁନ ଖାଡ଼୍‌ଗେ ଓଡ଼ିଶା ନେତାଙ୍କ ସହ ଆସନ୍ତା ନିର୍ବାଚନ ସମ୍ପର୍କରେ ଆଲୋଚନା କରିବେ ବୋଲି କୁହାଯାଇଛି। ହେଲେ ଦଳର ସବୁ ବିଧାୟକଙ୍କୁ ଏଥିରେ ସାମିଲ କରାଯାଇ ନାହିଁ। ଗତ ୨ଟି ସାଧାରଣ ନିର୍ବାଚନ ଉପରେ ନଜର ପକାଇଲେ କଂଗ୍ରେସର ଭୋଟ୍ ପ୍ରତିଶତ ପ୍ରତ୍ୟେକ ଥର କମି ଚାଲିଛି। ଅନେକ ନେତା ମଧ୍ୟ ଗତ ୧୦ ବର୍ଷ ମଧ୍ୟରେ କଂଗ୍ରେସ ଛାଡ଼ି ଅନ୍ୟ ରାଜନୈତିକ ଦଳରେ ସାମିଲ ହୋଇସାରିଛନ୍ତି। ଗୋଷ୍ଠୀକନ୍ଦଳ ଯୋଗୁ ହିଁ କଂଗ୍ରେସ ଦିନକୁ ଦିନ ରସାତଳଗାମୀ ହୋଇଚାଲିଛି। ଏସବୁ ଭିତରେ ରାଜ୍ୟରେ କଂଗ୍ରେସ ସ୍ଥିତି ଅତ୍ୟନ୍ତ ଦୁର୍ବଳ ସ୍ଥିତିରେ ଥିବା ଯୋଗୁ ଏହାର ଫାଇଦା ଏକ ପ୍ରକାର ବିଜେଡି ଏବଂ ଭାଜପା ପାଖକୁ ଚାଲିଯାଉଛି। ତେଣୁ ଏଭଳି ସ୍ଥିତିରେ କଂଗ୍ରେସ ଜାତୀୟ ନେତୃବୃନ୍ଦ ଓଡ଼ିଶାରେ ହେବାକୁ ଥିବା ଆସନ୍ତା ସାଧାରଣ ନିର୍ବାଚନ ଲାଗି କ'ଣ ରଣନୀତି ପ୍ରସ୍ତୁତ କରୁଛନ୍ତି ତାହା ଦିଲ୍ଲୀ ଭେଟଘାଟ ପରେ ଜଣାପଡ଼ିବ ବୋଲି ରାଜନୈତିକ ବିଶ୍ଳେଷକମାନେ କହିଲେଣି। ଏହି ପରିପ୍ରେକ୍ଷୀରେ ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ୨୦୨୪ ନିର୍ବାଚନ ଲାଗି ଆଲୋଚନା କରିବା ପାଇଁ ନେତାଙ୍କୁ ଡକାଯାଇଛି। ୨୦ ତାରିଖରେ ହେବାକୁ ଥିବା ବୈଠକରେ ୨୫ରୁ ୩୦ ଜଣ ଯୋଗଦେବେ। ଯେଉଁମାନଙ୍କୁ ଖବର ଦେବାକୁ କୁହାଯାଇଥିଲା ସେମାନଙ୍କୁ ସେ ଡାକିଥିବା ଶରତ କହିଛନ୍ତି।

ଖବର ମିଳିଛି, ଭାଜପାର ସବୁ ବିଧାୟକ ଏବଂ କେତେଜଣ ବରିଷ୍ଠ ନେତା ମଧ୍ୟ ମଙ୍ଗଳବାର ନୂଆଦିଲ୍ଲୀ ଗସ୍ତ କରିବେ। ଆସନ୍ତା ୨୦, ୨୧ ଏବଂ ୨୨ ତାରିଖରେ ଏହି ନେତାମାନଙ୍କୁ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଭେଟି ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ୨୦୧୯ ସାଧାରଣ ନିର୍ବାଚନରେ ରାଜ୍ୟରେ ୨ ନମ୍ବର ସ୍ଥାନକୁ ଉଠିଥିବା ରାଜ୍ୟ ଭାଜପା ପାଇଁ ସେମାନଙ୍କ ଦଳର କେନ୍ଦ୍ରୀୟ ନେତାଙ୍କ ଆଭିମୁଖ୍ୟ ସମସ୍ୟା ବଢ଼ାଇ ଦେଉଥିବା ଚର୍ଚ୍ଚା ହେଉଛି। ଭାଜପାର କେତେଜଣ ରାଜ୍ୟ ନେତୃବୃନ୍ଦଙ୍କ କହିବା କଥା, ୨୦୧୯ ନିର୍ବାଚନ ପରଠାରୁ ଅନେକ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ପାର୍ଲାମେଣ୍ଟରେ ସମର୍ଥନ କରିବା ସକାଶେ ବିଜେଡିକୁ ତାଙ୍କ ଦଳର ଜାତୀୟସ୍ତର ନେତାମାନେ ଅନୁରୋଧ କରୁଛନ୍ତି। ଆଉ ଅନେକ ସମୟରେ କେନ୍ଦ୍ର କହିବା ଆଗରୁ ହିଁ ବିଜେଡି କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ସମର୍ଥନ କରିଦେଉଛି। ଏହାଦ୍ୱାରା ବିଜେଡି ଏବଂ ଭାଜପା ମଧ୍ୟରେ ନିବିଡ଼ ସମ୍ପର୍କ ଥିବା ନେଇ ଏକପ୍ରକାର ବାର୍ତ୍ତା ରାଜ୍ୟବ୍ୟାପୀ ପ୍ରଚାର ହୋଇସାରିଛି। ଅଶ୍ୱିନୀ ବୈଷ୍ଣବଙ୍କୁ ଭାଜପା ପ୍ରାର୍ଥୀ କରିବା ପରେ ବିଜେଡି ସମର୍ଥନରେ ତାଙ୍କୁ ରାଜ୍ୟ ସଭା ପଠାଇବା କଥା ମଧ୍ୟ ଓଡ଼ିଶାବାସୀଙ୍କ ଆଗରେ ତାଙ୍କ ଦଳକୁ ପଛକୁ ଠେଲିଦେଇଛି। ସମ୍ଭବତଃ ସେଥିଲାଗି ରାଜ୍ୟର ଶାସକ ବିଜେଡି ବିରୋଧରେ ଭାଜପା ନେତାମାନେ କରୁଥିବା ବିରୋଧ ସେତେଟା ସଫଳ ହେଉନାହିଁ। ଫଳରେ ରାଜ୍ୟର କର୍ମୀମାନଙ୍କ ମନୋବଳ ମଧ୍ୟ ଏକ ପ୍ରକାର ଦୁର୍ବଳ ହେଉଛି। ଯେଉଁ କେନ୍ଦ୍ରୀୟ ନେତାମାନେ ଗତ ୫ ବର୍ଷରେ ଓଡ଼ିଶା ଗସ୍ତରେ ଆସିଲେଣି ସେମାନଙ୍କ ମୁହଁରୁ ମଧ୍ୟ ସ୍ଥାନୀୟ ସରକାରଙ୍କ ବିରୋଧରେ ପଦୁଟିଏ କଥା ବାହାରୁନି; ଓଲଟି ପ୍ରଶଂସା କରି ଫେରୁଥିବା ଲକ୍ଷ୍ୟ କରାଯାଉଛି। ତେଣୁ ଓଡ଼ିଶାରେ କୋଳାକୋଳି ଆଭିମୁଖ୍ୟ ଛାଡ଼ି ରାଜ୍ୟ ସରକାରଙ୍କ ବିରୋଧରେ କିପରି ଭାଜପା କଡ଼ା ମୁକବିଲାମୂଳକ ପଦକ୍ଷେପ ନେବ, ସେନେଇ ରାଜ୍ୟ ନେତାମାନେ କେନ୍ଦ୍ରୀୟ ନେତାଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ଥିବାର ଆଭାସ ମିଳୁଛି। ଭାଜପା ବିଧାୟକ ସୁବାସ ପାଣିଗ୍ରାହୀ କହିଛନ୍ତି ଯେ, ଯେମିତି ୩ଟି ରାଜ୍ୟରେ ଭାଜପା ସରକାର କଲା ଓଡ଼ିଶାରେ ସେମିତି ସଫଳତା କିଭଳି ମିଳିବ ସେନେଇ ଆଲୋଚନା ହେବ। ଏଥିଲାଗି କେନ୍ଦ୍ରୀୟ ନେତାଙ୍କ ପୂର୍ଣ୍ଣ ସମର୍ଥନ ଲୋଡ଼ିବା ଲାଗି ଭେଟିବୁ। ରାଜ୍ୟରୁ ସବୁ ବିଧାୟକମାନେ ଯିବେ, ସେଠାରେ ଥିବା ଏମ୍‌ପିମାନେ ସେଥିରେ ସାମିଲ ହେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ରାଷ୍ଟ୍ରୀୟ ଅଧ୍ୟକ୍ଷ ଓ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଭେଟିବା କାର୍ଯ୍ୟକ୍ରମ ଥିବା ସେ କହିଛନ୍ତି।

ଅପରପକ୍ଷରେ ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଦୁଇ ଜାତୀୟ ଦଳର ରାଜ୍ୟ ନେତାଙ୍କ ଦିଲ୍ଲୀ ଡକରା ସମ୍ବନ୍ଧୀୟ ଗୋଟେ ପ୍ରଶ୍ନ ପଚାରିବାରୁ ସେ ଉତ୍ତର ଦେଲେ–ଉଭୟ କଂଗ୍ରେସ ଓ ଭାଜପାର ଓଡ଼ିଶା ମାଟିରେ ପାଦ ନାହିଁ; ସେଥିଲାଗି ସେମାନେ ବାରମ୍ବାର ଦିଲ୍ଲୀ ଦୌଡୁଛନ୍ତି। ସ୍ୱପ୍ନ ଦେଖିବାକୁ କାହାକୁ ମନା ନାହିଁ ବୋଲି ସେ କହିଛନ୍ତି।

## ଚର୍ଚ୍ଚାରେ କେନ୍ଦୁଝର ରାଜନୀତି

# ଉପରେ କୋଳାକୋଳି, ଆମେ କାହିଁ କରିବା କଳି

କେନ୍ଦୁଝର, ୧୮।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)



ଗୋଟିଏ ମଞ୍ଚରେ ନିରଞ୍ଜନ, ମୋହନ ଓ ବଦ୍ରି ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

ଆଗକୁ ସାଧାରଣ ନିର୍ବାଚନ ଥିବାରୁ କେନ୍ଦୁଝର ଜିଲାରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି। ବିଜେଡି, ଭାଜପା ଓ କଂଗ୍ରେସ ପରସ୍ପର ବିରୋଧରେ ଆରୋପ ଓ ପ୍ରତ୍ୟାରୋପ ଆରମ୍ଭ କରିଦେଲେଣି। ଦଳୀୟ ନେତାମାନେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ନିଜର ଭାବମୂର୍ତ୍ତି ସୁଧାରିବା ସହ ଦଳର ସ୍ଥିତି ସଜାଡିବାରେ ଲାଗିଛନ୍ତି। ଏଭଳି ସମୟରେ ରବିବାର ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଘଷିପୁରା ନିର୍ବାଚନମଣ୍ଡଳୀର ଦୁଇ ଟାଣୁଆ ନେତା ବିଧାୟକ ବଦ୍ରି ନାରାୟଣ ପାତ୍ର, ପୂର୍ବତନ ବିଧାୟକ ନିରଞ୍ଜନ ପଟ୍ଟନାୟକଙ୍କ ସହିତ କେନ୍ଦୁଝର ସଦର ବିଧାୟକ ତଥା ଭାଜପାର ମୁଖ୍ୟ ସଚେତକ ମୋହନ ମାଝିଙ୍କ ଉପସ୍ଥିତି ରାଜନୈତିକ ଉଷ୍ମତାକୁ ଅଧିକ ବଢ଼ାଇଦେଇଛି। ପାରମ୍ପରିକ ରାଜନୈତିକ ଶତ୍ରୁତା ଥିବା ବିଧାୟକ ବଦ୍ରି, ନିରଞ୍ଜନ ଏବଂ ପାଖରେ ବସିଥିବା ମୋହନଙ୍କୁ ଦେଖି ସେମାନଙ୍କ ସମର୍ଥକମାନେ ନାନା କଳ୍ପନାଜଳ୍ପନା ଆରମ୍ଭ କରିଦେଇଛନ୍ତି। 'ଉପରେ ନେତା କୋଳାକୋଳି ଆମେ କାହିଁକି କରିବା କଳି' ଭଳି ମନ୍ତବ୍ୟ ସାଧାରଣରେ ପ୍ରକାଶ ପାଉଥିବା ଶୁଣିବାକୁ ମିଳୁଛି।

# ରାଜାଙ୍କ କାର୍ଯ୍ୟକ୍ରମରେ ମୋହନ ଅତିଥି



ଅନ୍ୟ ଅତିଥିଙ୍କ ଗହଣରେ ମୋହନ ମାଝୀ ଓ ରାଜା ଚକ୍ର।

ସଦର ବ୍ଲକ୍ ପଳାଶପଙ୍ଗାଠାରେ ଅନୁଷ୍ଠିତ ଏକ ସମାରୋହରେ ଅନ୍ୟ ଅତିଥିଙ୍କ ମଧ୍ୟରେ ଭାଜପା ବିଧାୟକ ମୋହନ ମାଝି ଓ ବିଜେଡି ନେତା ରାଜା ଚକ୍ରଙ୍କ ଉପସ୍ଥିତିକୁ ନେଇ ଲୋକଙ୍କ ଭିତରେ ଚାଲିଛି ଟୁପୁର ଟାପୁର। ସମାରୋହ ଆୟୋଜନରେ ରାଜା ଚକ୍ରଙ୍କ ପ୍ରମୁଖ ଭୂମିକା ରହିଥିଲା। ଏଣୁ ଏଥିରେ ମୋହନଙ୍କୁ ଅତିଥିଭାବରେ ଆମନ୍ତ୍ରଣ ଏକ ଆଲୋଚନାର ପ୍ରମୁଖ ବିଷୟ ପାଲଟିଛି। ଏକଦା ଉଭୟଙ୍କ ମଧ୍ୟରେ ବିବାଦ ଜୋରସୋରରେ ଦେଖାଦେଇଥିଲା। ଏପରିକି ରାଜାଙ୍କ ବିରୋଧରେ ମୋହନ ଆଇନଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ନେଇ ଗଣମାଧ୍ୟମରେ ମତ ରଖିବା ସହ ଆନ୍ଦୋଳନର ଆହ୍ୱାନ ଦେଇଥିଲେ। ତେବେ ଏଭଳି ଦୁଇ ପରସ୍ପର ବିରୋଧୀ ନେତାଙ୍କ ଉପସ୍ଥିତି ରାଜନୈତିକ ଶତ୍ରୁତା ମିତ୍ରତାରେ ପରିଣତ ହୋଇଥିବା ନେଇ ଭାଜପା ଓ ବିଜେଡି ଦଳର ନେତା ଓ କର୍ମୀଙ୍କ ମଧ୍ୟରେ ଆଲୋଚନା ଆରମ୍ଭ ହୋଇଛି। ବିଜେଡି ଓ ଭାଜପା ମେଣ୍ଟ ନେଇ ହେଉଥିବା ଆଲୋଚନାର ଏହା କ'ଣ ନିର୍ବାଚନ ପୂର୍ବର ରୂପରେଖ କି ବୋଲି କଂଗ୍ରେସ ନେତାମାନେ ପ୍ରଶ୍ନ କରୁଛନ୍ତି।

## ଏକାଠି ବଦ୍ରି–ରାଜା


ମଞ୍ଚରେ ଉପସ୍ଥିତି ଅତିଥିମାନଙ୍କ ଗହଣରେ ବଦ୍ରି ଓ ରାଜା।

ସେହି ପଳାଶପଙ୍ଗାଠାରେ ଆଉ ଏକ କାର୍ଯ୍ୟକ୍ରମରେ ବିଜେଡି ଦଳରେ ଥାଇ ପରସ୍ପର ବିରୋଧୀ ଭାବରେ ପରିଗଣିତ ହୋଇ ଆସୁଥିବା ଘଷିପୁରା ବିଧାୟକ ବଦ୍ରି ପାତ୍ର ଓ ବିଜେଡି ନେତା ରାଜା ଚକ୍ରଙ୍କ ଉପସ୍ଥିତି ଅନେକଙ୍କୁ ଚକିତ କରିଛି। ଯଦିଓ ଜିଲାର ବିଧାୟକ ହିସାବରେ ବଦ୍ରିଙ୍କୁ ଅତିଥି କରାଯାଇଥିଲା, ତେବେ ଘଷିପୁରା ନିର୍ବାଚନ ମଣ୍ଡଳୀରେ ଉଭୟଙ୍କ ମଧ୍ୟରେ ଥିବା ବିବାଦକୁ ନେଇ ଆଲୋଚ୍ୟର ବିଷୟ ହୋଇଛି। ଘଷିପୁରା ନିର୍ବାଚନ ମଣ୍ଡଳୀ ପାଇଁ ଉଭୟ ଦାବିଦାର ଏହି ବିବାଦର ପ୍ରମୁଖ କାରଣ ବୋଲି କୁହାଯାଏ। ଏଣୁ ଉଭୟ ସମର୍ଥକଙ୍କ ମଧ୍ୟରେ ଅନେକ ସମୟରେ ଗଣ୍ଡଗୋଳ ହୋଇଥାଏ। ଆୟୋଜକଙ୍କ ମଧ୍ୟରେ ରାଜାଙ୍କ ଭୂମିକା ପ୍ରମୁଖ। ପୂର୍ବରୁ ରାଜାଙ୍କ କେତେକ ଘରୋଇ ବା ସାମାଜିକ କାର୍ଯ୍ୟକ୍ରମରେ ବଦ୍ରି ଯୋଗଦେଉ ନ ଥିଲେ। ଏଣୁ ଉଭୟଙ୍କ ଉପସ୍ଥିତି ଚର୍ଚ୍ଚାର ବିଷୟ ପାଲଟିଛି।

# 'ଦେଶପାଇଁ ଦାନ' କାର୍ଯ୍ୟକ୍ରମ ଆରମ୍ଭ କଲା କଂଗ୍ରେସ

ଭୁବନେଶ୍ୱର, ୧୮।୧୨(ସୁନିତ୍ ମିଶ୍ର)



କଂଗ୍ରେସ ଭବନଠାରେ ପିସିସି ସଭାପତି ଶରତ ପଟ୍ଟନାୟକ ସୂଚନା ଦେଉଛନ୍ତି।

ଭାରତୀୟ ଜାତୀୟ କଂଗ୍ରେସ ସୋମବାର ଠାରୁ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଭାରତ ବର୍ଷର ଜନସାଧାରଣଙ୍କ ପାଖରୁ 'ଦେଶ ପାଇଁ ଦାନ' କାର୍ଯ୍ୟକ୍ରମ ଜାରି ରହିବ। ଏହି କାର୍ଯ୍ୟକ୍ରମ ଅନୁଯାୟୀ କଂଗ୍ରେସ କର୍ମୀମାନେ ପ୍ରତ୍ୟେକ ବୁଥ୍‌ର ଅନ୍ୟୁନ ୧୦ଟି ଘରକୁ ଚିହ୍ନଟ କରି ସର୍ବନିମ୍ନ ୧୩୮ ଟଙ୍କା ଦାନ କରିବା ପାଇଁ ଅନୁରୋଧ କରିବେ। ଏହି ଦାନ ରାଶି ଅନ୍‌ଲାଇନ ମାଧ୍ୟମରେ ଗ୍ରହଣ କରାଯିବ। ଏଥିପାଇଁ ଅଖିଳ ଭାରତ ଜାତୀୟ କଂଗ୍ରେସ(ଏଆଇସିସି) ସଭାପତି ମଲ୍ଲିକାର୍ଜୁନ ଖାଡ଼୍‌ଗେ ଦିଲ୍ଲୀ ଠାରେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ୨ଟି ଲିଙ୍କ୍ ପ୍ରଦାନ କରିଛନ୍ତି। ଦାତା ୧୩୮ ଟଙ୍କା ବା ୧୩୮ ଟଙ୍କାର ଗୁଣିତକ ରାଶି ଯଥା ୧୩୮୦ ଟଙ୍କା, ୧୩୮୦୦ ଟଙ୍କା ପ୍ରଦାନ କରିପାରିବେ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ସୂଚନା ଦେଇଛନ୍ତି। କଂଗ୍ରେସ ଭବନ ଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି ଯେ, ଆସନ୍ତା ୨୯ ଠାରୁ କଂଗ୍ରେସ କର୍ମୀମାନେ ଘର ଘର ବୁଲି 'ଦେଶପାଇଁ ଦାନ' ଚାଲୁ ରଖିବେ। କେବଳ କଂଗ୍ରେସ ପରିବାର ନୁହେଁ କଂଗ୍ରେସ ପରିବାର ବାହାରେ ଥିବା ଶୁଭେଚ୍ଛୁ ବନ୍ଧୁ ଓ ଅନୁଷ୍ଠାନଗୁଡ଼ିକୁ ଦାନ କାର୍ଯ୍ୟକ୍ରମରେ ସାମିଲ କରିବାକୁ ନିବେଦନ କରିବେ। ଭାରତୀୟ ଜାତୀୟ କଂଗ୍ରେସ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ୧୯୨୦–୨୧ରେ ତିଳକ ସ୍ୱରାଜ ଫଣ୍ଡ ଗଠନ କରିଥିଲେ। ଭାରତ ବର୍ଷର ଜନସାଧାରଣଙ୍କ ପାଖରୁ ଏହି ପାଣ୍ଠି ପାଇଁ ଦାନ ରାଶି ଗ୍ରହଣ କରିଥିଲେ। ଏବେ ୧୩୮ ବର୍ଷରେ କଂଗ୍ରେସ ଏହି ସ୍ୱର୍ଣ୍ଣିମ ଯାତ୍ରାକାଳର ଭାରତ ବର୍ଷ ଜନସାଧାରଣଙ୍କ ଦାନ ଓ ଅକୁଣ୍ଠ ସମର୍ଥନ ଆଶା କରନ୍ତି ବୋଲି ଶରତ କହିଛନ୍ତି।

# ଭାଜପା ନେତୃତ୍ୱରେ ସାମ୍ପ୍ରଦାୟିକ ଧ୍ରୁବୀକରଣ ବଢୁଛି: ଡି ରାଜା


ଭଗବତୀ ଭବନଠାରେ ସିପିଆଇ ସାଧାରଣ ସମ୍ପାଦକ ଡି.ରାଜା ଉଦ୍‌ବୋଧନ ଦେଉଛନ୍ତି।

ଭୁବନେଶ୍ୱର, ୧୮।୧୨(ସୁନିତ୍ ମିଶ୍ର)

୨୦୨୪ ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ଭାଜପା ନେତୃତ୍ୱରେ ଅହଙ୍କାର, ଔଦ୍ଧତ୍ୟ ଏବଂ ସେମାନଙ୍କ ସାମ୍ପ୍ରଦାୟିକ ଧ୍ରୁବୀକରଣ ଉଦ୍ୟମ ଅଧିକ ବୃଦ୍ଧି ପାଉଛି ବୋଲି ସିପିଆଇ ସାଧାରଣ ସମ୍ପାଦକ ଡି.ରାଜ କହିଛନ୍ତି। ସିପିଆଇ 'ଇଣ୍ଡିଆ' ମେଣ୍ଟର ଏକ ଅଂଶୀଦାର ଦଳ ଭାବେ ଏହି ଜନବିରୋଧୀ ଫାସିବାଦୀ ଶକ୍ତିକୁ ପରାଜିତ କରି ଧର୍ମନିରପେକ୍ଷ ଗଣତାନ୍ତ୍ରିକ ଶକ୍ତିଗୁଡ଼ିକର ବିଜୟକୁ ସୁନିଶ୍ଚିତ କରିବା ପାଇଁ ଦେଶର ସମସ୍ତ ବାମପନ୍ଥୀ, ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଦଳଗୁଡ଼ିକ ମଧ୍ୟରେ ଏକତା ବୃଦ୍ଧି କରିବା ପାଇଁ ସଂକଳ୍ପବଦ୍ଧ। ଆସନ୍ତା ୨୦୨୪ ସଂସଦୀୟ ନିର୍ବାଚନରେ 'ଇଣ୍ଡିଆ' ମେଣ୍ଟକୁ ଏକ ବିକଳ୍ପ ଶକ୍ତି ଭାବେ ଶକ୍ତିଶାଳୀ କରି ଭାଜପାକୁ ପରାଜିତ କରିବା ପାଇଁ ସିପିଆଇ ସମସ୍ତ ଉଦ୍ୟମ କରିବ ବୋଲି ସେ କହିଛନ୍ତି।

ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଦୁଇ ଦିନିଆ ଜାତୀୟ କାର୍ଯ୍ୟକାରିଣୀ ବୈଠକ ଭୁବନେଶ୍ୱରଠାରେ ସୋମବାର ଶେଷ ହୋଇଛି। ଭଗବତୀ ଭବନଠାରେ ଦଳର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡି.ରାଜା ଯୋଗଦେଇ ଆଗାମୀ ସାଧାରଣ ନିର୍ବାଚନ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକାରିଣୀ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ରାଜା କହିଛନ୍ତି ଯେ, ସଂସଦରେ ଦଳର ପ୍ରତିନିଧିତ୍ୱକୁ ବୃଦ୍ଧି କରିବା ପାଇଁ ସିପିଆଇ ପକ୍ଷରୁ ସମଗ୍ର ଦେଶରେ ଯୁକ୍ତିଯୁକ୍ତ ସଂଖ୍ୟକ ଆସନରେ ପ୍ରାର୍ଥୀ ଦିଆଯିବ। ଶ୍ରମଜିବୀ ଓ ଶ୍ରମିକ ଶ୍ରେଣୀ ଜନତାଙ୍କ ସ୍ୱାର୍ଥର ରକ୍ଷା କରିବା ପାଇଁ ସିପିଆଇର ସଫଳତା ଅତ୍ୟନ୍ତ ଜରୁରୀ। ବର୍ତ୍ତମାନର ରାଜନୈତିକ ଓ ଅର୍ଥନୈତିକ ପରିସ୍ଥିତି ସମ୍ପର୍କରେ ରିପୋର୍ଟ ଉପସ୍ଥାପନା କରିବା ସହ ନିକଟରେ ଅନୁଷ୍ଠିତ ହୋଇଥିବା ୫ ରାଜ୍ୟର ବିଧାନସଭା ନିର୍ବାଚନ ସମ୍ପର୍କରେ ସମୀକ୍ଷା କରିଥିଲେ। ସେ କହିଥିଲେ ଯେ, ଏହି ରାଜ୍ୟଗୁଡ଼ିକର ନିର୍ବାଚନ ଫଳାଫଳ ସ୍ପଷ୍ଟ ବାର୍ତ୍ତା ଦେଉଛି ଜନବିରୋଧୀ କର୍ପୋରେଟ ପକ୍ଷପାତି ସାମ୍ପ୍ରଦାୟିକ ଭାଜପା ସରକାରକୁ ପରାସ୍ତ କରିବା ଲାଗି ସମସ୍ତ ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ଓ ଦେଶପ୍ରେମୀ ଶକ୍ତିଙ୍କୁ ଐକବଦ୍ଧ ହୋଇ ଲଢ଼ିବାକୁ ହେବ। ତେଲେଙ୍ଗାନାରେ କଂଗ୍ରେସ ଓ ସିପିଆଇର ମିଳିତ ବୁଝାମଣାର ସଫଳତା ବେଶ୍ ଉତ୍ସାହଜପ୍ରଦ। ସିପିଆଇ ତେଲେଙ୍ଗାନା ରାଜ୍ୟ ଶାଖା ଓ ରାଜ୍ୟର ଜନସାଧାରଣଙ୍କୁ ଏଥିଲାଗି ସେ ଅଭିନନ୍ଦନ ଜଣାଇଛନ୍ତି।

# ଦୁର୍ନୀତି ନେଇ ପୁରୀ ସଦର ବ୍ଲକ୍ ଘେରିଲା ଭାଜପା

ପୁରୀ, ୧୮।୧୨(ଅଜିତ୍ ମହାନ୍ତି)



ଭାଜପା କର୍ମୀମାନେ ଶୋଭାଯାତ୍ରାରେ ପୁରୀ ସଦର ବ୍ଲକ୍ କାର୍ଯ୍ୟାଳୟ ଅଭିମୁଖେ ଆସୁଛନ୍ତି।

ଦୁର୍ନୀତିର ଗନ୍ତାଘର ପାଲଟିଛି ପୁରୀ ସଦର ବ୍ଲକ୍ କାର୍ଯ୍ୟାଳୟ। କନିଷ୍ଠଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ବିଡିଓଙ୍କ ପର୍ଯ୍ୟନ୍ତ ସମସ୍ତେ ଦୁର୍ନୀତିରେ ଲିପ୍ତ। ସାଧାରଣ ଲୋକଙ୍କ ସମସ୍ୟା ସମାଧାନ କରିବା ପରିବର୍ତ୍ତେ ସେମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଉଛି। ଏଭଳି ସାଂଘାତିକ ଅଭିଯୋଗ ଆଣି ଭାଜପା ପୁରୀ ଜିଲା ଶାଖା ପକ୍ଷରୁ ସୋମବାର ସଦର ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଭାଜପା କର୍ମୀମାନେ ଗୁଣ୍ଡିଚା ମନ୍ଦିରଠାରୁ ଶୋଭାଯାତ୍ରାରେ ବାହାରି ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିବା ପାଇଁ ଉଦ୍ୟମ କରିବାରୁ ସେମାନଙ୍କୁ ପୋଲିସ ଅଟକାଇଥିଲା। ଫଳରେ କିଛି ସମୟ ପାଇଁ ଭାଜପା କର୍ମୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ବରିଷ୍ଠ ଭାଜପା ନେତୃବୃନ୍ଦଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ଭାଜପା ନେତୃବୃନ୍ଦ ଅଭିଯୋଗ କରିଥିଲେ ଯେ, ପୁରୀ ବ୍ଲକ୍ ଅଫିସ ଦୁର୍ନୀତିର ଗନ୍ତାଘର ପାଲଟିଛି। ବିଡିଓମାନେ ସବୁଠୁ ଅଧିକ ଦୁର୍ନୀତି କରୁଛନ୍ତି। ବିନା ଟେଣ୍ଡରରେ ମୋ ଓଡ଼ିଶା ନବୀନ ଓଡ଼ିଶା ଯୋଜନାର କାର୍ଯ୍ୟାଦେଶ ବିଜେଡି କର୍ମୀମାନଙ୍କୁ ବଣ୍ଟାଯାଉଛି। ଆବାସ ଯୋଜନାରେ ହେରଫେର କରି ବିଜେଡି ସରପଞ୍ଚ ଓ ସମିତି ସଭ୍ୟମାନେ ଗରିବଙ୍କୁ ଲୁଟୁଛନ୍ତି। ଶୌଚାଳୟ ଅନୁଦାନ ଓ ଭତ୍ତା ଟଙ୍କା ହରିଲୁଟ ହେଉଛି। ବିଦ୍ୟାଳୟ ରୂପାନ୍ତରଣ ନାମରେ ନିମ୍ନମାନର କାମ ହେଉଛି। ରାଜ୍ୟ ସରକାର ଏଥିପ୍ରତି ଆଖିବୁଜି ଦେଇଛନ୍ତି। ଏହି ଆନ୍ଦୋଳନରେ ରାଜ୍ୟ ପ୍ରବକ୍ତା ରମାରଞ୍ଜନ ବଳିଆରସିଂ, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଜ୍ୟୋତି ମହାପାତ୍ର, ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ରଞ୍ଜିତା ପାଢ଼ୀ, ମଣ୍ଡଳ ସଭାପତି ମନୋରଞ୍ଜନ ପ୍ରଧାନ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଶଙ୍କର ପରିଡା, ଜିଲା ସାଧାରଣ ସମ୍ପାଦକ ଉମାକାନ୍ତ ନାୟକ, ପ୍ରସନ୍ନ ପଲେଇ, ଅଧିକାରୀ ନାୟକ, ବ୍ରହ୍ମଗିରିର ଯୁବନେତ୍ରୀ ଉପାସନା ମହାପାତ୍ର, ମଧୁ ସିଂହାରୀଙ୍କ ସମେତ ଭାଜପା ସମର୍ଥିତ ସମସ୍ତ ସରପଞ୍ଚ, ସମିତିସଭ୍ୟ ସାମିଲ ଥିଲେ।

■ ବ୍ଲକ୍ କାର୍ଯ୍ୟାଳୟରେ ଧସେଇ ପଶିବାକୁ କର୍ମୀଙ୍କ ଉଦ୍ୟମ

■ ପୋଲିସ ସହ ଧସ୍ତାଧସ୍ତି

# ନେକ୍ସଟ-ଜେନ୍ ଟେକ୍ ବ୍ୟବସାୟ ଉପରେ ଭିଆଇଏଲ୍‌ର ଦୃଷ୍ଟିନିବଦ୍ଧ

ଭୁବନେଶ୍ୱର,୧୮।୧୨ (ଅଭୟ ଦାଶ)




ପରିକଳ୍ପନାଠାରୁ ନେଇ କାର୍ଯ୍ୟାନ୍ୱୟନ ପର୍ଯ୍ୟନ୍ତ ଟର୍ନକି ସମାଧାନ ଏବଂ ପ୍ରକଳ୍ପଗୁଡ଼ିକ ସକାଶେ ପରାମର୍ଶଭିତ୍ତିକ ସେବା ଯୋଗାଇ ଦେଉଥିବା ଅହମଦାବାଦଭିତ୍ତିକ ଭିଭାଣ୍ଟା ଇଣ୍ଡଷ୍ଟ୍ରିଜ ଲିମିଟେଡ (ଭିଆଇଏଲ) ବିଏସଇ-୫୪୧୭୩୫-ନେକ୍ସଟ-ଜେନ ଟେକ୍ ବ୍ୟବସାୟ ଉପରେ ଦୃଷ୍ଟିନିବଦ୍ଧ ସହିତ ତାହାର କାର୍ଯ୍ୟକାରିତାରେ ରୂପାନ୍ତରଣ ଆଣିବା ପାଇଁ ଲକ୍ଷ୍ୟ ରଖିଛି। କମ୍ପାନୀ ଡ୍ରୋନ, ସୂଚନା ପ୍ରଯୁକ୍ତି, ଏଆଇ ଏବଂ ରୋବୋଟିକ୍ସ, ବିଦ୍ୟୁତ ଯାନବାହନ ନିମନ୍ତେ ଚାର୍ଜିଂ ଷ୍ଟେଶନ ସମେତ ନୂତନ ପ୍ରଭାଗଗୁଡିକରେ ପ୍ରବେଶ କରୁଛି। କମ୍ପାନୀ ଇତି ମଧ୍ୟରେ ଡ୍ରୋନ ଏବଂ ଇଭି ବ୍ୟବସାୟ କ୍ଷେତ୍ରରେ କାର୍ଯ୍ୟ ଆରମ୍ଭ କରିସାରିଛି ଏବଂ ଆଗାମୀ ଦିନରେ ଏହାକୁ ବୃହତ୍ ଭାବେ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖିଛି। ୨୦୨୩ ସେପ୍ଟେମ୍ବରରେ କମ୍ପାନୀ ଭିଭାଣ୍ଟା ଡ୍ରୋନ ରିସର୍ଚ୍ଚ ସେଣ୍ଟର ତାଞ୍ଜାନିଆ ଲିମିଟେଡ (ଭିଡିଆରସିଟିଏଲ)ସହିତ ନୀତିଗତ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର କରିଥିଲା। ଭିଆଇଏଲ ଡ୍ରୋନ ନିମନ୍ତେ ଆସେମ୍ବ୍ଲି ଲାଇନ ସ୍ଥାପନ ଏବଂ ଆର ଆଣ୍ଡ ଡି ନିମନ୍ତେ ଭିଡିଆରସିଟିଏଲରେ ୫୦% ଅଂଶ ଅଧିଗ୍ରହଣ କରିବ। କମ୍ପାନୀ ଆଫ୍ରିକା ମହାଦେଶରୁ ମୋଟା ଅଙ୍କର ବ୍ୟବସାୟ ସୁଯୋଗ ପାଇବା ଆଶା ରଖୁଛି ଏବଂ ଏହି ପ୍ରକଳ୍ପକୁ ତ୍ୱରାନ୍ୱିତ କରିବାକୁ ପଦକ୍ଷେପ ନେଉଛି। ପୁନଶ୍ଚ ୨୦୨୩ ଏପ୍ରିଲରେ କମ୍ପାନୀ ଇଲେକ୍ଟ୍ରିକ ଭେଇକଲ ଅର୍ଗାନାଇଜେଶନାଲ ସେଣ୍ଟର ନର୍ଥ ଆମେରିକା କର୍ପୋରେଶନ (ଇଭିଓସିଏନ୍ଏ)ଠାରୁ ଇଭି ଚାର୍ଜିଂ ଏବଂ ଉତ୍ପାଦନ ୟୁନିଟ ସ୍ଥାପନ କରିବା ସକାଶେ ୫ନିୟୁତ ଆମେରିକୀୟ ଡଲାରର କାର୍ଯ୍ୟାଦେଶ ପ୍ରାପ୍ତ ହୋଇଥିଲା। କମ୍ପାନୀ ୧୮ରୁ ୨୪ମାସ ମଧ୍ୟରେ କାରଖାନା ସ୍ଥାପନ କରିବା ଏବଂ କାର୍ଯ୍ୟାଦେଶ ଗ୍ରହଣ କରିବା ତାରିଖର ୬ରୁ ୧୨ ମାସ ମଧ୍ୟରେ ଆବଶ୍ୟକ ସଫ୍ଟୱେର ବ୍ୟବସ୍ଥା କରିବାକୁ ଆଶା କରୁଛି। ଏହି କାର୍ଯ୍ୟାଦେଶ ବିଦ୍ୟୁତ ଯାନବାହନ ପ୍ରଯୁକ୍ତିର ବ୍ୟବସାୟକରଣ ନିମନ୍ତେ ଉଦ୍ଦିଷ୍ଟ, ଯେଉଁଥିରେ ପ୍ରଯୁକ୍ତିର ବୈଧିକରଣ ଏବଂ ଏହିଭଳି ପ୍ରଯୁକ୍ତିଗୁଡିକର ବ୍ୟବସାୟିକ ସ୍ଥାୟିତ୍ୱକୁ ପ୍ରଦର୍ଶନ ଦ୍ୱାରା ଭେଇକଲ-ଟୁ-ଗ୍ରୀଡ, ଭେଇକଲ-ଟୁ-ବିଲଡିଂ ଏବଂ ଭେଇକଲ-ଟୁ-ଲୋଡ ସାମର୍ଥ୍ୟ ସାମିଲ ରହିଛି। କମ୍ପାନୀ ଏହି ପ୍ରକଳ୍ପ ସ୍ଥାପନ କରିବା ପରେ ପ୍ରାୟ ୧୦ ନିୟୁତ ଆମେରିକୀୟ ଡଲାର ମୂଲ୍ୟର ବିକ୍ରିରେ ପହଞ୍ଚିବାକୁ ଆଶା ରଖିଛି।

୨୦୨୩ ଫେବୃୟାରୀ ୧୩ରେ ଅନୁଷ୍ଠିତ କମ୍ପାନୀର ସ୍ୱତନ୍ତ୍ର ସାଧାରଣ ବୈଠକରେ କମ୍ପାନୀର ସଦସ୍ୟଗଣ ମେମୋରାଣ୍ଡମ ଅଫ ଆସୋସିଏଶନର ଅବଜେକ୍ଟସ ଧାରାରେ ସଂଶୋଧନକୁ ଅନୁମୋଦନ କରିଥିଲେ ଏବଂ କମ୍ପାନୀକୁ କୃଷି ଓ ପ୍ରାଣୀ ଖାଦ୍ୟ, ଇଣ୍ଡଷ୍ଟ୍ରିଆଲ ଅଟୋମେଶନ, ଇଣ୍ଡଷ୍ଟ୍ରିଆଲ ରୋବୋଟିକ୍ସ ସିଷ୍ଟମସ ଓ ଡ୍ରୋନ, ବିଦ୍ୟୁତ ଯାନଗୁଡିକ ନିମନ୍ତେ ଚାର୍ଜିଂ ଷ୍ଟେଶନ ଆଦି ବହୁବିଧ ବ୍ୟବସାୟରେ ପ୍ରବେଶ କରିବାକୁ ଅନୁମତି ପ୍ରଦାନ କରିଥିଲେ।

## ଖସିଲା ଶେୟାର ବଜାରର କାରବାର

ଭୁବନେଶ୍ୱର, ୧୮।୧୨

ଗତ କିଛି ସପ୍ତାହ ହେବ ଘରୋଇ ଶେୟାର ବଜାର କାରବାରରେ କ୍ରମାଗତ ପରିବର୍ତ୍ତନ ଘଟୁଛି। ଏପରି କି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୧୬୯ (୧୬୮.୬୬) ପଏଣ୍ଟ ଖସି ୭୧,୩୧୫(୭୧,୩୧୫.୦୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୩୮ (୩୮.୦୦) ପଏଣ୍ଟ ହ୍ରାସ ଘଟି ୨୧,୪୧୯ (୨୧,୪୧୮.୬୫) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍ଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି।

## ୩ଡି କଂକ୍ରିଟ ପ୍ରିଣ୍ଟିଂ ମେଶିନର ଶୁଭାରମ୍ଭ



ଭୁବନେଶ୍ୱର, ୧୮।୧୨

ଭାରତର ପ୍ରମୁଖ କଂକ୍ରିଟ ଉପାଦାନ (ଇକ୍ୟୁପ୍‌ମେଣ୍ଟସ) ନିର୍ମାଣକାରୀ ଆଜାକ ଇଞ୍ଜିନିୟରିଂର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ '୩ଡି କଂକ୍ରିଟ ପ୍ରିଣ୍ଟିଂ ମେଶିନ'ର ସର୍ବଭାରତୀୟ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ସେହିଭଳି ସଂସ୍ଥାର ନୂତନ ଉତ୍ପାଦ '୩ଡି କଂକ୍ରିଟ ପ୍ରିଣ୍ଟିଂ ଟେକ୍ନୋଲୋଜି'କୁ ମଧ୍ୟ ଉନ୍ମୋଚିତ କରାଯାଇଛି। ଏ ସମ୍ପର୍କରେ ଆଜାକ ଇଞ୍ଜିନିୟରିଂର ସିଇଓ ତଥା ଏମ୍‌ଡି ଶୁଭବ୍ରତ ସାହା କହିଛନ୍ତି, ଆମେ କମ୍ପାନୀର ନୂତନ ଉତ୍ପାଦ ଓ ମେଶିନକୁ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ଏପରି କି କମ୍ପାନୀ ଦ୍ୱାରା ବିକଶିତ ଏହି ନୂତନ ମେଶିନ ବିଶ୍ୱସ୍ତରୀୟ ଦକ୍ଷତା ଓ ଗୁଣବତ୍ତା ପ୍ରଦାନ ସହ ବ୍ୟବସାୟ ବୃଦ୍ଧିରେ ବ୍ୟାପକ ସହାୟକ ହେବ। ସେହିଭଳି କମ ଖର୍ଚ୍ଚ ଓ ଅଧିକ ଫଳ ପ୍ରଦାନ ସହିତ ଉଭୟ କ୍ରେତା ଓ ବିକ୍ରେତାଙ୍କ ମଧ୍ୟରେ ଏକ ବ୍ୟବସାୟିକ ସମ୍ପର୍କ ବୃଦ୍ଧି କରାଇବାରେ ଉକ୍ତ ମେଶିନ ବେଶ୍ ଉପଯୋଗୀ ଓ କାର୍ଯ୍ୟକାରୀ ହୋଇପାରିବ।

## ସିଜିୟୁରେ ଏସଆଇଏଚର ଗ୍ରାଣ୍ଡ ଫାଇନାଲ

ଭୁବନେଶ୍ୱର,୧୮।୧୨

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ସି.ଭି.ରମଣ ଗ୍ଲୋବାଲ ୟୁନିଭର୍ସିଟି (ସିଜିୟୁ) ପରିସରରେ ସ୍ମାର୍ଟ ଇଣ୍ଡିଆ ହାକାଥନ (ଏସଆଇଏଚ) ର ଗ୍ରାଣ୍ଡ ଫାଇନାଲ ରାଉଣ୍ଡ ୨୦୨୩ ଡିସେମ୍ବର ୧୯ରୁ ଅନୁଷ୍ଠିତ ହେବାକୁ ଯାଉଛି। ବିଶେଷ କରି ଶିକ୍ଷା ମନ୍ତ୍ରଣାଳୟର ଇନୋଭେସନ୍ ସେଲ୍, ଏଆଇସିଟିଇ ଏବଂ ଆଇ ୪ସି ଦ୍ୱାରା ମିଳିତ ଭାବେ ୪୭ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନ ଓ ଇନକ୍ୟୁବେଟରକୁ ସ୍ମାର୍ଟ ଇଣ୍ଡିଆ ହାକାଥନ୍‌ର ନୋଡାଲ୍ କେନ୍ଦ୍ର ଭାବେ ଚିହ୍ନଟ କରାଯାଇଛି। ଉକ୍ତ ନୋଡାଲ୍ କେନ୍ଦ୍ରମାନଙ୍କରେ ସମଗ୍ର ପ୍ରକ୍ରିୟାକୁ ପରିଚାଳନା ଏବଂ ଅଧ୍ୟକ୍ଷତା କରିବା ପାଇଁ ଶିକ୍ଷା ମନ୍ତ୍ରଣାଳୟର ଇନୋଭେସନ୍ ସେଲ୍ ଦ୍ୱାରା ଅଧିକାରୀ ନିଯୁକ୍ତି ହୋଇଛନ୍ତି। ସେହିଭଳି ଚଳିତ ବର୍ଷ ଭୁବନେଶ୍ୱରର ସି.ଭି. ରମଣ ଗ୍ଲୋବାଲ ୟୁନିଭିରର୍ସିଟି କ୍ୟାମ୍ପସକୁ ସ୍ମାର୍ଟ ଇଣ୍ଡିଆ ହାକାଥନ୍ ସଫ୍ଟୱେର୍ ସଂସ୍କରଣକୁ ପରିଚାଳିତ କରିବା ପାଇଁ ଏକ ନୋଡାଲ ସେଣ୍ଟର ଭାବେ ଚୟନ କରାଯାଇଛି। ଅପରପକ୍ଷରେ ଶକ୍ତି ମନ୍ତ୍ରଣାଳୟର ୪ ସମସ୍ୟାର ସମାଧାନ କରିବା ପାଇଁ ମୋଟ ୨୧ ଦଳରୁ ପ୍ରାୟ ୧୨୬ ପ୍ରତିଯୋଗୀ ଏଠାରେ ପ୍ରତିଦ୍ୱନ୍ଦିତା କରିବେ ଏବଂ ପ୍ରତ୍ୟେକ ସମସ୍ୟା ଷ୍ଟେଟମେଣ୍ଟରେ ବିଜୟୀ ଦଳକୁ ୧ଲକ୍ଷ ଟଙ୍କା ପୁରସ୍କାର ଆକାର ପ୍ରଦାନ କରାଯିବାର ଆୟୋଜନ କରାଯାଇଛି।

## ମିଳିମିଶି କାମ କରିବାକୁ ପରାମର୍ଶ

ଭୁବନେଶ୍ୱର,୧୮।୧୨




ଅଲ୍ ଇଣ୍ଡିଆ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଅଫିସର୍ସ ଆସୋସିଏଶନ୍ (ଏଆଇପିଏନ୍‌ବିଓଏ)ର ଭୁବନେଶ୍ୱର ସର୍କଲ ପକ୍ଷରୁ ଆୟୋଜିତ ସଂଘର ବାର୍ଷିକ ସାଧାରଣ ସଭା ବୈଠକ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ସର୍କଲ ଅନ୍ତର୍ଗତ ବିଭିନ୍ନ ଶାଖାରୁ ୫ଶହରୁ ଅଧିକ ଅଧିକାରୀଙ୍କ ସମେତ ରାଜ୍ୟର ଅନ୍ୟାନ୍ୟ ସର୍କଲରୁ ଅଧିକାରୀମାନେ ଯୋଗଦେଇଥିଲେ। ଓଡ଼ିଶା ରାଜ୍ୟ ସର୍କଲ ସେକ୍ରେଟାରୀ ତଥା ରାଜ୍ୟ ସହ ସାଧାରଣ ସମ୍ପାଦକ ବୈଲୋଚନ ସାହୁଙ୍କ ନେତୃତ୍ୱରେ ଉକ୍ତ ବୈଠକ ଆୟୋଜିତ ହୋଇଥିଲା। ଏଆଇପିଏନ୍‌ବିଓଏର ସେଣ୍ଟ୍ରାଲ ବଡି ସଭାପତି ଶ୍ରୀକୁମାର କେ ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲାବେଳେ ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଏ.ଉଦୟ ଭାସ୍କର ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସର୍କଲ ସେକ୍ରେଟାରୀ ବୈଲୋଚନ ସାହୁ, ଭୁବନେଶ୍ୱର ଅଞ୍ଚଳ ଅନ୍ତର୍ଗତ ଅଧିକାରୀମାନଙ୍କ ବିଭିନ୍ନ ଅସୁବିଧା ଓ ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅପରପକ୍ଷରେ ରେଡ୍ଡୀ ମ୍ୟାନେଜମେଣ୍ଟ ଓ ଆସୋସିଏଶନ ପରସ୍ପର ପରିପୂରକ ଅଟନ୍ତି ଏବଂ ବ୍ୟାଙ୍କ ତଥା ଅଧିକାରୀମାନଙ୍କ ସୁବିଧା ପାଇଁ ଉଭୟ ମିଳିମିଶି କାମ କରିବାକୁ ସେ ପରାମର୍ଶ ଦେଇଥିଲେ। ଶ୍ରୀକୁମାର ଅଫିସର୍ସ କମ୍ୟୁନିଟିର ବିଭିନ୍ନ ଅସୁବିଧା ଉପରେ ଆଲୋକପାତ କରିବା ସହ ଉପସ୍ଥିତ ସଦସ୍ୟମାନଙ୍କୁ ଏକଜୁଟ୍ ହୋଇ ରହିବା ପାଇଁ ଅନୁରୋଧ କରିଥିଲେ। ଏହି ଅବସରରେ ବିଭିନ୍ନ ସର୍କଲର ମୁଖ୍ୟମାନଙ୍କ ସହିତ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଭୁବନେଶ୍ୱର ସର୍କଲର ସଭାପତି ପ୍ରଫୁଲ୍ଲ କୁମାର ଦଳେଇ ଉକ୍ତ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ। ବିଶ୍ୱଭୂଷଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ୨୬ ଆଙ୍କର ନିବେଶକଙ୍କଠାରୁ ପ୍ରାୟ ୨୮୫ କୋଟି ସଂଗ୍ରହ

ଭୁବନେଶ୍ୱର, ୧୮।୧୨

ମୁଥୁଟ୍ ମାଇକ୍ରୋଫିନ୍ ଲିମିଟେଡ୍ (ଏମ୍ଏମ୍ଏଲ୍)ର ଇନିସିଆଲ ପବ୍ଲିକ୍ ଅଫର (ଆଇପିଓ) ପୂର୍ବରୁ କମ୍ପାନୀ ମୋଟ ୨୬ ଆଙ୍କର ନିବେଶକଙ୍କଠାରୁ ପ୍ରାୟ ୨୮୫ କୋଟି ଟଙ୍କା ସଂଗ୍ରହ କରିଛି। ଏପରି କି କମ୍ପାନୀ ମୋଟ ୯୭,୯୩,୮୧୨ ଇକ୍ୱିଟି ଶେୟାର ଜାରି କରି ମୋଟ ୨୮୪.୯୯ କୋଟି ଟଙ୍କା ହାସଲ କରିଛି। କମ୍ପାନୀ ଇକ୍ୱିଟି ଶେୟାର ପିଛା ୨୯୧ଟଙ୍କାରେ ଶେୟାର ଜାରି କରିଛି। ଉଲ୍ଲେଖଯୋଗ୍ୟ, ଏମ୍ଏମ୍ଏଲ୍‌ର ଆଇପିଓ-୨୦୨୩ ଡିସେମ୍ବର ୧୮ ଖୋଲିଥିବାବେଳେ ୨୦୨୩ ଡିସେମ୍ବର ୨୦ରେ ବନ୍ଦ ହେବ। ଏପରି କି ନିବେଶକମାନେ ସର୍ବନିମ୍ନ ୫୧ଟି ଇକ୍ୱିଟି ଶେୟାର ପାଇଁ ବିଡ୍ ଦାଖଲ କରିପାରିବେ ଓ ପରେ ୫୧ଟି ଲେଖାଏ ଶେୟାରର ଗୁଣିତକ ଭାବେ ଯୋଡ଼ିପାରିବେ।

**ଦ.ପୂ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି)/ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ. ଓ ଇ-ଟେଣ୍ଡର ବିଜ୍ଞପ୍ତି; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି** ନିମ୍ନ ଅନୁଯାୟୀ ଅଟେ: **(୧) ୪୬-ଇଏଲ୍-ଡବ୍ଲ୍ୟୁଟି-୨୦୨୩-୨୪, ତାରିଖ ୧୪।୧୨।୨୦୨୩;** ଚକ୍ରଧରପୁର ଡିଭିଜନରେ ଟାଟାନଗର ଓ ରାଉରକେଲାଠାରେ କୋଚିଂ ମେଣ୍ଟେନାନ୍ସ ଡିପୋଠାରେ ୦୩ ବର୍ଷ ଅବଧି ପାଇଁ ଏଲ୍ଏଚ୍‌ବି ଟାଇପ୍ ଏୟାର୍-କଣ୍ଡିସନ୍‌ଡ କୋଚ୍ (ହାଇବ୍ରିଡ୍ କୋଚ୍ ସମେତ)ରେ ରୁଫ୍ ମାଉଣ୍ଟେଡ୍ ପ୍ୟାକେଜ୍ ୟୁନିଟ୍ (ଆର୍‌ଏମ୍‌ପିୟୁ)ର କମ୍ପୋନେଣ୍ଟ/ଇକ୍ୱିପମେଣ୍ଟ ନିମନ୍ତେ ସଂଶୋଧନମୂଳକ ରକ୍ଷଣାବେକ୍ଷଣ ଠିକା (ସିଏମ୍‌ସି)। ଟ.୧,୪୩,୦୫,୦୯୧.୫୨; ଟ.୨,୨୧,୫୦୦/- । **(୨) ୪୭-ଇଏଲ୍-ଡବ୍ଲ୍ୟୁଟି-୨୦୨୩-୨୪, ତାରିଖ ୧୪।୧୨।୨୦୨୩;** ୦୩ ବର୍ଷ ପାଇଁ ଚକ୍ରଧରପୁର ଡିଭିଜନରେ ଟାଟାନଗର ଓ ରାଉରକେଲାଠାରେ କୋଚିଂ ମେଣ୍ଟେନାନ୍ସ ଡିପୋଠାରେ ରୁଫ୍ ମାଉଣ୍ଟେଡ୍ ଏସି ପ୍ୟାକେଜ୍ ୟୁନିଟ୍ ଟାଇପ୍ ସେଲ୍‌ଫ ଜେନେରେଟିଂ ଏସି କୋଚ୍‌ରେ କଣ୍ଟ୍ରୋଲ ପ୍ୟାନେଲ ସହିତ ରୁଫ୍ ମାଉଣ୍ଟେଡ୍ ଏସି ପ୍ୟାକେଜ୍ ୟୁନିଟ୍‌ର ରକ୍ଷଣାବେକ୍ଷଣ ପାଇଁ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଠିକା । ଟ.୨,୪୧,୨୬,୫୮୦.୯୪; ଟ.୨,୭୦,୬୦୦/- । **(୩) ୪୮-ଇଏଲ୍-ଡବ୍ଲ୍ୟୁଟି-୨୦୨୩-୨୪, ତାରିଖ ୧୪।୧୨।୨୦୨୩;** ଦୁଇବର୍ଷ ପାଇଁ ଚକ୍ରଧରପୁର ଡିଭିଜନର ବିଭିନ୍ନ ସ୍ଥାନରେ ବ୍ୟାଟେରି ସମେତ ବିଭିନ୍ନ କ୍ଷମତାର ୟୁପିଏସ୍ ପାଇଁ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଠିକା । ଟ.୨୮,୪୭,୧୬୭.୫୦; ଟ.୫୭,୦୦୦/- । **ଟେଣ୍ଡର କାଗଜପତ୍ର ମୂଲ୍ୟ:** ପ୍ରତ୍ୟେକ ପାଇଁ ଶୂନ୍ୟ । **ବନ୍ଦ ହେବା/ଖୋଲାଯିବା ତାରିଖ:** ପ୍ରତ୍ୟେକ ପାଇଁ ତା୧୫।୦୧।୨୦୨୪ରିଖ ୧୫.୦୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । **(PR-929)**

ଅନ୍ୟାନ୍ୟ ଖବର

# ଅଭିଯୁକ୍ତଙ୍କୁ କେନ୍ଦୁଝରରୁ ଧରିଲା ପୋଲିସ

### ଶାରଳା ମନ୍ଦିର ହୁଣ୍ଡିରୁ ଚୋରି ଘଟଣା

ତିର୍ତ୍ତୋଲ,୧୮।୧୨ (ଗୌରାଙ୍ଗ ଚରଣ ସ୍ୱାଇଁ)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା କନକପୁରସ୍ଥିତ ପ୍ରସିଦ୍ଧ ଶାରଳା ମନ୍ଦିର ବେଢ଼ା ପରିସରରେ ଥିବା ହୁଣ୍ଡି କାଟି ଚୋରି ଘଟଣାର ଅଭିଯୁକ୍ତ କେନ୍ଦୁଝରରୁ ଧରାପଡ଼ିଛନ୍ତି। ଏହାପରେ ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଜଣକ ହେଲେ ଉକ୍ତ ଜିଲାର ସଦର ଥାନା ଅଧୀନ କେରି ଗ୍ରାମର ରୁଷି ମହାନ୍ତ। ତାଙ୍କ ନିକଟରୁ ନଗଦ ୧ଲକ୍ଷ ୬୪ ହଜାର ଟଙ୍କା ସମେତ ୨ ମୋବାଇଲ, ୧ କ୍ୟାରି ବ୍ୟାଗ, ୧ ଏୟାର ବ୍ୟାଗ, ହୁଣ୍ଡି କାଟିବାରେ ବ୍ୟବହୃତ କଟର, କମ୍ବଳ, ଟଙ୍କା ସବୁ ବାନ୍ଧି ନେଇଥିବା ଏକ ଶାଢ଼ି, ୨ଟି ରେଞ୍ଚି, ତାର ଜବତ କରାଯାଇଛି। ଅବଶିଷ୍ଟ ଟଙ୍କା ବାଟରୁ ପାଇଥିବା ଲୋକଙ୍କ ଠାରୁ ପୋଲିସ ଉଦ୍ଧାର କରିଛି। ଏହି ଘଟଣାରେ ସମୁଦାୟ ୧ ଲକ୍ଷ ୮୫ ହଜାର ୧୯୬ ଟଙ୍କା ପୋଲିସ ଜବତ କରିଛି।



ଅଭିଯୁକ୍ତଙ୍କଠାରୁ ଜବତ ଟଙ୍କା ଓ ମୋବାଇଲ ।

ପୋଲିସ ସୂଚନା ମୁତାବକ, ଗତ ୧୪ ତାରିଖ ରାତିରେ ଅଭିଯୁକ୍ତ ଜଣକ ମନ୍ଦିର ବେଢ଼ାରେ ଥିବା ହୁଣ୍ଡିକୁ କଟର ସାହାଯ୍ୟରେ କାଟି ଟଙ୍କା ନେଇ ପଳାଇଯାଇଥିଲେ। ଯିବା ବାଟରେ କିଛି ଟଙ୍କା ଗଳି ପଡ଼ିଥିଲା। ଏହାକୁ ସ୍ଥାନୀୟ ଲୋକେ ପାଇ ପୋଲିସରେ ହସ୍ତାନ୍ତର କରିଥିଲେ। ଏହା ପରେ ଅଭିଯୁକ୍ତ ନିଜ ଗାଁକୁ ପଳାଇ ଯାଇଥିଲେ। ସେ ବ୍ୟବହାର କରିଥିବା ମୋବାଇଲକୁ ଟ୍ରାକିଂ କରି ପୋଲିସ କେନ୍ଦୁଝର ଯାଇଥିଲା। ଘରେ ତାଙ୍କୁ ନ ପାଇ କରଞ୍ଜିଆଠାରେ ଥିବା ଏକ ହୋଟେଲରେ ଚଢ଼ାଉ କରି ରୁଷିଙ୍କୁ ଗିରଫ କରିଥିଲେ। ଏହି ଘଟଣାରେ ସେ ଏକମାତ୍ର ଅଭିଯୁକ୍ତ ବୋଲି ପୋଲିସ ସୂଚନା ଦେଇଛି। ଏନେଇ ଆୟୋଜିତ ପ୍ରେସ୍ ମିଟ୍‌ରେ ଅତିରିକ୍ତ ଏସ୍‌ପି ଜୟନ୍ତ ମହାପାତ୍ର, ଥାନା ଆଇଆଇସି ଅଭିମନ୍ୟୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଛାତ୍ରୀଙ୍କୁ ପ୍ରେମକରି ବନ୍ଧାହେଲେ ଶିକ୍ଷକ

ଶେରଗଡ,୧୮।୧୨ (ସୂର୍ଯ୍ୟନାରାୟଣ ଦାଶ)

ଜଣେ ନାବାଳିକା ଛାତ୍ରୀଙ୍କୁ ପ୍ରେମ କରିବା ଅଭିଯୋଗରେ ସୋମବାର ଗଞ୍ଜାମ ଜିଲା ଶେରଗଡ ବ୍ଲକ ବି. ବ୍ରହ୍ମପୁର ଉଚ୍ଚ ବିଦ୍ୟାଳୟର ଜଣେ ଶିକ୍ଷକଙ୍କୁ ଗ୍ରାମବାସୀ ଖୁଣ୍ଟରେ ବାନ୍ଧି ପୋଲିସ ଜିମା ଦେଇଥିଲେ। ଗିରଫ ହୋଇଛନ୍ତି। ନାବାଳିକା ଛାତ୍ରୀଙ୍କ ବାପାଙ୍କ ଏତଲା କ୍ରମେ ପୋଲିସ ସମ୍ପୃକ୍ତ ଶିକ୍ଷକଙ୍କୁ ଗିରଫ କରିଛି। ସେ ହେଲେ କଳା ଶିକ୍ଷକ ନିଳାମ୍ବର ଦାସ।

ପ୍ରକାଶ ଯେ, ଶିକ୍ଷକ ଜଣଙ୍କ ନାବାଳିକା ଛାତ୍ରୀଙ୍କୁ ଭଲ ପାଉଥିଲେ। ଏହା ଜାଣିବା ପରେ ତାଙ୍କୁ ତାଗିଦ୍ କରିବାକୁ ଗ୍ରାମର କେତେଜଣ ଲୋକ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କହିଥିଲେ। କିନ୍ତୁ ସେ କୌଣସି ପଦକ୍ଷେପ ନେଇ ନ ଥିଲେ। ଗତ ଶନିବାର ନାବାଳିକା ଜଣକ ବିଦ୍ୟାଳୟ ଯାଇଥିଲେ ମଧ୍ୟ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜା ଖୋଜି ପରେ ସମ୍ପୃକ୍ତ ଶିକ୍ଷକଙ୍କ ଘରୁ ଝିଅକୁ ପାଇଥିଲେ। ସୋମବାର ଗ୍ରାମବାସୀଙ୍କ ସହ ଛାତ୍ରୀଙ୍କ ପରିବାର ଲୋକେ ବିଦ୍ୟାଳୟ ମୁଖ୍ୟ ଗେଟ୍‌ରେ ତାଲା ପକାଇ ବାହାରେ ଜଗି ରହିଥିଲେ। ପୂର୍ବାହ୍ନ ୧୦ଟାରେ ଶିକ୍ଷକ ନିଳାମ୍ବର ବିଦ୍ୟାଳୟରେ ପହଞ୍ଚିବାରୁ ତାଙ୍କୁ ଗାଳିଗୁଲଜ କରିବା ସହ ଜୋର ଜବରଦସ୍ତି ଖୁଣ୍ଟରେ ବାନ୍ଧି ଦେଇଥିଲେ। ପୋଲିସ ପହଞ୍ଚି ଶିକ୍ଷକଙ୍କୁ ଉଦ୍ଧାର କରିଥିଲା। ନାବାଳିକାଙ୍କ ବାପାଙ୍କ ଅଭିଯୋଗ ପ୍ରକାରେ ଶେରଗଡ଼ ପୋଲିସ ନଂ.୬୦୯/୨୩ରେ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।



ଗ୍ରାମବାସୀ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇଛନ୍ତି।

## ମହିଳାଙ୍କୁ ପିଜୁଳି ଗଛରେ ବାନ୍ଧି ଆକ୍ରମଣ ଅଭିଯୋଗ

କୁଜଙ୍ଗ,୧୮।୧୨(ମନୋଜ ପ୍ରଧାନ)

**ଶାଶୁ ଘର ଲୋକଙ୍କ ଅମାନବୀୟକାଣ୍ଡ**

**■୪ ଜଣଙ୍କ ନାମରେ ଥାନାରେ ମାମଲା**

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ ପାରାଦୀପ ଲକ୍ ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଶାଶୁଘର ଲୋକେ ପିଜୁଳି ଗଛରେ ବାନ୍ଧି ସଂଘବଦ୍ଧଭାବେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହାକୁ ଭିତ୍ତିକରି ଥାନାରେ ୪ ଜଣଙ୍କ ନାମରେ ମାମଲା (ନଂ. ୫୬୧/୨୩) ରୁଜୁ ହୋଇଛି। ସମ୍ପୃକ୍ତା ମହିଳାଙ୍କ ଅଭିଯୋଗ ଅନୁଯାୟୀ, ସ୍ୱାମୀ ଅରୁ ସେଠୀ ରେଳବାଇ ବିଭାଗରେ ଅସ୍ଥାୟୀ କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି। ସେ ଯାହା କିଛି ରୋଜଗାର କରନ୍ତି ସେ ସବୁକୁ ନିଶା ସେବନରେ ଖର୍ଚ୍ଚ କରିଦିଅନ୍ତି । ଏଭଳି ଘଟଣା ନିୟମିତ ଚାଲୁଥିବାରୁ ସମ୍ପୃକ୍ତା ମହିଳା ଜଣକ ଝିଅ (୭) ଓ ପୁଅ(୫)କୁ ପ୍ରତିପୋଷଣ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ରବିବାର ସକାଳେ ସମ୍ପୃକ୍ତା ମହିଳା ଏହାକୁ ବିରୋଧ କରିବାରୁ ସ୍ୱାମୀ ଅରୁ, ଶ୍ୱଶୁର ଅଶୋକ ସେଠୀ, ଶାଶୁ କବିତା ସେଠୀ ଓ ସାନ ଶ୍ୱଶୁର ତଥା ବଗଦିଆ ପଞ୍ଚାୟତ ସମିତି ସଭ୍ୟ ପବିତ୍ର ସେଠୀ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଏପରିକି ତାଙ୍କ ଚୁଟିକୁ ଟାଣି ତଳେ ପକାଇ ଘୋଷାଡି ରକ୍ତାକ୍ତ କରି ଦେଇଥିଲେ। ପରେ ସେଠାରେ ଥିବା ଏକ ପିଜୁଳି ଗଛରେ ସମ୍ପୃକ୍ତା ମହିଳାଙ୍କ ୨ ହାତକୁ ବାନ୍ଧି ମାଡ଼ ମାରିଥିଲେ । ସ୍ୱାମୀ ଅରୁ ଓ ସାନ ଶ୍ୱଶୁର ପବିତ୍ର ଲୁହା ରଡ୍ ଓ କଟୁରି ସାହାଯ୍ୟରେ ତାଙ୍କୁ ଆକ୍ରମଣ କଲାବେଳେ ମହିଳା ଜଣକ ଚିତ୍କାର କରିବାରୁ ପଡ଼ୋଶୀମାନେ ଆସି ତାଙ୍କୁ ଉଦ୍ଧାର କରିଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ କୁଳମଣି ସେଠୀ କହିଛନ୍ତି।

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017
**Corrigendum to Notice Inviting Tender (NIT)**
T.No. TPWODL/AB/O/SU/ 046 Date : 18.12.2023
RC for supply of Polycarbonate LT Distribution Box
The time period is hereby extended for Submission of Tender Participation Fee and Authorization Letter through e-mail till 22nd Dec. 2023, 15:00Hrs, after which link from e-Tender system shall be shared. A Corrigendum to the said notice has been uploaded in our website **www.tpwesternodisha.com.** Prospective bidders are requested to visit the website for detailed amendment and updated tender document.
Sd /- Chief-Contracts and Stores

**जिला परिषद् का कार्यालय, सरायकेला–खरसावाँ**
Emailid-ceozilaparishadsaraikela@gmail.com
पत्रांक–............/जि0परि0, सरायकेला, **–: शुद्धि पत्र :–** दिनांक–..................
इस कार्यालय के ज्ञापांक–194/जि0परि0, सरायकेला, दिनांक–04.12.2023 के द्वारा आमंत्रित अति अल्पकालीन ई–निविदा सं0–04/2023–24 जिसका PR No.-313077 District (23-24):D है, को अपरिहार्य कारणों से निम्न प्रकार संशोधित किया जाता है :–

| क्र0सं0 | संशोधित विवरण एवं तिथि |
|---|---|
| 2. | निविदा प्रकाशित करने की तिथि के स्थान पर बेबसाईट पर निविदा प्रकाशन की संशोधित तिथि 22.12.2023 पढ़ा जाए। |
| 3. | निविदा online प्राप्त करने की संशोधित तिथि – 22.12.2023 से 29.12.2023 समय 5:00 PM तक पढ़ा जाए। |
| 4. | क्र0–04 एवं 05 को विलुप्त समझा जाए। |
| 6. | निविदा खोलने की संशोधित तिथि – 02.01.2024 अपराह्न 2:00 बजे पढ़ा जाए। |
| 7. | निविदा शुल्क एवं अग्रधन की राशि ई–भुगतान के माध्यम से ही प्राप्त किया जायेगा। ई–भुगतान जिस खाते से किया जायेगा, उसी खाते में अग्रधन की राशि वापस होगी। अगर वह खाता बंद कर दिया जाता है तो उसकी सारी जबावदेही निविदादाता की होगी। |

अन्य शर्त्त पूर्ववत् रहेंगी। PR313719 (District)23-24*D जिला अभियंता,जिला परिषद्,सरायकेला–खरसावाँ

**OFFICE OF THE EXECUTIVE ENGINEER RURAL WORKS DIVISION, BARGARH** No.O-1938:
**e-Procurement Notice No.ONLINE-BGH-14 of 2023-24**

| | | | |
|---|---|---|---|
| 1 | Name of the Work | : | Construction of Rest Shed at R.W.Subdivision, Sohela for the year 2023-24 |
| 2 | EMD | : | @ 1% of the estimated cost |
| 3 | Other details | : | As per DTCN |

| Procurement Officer | Bid Identification No. | Availability of Tender Online for bidding From | Availability of Tender Online for bidding To | Last Date & Time of Seeking Tender Clarification | Date & Time of Opening of tender in R.W.Division, Bargarh: Technical Bid | Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Bargarh | ONLINE-BGH-14 OF 2023-24 | 30.12.2023 at 11.00 AM | 09.01.2024 upto 5.00 P.M. | 09.12.2024 upto 4.00 PM | 10.01.2024 at 11.00 AM | 12.01.2024 at 11.00 AM |

Further details can be seen from the website **www.tendersorissa.gov.in.**
OIPR-25062/11/0014/2324 Sd./- Executive Engineer, R.W.Division, Bargarh

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BERHAMPUR**
At:Ambapua, PO:Engineering School, Near Income Tax Office, Berhampur-760011
(E-mail: serwbpr2004@yahoo.com, Tel/Fax:-0680-2404287)
No.O-1944: **NATIONAL COMPETITIVE BIDDING THROUGH e-Procurement**
**Bid Identification No.Online Tender/84-2023-24/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender/ 84-2023-24/ BPR | Road works including 05 years Post Construction maintenance under MMSY-TRIP & Road works under special Assistant to States Capital Investment (SACI) for the year 2023-24 | 04 Nos. | From Rs.422.26 lakhs to Rs.787.13 lakhs | "A" Class & "Special" Class as applicable | 09(Nine) & 11 (Eleven) Calendar Months as provided |

| Procurement Officer | Bid Identification No. | Availability of tender online for bidding From | To |
|---|---|---|---|
| Chief Construction Engineer, R.W.Circle, Berhampur | Online Tender/84-2023-24/BPR | 20.12.2023 at 10.00 AM | 03.01.2024 upto 5.30 PM |

(i) EMD/ Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website:- www.tendersodisha.gov.in.
Sd./- P.K. Jena
OIPR-25071/11/0092/2324 Chief Construction Engineer, R.W.Circle, Berhampur

# ମିସେସ୍ ଏସିଆ ୱାର୍ଲ୍ଡ ହେଲେ ରାୟଗଡ଼ା ଝିଅ




ରାୟଗଡ଼ା ଭଳି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଝିଅ ବିୟୁଟି କଣ୍ଟେଷ୍ଟରେ ଭାଗନେଇ ମିସେସ୍ ଏସିଆ ୱାର୍ଲ୍ଡ ଆୱାର୍ଡ଼ ଗ୍ରହଣ କରିଥିଲେ। ସେ ହେଲେ କଲ୍ୟାଣସିଂପୁରର ସନ୍ଧ୍ୟା ଦଳାଇ। ଗତ ଅକ୍ଟୋବରରେ ଥାଇଲାଣ୍ଡରେ ଆୟୋଜିତ ବିୟୁଟି କଣ୍ଟେଷ୍ଟରେ ଭାଗ ନେଇଥିବା ବିଭିନ୍ନ ଦେଶର ପ୍ରତିଯୋଗୀଙ୍କୁ ପଛରେ ପକାଇ ସନ୍ଧ୍ୟା ମିସେସ୍ ଏସିଆ ୱାର୍ଲ୍ଡ ମୁକୁଟ ପିନ୍ଧିଥିଲେ। ସନ୍ଧ୍ୟା ଗଞ୍ଜାମ ଜିଲାରେ ବିବାହ କରିଛନ୍ତି। ସେ ବନାରସ ବୁଲି ଯାଇଥିବା ବେଳେ ସେଠାରେ କେତେକଙ୍କ ସହ ଆଲୋଚନା ସମୟରେ ବିୟୁଟି କଣ୍ଟେଷ୍ଟରେ ଭାଗ ନେବା ପାଇଁ ଅନୁପ୍ରାଣିତ ହୋଇଥିଲେ। ମିସ୍ ଇଣ୍ଡିଆ ଫର ଏଭର୍ ଷ୍ଟାର ଇଣ୍ଡିଆ ଏବଂ ୨୦୨୧ରେ ବ୍ଲିସ୍‌ଫୁଲ ଇଣ୍ଡିଆ ବେଷ୍ଟ ମଡେ଼ଲରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ୨୦୨୨ ପୋଷ୍ଟାଲ ଷ୍ଟାମ୍ପରେ ତାଙ୍କର ଫଟୋ ସ୍ଥାନ ପାଇଥିଲା।

ଦିନ କେଇଟା ପରେ ବିଦାୟ ନେବ ୨୦୨୩। ବିଦାୟୀ ବର୍ଷର କେତେକ ଚର୍ଚ୍ଚିତ ଘଟଣା ଏବେବି ଜନମାନସରୁ ଲିଭି ନାହିଁ। ସେ ମାଓବାଦୀଙ୍କ ବର୍ବର କାଣ୍ଡ ହେଉ କିମ୍ବା ମାଲକାନଗିରି ହନ୍ତାଳଗୁଡା ଘାଟିରେ ଟିପ୍ପର ଦୁର୍ଘଟଣାରେ ୬ଜଣଙ୍କ ପ୍ରାଣ ହାନି ହେଉ। ସେହିପରି ମୋନିକା ସମାଦ୍ଦାର ତେଲୁଗୁ ଚଳଚ୍ଚିତ୍ର 'ଗାରାଗା'ରେ ନାୟିକା କିମ୍ବା ବହୁଚର୍ଚ୍ଚିତ ପୁଷ୍ପା-୨ ଚଳଚ୍ଚିତ୍ର ପଲୁରୁରେ ଶୁଟିଂ ହେଉ। ନନ୍ଦପୁରରେ ଆନ୍ଧ୍ରର ଅନୁପ୍ରବେଶ କିମ୍ବା ଜୟପୁର ଶେଷରାଣୀଙ୍କ ପରଲୋକ, ନବରଙ୍ଗପୁର ରାଇଘରରେ ପ୍ରେମିକାଙ୍କୁ ୩୧ ଖଣ୍ଡ, ରାୟଗଡାରେ କଲଭର୍ଟ ଭୁଶୁଡି ୫ ମୃତ ଓ ମିସେସ୍ ଏସିଆ ଆଦି ବହୁ ଘଟଣା ବହୁଳ ଥିଲା ଦକ୍ଷିଣ ଓଡ଼ିଶାର ୪ ଜିଲା। କେତେକ ସ୍ମୃତି ଓ ଅନୁଭୂତିକୁ ନେଇ ଏ ପ୍ରତିବେଦନ।

# ଟଲିଉଡ୍‌ରେ ମୋନିକା

ମାଲକାନଗିରିର ଯୁବତୀ ନିଜର ଆତ୍ମବିଶ୍ୱାସ ଓ ପ୍ରତିଭା ଯୋଗୁ ତେଲୁଗୁ ଚଳଚ୍ଚିତ୍ର 'ଗାରାଗା'ରେ ନାୟିକା ଭାବେ ଟଲିଉଡ୍‌ରେ ଅଭିନୟ କରିବାର ସୁଯୋଗ ପାଇଛନ୍ତି। ସେ ହେଲେ କାଲିମେଲା ବ୍ଲକ ଏମ୍‌ଭି ୭୫ ଗ୍ରାମର ମୋନିକା ସମାଦ୍ଦାର। ମୋନିକା ଏକ ଘରୋଇ କଲେଜରେ +୨ ପାଠ ଶେଷ କରି ବଡ଼ଭାଇଙ୍କ ସହ ହାଇଦ୍ରାବାଦରେ ରହି ନୃତ୍ୟ ଶିକ୍ଷା କରୁଥିଲେ। ସେଠାରେ ନୃତ୍ୟ ଶିକ୍ଷା କରିବା ପରେ କେତେକ ଛୋଟ ଛୋଟ ସିରିଏଲରେ ତାଙ୍କୁ ଅଭିନୟ କରିବାର ସୁଯୋଗ ମିଳିଥିଲା। ତାଙ୍କୁ ଏକ ତେଲୁଗୁ ଚଳଚ୍ଚିତ୍ରରେ ନାୟିକା ହେବା ପାଇଁ ସୁଯୋଗ ମିଳିଛି। ମୋନିକା ଶ୍ରୀନିବାସ କ୍ରିଏସନ୍ ଦ୍ୱାରା ନିର୍ମିତ ତେଲୁଗୁ ଚଳଚ୍ଚିତ୍ର 'ଗାରାଗା'ରେ ନାୟିକା ଭୂମିକାରେ ଅଭିନୟ ଅବତୀର୍ଣ୍ଣ ହୋଇଛନ୍ତି।





## ପରଲୋକରେ ଜୟପୁର ରାଜବଂଶର ଶେଷ ରାଣୀ

ବର୍ଷ ଆରମ୍ଭରୁ ନୂଆବର୍ଷ ୨୦୨୩ ଆଣିଥିଲା ଦୁଃଖ ଖବର। ଜୟପୁର ରାଜ ପରିବାରର ଶେଷରାଣୀ ରମା କୁମାରୀ ଦେବୀଙ୍କର ମୋତି ମହଲରେ ୯୨ ବର୍ଷ ବୟସରେ ପରଲୋକ ହୋଇଥିଲା। ସେ ବାର୍ଦ୍ଧକ୍ୟଜନିତ ଅସୁସ୍ଥତାରେ ଦୀର୍ଘଦିନ ଧରି ପୀଡ଼ିତ ଥିଲେ। ରମା କୁମାରୀ ଦେବୀ ଜୟପୁର ରାଜପ୍ରାସାଦର ଶେଷ ରାଜା ରାମକୃଷ୍ଣ ଦେଓଙ୍କ ସ୍ତ୍ରୀ ଥିଲେ।



## ଉପଜିଲାପାଳଙ୍କ ଘରୁ ୭୭ଲକ୍ଷ ଜବତ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ନବରଙ୍ଗପୁର ଭାରପ୍ରାପ୍ତ ଉପଜିଲାପାଳ ପ୍ରଶାନ୍ତ ରାଉତଙ୍କ ଘରେ ଜୁନ୍ ୨୩ରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ରାଉତଙ୍କ ନବରଙ୍ଗପୁର ସରକାରୀ ବାସଭବନ, କାର୍ଯ୍ୟାଳୟ ଓ କ୍ଲଷ୍ଟର ହାଉସ କ୍ୱାର୍ଟର୍ସ ସହ ଭଦ୍ରକସ୍ଥିତ ବାସଭବନ, ଭୁବନେଶ୍ୱର କାନନବିହାର ଘରେ ମଧ୍ୟ ଚଢ଼ାଉ କରିଥିଲା। ନବରଙ୍ଗପୁର କ୍ଲଷ୍ଟର ହାଉସ୍ କ୍ୱାର୍ଟର୍ସରୁ ଦୁଇଟି ପେଟିରେ ୭୭ଲକ୍ଷ ଟଙ୍କା ଭିଜିଲାନ୍ସ ଜବତ କରିଥିଲା। ପରେ ତାଙ୍କୁ ନିଲମ୍ବନ କରାଯାଇଛି।



## ପାଣିକୁ ଆୟୁଧ କରି ଆନ୍ଧ୍ରର ଅନୁପ୍ରବେଶ

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କୋଟିଆ ପରେ ନନ୍ଦପୁର ବ୍ଲକ ଉପରେ ଆନ୍ଧ୍ର ଦୃଷ୍ଟି ପକାଇବା ଚଳିତବର୍ଷ ଚର୍ଚ୍ଚାର ବିଷୟ ଥିଲା। ପାଣିକୁ ଆୟୁଧକରି ଆନ୍ଧ୍ର ନନ୍ଦପୁର ବ୍ଲକରେ ଅନୁପ୍ରବେଶ ଉଦ୍ୟମ କରିଥିଲା। ବ୍ଲକର ଗୋଲୁର ପଞ୍ଚାୟତ ରାଇପାହାଡ଼ ଓ ପାଣ୍ଟିଲୁଙ୍ଗ ପଞ୍ଚାୟତର ଜୟନ୍ତୀଗିରି, ସୁଡ୍ଡୁବ, ଅଣ୍ଡରଗୁଡ଼ା ଓ ତୋଟାଗୁଡ଼ା ସୀମାନ୍ତ ଅଞ୍ଚଳରେ ଆନ୍ଧ୍ର ବିଭିନ୍ନ ସଂସ୍ଥା ଜରିଆରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରି ଘରେ ଘରେ ପାଣି ପହଞ୍ଚାଇବାକୁ ଉଦ୍ୟମ କରି କରିଥିଲା।




# ବିଶ୍ୱ ବିଜେତା ଭଉଣୀଭାଇ

ବିଶ୍ୱ କ୍ରସ୍‌ବୋ ଶୁଟିଂ ଚାମ୍ପିୟନଶିପରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି ରାୟଗଡ଼ାର ଭଉଣୀଭାଇ। ଗତ ଅକ୍ଟୋବରରେ ଉତ୍ତରପ୍ରଦେଶ ଆଗ୍ରାରେ ଅନୁଷ୍ଠିତ ବିଶ୍ୱ କ୍ରସ୍‌ବୋ ଚାମ୍ପିୟନଶିପ୍‌ରେ ଭାରତୀୟ ଟିମ୍‌ରେ ଭଉଣୀ ଏ.ନେହା ପଟ୍ଟନାୟକ ଓମେନ୍ସ ଓପନ୍ ଫ୍ରିଷ୍ଟାଇଲ କାଟାଗୋରିରେ ସ୍ୱର୍ଣ୍ଣପଦକ ଜିତିଛନ୍ତି। ସେହିପରି ତାଙ୍କ ଭାଇ ଏ. ଲୋହିତ ମେନ୍ସ ଓପନ୍ ଷ୍ଟାଣ୍ଡାର୍ଡ କାଟାଗୋରିରେ ସ୍ୱର୍ଣ୍ଣପଦକ ଜିତି ଦେଶ ପାଇଁ ଗୌରବ ଆଣିଥିଲେ।

# ଭାରତ ପାଇଁ ଖେଳିବେ ରୁଦ୍ର

ନବରଙ୍ଗପୁର ଜିଲା ଉମରକୋଟ ସହର ନିକଟ ଅଧିକାରୀଗୁଡ଼ା ଗ୍ରାମର ରୁଦ୍ରପ୍ରତାପ ବିଶ୍ୱାସ ଜାତୀୟ କିକ୍ ବକ୍ସିଂ ପ୍ରତିଯୋଗିତାରେ ଭାଗନେଇ ବ୍ରୋଞ୍ଜ ପଦକ ଜିତିଥିଲେ। ଏଥିସହ ମାର୍ଚ୍ଚ ୯ରୁ ୧୬ ପର୍ଯ୍ୟନ୍ତ ଥାଇଲାଣ୍ଡର ଫୁକେଟରେ ହେବାକୁ ଥିବା ଅନ୍ତର୍ଜାତୀୟ କିକ୍ ବକ୍ସିଂ ପ୍ରତିଯୋଗିତାରେ ଭାରତ ପକ୍ଷରୁ ଖେଳିବାକୁ ସେ ମନୋନୀତ ହୋଇଥିଲେ।



# ପ୍ରେମିକାଙ୍କୁ ୩୧ ଖଣ୍ଡ



ବର୍ଷ ଶେଷ ବେଳକୁ ନବରଙ୍ଗପୁର ଜିଲା ରାଇଘର ଥାନା ଅଧୀନ ବାଗବେଢ଼ା ଗ୍ରାମର ତିଲା ଗଣ୍ଡଙ୍କ ମୃତଦେହ ମାଟିତଳୁ ମିଳିଥିଲା। ଯୁବତୀଙ୍କୁ ତାଙ୍କ ବିବାହିତ ପ୍ରେମିକ ନିଜ ସ୍ତ୍ରୀଙ୍କ ସହ ମିଶି ହତ୍ୟା କରିଥିଲେ। ସେମାନେ ଯୁବତୀଙ୍କ ମୃତଦେହକୁ ୩୧ଖଣ୍ଡ କରି କାଟି ମାଟି ତଳେ ପୋତି ଦେଇଥିଲେ। ରାଇଘର ପୋଲିସ ମାଟିତଳୁ ମୃତଦେହ ଜବତ କରିବା ସହ ତିଲାଙ୍କ ପ୍ରେମିକ ତଥା ମୁରୁମଡିହି ଗ୍ରାମର ଚନ୍ଦ୍ର ରାଉତ ଓ ତାଙ୍କ ସ୍ତ୍ରୀ ସିଆଙ୍କୁ ଗିରଫ କରିଥିଲା।




# କେବିସି ଜୁନିୟରରେ ଶାଶ୍ୱତ

'କୌନ୍ ବନେଗା କରୋଡପତି' (କେବିସି) ଜୁନିୟର ହଟ୍‌ସିଟ୍‌ରେ ବସିବାର ସୁଯୋଗ ପାଇଥିଲେ ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳର ଶାଶ୍ୱତ ପଟ୍ଟନାୟକ। ସେ ଏହି ଶୋ' ରୁ ୧୩ଲକ୍ଷ ୪୦ ହଜାର ଟଙ୍କା ଜିତିଥିଲେ। ବିନା ଲାଇଫ ଲାଇନ୍‌ରେ ୬ ଲକ୍ଷ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ଜିତିଥିଲେ। ଶାଶ୍ୱତଙ୍କର ୬ଟି ଭାଷାରେ ଦକ୍ଷତା ଥିବା ଜାଣି ଶୋ'ର ହୋଷ୍ଟ ତଥା ସୁପରଷ୍ଟାର ଅମିତାଭ ବଚ୍ଚନ ଖୁସି ବ୍ୟକ୍ତ କରିଥିଲେ। ଏଥିରେ ଭାଗନେବାରେ ଶାଶ୍ୱତ ନବରଙ୍ଗପୁରରୁ ପ୍ରଥମ।

# ଟିପ୍ପର ନେଲା ୬ ଶ୍ରମିକଙ୍କ ଜୀବନ

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ହନ୍ତାଳଗୁଡ଼ା ଘାଟିରେ ଏକ ସିମେଣ୍ଟ ବୋଝେଇ ଟିପ୍ପର ଦୁର୍ଘଟଣାଗ୍ରସ୍ତ ହୋଇ ଏଥିରେ ୬ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଗୁରୁତର ହୋଇଥିଲେ। ମୃତକମାନେ ହେଲେ ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ଅନ୍ତର୍ଗତ ମୋତିଗାଁର ସୁନାଧର ଭତ୍ରା, ପୂର୍ଣ୍ଣ ଭତ୍ରା,ଜୀବର୍ଦ୍ଧନ ଭତ୍ରା, ସୁନାଧର ଭତ୍ରା, ପୁଲସିଙ୍ଗ ଭତ୍ରା ଓ ଦୁର୍ଯ୍ୟୋଧନ ଭତ୍ରା। ସ୍ୱାଭିମାନ ଅଞ୍ଚଳରେ ପ୍ରମୋଦ ସ୍ୱାଇଁ ନାମକ ଜଣେ ଠିକାଦାର ପୋଲ କାମ ପାଇଁ ଏକ ଟିପ୍ପର ସିମେଣ୍ଟ ଓ ରଡ଼ ବୋଝେଇ କରି ହନ୍ତାଳଗୁଡ଼ା ଘାଟି ଦେଇ ଯାଉଥିବା ବେଳେ ଘାଟିରେ ଭାରସାମ୍ୟ ହରାଇ ଟିପ୍ପର ତଳକୁ ଖସି ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

# କଲଭର୍ଟ ପାଇଁ ଗଲା ୫ ଜୀବନ

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଉପରସାଜା ଗ୍ରାମରେ ଜୁଲାଇ ୩୧ରେ ଏକ ନିର୍ମାଣାଧୀନ କଲଭର୍ଟ ଭୁଶୁଡ଼ିବାରୁ ୫ ଜଣଙ୍କର ମୃତ୍ୟୁ ଘଟିଥିଲା। ସେମାନଙ୍କ ମଧ୍ୟରୁ ୨ ଜଣ ବାପପୁଅ ହୋଇଥିବା ବେଳେ ଅନ୍ୟ ୩ ଶିଶୁଙ୍କର ମୃତ୍ୟୁ ଥିଲେ। ଘଟଣାରେ ରାୟଗଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗର ୩ ଯନ୍ତ୍ରୀଙ୍କୁ ନିଲମ୍ବନ କରାଯାଇଥିଲା।

# ଆଇଆଇସିଙ୍କଠାରୁ ମିଳିଲା ୩୭ ଲକ୍ଷ

କୋରାପୁଟ ଜିଲା ବୈପାରିଗୁଡ଼ା ଆଇଆଇସି ସୁଶାନ୍ତ ଶତପଥୀ ୨ଲକ୍ଷ ୭୦ ହଜାର ଟଙ୍କା ଧରି ବସ୍ ଯୋଗେ କେନ୍ଦ୍ରାପଡ଼ା ଜିଲାସ୍ଥିତ ନିଜ ଘରକୁ ଯାଉଥିବା ବେଳେ ତାଙ୍କୁ ଟାଙ୍ଗୁଆ ନିକଟରୁ ଜୟପୁର ଭିଜିଲାନ୍ସ ବିଭାଗ ଧରିଥିଲା। ପରେ ଭିଜିଲାନ୍ସ ଟିମ୍ ଅଫିସ ଚାମ୍ବରରୁ ୧ ଲକ୍ଷ ୮୦ ହଜାର ଏବଂ ବୈପାରୁଗୁଡ଼ାସ୍ଥିତ ସରକାରୀ କ୍ୱାର୍ଟର୍ସରୁ ୩ ଲକ୍ଷ ଟଙ୍କା ଜବତ କରିଥିଲା। ପରଦିନ ଆଇଆଇସିଙ୍କ କଟକ ବକ୍ସିବଜାରସ୍ଥିତ ବାସବଭନରୁ ଆଉ ୨୯.୭୭ ଲକ୍ଷ ଟଙ୍କା ଜବତ କରାଯାଇଥିଲା। ଫଳରେ ତାଙ୍କଠାରୁ ଭିଜାଲାନ୍ସ ଜବତ କରିଥିବା ଟଙ୍କାର ପରିମାଣ ୩୭ ଲକ୍ଷ ୨୭ରେ ପହଞ୍ଚିଥିଲା। ପରେ ଏନେଇ ଏକ ମାମଲା ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଥିଲା।



# ପୁଷ୍ପା-୨ର ଶୁଟିଂ

ବହୁଚର୍ଚ୍ଚିତ ଚଳଚ୍ଚିତ୍ର ପୁଷ୍ପା-୨ ମାଲକାନଗିରି ଜିଲା କାଲିମେଲା ବ୍ଲକ ଆନ୍ଧ୍ର-ଓଡ଼ିଶା ସୀମାନ୍ତ ପଲୁରୁ ଅଞ୍ଚଳରେ ଶୁଟିଂ ଆରମ୍ଭ ହୋଇଥିଲା। ଏଥିପାଇଁ ଟିମ୍ ପକ୍ଷରୁ ନକଲି ଚନ୍ଦନକାଠ, ଗଛ ଓ ଷ୍ଟେଜ୍ ଆଦି ବିଭିନ୍ନ ସାମଗ୍ରୀ ଆସିଥିଲା। ପୋଲିସ ପକ୍ଷରୁ ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ଦେଖିବାକୁ ମିଳିଥିଲା। ଏଥିରେ ସାଉଥ୍ ସୁପରଷ୍ଟାର ଆଲୁ ଅର୍ଜୁନ ଏବଂ ନାୟିକା ରଶ୍ମିକାଙ୍କ ସହ୍ ସାଇ ପଲ୍ଲବୀ, ସୁନୀଲ, ଅନସୂୟା, ସାହାଦ୍ ଅସିମ, ଜଗଦୀଶ ପ୍ରସାଦ ଓ ଅଜୟ ଘୋଷଙ୍କ ଭଳି କଳାକାର ଅଭିନୟ କରିଛନ୍ତି।

## ‘ଅଯୋଗ୍ୟ ଲୋକଙ୍କୁ ମିଳୁଛି ଆବାସ ଘର’

ବଲାଙ୍ଗୀର,୧୮।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ସୀମାନ୍ତ ତୁରେକେଲା ବ୍ଲକ୍‌ର କିଛି ଗରିବ ଲୋକ ପ୍ରଧାନମନ୍ତ୍ରୀ ଆବାସ ଘର ପାଇଁ ସୋମବାର ବଲାଙ୍ଗୀର ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ଦରଖାସ୍ତ ଦେଇଥିଲେ। ତୁରେକେଲା ବ୍ଲକ୍‌ରେ ପ୍ରକୃତ ଗରିବ ଲୋକଙ୍କୁ ପ୍ରଧାନମନ୍ତ୍ରୀ ବା ବିଜୁ ପକ୍କାଘର ନଦେଇ ଧନୀ ଲୋକଙ୍କୁ ଘର ଦିଆଯାଇଥିବା ଅଭିଯୋଗ କରିଥିଲେ। ସେମାନେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନରେ ପାତରଅନ୍ତର କରାଯାଉଛି। ସରକାରୀ ନିୟମ ଉଲ୍ଲଂଘନ କରାଯାଉଛି। ଯେଉଁ ହିତାଧିକାରୀ ଘର ପାଇବାକୁ ଯୋଗ୍ୟ ତାଙ୍କୁ ମିଳୁନାହିଁ। ଅଥଚ ଟଙ୍କା ଖର୍ଚ୍ଚ କରି ହାତଗୁଞ୍ଜା ଦେଲେ ଗୋଟି ପରିବାରର ଅନେକ ସଦସ୍ୟଙ୍କୁ ଘର ମିଳୁଛି । ସର୍ଗୁଲ ଗାଁର ୱାର୍ଡସଭ୍ୟ ଭୀଷ୍ମ ରଣା ଓ ନାଏବ ସରପଞ୍ଚଙ୍କ ନେତୃତ୍ୱରେ ଲୋକେ ଦରଖାସ୍ତ ଦେବାକୁ ପ୍ରାୟ ୯୦ କିଲୋମିଟର ଦୂର ବଲାଙ୍ଗୀର ଆସି ଖର୍ଚ୍ଚାନ୍ତ ହୋଇଛନ୍ତି। ସେମାନେ ଆହୁରି ଅଭିଯୋଗ କରିଥିଲେ ଯେ, ଗାଁରେ ଏଭଳି ଲୋକ ଅଛନ୍ତି ଯେଉଁମାନେ ଝାଟିମାଟି, ପଲିଥିନ ଦେଇ ରହୁଛନ୍ତି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦରଖାସ୍ତ ଦେଇଥିଲେ ମଧ୍ୟ ସେମାନଙ୍କୁ ଘର ମିଳିବ କି ନାହିଁ ସେନେଇ କିଛି ବି ସୂଚନା ଦିଆଯାଇ ନ ଥିବାରୁ ସେମାନେ ନିରାଶ ହୋଇ ଘରକୁ ଫେରିଥିବା ଜଣାପଡିଛି।

## କୋଶଲ ମୁକ୍ତିମୋର୍ଚ୍ଚା ପଦଯାତ୍ରା ପାଇଁ ପ୍ରସ୍ତୁତି

ଲାଠୋର,୧୮।୧୨(ଭୁବନେଶ୍ୱର ବାରିକ)

କୋଶଲ ମୁକ୍ତିମୋର୍ଚ୍ଚାର ରାଜ୍ୟ ସାଙ୍ଗଠନିକ ସମ୍ପାଦକ କାଶିନାଥ ମେହେରଙ୍କ ନେତୃତ୍ୱରେ ଏକ ଦଳ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋରରେ ଗସ୍ତ କରି ପଦଯାତ୍ରା ପାଇଁ ପ୍ରସ୍ତୁତି କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ତାଙ୍କ ସହ ରାଜ୍ୟ ସାଧାରଣ ସମ୍ପାଦକ ସିପୁନ ଖମାରୀ, ଜନାର୍ଦ୍ଦନ ସିଂ, ମିଡ଼ିଆ ପ୍ରଭାରୀ ଜିତୁ ନାଏକ, ଅଭୟ ତ୍ରିପାଠୀ, ପାଟଣାଗଡ଼ ନିର୍ବାଚନ ମଣ୍ଡଳୀ ସଭାପତି ଜୁଗଲ କିଶୋର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୨୨ତାରିଖରେ ଭାଷା ସଂସ୍କୃତି ସ୍ୱାଭିମାନ ପଦଯାତ୍ରା ପାଇଁ ସଭ୍ୟ ସଂଗ୍ରହ କରାଯିବ। ପଦଯାତ୍ରା ନୃସିଂହନାଥ ମନ୍ଦିରଠାରୁ ସୁନ୍ଦରଗଡ଼ ପର୍ଯ୍ୟନ୍ତ ଯାତ୍ରାକରି କୋଶଲି ଭାଷାକୁ ସାମ୍ବିଧାନିକ ମାନ୍ୟତା ଦେବାକୁ ଦାବି କରିବ। ଏଥି ସହ କୋଶଳାଞ୍ଚଳର ସବୁ ସରକାରୀ ଦପ୍ତରରେ କୋଶଲି ଭାଷାକୁ ବ୍ୟବହାର କରିବା, ସମସ୍ତ ଦୋକାନ ବଜାରରେ କୋଶଲି ଭାଷାରେ ନାମ ଫଳକ ଲେଖିବା, ସ୍କୁଲ କଲେଜରେ କୋଶଲି ଭାଷାରେ ଶିକ୍ଷାଦାନ ଦେବା ଉପରେ ଲୋକଙ୍କୁ ସଚେତନ କରାଯିବା ସୂଚନା ଦିଆଯାଇଛି। ଏହି ଅବସରରେ ଲାଠୋର କମିଟି ଉପଦେଷ୍ଟା ପ୍ରବୀଣ ଅଗ୍ରୱାଲ, ଭୁବନେଶ୍ୱର ବାରିକ, ସଦସ୍ୟ ସୁଶାନ୍ତ ବେହେରା, ମନୋଜ କରୁଆଁ, ଚନ୍ଦନ ରଣା ପ୍ରମୁଖ ପ୍ରମୁଖ ଉପସ୍ଥିତ ଥିଲେ।

# କଏଦୀଙ୍କୁ ପ୍ରଶିକ୍ଷଣ ଦେବାରେ ପଛୁଆ

## ଜେଲ ଉତ୍ପାଦିତ ସାମଗ୍ରୀ ବିକ୍ରି ୫୬.୫% ହ୍ରାସ

ଭୁବନେଶ୍ୱର,୧୮।୧୨ (ସତ୍ୟଜିତ୍ ରାଉତ)

ଜେଲଗୁଡ଼ିକରେ କଏଦୀମାନଙ୍କୁ ବିଭିନ୍ନ ଧନ୍ଦାମୂଳକ ପ୍ରଶିକ୍ଷଣ ଦିଆଯାଇ ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଯାଉଛି। କଏଦୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀକୁ ଜେଲ ନିର୍ଦ୍ଦେଶାଳୟ ବିକ୍ରି କରି ମିଳୁଥିବା ଅର୍ଥରୁ ସେମାନଙ୍କ ପାରିଶ୍ରମିକ ଓ ମଙ୍ଗଳ କାର୍ଯ୍ୟରେ ଖର୍ଚ୍ଚ କରାଯାଉଛି। ଜେଲରୁ ମୁକୁଳିବା ପରେ କଏଦୀମାନେ ଯେପରି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ଏକ ସ୍ୱଚ୍ଛଳ ତଥା ଉତ୍ସାହିତ ଜୀବନ ସହ ବଞ୍ଚିପାରିବେ ସେଥିପାଇଁ ଜେଲ୍ ସଂସ୍କାରରେ ଏହି ପ୍ରଶିକ୍ଷଣକୁ ଗୁରୁତ୍ୱ ଦିଆଯାଉଛି। ମାତ୍ର ଏ କ୍ଷେତ୍ରରେ ଓଡ଼ିଶା ବହୁ ପଛରେ ରହିଥିବା ସଦ୍ୟ ପ୍ରକାଶିତ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟରୁ ଜଣାପଡିଛି। ଏପରିକି ଜେଲଗୁଡ଼ିକରୁ ଉତ୍ପାଦିତ ସାମଗ୍ରୀର ବିକ୍ରି ଆଶ୍ଚର୍ଯ୍ୟଜନକ ଭାବେ କମିବାରେ ଲାଗିଛି। ୨୦୨୧ ତୁଳନାରେ ୨୦୨୨ରେ ୫୬.୫ ପ୍ରତିଶତ ହ୍ରାସ ପାଇଛି। କଏଦୀଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ମିଳୁ ନ ଥିବା, ଉତ୍ପାଦିତ ସାମଗ୍ରୀର ଗୁଣବତ୍ତା ଭଲ ନ ଥିବାରୁ ଗ୍ରାହକଙ୍କ ଦ୍ୱାରା ଗ୍ରହଣୀୟ ହେଉ ନ ଥିବା କିମ୍ବା ଏହାର ମାର୍କେଟିଂ ଠିକ୍ ଭାବେ ହେଉ ନ ଥିବା ଆଶଙ୍କା କରାଯାଉଛି।

୨୦୨୨ ଏନ୍‌ସିଆର୍‌ବି ରିପୋର୍ଟ ଅନୁଯାୟୀ, ଜେଲଗୁଡ଼ିକରେ କଏଦୀଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ ବିକ୍ରି କ୍ଷେତ୍ରରେ ଓଡ଼ିଶା ଦେଶରେ ୨୦ ନମ୍ବର ସ୍ଥାନରେ ରହିଛି। ଏହି ବର୍ଷରେ ରାଜ୍ୟ ଜେଲ ନିର୍ଦ୍ଦେଶାଳୟ ମାତ୍ର ୮୧ ଲକ୍ଷ ଟଙ୍କାର କାରବାର କରିଛି। ୨୦୨୧ରେ ଓଡ଼ିଶା ୧ କୋଟି ୮୬ ଲକ୍ଷ ଟଙ୍କାରେ ଜେଲ୍ ଉତ୍ପାଦିତ ସାମଗ୍ରୀ ବିକ୍ରି କରି ତାଲିକାର ୧୭ ନମ୍ବର ସ୍ଥାନରେ ରହିଥିବାବେଳେ ୨୦୨୨ରେ ଆହୁରି ତଳକୁ ଖସିବା ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ତାମିଲନାଡୁ ସର୍ବାଧିକ ୫୩ କୋଟି ୩୭ ଲକ୍ଷ ଟଙ୍କାର କାରବାର କରି ପ୍ରଥମ ସ୍ଥାନରେ ରହିଛି। ଦ୍ୱିତୀୟରେ ଗୁଜରାଟ (୩୬.୮୮ କୋଟି), ତୃତୀୟରେ ତେଲେଙ୍ଗାନା (୩୪ କୋଟି), ଚତୁର୍ଥରେ ଦିଲ୍ଲୀ (୨୮.୩୬ କୋଟି) ଏବଂ ପଞ୍ଚମରେ ମହାରାଷ୍ଟ୍ର (୧୯.୯୦ କୋଟି) ରହିଛି। ୨୦୨୧ରେ ମଧ୍ୟ ତାମିଲନାଡୁ ୬୫.୧୭ କୋଟି ସହ ପ୍ରଥମ ସ୍ଥାନରେ ରହିଥିଲା। ଏହାତଳକୁ ଦ୍ୱିତୀୟରେ ତେଲଙ୍ଗାନା (୪୧.୬୧ କୋଟି) ଓ ତୃତୀୟରେ ଦିଲ୍ଲୀ (୧୯.୩୨) ରହିଥିଲା।

ରାଜ୍ୟ ଜେଲ ନିର୍ଦ୍ଦେଶାଳୟର ସୂଚନା ଅନୁଯାୟୀ, ଜେଲ ଅନ୍ତେବାସୀଙ୍କ ଦକ୍ଷତା ବିକାଶ କ୍ଷେତ୍ରରେ ନିର୍ଦ୍ଦେଶାଳୟ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି। ଜେଲଗୁଡ଼ିରେ କଏଦୀମାନଙ୍କୁ ମହମବତୀ, ଫିନାଇଲ, ହଳଦୀକୁଣ୍ଡ, ମୁଢ଼ି ମୁଆଁ, ଅଟା, ବିସ୍କୁଟ୍, ବେସନ, ବିଭିନ୍ନ ପ୍ରକାର ଶୌଖିନ ଜିନିଷ, ପନିପରିବା ଓ ମାଛଚାଷ ଆଦିରେ ପ୍ରଶିକ୍ଷଣ ଦିଆଯାଉଛି। ଛତୁଚାଷ, ବିଭିନ୍ନ ଦୀପ, କପଡ଼ାରୁ ବସ୍ତ୍ର ତିଆରି ଆଦିରେ ଶିକ୍ଷା ଦିଆଯାଉଛି। ମାତ୍ର ଆଶ୍ଚର୍ଯ୍ୟର କଥା ହେଉଛି, ନିର୍ଦ୍ଦେଶାଳୟ ପକ୍ଷରୁ ୨୦୨୧ରେ ୯୧୧ଜଣ କଏଦୀଙ୍କୁ ଧନ୍ଦାମୂଳକ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିବାବେଳେ ୨୦୨୨ରେ ମାତ୍ର ୫୬୪ଜଣ ପ୍ରଶିକ୍ଷଣ ନେଇଛନ୍ତି। ତେବେ ଏନେଇ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ କହିଛନ୍ତି, ଜେଲ ଏକ ସୁଧାର ଗୃହ। କିନ୍ତୁ ସରକାରଙ୍କ ଠାରୁ ଆରମ୍ଭ କରି ଜେଲ ନିର୍ଦ୍ଦେଶାଳୟର ଅଧିକାରୀ ଓ ତଳ କର୍ମଚାରୀ ପର୍ଯ୍ୟନ୍ତ ଜେଲ ସମ୍ପର୍କରେ ନୀତି ଏବଂ ଆଭିମୁଖ୍ୟ ସ୍ପଷ୍ଟ ରହୁନାହିଁ। ଫଳରେ ଜେଲରେ ଧନ୍ଦାମୂଳକ ପ୍ରଶିକ୍ଷଣ କମୁଥିବାରୁ ଉତ୍ପାଦନ ମଧ୍ୟ କମୁଛି। ଏହି ଦିଗରେ ଯୋଜନା କାର୍ଯ୍ୟକାରୀ କରିବାକୁ ଜେଲ ଅଧିକାରୀ ଓ କର୍ମଚାରୀଙ୍କ ଆନ୍ତରିକତା ଅଭାବ ରହୁଛି। ଉତ୍ପାଦିତ ସାମଗ୍ରୀର ବିକ୍ରି କମୁଥିବାରୁ ଜେଲ ସୁଧାର କାର୍ଯ୍ୟକ୍ରମ ଠିକ୍ ଭାବେ ଚାଲୁନାହିଁ ବୋଲି ଜଣାପଡୁଛି। ଏଥିପାଇଁ ମଧ୍ୟ ଦାୟିତ୍ୱରେ ରହୁଥିବା ଅଧିକାରୀଙ୍କର ଆନ୍ତରିକତା ରହୁନାହିଁ। ଜାମୁଝରି ମୁକ୍ତାଶ୍ରମ ଜେଲରେ ୧୦୦ ଏକରରୁ ଊର୍ଦ୍ଧ୍ୱ ଜମି ରହିଛି। ସେଠାରେ ୧୨୫ ଜଣ ଅନ୍ତେବାସୀ ରହିବାର କ୍ଷମତା ଥିବାବେଳେ ମାତ୍ର ୨୫/୨୬ ଜଣ ରହୁଛନ୍ତି। ସେଠାରେ ଅଧିକ ଭିତ୍ତିଭୂମି ଥିବାବେଳେ ତାହାକୁ କାର୍ଯ୍ୟରେ ଲଗାଯାଉନାହିଁ। ଏପରିକି ଆୟ ହ୍ରାସ କମିବା କ୍ଷେତ୍ରରେ ଦୁର୍ନୀତି ମଧ୍ୟ ଏକ କାରଣ ହୋଇପାରେ ବୋଲି ସେ କହିଛନ୍ତି। ଏନେଇ ଜେଲ ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରତିକ୍ରିୟା ମିଳିପାରିନାହିଁ।

# ଦେହରେ ଗଞ୍ଜେଇ ଚାଲାଣ

- ସେଲୋ ଟେପ୍ ଗୁଡ଼ାଇ କରୁଥିଲେ ଚାଲାଣ
- ୨୮କେଜି ଗଞ୍ଜେଇ ଜବତ, ଯୁବକ ଗିରଫ

ନନ୍ଦପୁର/କୋରାପୁଟ, ୧୮।୧୨ (ଶଙ୍କର ପୂଜାରୀ/ଅମିତାଭ ବେହେରା)



ଦେହରେ ସେଲୋଟେପ୍ ମାରି ଗଞ୍ଜେଇ ଚାଲାଣ କରୁଥିବା ଦୁଲହନ।

ଗଞ୍ଜେଇ ଚାଲାଣରେ ଚାଲାଣକାରୀମାନେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଉପାୟ ଆପଣାଇଥାନ୍ତି। ପୋଲିସ ଦୃଷ୍ଟି ଏଡାଇବାକୁ ଯାଇ କେବେ କୁଣ୍ଡା, ଧାନ ବସ୍ତା ଭିତରେ ଗଞ୍ଜେଇ ଚାଲାଣ କରନ୍ତି ତ କେବେ ନୂଆ ଗୋଦରେଜ୍ ଆଲମାରି କିଣି ତା’ ଭିତରେ ଗଞ୍ଜେଇ ରଖି ଚାଲାଣ କରିଥାନ୍ତି। ତେବେ ଏହି ସବୁ ତରିକାଠାରୁ ସେମାନେ ଏବେ ଏକ ଭିନ୍ନ କୌଶଳ ବାଛିଛନ୍ତି। ଗଞ୍ଜେଇ ଚାଲାଣକାରୀ ନିଜ ଦେହରେ ସେଲୋଟେପ୍‌ରେ ଗଞ୍ଜେଇ ଗୁଡାଇ ଚାଲାଣ କରିବାର ନୂଆ ତରିକା ପଦାକୁ ଆସିଛି। ଚାଲାଣକାରୀଙ୍କ ଏହି କୌଶଳକୁ ପୋଲିସ ଧରିପାରିଛି। ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରିଛି। ସେ ହେଲେ ଦୁଲହନ ଖାନ (୨୪)।

ଖବରରୁ ଜଣାପଡିଛି, ପଶ୍ଚିମବଙ୍ଗ ପୂର୍ବବର୍ଦ୍ଧମାନ ଜିଲା, ମଣ୍ଡଲପାରା ଗ୍ରାମର ବାବର ଅଲି ଖାନଙ୍କ ପୁଅ ଦୁଲହନ ନିଜ ଦେହରେ ୮ କିଲୋ ଗଞ୍ଜେଇ ପ୍ଲାଷ୍ଟିକ ସେଲୋ ଟେପରେ ଗୁଡ଼ାଇ ଏବଂ ବ୍ୟାଗରେ ୨୦କିଲୋ ଗଞ୍ଜେଇ ଧରି ଚାଲାଣ କରୁଥିଲେ। ଏ ସମ୍ପର୍କରେ ପାଡୁଆ ପୋଲିସ ସୂଚନା ପାଇ ଦଳେଇପୁଟ ଗ୍ରାମ ନିକଟରେ ଥାନାଧିକାରୀ ଅଶୋକ ବିଷୋୟୀ ଓ ଏସ୍‌ଆଇ ଦୀପକ ବାରିକଙ୍କ ନେତୃତ୍ୱରେ ଏକ ଟିମ୍ ଜଗି ରହି ତାଙ୍କୁ ଧରିଥିଲେ। ତାଙ୍କଠାରୁ ମୋଟ ୨୮ କେଜି ଗଞ୍ଜେଇ ଜବତ ହୋଇଛି। କେସ୍ ନଂ. ୧୫୯/୨୩ରେ ମାମଲା ରୁଜୁ କରାଯାଇ ଏହାର ତଦନ୍ତ କରାଯାଉଛି। ଦୁଲହନଙ୍କଠାରୁ ମୋଟ ୨୮ କେଜି ଗଞ୍ଜେଇ ଜବତ ହୋଇଛି। ପଚରାଉଚରା ବେଳେ ନନ୍ଦପୁର ବ୍ଲକ ଅଞ୍ଚଳରୁ ଗଞ୍ଜେଇ ଆଣି ସେ ଚାଲାଣ କରୁଥିବା ସ୍ୱୀକାର କରିଛନ୍ତି। ଗିରଫ ପରେ ତାଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଥିବା ଏସ୍‌ଡିପିଓ ସଞ୍ଜୟ ମହାପାତ୍ର କହିଛନ୍ତି।

# କଂସା, ପିତ୍ତଳ ପାତ୍ରରେ ଗ୍ରାହକଙ୍କୁ ପରଷା ଯିବ ଓଡ଼ିଆ ଖାଦ୍ୟ

## ସମ୍ବଲପୁର ରାଣୀବଖରୀରେ ଆରମ୍ଭ ହେଲା ଓଡ଼ିଆ ବ୍ୟଞ୍ଜନର ପସରା ‘ନିମନ୍ତ୍ରଣ’ ରେଷ୍ଟୁରାଣ୍ଟ

ସମ୍ବଲପୁର,୧୮।୧୨ (ପ୍ରମୋଦ ବହିଦାର)

ସମ୍ବଲପୁର ରାଣୀବଖରୀରେ ସୋମବାରଠାରୁ ଆରମ୍ଭ ହୋଇଛି ଖାଣ୍ଟି ଓଡ଼ିଆ ବ୍ୟଞ୍ଜନ ପରଷୁଥିବା ରେଷ୍ଟୁରାଣ୍ଟ ‘ନିମନ୍ତ୍ରଣ’। ସମ୍ବଲପୁରବାସୀଙ୍କ ସହିତ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବିଶେଷକରି ରାଜ୍ୟ ବାହାରୁ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ ପାରମ୍ପରିକ ଓଡ଼ିଆ ଓ ସ୍ଥାନୀୟ ବ୍ୟଞ୍ଜନର ସ୍ୱାଦ ସହ ପରିଚିତ କରାଇବା ପାଇଁ ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ(ଓଟିଡିସି) ପକ୍ଷରୁ ଏହା ଲୋକାର୍ପିତ ହୋଇଛି। ସନ୍ଧ୍ୟାରେ ରାଣୀବଖରୀରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ, ସଂସ୍କୃତି ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଏହାକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତାକୁ ଜିଲାପାଳ ଅନନ୍ୟା ଦାସ ପାଠ କରିଥିଲେ। ମନ୍ତ୍ରୀ ପାତ୍ର ସମ୍ବଲପୁରଠାରେ ‘ନିମନ୍ତ୍ରଣ’ ରେଷ୍ଟୁରାଣ୍ଟର ଶୁଭାରମ୍ଭ ପାଇଁ ଜାରି ରହିଥିବା ପ୍ରୟାସ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ନିର୍ଦ୍ଦେଶକ୍ରମେ ଆଜି ସଫଳ ହୋଇଛି ବୋଲି କହିଥିଲେ। ସେ କହିଲେ ଯେ, ପ୍ରାକୃତିକ ସମ୍ଭାରରେ ଭରପୂର ଓଡ଼ିଶାରେ ପର୍ଯ୍ୟଟନର ଦ୍ରୁତ ବିକାଶ ପାଇଁ ରାଜ୍ୟ ସରକାର ଚଳିତବର୍ଷ ୬ ଶହ କୋଟି ଟଙ୍କା ମଞ୍ଜୁର କରିଥିବାବେଳେ ଆଗାମୀ ବର୍ଷ ଏହା ୮ ଶହ କୋଟି ଟଙ୍କା ଛୁଇଁବ ବୋଲି ଆଶା କରାଯାଏ। ତେବେ ସମ୍ବଲପୁରରେ ଏହି ରେଷ୍ଟୁରାଣ୍ଟର ଶୁଭାରମ୍ଭ ହେବା ପରେ ଏଠାରେ ପର୍ଯ୍ୟଟନର ଅନ୍ୟଏକ ଅଧ୍ୟାୟ ଆରମ୍ଭ ହୋଇଛି ବୋଲି ମନ୍ତ୍ରୀ ପାତ୍ର କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଅନନ୍ୟା ଦାସ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ପ୍ରଦୀପ କୁମାର ସାହୁ, ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ, ଓଟିଡିସି ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି, ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ, ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାଏକ ଉପସ୍ଥିତ ଥିଲେ। ଶେଷରେ ଓଟିଡିସି ମହାପ୍ରବନ୍ଧକ ଲଳାଟେନ୍ଦୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ରେଷ୍ଟୁରାଣ୍ଟରେ ଭୋଜନ ପାଇଁ ୯ଟି ଶୀତତାପ ନିୟନ୍ତ୍ରିତ ବିଳାସପୂର୍ଣ୍ଣ କକ୍ଷ ରହିଛି। କେତେକ ଭୋଜନ କକ୍ଷ ଦୁଇଟି ଟେବୁଲ ଓ ୬ଟି ଆସନବିଶିଷ୍ଟ ହୋଇଥିବା ବେଳେ ଅନ୍ୟ କେତେକ କକ୍ଷରେ କେବଳ ଗୋଟିଏ ଟେବୁଲ ଓ ୪ଟି ଆସନ ରହିଛି। ସମସ୍ତ ଭୋଜନ କକ୍ଷକୁ ସ୍ୱତନ୍ତ୍ର ଓ ପାରମ୍ପରିକ ଆଲୋକରେ ସଜ୍ଜିତ କରାଯାଇଛି। କୋଠରିଗୁଡ଼ିକୁ ପ୍ରବେଶ ପାଇଁ ପୁରାତନ ରାଜପ୍ରାସାଦ ଢାଞ୍ଚାର ଦ୍ୱାର ରହିଛି। ଯାହା ଏକ ରାଜପ୍ରାସାଦର ଆଭ୍ୟନ୍ତରୀଣ ଦୃଶ୍ୟର ଭ୍ରମ ସୃଷ୍ଟି କରୁଛି। ଏହାସହିତ ଏଠାରେ ପରଷା ଯିବାକୁଥିବା ଖାଣ୍ଟି ଓଡ଼ିଆ ଓ ସ୍ଥାନୀୟ ପାରମ୍ପରିକ ବ୍ୟଞ୍ଜନ ପର୍ଯ୍ୟଟକ ଏବଂ ଗ୍ରାହକଙ୍କ ପାଇଁ ଅତ୍ୟନ୍ତ ସୁଲଭ ମୂଲ୍ୟରେ ଉପଲବ୍ଧ ହେବ। ପାରମ୍ପରିକ କଂସା ଓ ପିତ୍ତଳ ପାତ୍ରରେ ପରଷାଯିବ ବୋଲି ଏହାର ତତ୍ତ୍ୱାବଧାରକ ଶିବ ପ୍ରସାଦ ପାଣିଗ୍ରାହୀ ଓ ସମ୍ବଲପୁର ପର୍ଯ୍ୟଟନ ବିଭାଗର ସ୍ୱତନ୍ତ୍ର ଅଧିକାରୀ ହେମନ୍ତ କୁମାର ପ୍ରଧାନ କହିଛନ୍ତି।



ରାଣୀବଖରୀରେ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର ରେଷ୍ଟୁରାଣ୍ଟ ‘ନିମନ୍ତ୍ରଣ’ ଲୋକାର୍ପିତ କରୁଛନ୍ତି।

## ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କ୍ରୀଡ଼ା ପ୍ରତିଯୋଗିତା

ଥୁଆମୂଳ ରାମପୁର,୧୮।୧୨(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁରସ୍ଥିତ ମା’ ମାଣିକେଶରୀ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ନୂଆ-ଓ, ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ସୋମବାର ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମର ଏମ.ଏମ.ପି.ଏସ କଲେଜ ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝି ଓ ଅଗ୍ନିଶମ ବିଭାଗ ଅଧିକାରୀ ବନମାଳୀ ପୂଝାରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଓ କର୍ମଚାରୀ କର୍ମଚାରୀ ସହଯୋଗ କରିଥିଲେ। ଏଥିରେ ବାଳକମାନଙ୍କ ଭଲିବଲ, କବାଡି, ୧୦୦ ମିଟର ଦୌଡ଼, ୨୦୦ ମିଟର ଦୌଡ଼, ସଟପୁଟ, କ୍ୟାରମ, ଚିତ୍ରାଙ୍କନ, ବକ୍ତୃତା ଓ ବାଳିକାମାନଙ୍କ ଝୁଟି, ମେହେନ୍ଦି, ୧୦୦ ମିଟର ଦୌଡ଼, ୨୦୦ ମିଟର ଦୌଡ଼, ସଟପୁଟ, କ୍ୟାରମ, ଚିତ୍ରାଙ୍କନ, ବକ୍ତୃତା ଭଳି ଅନେକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

## ପ୍ରଥମ ପୃଷ୍ଠାରୁ

### ଦିନକରେ ୭୮...

ବିବୃତି ଦାବିରେ ବିରୋଧୀ ସଦସ୍ୟମାନେ ଗୃହକୁ ଅଚଳ କରି ରଖିଛନ୍ତି।

ପ୍ରକାଶ ଯେ, ପାର୍ଲାମେଣ୍ଟର ଉଭୟ ଗୃହରେ ଦାବି ଉପସ୍ଥାପନ ସମୟରେ ହଟ୍ଟଗୋଳ ଏବଂ ପ୍ଲାକାର୍ଡ ପ୍ରଦର୍ଶନ କରିବା ଅଭିଯୋଗରେ ଏକାଧିକବାର ବିରୋଧୀ ସଦସ୍ୟ ନିଲମ୍ବିତ ହୋଇଛନ୍ତି। ୨୦୨୨ରେ ଗୃହରେ ହଟ୍ଟଗୋଳ କରିବା ଅଭିଯୋଗରେ ଲୋକ ସଭାର ୪ ଏବଂ ରାଜ୍ୟ ସଭାର ୧୯ଜଣ ଏପରି କି ମୋଟ ୨୩ଜଣଙ୍କୁ ନିଲମ୍ବନ କରାଯାଇଥିଲା। ୨୦୨୧ରେ ଶୀତ ଅଧିବେଶନ ଚାଲିଥିବାବେଳେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ ପାଇଁ ରାଜ୍ୟ ସଭାର ୧୨ ଏମ୍‌ପି ନିଲମ୍ବିତ ହୋଇଥିଲେ। ୨୦୨୦ରେ ଲୋକ ସଭା ଏବଂ ରାଜ୍ୟ ସଭାର ୧୯ଜଣ ଏମ୍‌ପି ନିଲମ୍ବିତ ହୋଇଥିବାବେଳେ ୨୦୧୯ରେ ଲୋକ ସଭାର ୪୫ଜଣ ଏମ୍‌ପି ନିଲମ୍ବିତ ହୋଇଥିଲେ। ସେହିପରି ୨୦୧୫ରେ ୨୫ ଲୋକ ସଭା ଏମ୍‌ପି, ୨୦୧୪ରେ ୧୪ ଲୋକ ସଭା ଏମ୍‌ପି ନିଲମ୍ବିତ ହୋଇଥିବାବେଳେ ୨୦୧୨ରେ ୮ ଏବଂ ୨୦୧୦ରେ ୭ଜଣ ରାଜ୍ୟ ସଭା ଏମ୍‌ପି ନିଲମ୍ବିତ ହୋଇଥିଲେ।

ସୋମବାର ଉଭୟ ଗୃହର ୭୮ଜଣ ଏମ୍‌ପିଙ୍କୁ ନିଲମ୍ବନ କରାଯିବାପରେ ବିରୋଧୀଦଳଗୁଡ଼ିକ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଏହାକୁ ଗଣତନ୍ତ୍ର ପାଇଁ ବିପଦ ବୋଲି କୁହାଯାଇଛି। କଂଗ୍ରେସ ଏମ୍‌ପି ଅଧୀର ରଞ୍ଜନ ଚୌଧୁରୀ କହିଛନ୍ତି, ପୂର୍ବରୁ ଯେଉଁ ଏମ୍‌ପିମାନଙ୍କୁ ନିଲମ୍ବନ କରାଯାଇଥିଲା ସେମାନଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିବାକୁ ଆମେ ଦାବି କରିଥିଲୁ। ଏଥିସହ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଗୃହକୁ ଆସି ବିବୃତି ରଖିବାକୁ କହିଥିଲୁ। ଶାହା ଟିଭି ଚ୍ୟାନେଲକୁ ବିବୃତି ଦେଉଛନ୍ତି, ହେଲେ ପାର୍ଲାମେଣ୍ଟର ସୁରକ୍ଷା ପ୍ରସଙ୍ଗରେ ଗୃହରେ ବିବୃତି ରଖିପାରୁନାହାନ୍ତି। କେନ୍ଦ୍ର ସରକାର ଗର୍ବ ଏବଂ ଅହଂକାରର ପାହାଡ଼ ଉପରେ ବସିଛନ୍ତି ବୋଲି ଚୌଧୁରୀ କହିଛନ୍ତି। ଏହି ପ୍ରସଙ୍ଗରେ ବିଜେଡି ଏମ୍‌ପି ଭର୍ତ୍ତୃହରି ମହତାବ କହିଛନ୍ତି , ଗତ ସପ୍ତାହ ଧରି ବିରୋଧୀମାନେ ଗୃହରେ କରିଆସୁଥିବା ହଟ୍ଟଗୋଳର ଫଳ ହେଉଛି ନିଲମ୍ବନ ଆଦେଶ। ଟିଏମ୍‌ସି ଏମ୍‌ପି ସୁଦୀପ ବନ୍ଦୋପାଧ୍ୟାୟ କହିଛନ୍ତି, ଭାଜପା ସରକାର ସଂସଦୀୟ ଗଣତନ୍ତ୍ରରେ ବିରୋଧୀ ବ୍ୟବସ୍ଥାକୁ ଚାପିଦେବାକୁ ଚେଷ୍ଟା କରୁଛନ୍ତି। ଏହି ଘଟଣା ଆସନ୍ତା ଇଣ୍ଡିଆ ବୈଠକରେ ଆଲୋଚନା କରାଯିବ ବୋଲି ସୁଦୀପ କହିଛନ୍ତି। କଂଗ୍ରେସ ଏମ୍‌ପି କେ.ସି. ବେଣୁଗୋପାଳ କହିଛନ୍ତି, ଗୃହ କେବଳ ଗୋଟିଏ ଲକ୍ଷ୍ୟରେ ଚାଲିଛି, ତାହା ହେଉଛି ବିରୋଧୀଙ୍କ ସ୍ୱରକୁ ଚାପିଦେବା। ଆଉ ଯିଏ ବିରୋଧ କଲା ତାକୁ ନିଲମ୍ବନ କରିବା। ଆମେ ଜାଣିଛୁ ଯେ, ଗୃହରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ଏବଂ ବିତର୍କ ହୁଏ, ହେଲେ ଏବେ କେବଳ ଏମ୍‌ପିଙ୍କୁ ନିଲମ୍ବିତ କରିବାରେ କେନ୍ଦ୍ର ସରକାର ଲାଗିପଡ଼ିଛନ୍ତି ବୋଲି ବେଣୁଗୋପାଳ କହିଛନ୍ତି।

### ହାଇକୋର୍ଟରେ ଷ୍ଟାଟସ୍...

ହିସାବରେ ୧୨୦ ଦିନ ଆବଶ୍ୟକ ବୋଲି ଆମିକସ୍ କ୍ୟୁରି ମହାନ୍ତି କୋର୍ଟଙ୍କୁ ଅବଗତ କରାଇଛନ୍ତି। ଆସନ୍ତା ଜାନୁୟାରୀ ୧୮ ତାରିଖରେ ପରବର୍ତ୍ତୀ ଶୁଣାଣି ପାଇଁ କୋର୍ଟ ଦିନଧାର୍ଯ୍ୟ କରିଛନ୍ତି।

ସୂଚନାଥାଉ କି, ନାଟମଣ୍ଡପ ବିମ୍‌ରେ ଫାଟ ହୋଇଥିବା ସମ୍ପର୍କରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍‌ଆଇ) ପକ୍ଷରୁ ହାଇକୋର୍ଟରେ ରିପୋର୍ଟ ଦାଖଲ କରାଯାଇଥିଲା। ଏହାର ମରାମତି ପାଇଁ ହାଇକୋର୍ଟ ଗତ ନଭେମ୍ବର ୧୫ରେ ଏଏସ୍‌ଆଇକୁ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଏଏସ୍‌ଆଇକୁ ସହଯୋଗ ଯୋଗାଇଦେବେ। ଆମିକସ୍ କ୍ୟୁରି ମରାମତି କାର୍ଯ୍ୟର ଅନୁଧ୍ୟାନ କରି ପ୍ରତି ୧୫ ଦିନରେ ହାଇକୋର୍ଟଙ୍କୁ ରିପୋର୍ଟ ଦେବେ। ଶ୍ରଦ୍ଧାଳୁମାନେ ଯେଭଳି ଦିଅଁ ଦର୍ଶନରେ ଅସୁବିଧା ନ ଭୋଗନ୍ତି ସେଥିପ୍ରତି ଶ୍ରୀମନ୍ଦିର ପ୍ରଶାସନ ବ୍ୟବସ୍ଥା କରିବ। ନାଟମଣ୍ଡପ ମରାମତି ଏବଂ ଠାକୁର ଦର୍ଶନ କାର୍ଯ୍ୟ ଠିକ୍ ଭାବେ ହେବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଉଭୟ ଦିଗକୁ ନେଇ ସମନ୍ୱୟ ରକ୍ଷା କରିବ ବୋଲି ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଏବଂ ବିଚାରପତି ମୁରାହରି ଶ୍ରୀରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ।

### ବୁଢ଼ା ବାଘକୁ...

ଏହି ଦୃଶ୍ୟକୁ ବନ ବିଭାଗ କ୍ୟାମେରାରେ କଏଦ୍ କରିଛି। ମାସକ ପୂର୍ବେ ପାଟ୍ରୋଲିଂ କରୁଥିବା ସମୟରେ ଏହି ଭିଡିଓଟି ଉତ୍ତୋଳନ କରାଯାଇଥିଲା। ନିଜ ଅଞ୍ଚଳରେ ଅନ୍ୟ କାହାକୁ ପୂରାଇ ନ ଦେବା ପାଇଁ ବୁଢ଼ା ବାଘ ସହ ଯୁବ ବୟସର ବାଘ ଲଢ଼େଇ କରିଥିଲା। ଶେଷରେ ଯୁବ ବୟସର (ଟି-୩୫) ବାଘ ଜିତିଥିବା ବନ ବିଭାଗ କହିଛି। ଅନ୍ୟ ବାଘଟି ଅଞ୍ଚଳ ଛାଡ଼ି ପଳାଇଯାଇଛି। ଜିତିଥିବା ବାଘର ମୁଣ୍ଡରେ କଳାରଙ୍ଗର ଚିହ୍ନ ରହିଥିବା ନେଇ ଶିମିଳିପାଳ କର୍ତ୍ତୃପକ୍ଷ ଫଟୋ ସହିତ ପୋଷ୍ଟ କରିଛନ୍ତି। ଏହି ଦୃଶ୍ୟ ଦେଖି ବନ୍ୟପ୍ରାଣୀ ପ୍ରେମୀ ଓ ପର୍ଯ୍ୟଟକ ଖୁସିବ୍ୟକ୍ତ କରିଛନ୍ତି। ରାଜ୍ୟରେ କେବଳ ଶିମିଳିପାଳ ଅଭୟାରଣ୍ୟରେ ମହାବଳ ବାଘ ରହିଥିବା ନେଇ ନ୍ୟାଶନାଲ ଟାଇଗର କଞ୍ଜରଭେଶନ ଅଥରିଟି(ଏନ୍‌ଟିସିଏ) ପକ୍ଷରୁ ବାଘଗଣନା ରିପୋର୍ଟରେ ଦର୍ଶାଯାଇଥିଲା। ଶିମିଳିପାଳରେ ମାତ୍ର ୨୦ଟି ବାଘ ରହିଥିବା ନେଇ ଏନ୍‌ଟିସିଏ ରିପୋର୍ଟ ଦେଇଥିଲା। ତେବେ ମହାବଳ ବାଘଙ୍କ ସଂଖ୍ୟା ଅଧିକ ଥିବା ନେଇ ବନବିଭାଗ ଅନୁମାନ କରିଛି।

# କୁକୁଡ଼ାଖିଆକୁ କେନ୍ଦ୍ରକରି ଡବଲ ମର୍ଡର

- ଟାଙ୍ଗିଆରେ ହାଣି ୨ ଜଣଙ୍କୁ ହତ୍ୟା
- ଥାନାରେ ଆତ୍ମସମର୍ପଣ କଲେ ଅଭିଯୁକ୍ତ

ଟେନ୍‌ସା,୧୮।୧୨ (ସମୀର କୁମାର ପାଢୀ)

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ କେ.ବଲାଙ୍ଗ ଥାନା ଅନ୍ତର୍ଗତ ଅମାରୁଢ଼ି ଗ୍ରାମରେ ଶନିବାର ଡବଲ ମର୍ଡର ହୋଇଛି। କୁକୁଡ଼ା ଖାଇବାକୁ କେନ୍ଦ୍ରକରି ୨ଜଣଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ମୃତକ ହେଲେ ସାଧୁ ଚରଣ ବୁରଡ୍ୱେଲ(୨୪) ଓ ଜଙ୍କ ସୁଣ୍ଡି(୪୫)। ହତ୍ୟାପରେ ଅଭିଯୁକ୍ତ ୨ ମୃତଦେହକୁ ଗାଁ ନିକଟ ନାଳରେ ଲୁଚାଇ ରଖିଥିଲେ। ଧରିପଡିବା ଭୟରେ ଅଭିଯୁକ୍ତ ଜୁରା ମଣ୍ଡା (୩୫) ସୋମବାର କେ. ବଲାଙ୍ଗ ଥାନାରେ ଆତ୍ମସମର୍ପଣ କରିବା ପରେ ଘଟଣାଟି ପଦାକୁ ଆସିଥିଲା। ଅନ୍ୟପକ୍ଷେ ମୃତକଙ୍କ ପରିବାର ଲୋକେ ରବିବାର ଥାନାରେ ନିଖୋଜ ଥିବା ନେଇ ଅଭିଯୋଗ କରିଥିଲେ। ଏନେଇ ପୋଲିସ ମାମଲା ରୁଜୁ କରି ସେମାନଙ୍କୁ ଖୋଜାଖୋଜି କରୁଥିଲା। ସୂଚନା ଅନୁସାରେ, ଶନିବାର ଏକ ମଲା କୁକୁଡ଼ା ଅଭିଯୁକ୍ତ ଜୁରା ଖାଇବା ପରେ ସେହି ଗ୍ରାମର ୨ ଯୁବକ ତାଙ୍କ ସହିତ ଝଗଡା କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପୂର୍ବ ଯୋଜନା ମୁତାବକ ସେହିଦିନ ରାତିରେ ଜୁରାକୁ ମାରିବାକୁ ୪ ଜଣ ଅସ୍ତ୍ର ଧରି ଆସିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଜୁରା ଘରେ ଥିବା ଟାଙ୍ଗିଆ ଧରି ୨ ଜଣଙ୍କୁ ହତ୍ୟା କରିଥିଲା। ପୋଲିସ ହାତରେ ଧରାପଡିଯିବା ଭୟରେ ମୃତଦେହକୁ ନିକଟସ୍ଥ ନାଳ ନିକଟରେ ଫୋପାଡି ଦେଇଥିଲା। ସୋମବାର ଅଭିଯୁକ୍ତ ନିଜେ କେ. ବଲାଙ୍ଗ ଥାନାରେ ଆତ୍ମସମର୍ପଣ କରିବା ସହ ଘଟଣା ବିଷୟରେ ପୋଲିସକୁ ଜଣାଇଥିଲା। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ୨ଟି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ କେସ୍ ନଂ. ୧୦୩/୨୩ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଜୁରାଙ୍କୁ ଗିରଫ କରିବା ସହ ଘଟଣାର ଅଧିକ ତଦନ୍ତ ଚଳାଇଛି।

# ଲୋକମାନଙ୍କ ସେବାରେ ସର୍ବୋତ୍ତମ ଚେଷ୍ଟା

## ନଜିର ସୃଷ୍ଟି କରିଛି ଓଏମ୍‌ସି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଜୟଦେବ ବିହାରଠାରେ ଓଡ଼ିଶା ଖଣି ନିଗମ(ଓଏମ୍‌ସି)କର୍ପୋରେଟ ଅଫିସର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପ୍ଲାଟିନମ ରେଟେଡ ଗ୍ରୀନ ରଙ୍ଗର ଏହି କାର୍ଯ୍ୟାଳୟ ୬ ଏକର ଜମି ଉପରେ ନିର୍ମିତ ହେବ। ଏହି ବିଲ୍ଡିଂର ଡିଜାଇନ ଅତ୍ୟନ୍ତ ଆକର୍ଷଣୀୟ ହେବା ସହ ସହରର ଶୋଭା ବର୍ଦ୍ଧନ କରିବ। ଏଥିସହିତ ମୁଖ୍ୟମନ୍ତ୍ରୀ ଡ୍ରିଲ କୋର ଲାଇବ୍ରେରୀର ମଧ୍ୟ ଶୁଭ ଦେଇଛନ୍ତି। ଏହାଛଡ଼ା ୫ଟି ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ , ୭ଟି କ୍ୱାଲିଟି କଣ୍ଟ୍ରୋଲ ଲାବ, ୧୦ ସାମ୍ପଲ ପ୍ରୋସେସିଂ ୟୁନିଟ, ଓଏମ୍‌ସିର ଗୋଟିଏ କ୍ରୋମ ଓର୍ ବେନିଫିକେଶନ ପ୍ଲାଣ୍ଟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହିତ ଓଏମ୍‌ସିର ମୋବାଇଲ ହେଲ୍‌ଥ ୟୁନିଟକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି।



ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଏମ୍‌ସି କେବଳ ଆର୍ଥିକ ଅନୁଦାନ ଦେଉ ନାହିଁ ବରଂ ଦୀର୍ଘ ମିଆଦୀ ଖଣି ଓ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟ କରି ଲୋକମାନଙ୍କ ମଧ୍ୟରେ ଖୁସି ଆଣି ଦେଇଛି। ଏଥିସହିତ ଓଏମ୍‌ସି କ୍ରୀଡ଼ା, ସ୍ୱାସ୍ଥ୍ୟ, ଶିକ୍ଷା, ଖଣି ଆଖପାଖ ଅଞ୍ଚଳର ବିକାଶ ସହ ସମାଜର ସେବା ପାଇଁ ନିଜର ସର୍ବୋତ୍ତମ ଉଦ୍ୟମ ଜାରି ରଖିଛି। ନୂତନ କର୍ପୋରେଟ ଅଫିସ ବିଲ୍ଡିଂ ପାଇଁ ମୁଖ୍ୟମନ୍ତ୍ରୀ ଓଏମ୍‌ସିକୁ ଅଭିନନ୍ଦନ ଜଣାଇଛନ୍ତି। ଖଣି ଅଞ୍ଚଳଗୁଡ଼ିକରେ ଓଏମ୍‌ସିର ଜନକଲ୍ୟାଣ କାର୍ଯ୍ୟକ୍ରମରେ ଖୁସି ବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଖଣି ଖନନ ହେଉଥିବା ଅଞ୍ଚଳର ଆଖପାଖରେ ଓଏମ୍‌ସି ସିବିଏସ୍‌ଇ ସ୍ୱୀକୃତି ପ୍ରାପ୍ତ ୫ଟି ଆବାସିକ ବିଦ୍ୟାଳୟ ଖୋଲିଛି। ଖଣିଅଞ୍ଚଳରେ ଥିବା ଗ୍ରାମାଞ୍ଚଳରେ ଲୋକମାନଙ୍କୁ ଉତ୍ତମ ଚିକିତ୍ସା ସୁବିଧା ଯୋଗାଇ ଦେବା ପାଇଁ ମୋବାଇଲ ହେଲ୍‌ଥ ୟୁନିଟ ବ୍ୟବସ୍ଥା କ୍ଷେତ୍ରରେ ଓଏମ୍‌ସି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶିଳ୍ପଗୁଡ଼ିକରେ ବ୍ୟବହାର ହେବାକୁ ଥିବା ଉତ୍ତମ ମାନର କଞ୍ଚାମାଲକୁ ଶୀଘ୍ର ପଠାଇବା ଏବଂ ଏ କ୍ଷେତ୍ରରେ ଅଧିକ ସ୍ୱଚ୍ଛତା ରକ୍ଷା କରିବାରେ ସାଉଥ୍ କାଳିଆପାଣିରେ ଥିବା କ୍ରୋମ ଓର୍ ବେନିଫିକେଶନ ପ୍ଲାଣ୍ଟ ଏବଂ ବିଭିନ୍ନ ଖଣି ଖନନ ଅଞ୍ଚଳରେ ଥିବା କ୍ୱାଲିଟି କଣ୍ଟ୍ରୋଲ ଲାବରେଟୋରିଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଓଡ଼ିଶା ଖଣି ଖନନ କ୍ଷେତ୍ରରେ ନୂତନ ବୈଷୟିକ ଜ୍ଞାନ କୌଶଳ ଏବଂ ଦୀର୍ଘ ମିଆଦୀ ବିଶ୍ୱସ୍ତରୀୟ ନୂତନ ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରି ଆସୁଛି। ଓଏମ୍‌ସି ଗତ ଆର୍ଥିକ ବର୍ଷରେ ୩୦ ନିୟୁତ ଟନ ଓର୍ ଉତ୍ପାଦନ କରିଛି, ଯାହାର ବାର୍ଷିକ ହାରାହାରି ମୂଲ୍ୟ ହେବ ୧୪ ହଜାର କୋଟି। ଏହା ଦେଶର ୪ର୍ଥ ବୃହତ୍ ଖଣି କମ୍ପାନୀର ମାନ୍ୟତା ପାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱ ଯୋଗୁ ଓଡ଼ିଶା ଦ୍ରୁତ ରୂପାନ୍ତରୀକରଣ ସହ ଏକ ନୂତନ ସ୍ତରରେ ପହଞ୍ଚି ପାରିଛି। ଏହି କାର୍ଯ୍ୟକ୍ରମରେ ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓଏମ୍‌ସି ଏମ୍‌ଡି ବଲୱନ୍ତ ସିଂ ଧନ୍ୟବାଦ ଦେଇଛନ୍ତି।

# ଅଳ୍ପ ଖର୍ଚ୍ଚରେ ଘର ଦିଶିବ ସୁନ୍ଦର

ଘର ସଜାଇବାକୁ କିଏ ବା ପସନ୍ଦ ନ କରେ । ବିଶେଷକରି ମହିଳାମାନେ ଏଥିପାଇଁ ବେଶ୍ ଯତ୍ନଶୀଳ। ହେଲେ କେବେ କେବେ ଘର ସଜାଇବା ଲାଗି ବିଭିନ୍ନ ସାମଗ୍ରୀ କିଣିବାରେ ଆବଶ୍ୟକରୁ ଅଧିକ ଖର୍ଚ୍ଚ ହୋଇଯାଏ । ହେଲେ ଯଦି ଆପଣ ଏ ଦିଗରେ ଖର୍ଚ୍ଚ କମ୍ କରିବା ସହ ଘରକୁ ସୁନ୍ଦର ଲୁକ୍ ଦେବାକୁ ଚାହାନ୍ତି ତେବେ ଜାଣିରଖନ୍ତୁ କିଛି ଟିପ୍ସ...



◀ ୱାଲ୍ ହ୍ୟାଙ୍ଗିଙ୍ଗ୍ ହେଉଛି ଘର ସଜାଇବାର ସବୁଠୁ ସହଜ ଉପାୟ। ଭଲ ୱାଲ୍ ହ୍ୟାଙ୍ଗିଙ୍ଗ୍ ଖୁବ୍ ଦାମୀ ହୋଇଥାଏ। ତେଣୁ ସମସ୍ତଙ୍କ ପକ୍ଷେ ଏହାକୁ କିଣିବା ସମ୍ଭବ ନୁହେଁ। ଆପଣ ଚାହିଁଲେ କୌଣସି ଦାମୀ ପେଣ୍ଟିଂ ପରିବର୍ତ୍ତେ ଘରେ ପୁରୁଣା ଫଟୋ ଫ୍ରେମ୍‌ରେ କୌଣସି ସୁନ୍ଦର ପ୍ରିଣ୍ଟେଡ୍ ୱାଲ୍‌ପେପର୍, କ୍ୟାଲେଣ୍ଡର ଆଦି କାଟି ପୁନର୍ବାର ବ୍ୟବହାର କରିପାରିବେ। ନିଜେ ମଧ୍ୟ ପେଣ୍ଟିଂ କିମ୍ବା ପ୍ୟାଚ୍ ୱାର୍କ କରି କାନ୍ଥରେ ଲଗାଇପାରିବେ।

◀ ଡ୍ରଇଂରୁମ୍‌କୁ ସୁନ୍ଦର କରିବା ଲାଗି କେବଳ ଦାମୀ ସୋଫା, ଟିଁ ପଏ ଆବଶ୍ୟକ ନୁହେଁ ବରଂ ପୁରୁଣା ସୋଫାରେ ସୁନ୍ଦର ରଙ୍ଗର କଭର ପକାଇଲେ ତାହା ଆକର୍ଷଣୀୟ ଲାଗିବ।

◀ ସେହିପରି ନିଜର ପୁରୁଣା କୌଣସି ସୁନ୍ଦର ଶାଢ଼ି କିମ୍ବା ଏମ୍ବ୍ରଏଡେରି, ବୁଣା ହୋଇଥିବା କପଡ଼ାକୁ ବଡ଼ ଓ ଲମ୍ବା କାର୍ଡବୋର୍ଡ ଉପରେ ଲଗାଇ କାନ୍ଥରେ ଟଙ୍ଗାଇପାରିବେ। ବିଶେଷ କରି ଡ୍ରଇଂ ରୁମ୍, ବଡ଼ ହଲ୍ କିମ୍ବା ବାରଣ୍ଡାରେ ଏହାକୁ ଲଗାଇଲେ ରୟାଲ୍ ଲୁକ୍ ମିଳିଥାଏ।

◀ ସେହିପରି ଘରକୁ ଆକର୍ଷଣୀୟ ଲୁକ୍ ଦେବା ପାଇଁ କୌଣସି ସୁନ୍ଦର ଶାଢ଼ିକୁ କାଟି ଡୋର୍ ଏବଂ ୱିଣ୍ଡୋ ସ୍କ୍ରିନ୍ କରିପାରିବେ। ଶାଢ଼ିର ରଙ୍ଗ କାନ୍ଥ ରଙ୍ଗ ସହ କଣ୍ଟ୍ରାଷ୍ଟ ହୋଇଥିଲେ ଅଧିକ ସୁନ୍ଦର ଲାଗିବ। ଏହାଦ୍ୱାରା କମ୍ ଖର୍ଚ୍ଚରେ ଆପଣଙ୍କ ଘର ଖୁବ୍ ସୁନ୍ଦର ଲାଗିପାରିବ।

◀ ଆର୍ଟ କିମ୍ବା କ୍ରାଫ୍ଟ ୱାର୍କରେ ରୁଚି ଥିଲେ କମ୍ ବଜେଟରେ ବିଭିନ୍ନ ପୁରୁଣା ଡବା, ଆଇସକ୍ରିମ୍ କାଠି, କାଚ ବୋତଲ ଆଦିକୁ ଡିଜାଇନ କରି ସୁନ୍ଦର ସୁନ୍ଦର ଫ୍ଲାୱାର ଭେସ୍ ପ୍ରସ୍ତୁତ କରି ଡ୍ରଇଂ ରୁମ୍‌ରେ ସଜାଇପାରିବେ।

◀ କମ୍ ବଜେଟରେ ଘର ସଜାଇବାକୁ ଚାହୁଁଥିଲେ ଇନ୍‌ଡୋର ପ୍ଲାଣ୍ଟ ଆପଣଙ୍କ ପାଇଁ ଏକ ଭଲ ଅପ୍ସନ। ତେଣୁ ମନିପ୍ଲାଣ୍ଟ ଏବଂ ଅନ୍ୟାନ୍ୟ ଇନ୍‌ଡୋର ପ୍ଲାଣ୍ଟ ଲଗାନ୍ତୁ, ଘର ସୁନ୍ଦର ଦିଶିବା ସହ ମାନସିକ ଶାନ୍ତି ମଧ୍ୟ ମିଳିବ।

# ଫିଟ୍ ରଖେ ଏକ୍ସରସାଇଜ୍

**ବର୍ତ୍ତମାନ ଅନେକ ମହିଳାଙ୍କଠାରେ ଉପୁଜୁଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ମୁଖ୍ୟ କାରଣ ହେଉଛି ମେଦବହୁଳତା ସାଙ୍ଗକୁ ଶାରୀରିକ ପରିଶ୍ରମର ଅଭାବ। ଏହା ଦୂର କରିବା ଲାଗି ପ୍ରତିଦିନ ଏକ୍ସରସାଇଜ୍ କରିବା ନିହାତି ଆବଶ୍ୟକ....**

● ସମସ୍ତ କାମ ବାଦ୍ ନିଜ ପାଇଁ କିଛି ସମୟ ବାହାର କରନ୍ତୁ। ଆରମ୍ଭ ଦିନଗୁଡ଼ିକରେ ଘରେ ସମସ୍ତଙ୍କର ଟ୍ରେଡ୍‌ମିଲ୍ ନ ଥାଏ। ତେଣୁ ଛାତ ଉପରେ କିମ୍ବା ନିକଟସ୍ଥ ପାର୍କ, ରାସ୍ତା କଡ ଅବା ଅନ୍ୟ କୌଣସି ଖୋଲା ସ୍ଥାନରେ ଚାଲନ୍ତୁ। କିଛିଦିନ ଅଭ୍ୟାସ ହେବା ପରେ ଅଧିକ ଚାଲନ୍ତୁ।



● ମନଇଚ୍ଛା କୌଣସି ଏକ୍ସରସାଇଜ୍ ନ କରି ଏକ୍ସପର୍ଟଙ୍କ ପରାମର୍ଶ ନିଅନ୍ତୁ। ୟୁଟ୍ୟୁବ୍‌ରେ ଆସୁଥିବା ଫିଟ୍‌ନେସ୍ ଏକ୍ସପର୍ଟଙ୍କ ଭିଡିଓ ଦେଖି ମଧ୍ୟ ଏକ୍ସରସାଇଜ କରିପାରିବେ।

● ପ୍ରଥମେ ପ୍ରଥମେ ଏକ୍ସରସାଇଜ୍ କରୁଥିଲେ ପତଳା ହେବା ନିଶାରେ ଏକାସଙ୍ଗେ ବହୁତ ଏକ୍ସରସାଇଜ୍ କରନ୍ତୁ ନାହିଁ। ଏହାଦ୍ୱାରା ଦେହ ଦରଜ ଭଳି ସମସ୍ୟା ଦେଖାଦେଇପାରେ।

● ପ୍ରତିଦିନ ଅତି କମ୍‌ରେ ୨୦-୪୫ ମିନିଟ୍ ଏକ୍ସରସାଇଜ କରନ୍ତୁ। ଅଧିକ ସମୟ ଚାଲିବାରେ ଦିଅନ୍ତୁ। ଆପାର୍ଟମେଣ୍ଟରେ ରହୁଥିଲେ ଲିଫ୍ଟ ବଦଳରେ ପାହାଚ ବ୍ୟବହାର କରନ୍ତୁ, ଶରୀର ଫିଟ୍ ରହିବ।

● କିଛି ସମୟ ଯୋଗ ଏବଂ ପ୍ରାଣାୟମ ଆଦିକୁ ସାମିଲ କଲେ ଅଧିକ ଉପକୃତ ହୋଇପାରିବେ।

● ଆପଣ ଚାହିଁଲେ ୟୁଟ୍ୟୁବ୍ ଦେଖି ଏରୋବିକ୍ସ କିମ୍ବା ଜୁମ୍ବା ଭଳି ଡ୍ୟାନ୍ସ ଏକ୍ସରସାଇଜ୍ ବି କରିପାରିବେ।

# ପିଲା ଖାଉ ଷ୍ଟ୍ରିଟ୍‌ଫୁଡ୍

ମା'ବାପାଙ୍କ ସହ ବାହାରକୁ ବୁଲିବାକୁ ଗଲେ ପିଲାଙ୍କର ପ୍ରଥମ ଆକର୍ଷଣ ଥାଏ ଷ୍ଟ୍ରିଟ୍‌ଫୁଡ୍ । ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ବହୁସଂଖ୍ୟକ ଫୁଡ୍‌ଷ୍ଟଲ୍‌ରେ ଉପଲବ୍ଧ ଖାଦ୍ୟଗୁଡ଼ିକର ଆକର୍ଷଣୀୟ ପ୍ରସ୍ତୁତି ଏବଂ ସାଜସଜ୍ଜା ସାଙ୍ଗକୁ ମନମୁଗ୍ଧକର ସୁଗନ୍ଧ ପିଲାଙ୍କୁ ବେଶ୍ ଆକୃଷ୍ଟ କରିଥାଏ । ହେଲେ ଏଭଳି ଖାଦ୍ୟ ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ହିତକର ନୁହେଁ । ତେଣୁ ସଚେତନତା ଦୃଷ୍ଟିରୁ ଫାଷ୍ଟଫୁଡ୍ ଏବଂ ଜଙ୍କ୍‌ଫୁଡ୍ ପରିବର୍ତ୍ତେ ପିଲାଙ୍କୁ ଏଭଳି କିଛି ଷ୍ଟ୍ରିଟ୍‌ଫୁଡ୍ ଦେଇପାରିବେ ଯାହା ସ୍ୱାସ୍ଥ୍ୟକର...



ଦିନ ହେଉ କି ରାତି ଛୋଟବଡ ସହରର ଉଭୟ ପାର୍ଶ୍ୱରେ ଦେଖିବାକୁ ମିଳୁଛି ବିଭିନ୍ନ ପ୍ରକାର ଫୁଡ୍‌ଷ୍ଟଲ୍‌ର ସମ୍ଭାର, ଯାହାକୁ ଖାଇବା ଲାଗି ପିଲାଠୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କ ଭିଡ ଜମୁଛି। ହେଲେ ପାଟିକୁ ସ୍ୱାଦିଷ୍ଟ ଲାଗୁଥିଲେ ହେଁ ଏଭଳି ଫାଷ୍ଟଫୁଡ୍ ଓ ତେଲ ମସଲାଯୁକ୍ତ ଖାଦ୍ୟ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ଏଭଳି ଖାଦ୍ୟ ଅଧିକ ଖାଇବା ଦ୍ୱାରା ବିଭିନ୍ନ ରୋଗର କାରଣ ସାଜୁଛି। ଏଭଳି ଖାଦ୍ୟ ସାଙ୍ଗକୁ କୋଲ୍ଡଡ୍ରିଙ୍କ୍‌ସ ଆହୁରି ବିପଦପୂର୍ଣ୍ଣ। ଏସବୁକୁ ଆଖିଆଗରେ ରଖି ବର୍ତ୍ତମାନ ଅଧିକାଂଶ ଅଭିଭାବକ ପିଲାଙ୍କୁ ଘରେ ସ୍ୱାସ୍ଥ୍ୟକର ଭାବେ ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କରି ଖୁଆଉଛନ୍ତି। ତଥାପି ବର୍ତ୍ତମାନ ଅଧିକାଂଶଙ୍କର ପସନ୍ଦର ଖାଦ୍ୟ ପାଲଟିଛି। ଏଥିରେ ତେଲ, ମସଲା, ରାଗ କିମ୍ବା ଅନ୍ୟ କୌଣସି ହାନିକାରକ ଉପାଦାନ ଶରୀରକୁ ଯାଉନାହିଁ। ବିଭିନ୍ନ ପ୍ରକାର ଫଳରୁ ଭିନ୍ନ ଭିନ୍ନ ଭିଟାମିନ୍, ପୋଟାସିଅମ୍, କ୍ୟାଲ୍‌ସିୟମ୍ ଭଳି ମିନେରାଲ୍ସ, ଆଣ୍ଟିଅକ୍ସିଡାଣ୍ଟ ଏବଂ ଅନ୍ୟ ପୋଷକ ତତ୍ତ୍ୱ ମିଳିଥାଏ, ଯାହାକି ସୁସ୍ଥ ଏବଂ ନୀରୋଗ ରଖିବାରେ ସାହାଯ୍ୟ କରିଥାଏ। ଏହା ବେଶ୍ ସ୍ୱାଦିଷ୍ଟ ମଧ୍ୟ। ହେଲେ ମନେରଖନ୍ତୁ ଏଭଳି ଖାଦ୍ୟ ପିଲାଙ୍କୁ ଦେଉଥିଲା ଦୋକାନି ଫଳଗୁଡ଼ିକୁ ଭଲଭାବେ ଧୋଇଛନ୍ତି କି ନାହିଁ, ଘୋଡାଇ ରଖିଛନ୍ତି କି ନାହିଁ ଦେଖନ୍ତୁ।

**ସିଝା ଅଣ୍ଡା:** ନନ୍‌ଭେଜ୍ ସ୍ନାକ୍ସ ପସନ୍ଦ କରୁଥିବା ଅଧିକାଂଶ ପିଲାଙ୍କୁ ଚାଓମିନ୍, ରୋଲ ଆଦି ବଦଳରେ ସିଝା ଅଣ୍ଡା ଖାଇବାକୁ ଦେଇପାରିବେ। କାରଣ ଏହାକୁ ଖାଇବା ଦ୍ୱାରା ଶରୀରକୁ ଅଳ୍ପ ଖର୍ଚ୍ଚରେ ହାଇ କ୍ୱାଲିଟି ପ୍ରୋଟିନ୍, ଭିଟାମିନ୍ କେ, ବି୧୨, ଡି ଆଦି ସହ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ମିଳିପାରୁଛି।





### ଜଙ୍କ୍‌ଫୁଡ୍ ପିଲାଙ୍କ ପାଇଁ ହାନିକାରକ

ଘର ଖାଦ୍ୟ ଅପେକ୍ଷା ବାହାର ଦୋକାନ ବଜାର ଖାଦ୍ୟ, ରାସ୍ତାକଡରେ ମିଳୁଥିବା ଖାଦ୍ୟ ଖାଇବା ପିଲାମାନଙ୍କର ଭାରି ପସନ୍ଦ। ଭଳିକି ଭଳି ସୁନ୍ଦର ଭାବେ ପ୍ରସ୍ତୁତ ଏହି ଖାଦ୍ୟ ଦେଖି ପିଲାମାନେ ଲୋଭ ସମ୍ବରଣ କରିପାରନ୍ତି ନାହିଁ। ବିଭିନ୍ନ ଛଣାଛଣି ଖାଦ୍ୟ, ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ, ଫ୍ରୋଜେନ୍ ଏବଂ ପ୍ୟାକେଜ୍‌ଡ୍ ଫୁଡ୍, କୋଲ୍ଡଡ୍ରିଙ୍କ୍ସରେ ଅତ୍ୟଧିକ ଚର୍ବି, ଲୁଣ, ତେଲ, ମସଲା ଏବଂ ଶର୍କରା ରହିଥାଏ। ତା'ଛଡା ଏଭଳି ଅନେକ ଖାଦ୍ୟରେ ଆର୍ଟିଫିସିଆଲ କଲର ଓ ପ୍ରିଜର୍ଭେଟିଭ୍ ମଧ୍ୟ ମିଶାଯାଇଥାଏ। ପ୍ରାୟ ୯୩ ପ୍ରତିଶତ ପିଲା ଏଭଳି ଖାଦ୍ୟ ପସନ୍ଦ କରିଥାନ୍ତି। ଏଭଳି ଜଙ୍କ୍‌ଫୁଡ୍‌ରେ ଭିଟାମିନ୍, ପ୍ରୋଟିନ୍, ମିନେରାଲ୍ସ ଭଳି ପୋଷକତତ୍ତ୍ୱର ପରିମାଣ ନଗଣ୍ୟ ଥିବାବେଳେ କ୍ୟାଲୋରୀ ମାତ୍ରା ଖୁବ୍ ଅଧିକ। ଏଭଳି ଖାଦ୍ୟ ସର୍ବଦା ଗ୍ରହଣ କରିବା ଦ୍ୱାରା କମ୍ ବୟସରୁ ମେଦବହୁଳତା, ଆଲର୍ଜି, ଭୋକ କମିଯିବା, ବାନ୍ତି, ବଦହଜମି, ଚିଡ଼ିଚିଡା ଲାଗିବା, ସ୍ମରଣଶକ୍ତି କମିଯିବି, ଦନ୍ତକ୍ଷୟ, କିଡ୍‌ନୀ ଏବଂ ଲିଭର ସମସ୍ୟା, ହାଇପରଟେନ୍‌ସନ, ଡାଇବେଟିସ୍ ଆଦି ରୋଗ ଦେଖା ଦେଇଥାଏ। କେବଳ ଏତିକି ନୁହେଁ ଏଭଳି ଖାଦ୍ୟ ଖାଇବା ଯୋଗୁ ରକ୍ତରେ ଚର୍ବି ଜମା ହୋଇ ବ୍ୟାଡ୍ କୋଲେଷ୍ଟେରଲ୍ ମାତ୍ରା ବୃଦ୍ଧି ପାଇବା ସହ ହୃଦ୍‌ରୋଗ ଭଳି ସମସ୍ୟା ଦେଖା ଦେବାର ଆଶଙ୍କାକୁ ଏଡାଇ ଦିଆ ଯାଇ ନ ପାରେ। ତେଣୁ ପିଲାଙ୍କୁ ସେମାନଙ୍କ ମନପସନ୍ଦର ଖାଦ୍ୟ ଯଥା ସମ୍ଭବ ଘରେ ପ୍ରସ୍ତୁତ କରି ଖାଇବାକୁ ଦିଅନ୍ତୁ। ବାହାରକୁ ଯିବା ବେଳେ ପିଲା ଜିଦ୍ କରୁଥିଲେ ସ୍ୱାସ୍ଥ୍ୟକର ଖାଦ୍ୟ ହିଁ ଦିଅନ୍ତୁ।

*– ଡା. ନରେଶ ଆଚାର୍ଯ୍ୟ, ଶିଶୁରୋଗ ବିଶେଷଜ୍ଞ, ପୋଖରୀପୁଟ, ଭୁବନେଶ୍ୱର*

**ସ୍ପ୍ରାଉଟ୍ ଚାଟ୍:** ବର୍ତ୍ତମାନ ମାର୍କେଟ୍‌ରେ ଏହି ସ୍ପ୍ରାଉଟ୍ ଚାଟ୍‌ର ଡିମାଣ୍ଡ ଖୁବ୍ ବେଶି । ଏଥିରେ ଗଜାମୁଗ, ବୁଟ ସାଙ୍ଗକୁ କଟା କାକୁଡି, ଗାଜର, ବିଟ୍, ପିଆଜ, ଧନିଆପତ୍ର, କଞ୍ଚାଲଙ୍କା, ବାଦାମ, ଲେମ୍ବୁ ଆଦିର ପରଫେକ୍ଟ କମ୍ବିନେଶନ୍ ଦେଖିବାକୁ ଯେତିକି ସୁନ୍ଦର ଖାଇବାକୁ ବି ସେତିକି ଟେଷ୍ଟି। ତା'ଛଡା ଏଥିରେ ଭିଟାମିନ୍, ପ୍ରୋଟିନ୍, ମିନେରାଲ୍ସ ସାଙ୍ଗକୁ ଲୋ ଫ୍ୟାଟ୍ ଏବଂ ହାଇ ଡାଏଟାରି ଫାଇବର୍ ସ୍ୱାସ୍ଥ୍ୟ ପାଇଁ ବହୁତ ଉପକାରୀ। ଅନ୍ୟ ତେଲମସଲାଯୁକ୍ତ ଷ୍ଟ୍ରିଟ୍‌ଫୁଡ୍ ଖାଇବା ଅପେକ୍ଷା ଦିନକୁ ଥରେ ଏହି ଚାଟ୍ ଖାଇବା ପିଲାଙ୍କ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଲାଭଦାୟକ।

**ମକା:** ଅନେକ ପିଲା ମକା ଖାଇବାକୁ ଭଲ ପାଆନ୍ତି। ତେଣୁ ପିଲା ଷ୍ଟ୍ରିଟ୍‌ଫୁଡ୍ ଖାଇବାକୁ ଯିଦ୍ କରୁଥିଲେ ମକା ପୋଡ଼ା, ସିଝା ହେଉ କିମ୍ବା ସ୍ୱିଟ୍ କର୍ନ ଖାଇବାକୁ ଦେଇପାରିବେ। ଏଥିରେ କ୍ୟାଲୋରି ଏବଂ ଫ୍ୟାଟ୍ ଖୁବ୍ କମ୍ ଥିବା ବେଳେ ଫାଇବର ଏବଂ ବିଟା କ୍ୟାରୋଟିନ୍, ଆଲ୍‌ଫା କ୍ୟାରୋଟିନ୍ ଭଳି ଆଣ୍ଟିଅକ୍ସିଡାଣ୍ଟ ପ୍ରଚୁର ପରିମାଣରେ ଭରି ରହିଛି। ଏହା ଶରୀରକୁ ସୁସ୍ଥ ରଖିଥାଏ।

**ଛେନା:** ବର୍ତ୍ତମାନ ମାର୍କେଟ୍‌ରେ ଛେନା ଦୋକାନ ମଧ୍ୟ ପୂର୍ବାପେକ୍ଷା ଅଧିକ ଦେଖିବାକୁ ମିଳୁଛି। ଛେନା ସହ ରାବିଡିର ଟେଷ୍ଟି କମ୍ବିନେଶନ୍‌କୁ ପିଲାମାନେ ମଧ୍ୟ ଭଲ ପାଉଛନ୍ତି। ଏହା ଅନ୍ୟ ଖାଦ୍ୟଗୁଡ଼ିକ ତୁଳନାରେ ଅଧିକ ପୁଷ୍ଟିକର ମଧ୍ୟ।

**ହେଲ୍ଥି ଡ୍ରିଙ୍କ୍ସ:** କୋଲ୍ଡଡ୍ରିଙ୍କସ ଓ ଆଇସ୍‌କ୍ରିମ୍ ଛୋଟପିଲାଙ୍କର ସବୁଠୁ ପ୍ରିୟ। ହେଲେ ଏହା ସେମାନଙ୍କ ସ୍ୱାସ୍ଥ୍ୟପାଇଁ ଉପକାରୀ ନୁହେଁ। ତେଣୁ ଏହା ପରିବର୍ତ୍ତେ ଫ୍ରୁଟ୍‌ଜୁସ୍, ପଇଡ଼ପାଣି ଆଦି ପିଇବାକୁ ଦେବା ଭଲ। କେବଳ ଏତିକି ନୁହେଁ, ସ୍ୱାସ୍ଥ୍ୟସଚେତନ ଅଭିଭାବକଙ୍କ ବର୍ଦ୍ଧିତ ଆଗ୍ରହକୁ ଦେଖି ବର୍ତ୍ତମାନ ମାର୍କେଟ୍‌ରେ ବିଭିନ୍ନ ହର୍ବାଲ୍ ଜୁସ୍ ଷ୍ଟଲ୍ ବି ବଢିବାରେ ଲାଗିଛି।

ବାହାରକୁ ପିଲାଙ୍କୁ ନେଇ ଯାଉଥିଲେ ସେମାନଙ୍କ ଡିମାଣ୍ଡ ପୁରଣ ନିମନ୍ତେ ଏହି ଖାଦ୍ୟ ପରିବର୍ତ୍ତେ ଅନ୍ୟ ଫ୍ରୁଟ୍ ଚାଟ୍, କର୍ନ ସାଲାଡ୍ ଭଳି କେତେକ ଷ୍ଟ୍ରିଟ୍‌ଫୁଡ୍ ଖାଇବାକୁ ଦେଉଛନ୍ତି। ବଢୁଥିବା ଡିମାଣ୍ଡକୁ ଆଖିଆଗରେ ରଖି ମାର୍କେଟରେ ମଧ୍ୟ ଏଭଳି ସ୍ୱାସ୍ଥ୍ୟକର ଖାଦ୍ୟ ଅଧିକ ଉପଲବ୍ଧ ହେଉଥିବା ଦେଖିବାକୁ ମିଳୁଛି...

**ସାଲାଡ୍:** ବର୍ତ୍ତମାନ ମାର୍କେଟରେ ବିଭିନ୍ନ ପ୍ରକାର ସାଲାଡ୍ ଷ୍ଟଲ ଦେଖିବାକୁ ମିଳୁଛି। ଯେଉଁଥିରେ ଫ୍ରୁଟ୍ ସାଲାଡ୍, କର୍ନ ସାଲାଡ୍ ଆଦି ମିଳୁଛି। ଫଳ କାଟି ପ୍ରସ୍ତୁତ ହେଉଥିବା ସାଲାଡ୍ ବା ଚାଟ୍





**– ପୌର୍ଣ୍ଣମାସୀ**

## ସୌନ୍ଦର୍ଯ୍ୟ

# ଶୀତରେ ସନ୍‌ସ୍କ୍ରିନ୍

ଶୀତଦିନେ ପାଗ ଥଣ୍ଡା ଥିବା ଏବଂ ପ୍ରାୟ ସମୟରେ ସୂର୍ଯ୍ୟକିରଣ ପ୍ରଖର ନ ଥିବା ଭାବି ଅନେକେ ସନ୍‌ସ୍କ୍ରିନ୍ ଲଗାନ୍ତି ନାହିଁ । ହେଲେ ଆପଣ ଜାଣନ୍ତି କି ତ୍ୱଚାର ସୁରକ୍ଷା ନିମନ୍ତେ ଏଦିନେ ବି ଏହାକୁ ବ୍ୟବହାର କରିବା ନିହାତି ଆବଶ୍ୟକ ...



⏩ଶୀତଦିନେ ବି ସନବର୍ନ, ସନ୍‌ଟ୍ୟାନ୍ ଆଦି ସମସ୍ୟା ଉପୁଜିଥାଏ। ଯାହାକୁ ଆଦୌ ଅଣଦେଖା କରିବା ଠିକ୍ ନୁହେଁ। ନଚେତ୍ ଏହା ପରବର୍ତ୍ତୀ ସମୟରେ ବଡ ବଡ କଳାଦାଗରେ ପରିଣତ ହେବ, ଯାହାକୁ କମ୍ କରିବା ଖୁବ୍ କଷ୍ଟ। ତେଣୁ ଚର୍ମ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ସନ୍‌ସ୍କ୍ରିନ୍ ବ୍ୟବହାର କରନ୍ତୁ।

⏩ସୂର୍ଯ୍ୟକିରଣରେ ଥିବା ହାନିକାରକ ରଶ୍ମି ସଂସ୍ପର୍ଶରେ ଆସିଲେ ତ୍ୱଚାର କୋଲାଜେନ୍, ଇଲାଷ୍ଟିନ୍ ଏବଂ ପ୍ରାକୃତିକ ମଶ୍ଚର ନଷ୍ଟ ହୋଇଯାଏ। ଯାହାଦ୍ୱାରା ସମୟ ପୂର୍ବରୁ ଅର୍ଥାତ୍ ମାତ୍ର ୨୫-୩୦ ବର୍ଷରୁ ଏଜ୍ ଲାଇନ୍, ରିଙ୍କଲ୍ ମାର୍କ, ଫାଇନ୍ ଲାଇନ୍, ଡାର୍କ ସ୍ପଟ୍ ଆଦି ଦେଖାଯାଏ। ଏଭଳି ସମସ୍ୟାରୁ ଦୂରେଇ ରହିବା ଲାଗି ସନ୍‌ସ୍କ୍ରିନ୍ ଲଗାଇବା ନିହାତି ଆବଶ୍ୟକ।



⏩ବର୍ତ୍ତମାନ ପ୍ରଦୂଷଣ ଏବଂ ସୂର୍ଯ୍ୟକିରଣରେ ଥିବା ହାନିକାରକ ରଶ୍ମି ପ୍ରଭାବରେ ସ୍କିନ୍ କ୍ୟାନ୍ସର ସମସ୍ୟା ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି। ହେଲେ ପ୍ରତିଦିନ ଏସ୍‌ପିଏଫ୍ ୩୦ କିମ୍ବା ଏହାଠୁ ଊର୍ଦ୍ଧ୍ୱ ସନ୍‌ସ୍କ୍ରିନ୍ ଲଗାନ୍ତୁ। କୁହୁଡି କିମ୍ବା କୋହଲା ପାଗ ହୋଇଥିଲେ ସୁଦ୍ଧା ତ୍ୱଚାର ସୁରକ୍ଷା ପାଇଁ ଏହାକୁ ଲଗାଇବାକୁ ଭୁଲନ୍ତୁ ନାହିଁ।

⏩ଅଧିକ ସମୟ ଖରାରେ ରହିବାକୁ ପଡୁଥିଲେ ୩-୪ ଘଣ୍ଟାରେ ପୁଣିଥରେ ସନ୍‌ସ୍କ୍ରିନ୍ ଲଗାନ୍ତୁ। ସ୍ୱିମିଂ କରିବା ପୂର୍ବରୁ ଏବଂ ପରେ ବି ଲଗାଇବାକୁ ଭୁଲନ୍ତୁ ନାହିଁ।

## ଖାଦ୍ୟରୁଚି

# ମଶ୍ରୁମ ମଞ୍ଚୁରିଆନ୍

**ଆବଶ୍ୟକ ସାମଗ୍ରୀ:** ୨୫୦ଗ୍ରାମ ମଶ୍ରୁମ୍, ୪ ବଡ ଚାମଚ କର୍ନଫ୍ଲୋର୍, ୨ ବଡ ଚାମଚ ମଇଦା, ୧ ଚାମଚ ଅଦାପେଷ୍ଟ, ୧ ଚାମଚ ରସୁଣ ପେଷ୍ଟ, ଗୋଟିଏ କଞ୍ଚାଲଙ୍କା ଛୋଟ ଛୋଟ କଟା ହୋଇଥିବା, ଗୋଟିଏ ମଧ୍ୟମ ଆକାରର ପିଆଜ ଛୋଟ ଛୋଟ କଟା ହୋଇଥିବା, ଏକ ବଡ ଚାମଚ ଛୋଟ ଛୋଟ କଟା ହୋଇଥିବା ପିଆଜଷଣ୍ଢା, ୨ ଚାମଚ ସୋୟା ସସ୍, ଅଧା ଚାମଚ ଚିଲି ସସ୍, ୨ ବଡ ଚାମଚ ଟମାଟୋ ସସ୍, ତେଲ, ଲୁଣ, ପାଣି।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ମଶ୍ରୁମ୍‌କୁ ଧୋଇ ଫାଳ କରି କାଟି ଦିଅନ୍ତୁ। ଏକ ପାତ୍ରରେ ମଇଦା, କର୍ନ ଫ୍ଲୋର୍, ଅଧା ଚାମଚ ଲେଖାଏ ଅଦା ଏବଂ ରସୁଣ ପେଷ୍ଟ, ଅଧା ଚାମଚ ସୋୟା ସସ୍, ଲୁଣ ସ୍ୱାଦାନୁସାରେ, ଅଳ୍ପ ପାଣି ଗୋଳାଇ ବହଳିଆ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ସେଥିରେ ମଶ୍ରୁମ୍ ପକାଇ ଗୋଳନ୍ତୁ। କଡେଇରେ ତେଲ ଗରମ କରି ମଶ୍ରୁମ୍ ଅଳ୍ପ ବ୍ରାଉନ୍ ହେବା ପର୍ଯ୍ୟନ୍ତ ଛାଣନ୍ତୁ। ଆଉ ଏକ କଡେଇରେ ୨ ଚାମଚ ତେଲ ଗରମ କରନ୍ତୁ। ସେଥିରେ ଅଦା ରସୁଣ ପେଷ୍ଟ, କଟା ପିଆଜ, କଞ୍ଚାଲଙ୍କା ପକାଇ ବ୍ରାଉନ୍ କଲର ହେବା ଯାଏ ଭାଜନ୍ତୁ। ସେଥିରେ କଟା ପିଆଜ ଷଣ୍ଢା ପକାଇ ଅଳ୍ପ ଭାଜିବା ପରେ ଟମାଟେ, ଚିଲି ଏବଂ ସୋୟା ସସ୍, ଛଣା ହୋଇଥିବା ମଶ୍ରୁମ୍, ଆବଶ୍ୟକ ମାତ୍ରାରେ ଲୁଣ ପକାଇ ଗୋଳାନ୍ତୁ। ୧-୨ ମିନିଟ୍ ମଧ୍ୟମ ଆଞ୍ଚରେ ରଖିବା ପରେ ଚୁଲା ବନ୍ଦ କରିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ ମଶ୍ରୁମ୍ ମଞ୍ଚୁରିଆନ୍।



# ସିରିଜ କବ୍‌ଜା ଲକ୍ଷ୍ୟରେ ଭାରତ

ଜିକ୍ବେବ୍ରା, ୧୮।୧୨ (ପି.ଟି.)

ଦକ୍ଷିଣ ଆଫ୍ରିକା ଟୁର୍‌ରେ ଥିବା ଭାରତୀୟ କ୍ରିକେଟ ଦଳ ମଙ୍ଗଳବାର ଘରୋଇ ଦଳ ବିପକ୍ଷରେ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଖେଳିବ। ପ୍ରଥମ ମ୍ୟାଚ ୮ ଉଇକେଟରେ ଜିତିଥିବାରୁ ଦ୍ୱିତୀୟ ମ୍ୟାଚ ଜିତି ସିରିଜ ଆଗୁଆ କବ୍‌ଜା କରିନେବାକୁ ଚାହିଁବ। ଏହି ମ୍ୟାଚରେ ରଜତ ପଟିଦାର କିମ୍ବା ରିଙ୍କୁ ସିଂଙ୍କୁ ପଦାର୍ପଣ ସୁଯୋଗ ମିଳିପାରେ। ପ୍ରଥମ ମ୍ୟାଚରେ ଦୁଇ ଯୁବ ଖେଳାଳି ଅର୍ଶଦୀପ ସିଂ ଓ ଆଭେସ ଖାନ୍ ନିଖୁଣ ବୋଲିଂ କରିଥିଲେ, ଯାହାଫଳରେ ଭାରତ ଏକତରଫା ଭାବେ ମ୍ୟାଚ ଜିତି ନେଇଥିଲା। ଭାରତ ଆହୁରି ମଧ୍ୟ ଏହାର ଏକମାତ୍ର ରିଜର୍ଭ ଖେଳାଳି ଶ୍ରେୟସ ଆୟରଙ୍କୁ ସୁଯୋଗ ଦେଇପାରେ। କାରଣ ରବିବାର ଗେମ୍ ପରେ ଖେଳାଯିବାକୁଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଦୁଇ ଟେଷ୍ଟ ମ୍ୟାଚ 'ବକ୍ସିଂ ଡେ'ଠାରୁ ଆରମ୍ଭ ହେବ। ଏଥିଲାଗି ଘୋଷଣା କରାଯାଇଥିବା ଭାରତୀୟ ଦଳରେ ଶ୍ରେୟସ ସ୍ଥାନ ପାଇଛନ୍ତି। ରିଙ୍କୁ ସିଂ ଇତିମଧ୍ୟରେ ତାଙ୍କର ଅନେକ ପ୍ରଶଂସକ ସୃଷ୍ଟି କରିସାରିଲେଣି। ସେମାନେ ବାମହାତୀ ବ୍ୟାଟରଙ୍କଠାରୁ ଆହୁରି ଅଧିକ ଆଶା କରୁଛନ୍ତି। ଉପମହାଦେଶ ତୁଳନାରେ ଦକ୍ଷିଣ ଆଫ୍ରିକା ପିଚ୍‌ଗୁଡ଼ିକ ବଲ୍ ଅଧିକ ବାଉନ୍ସ କରୁଛି। ରିଙ୍କୁଙ୍କ ଟେକ୍‌ନିକ୍ ଏଥିରେ ଭଲ କାମ କରୁଛି। ଅନ୍ୟପକ୍ଷରେ ପଟିଦାର ଏକ ବର୍ଷ ହେଲା ସଂଘର୍ଷ କରିଆସୁଛନ୍ତି। ଚଳିତ ବର୍ଷ ପ୍ରଥମ ଭାଗରେ ତାଙ୍କ ଗୋଇଠିରେ ଅସ୍ତ୍ରୋପଚାର ହୋଇଛି। ସୁସ୍ଥ ହେବା ପରେ ତାଙ୍କୁ ଦଳରେ ସ୍ଥାନ ମିଳିଛି। ରିଙ୍କୁ ୬ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସି ଫିନିଶର ଦାୟିତ୍ୱ ତୁଲାଇପାରନ୍ତି। ୩୦ ବର୍ଷୀୟ ପଟିଦାର ତାଙ୍କ ରାଜ୍ୟ ଦଳ ମଧ୍ୟପ୍ରଦେଶ ତରଫରୁ ୪ ନମ୍ବର ସ୍ଥାନରେ ବ୍ୟାଟିଂ କରିଆସୁଛନ୍ତି। ରିଙ୍କୁଙ୍କୁ ଯଦି ୬ ନମ୍ବର ସ୍ଥାନରେ ଖେଳାଯାଏ ତେବେ ସଞ୍ଜୁ ସାମସନ ବାଦ୍‌ପଡ଼ିବେ। ସାମସନ ଅଧିନାୟକ କେ.ଏଲ. ରାହୁଲଙ୍କ ପଛକୁ ଜଣେ ସ୍ପେଶାଲିଷ୍ଟ ବ୍ୟାଟର ଭାବେ ବ୍ୟାଟିଂ କରୁଛନ୍ତି। ସେ ଆହୁରି ମଧ୍ୟ ଉଇକେଟକିପିଂ କରିପାରନ୍ତି। ଟିମ୍ ମ୍ୟାନେଜମେଣ୍ଟ ତାଙ୍କୁ ଦଳରୁ ବାହାର କରିବା ସହଜ ମନେହେଉ ନାହିଁ। ତେବେ ରିଙ୍କୁଙ୍କ ଲିଷ୍ଟ–ଏ' ରେକର୍ଡ (୫୦ ପାଖାପାଖି ଆଭରେଜ) ଯୋଗୁ ତାଙ୍କୁ ଦଳରେ ସ୍ଥାନ ଦେବା ଲାଗି ଟିମ୍ ମ୍ୟାନେଜେଣ୍ଟ ବାଧ୍ୟ ହୋଇପାରନ୍ତି। ଯଦି ଉଭୟ ରିଙ୍କୁ ଓ ପଟିଦାରଙ୍କୁ ଦଳରେ ସ୍ଥାନ ମିଳେ ତେବେ ତିଳକ ବର୍ମା ଦଳରୁ ବାଦ୍ ପଡ଼ିପାରନ୍ତି। କାରଣ ପ୍ରଥମ ଦିନିକିଆରେ ସେ କେବଳ ଦୁଇଟି ବଲ୍ ସାମ୍ନା କରିପାରିଛନ୍ତି। ଏହି ମ୍ୟାଚରେ କିନ୍ତୁ ହାମହାତୀ ଯୁବ ଓପନର ବି. ସାଇ ସୁଦର୍ଶନ ଏକ ଚମତ୍କାର ଅର୍ଦ୍ଧଶତକ ହାସଲ କରି ତାଙ୍କ ଦକ୍ଷତା ପ୍ରତିପାଦନ କରିଛନ୍ତି। କ୍ୱିଣ୍ଟନ ଡି' କକ୍‌ଙ୍କ ପରେ ତାଙ୍କ ସ୍ଥାନ କିଏ ପୂରଣ କରିବ ସେ ନେଇ ଚିନ୍ତାରେ ଅଛି ଦକ୍ଷିଣ ଆଫ୍ରିକା କ୍ରିକେଟ।

**ମ୍ୟାଚ ଆରମ୍ଭ: ଅପରାହ୍ଣ ୪ଟା ୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**




## ଇଣ୍ଡିଆନ ଷ୍ଟ୍ରିଟ୍ ପ୍ରିମିୟର ଲିଗ୍

# ମୁମ୍ବାଇ ଟିମ୍‌ର ମାଲିକ ହେଲେ ଅମିତାଭ ବଚ୍ଚନ

ମୁମ୍ବାଇ, ୧୮।୧୨(ପି.ଟି.)

ଇଣ୍ଡିଆନ ଷ୍ଟ୍ରିଟ୍ ପ୍ରିମିୟର ଲିଗ୍ (ଆଇଏସ୍‌ପିଏଲ୍) ସହିତ ସେ ସମ୍ପୃକ୍ତ ଥିବା କଥା କହିଛନ୍ତି ମେଗା ଫିଲ୍ମ ଷ୍ଟାର ଅମିତାଭ ବଚ୍ଚନ। ମୁମ୍ବାଇ ଟିମ୍‌ର ସେ ମାଲିକ ହୋଇଥିବା କହିଛନ୍ତି। ଆଇଏସ୍‌ପିଏଲ୍ ହେଉଛି ଭାରତର ପ୍ରଥମ ଟେନିସ ବଲ୍ ଟି୧୦ କ୍ରିକେଟ ଟୁର୍ନାମେଣ୍ଟ। ଏହା ଇନ୍‌ଡୋର ଷ୍ଟାଡିୟମରେ ଖେଳାଯାଇଥାଏ। ପ୍ରତିଯୋଗିତାର ଉଦ୍‌ଘାଟନୀ ସଂସ୍କରଣ ମୁମ୍ବାଇରେ ମାର୍ଚ୍ଚ ୨ରୁ ୯ ତାରିଖ ପର୍ଯ୍ୟନ୍ତ ଏକ ଷ୍ଟାଡିୟମ ଭିତରେ ଅନୁଷ୍ଠିତ ହେବ। ଏଥିରେ ୬ଟି ଦଳ ଯଥା ହାଇଦ୍ରାବାଦ, ମୁମ୍ବାଇ, ବେଙ୍ଗାଲୁରୁ, ଚେନ୍ନାଇ, କୋଲକାତା ଓ ଶ୍ରୀନଗର ଭାଗ ନେବେ। ୮୧ ବର୍ଷୀୟ ବଚ୍ଚନ କହିଛନ୍ତି, ସେ ପ୍ରଥମ ଥର ଏକ ଲିଗ୍ ସହିତ ସମ୍ପୃକ୍ତ ହୋଇଛନ୍ତି। ନିକଟରେ ଅକ୍ଷୟ କୁମାର ଓ ହୃତିକ ରୋଶନ ଯଥାକ୍ରମେ ଶ୍ରୀନଗର ଓ ବେଙ୍ଗାଲୁରୁ ଟିମ୍‌ର ମାଲିକ ହୋଇଥିବା ବିଷୟ ଘୋଷଣା କରିଥିଲେ।

# ଚାହିଦାରେ ରାଚିନ, ଷ୍ଟାର୍କ, ଶାର୍ଦ୍ଦୂଳ

ଦୁବାଇ, ୧୮।୧୨

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ମିନି ଅକ୍ସନ (ଖେଳାଳି ନିଲାମ) ପ୍ରକ୍ରିୟା ମଙ୍ଗଳବାର ଏଠାରେ ଅନୁଷ୍ଠିତ ହେବ। ଲିଗ୍ ଇତିହାସରେ ଏଥର ପ୍ରଥମଥର ପାଇଁ ଅକ୍ସନ ପ୍ରକ୍ରିୟା ବିଦେଶରେ ହେବାକୁ ଯାଉଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୂତ୍ର ଅନୁସାରେ ଅକ୍ସନ ପାଇଁ ମୋଟ ୧୧୬୬ ଖେଳାଳିଙ୍କ ନାମ ପଞ୍ଜୀକୃତ ହୋଇଥିଲା। ସେମାନଙ୍କ ମଧ୍ୟରୁ ୩୩୩ ଖେଳାଳିଙ୍କ ନାମ ଶର୍ଟଲିଷ୍ଟ କରାଯାଇଛି। ଏମାନଙ୍କ ମଧ୍ୟରେ ୨୧୪ ଭାରତୀୟ ଓ ୧୧୯ ବିଦେଶୀ ଖେଳାଳି ରହିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ୧୧୬ କ୍ୟାପେଡ୍, ୨୧୫ ଅନ୍‌କ୍ୟାପେଡ ଓ ୨ ଆସୋସିଏଟ ଦେଶର ଖେଳାଳି। ୧୦ ଫ୍ରାଞ୍ଚାଇଜ୍ ଦଳ ନିକଟରେ ୭୭ଟି ସ୍ଥାନ ପୂରଣ ହେବାକୁ ବାକି ରହିଛି। ଏହା ମଧ୍ୟରେ ୩୦ ବିଦେଶୀ ଖେଳାଳିଙ୍କ ପାଇଁ ରିଜର୍ଭ ରହିଛି। ମିନିଅକ୍ସନ ଅନେକ ସମୟରେ ଆଶ୍ଚର୍ଯ୍ୟ ଚକିତ କରିବା ଭଳି ହୋଇଥାଏ। କାରଣ ଅଳ୍ପ ଜଣାଶୁଣା ଖେଳାଳି ମଧ୍ୟ ହାଇ ଡିମାଣ୍ଡରେ ରହିଥାନ୍ତି। ବିଶେଷକରି କ୍ୱାଲିଟି ଭାରତୀୟ ଖେଳାଳି ଚାହିଦାରେ ରହିଥାନ୍ତି। ବିଭିନ୍ନ ଦଳର ଅକ୍ସନ କୌଶଳକୁ ନେଇ ଏହି ଉପସ୍ଥାପନା...

## ଆଜି ଆଇପିଏଲ୍ ମିନି ଅକ୍ସନ

■ ୩୩୩ ଖେଳାଳି ଶର୍ଟଲିଷ୍ଟ
(୨୧୪ ଭାରତୀୟ ଓ ୧୧୯ ବିଦେଶୀ)


ରାଚିନ ରବୀନ୍ଦ୍ର

**ଚେନ୍ନାଇ ସୁପର କିଙ୍ଗ୍ସ**
**ବଳକା ଅର୍ଥ: ୩୧.୪ କୋଟି**
ଏହି ଦଳ ଶାର୍ଦ୍ଦୂଳ ଠାକୁର, ମନୀଷ ପାଣ୍ଡେ, ଜୋଶ୍ ହାଜେଲଉଡ୍‌ଙ୍କ ପରି ଖେଳାଳିଙ୍କ ପାଇଁ ଆଗ୍ରହ ଦେଖାଇପାରେ।

**ଦିଲ୍ଲୀ କ୍ୟାପିଟାଲ୍ସ**
**ବଳକା ଅର୍ଥ: ୨୮.୯୫ କୋଟି**
ଦିଲ୍ଲୀ କ୍ୟାପିଟାଲ୍ସ ପ୍ରିୟାଂଶ ଆର୍ଯ୍ୟ, ହର୍ଷଲ ପଟେଲ, ଶାର୍ଦ୍ଦୂଳ ଠାକୁର, ଜୋଶ୍ ଇଂଲିଶ୍ ଓ ୱାନିନ୍ଦୁ ହସରଙ୍ଗାଙ୍କୁ ଦଳକୁ ଆଣିବାକୁ ଚେଷ୍ଟା କରିପାରେ।

**ଗୁଜରାଟ ଟାଇଟନ୍ସ**
**ବଳକା ଅର୍ଥ: ୩୮.୧୫ କୋଟି**
ଏହି ଦଳ ଶାର୍ଦ୍ଦୂଳ ଠାକୁର, ରାଚିନ ରବୀନ୍ଦ୍ର, ଡାରିଲ ମିଚେଲ ଓ ଅଜମତୁଲ୍ଲା ଓମାରଜାଇଙ୍କ ପାଇଁ ଖେଳାଳିଙ୍କୁ କିଣିବାକୁ ଚେଷ୍ଟା କରିପାରେ।

**କୋଲକାତା ନାଇଟ ରାଇଡର୍ସ**
**ବଳକା ଅର୍ଥ: ୩୨.୭୦ କୋଟି**
କୋଲକାତା ଦଳ ମିଚେଲ ଷ୍ଟାର୍କ, ପ୍ୟାଟ୍ କମିନ୍ସ, ରାଚିନ ରବୀନ୍ଦ୍ର, ହର୍ଷଲ ପଟେଲଙ୍କ ଉପରେ ନଜର ରଖିବା ସମ୍ଭାବନା ରହିଛି।

**ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ**
**ବଳକା ଅର୍ଥ: ୧୩.୧୫ କୋଟି**
ସୁପର ଜାଏଣ୍ଟ୍ସ ଗେରାଲ୍ଡ କୋଜି, ଦିଲସାନ ମଦୁଶଙ୍କା, ଆଶୁତୋଷ ଶର୍ମାଙ୍କ ପରି ଖେଳାଳିଙ୍କ ପ୍ରତି ଆଗ୍ରହ ଦେଖାଇବା ସମ୍ଭାବନା ରହିଛି।

**ମୁମ୍ବାଇ ଇଣ୍ଡିଆନ୍ସ**
**ବଳକା ଅର୍ଥ: ୧୭.୭୫ କୋଟି**
ହସରଙ୍ଗାଙ୍କ ସମେତ ମନଭ ସୁଥର, ଆଶୁତୋଷ ଶର୍ମା ଓ ଦର୍ଶନ ମିସାଲଙ୍କ ଉପରେ ଏହି ଦଳର ନଜର ରହିବ।

**ସନ୍‌ରାଇଜର୍ସ ହାଇଦ୍ରାବାଦ**
**ବଳକା ଅର୍ଥ: ୩୪ କୋଟି**
ଏହି ଦଳରେ ଅଧିକ ଭାରତୀୟ ଖେଳାଳି ନ ଥିବାରୁ ଶାର୍ଦ୍ଦୂଳ ଓ ହର୍ଷଲ ଚାହିଦାରେ ରହିବେ।

**ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର**
**ବଳକା ଅର୍ଥ: ୨୩.୨୫ କୋଟି**
ମିଚେଲ ଷ୍ଟାର୍କ, ପ୍ୟାଟ୍ କମିନ୍ସ, ମନଭ ସୁଥରଙ୍କ ପରି ଖେଳାଳିଙ୍କ ପ୍ରତି ଏହି ଫ୍ରାଞ୍ଚାଇଜ୍ ଆଗ୍ରହ ଦେଖାଇବା ସମ୍ଭାବନା ରହିଛି।

**ପଞ୍ଜାବ କିଙ୍ଗ୍ସ**
**ବଳକା ଅର୍ଥ: ୨୯.୧୦ କୋଟି**
ଶାର୍ଦ୍ଦୂଳ ଓ ହର୍ଷଲଙ୍କ ସମେତ ରାଚିନ ରବୀନ୍ଦ୍ରଙ୍କ ଉପରେ ପଞ୍ଜାବ କିଙ୍ଗ୍ସ ନଜର ରଖିବା ସମ୍ଭାବନା ଅଧିକ ରହିବ।

**ରାଜସ୍ଥାନ ରୟାଲ୍ସ**
**ବଳକା ଅର୍ଥ: ୧୪.୫୦ କୋଟି**
ସମୀର ରିଜ୍‌ଭି, ସ୍ୱସ୍ତିକ ଚିକ୍କାରା, ଆଶୁତୋଷ ଶର୍ମା, ଅଭିମନ୍ୟୁ ସିଂ, ସୌରଭ ଚୌହାନଙ୍କ ପରି ଘରୋଇ ଖେଳାଳି ଏହି ଦଳର ଚାହିଦାରେ ରହିବା ସମ୍ଭାବନା ରହିଛି।

# ନବୀନ ଉଲ ହକ୍ ୨୦ ମାସ ବାସନ୍ଦ

ଦୁବାଇ, ୧୮।୧୨ (ପି.ଟି.)

ଆଫଗାନିସ୍ତାନ ପେସ୍ ବୋଲର ନବୀନ ଉଲ ହକ୍‌ଙ୍କୁ ଇଣ୍ଟରନ୍ୟାଶନାଲ ଲିଗ୍ ଟି୨୦ (ଆଇଏଲ୍–ଟି୨୦)ରୁ ୨୦ ମାସ ପାଇଁ ବାସନ୍ଦ କରାଯାଇଛି। ଶାରଜା ୱାରିୟର୍ସ ସହିତ ସେ କରିଥିବା ପ୍ଲେୟର ଏଗ୍ରିମେଣ୍ଟର ଖିଲାପ କରିଛନ୍ତି। ନବୀନ ଟୁର୍ନାମେଣ୍ଟର ଓପନିଂ ସିଜନ ପାଇଁ ୱାରିୟର୍ସ ସହିତ ଚୁକ୍ତି କରିଥିଲେ। ତାଙ୍କ ଚୁକ୍ତି ମିଆଦ ଆଉ ଏକ ବର୍ଷ ପାଇଁ ବୃଦ୍ଧି କରାଯାଇଥିଲା। ମାତ୍ର ସେ ସିଜନ–୨ ପାଇଁ ରିଟେନଶସ ନୋଟିସରେ ସ୍ୱାକ୍ଷର କରିବାକୁ ମନା କରି ଦେଇଥିଲେ। ଏହି ବିବାଦରେ ହସ୍ତକ୍ଷେପ କରିବା ଲାଗି ଶାରଜା ୱାରିୟର୍ସ ଆଇଏଲଟି୨୦କୁ ନିବେଦନ କରିଥିଲା। ଜଣେ ସ୍ୱାଧୀନ ତୃତୀୟ ପକ୍ଷଙ୍କ ଦ୍ୱାରା ଏହି ବିବାଦର ସମାଧାନ ଚାହୁଁଥିଲା। କିନ୍ତୁ ମଧ୍ୟସ୍ଥତା ବିଫଳ ହୋଇଥିଲା। ଲିଗ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡେଭିଡ ହ୍ୱାଇଟଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ସଦସ୍ୟ ବିଶିଷ୍ଟ ଶୃଙ୍ଖଳା କମିଟି ଉଭୟ ପକ୍ଷଠାରୁ ପୃଥକ ପୃଥକ ଭାବେ ସେମାନଙ୍କ କଥା ଶୁଣିଥିଲା। ପ୍ରମାଣକୁ ପରୀକ୍ଷା କରି ଚୂଡ଼ାନ୍ତ ରାୟ ପ୍ରଦାନ କରିଥିଲା। ନବୀନଙ୍କୁ ୨୦ ମାସ ବାସନ୍ଦ କରିଥିଲା।

# ଗ୍ରୁପ୍ 'ଡି'ରେ ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର, ୧୮।୧୨
(ତପନ ସ୍ୱାଇଁ)

## କଳିଙ୍ଗ ସୁପର କପ୍ ଫୁଟ୍‌ବଲ

ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ(ଏଆଇଏଫ୍‌ଏଫ୍) ପକ୍ଷରୁ କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟ ପାଇଁ ଡ୍ର' ଉଠାଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି। ତଦନୁସାରେ ଗତଥରର ଚାମ୍ପିୟନ ଓଡ଼ିଶା ଏଫ୍‌ସି ଗ୍ରୁପ୍ 'ଡି'ରେ ସ୍ଥାନ ପାଇଛି। ଏଫ୍‌ସି ଗୋଆ, ବେଙ୍ଗାଲୁରୁ ଏଫ୍‌ସି ଏବଂ ଆଇ–ଲିଗ୍ କ୍ୱାଲିଫାୟର ବିଜେତା ଦଳ ଏହି ଗ୍ରୁପ୍‌ରେ ଖେଳିବେ। କଳିଙ୍ଗ ସୁପରକପ୍ ନାମରେ ନାମିତ ପ୍ରତିଯୋଗିତାର ୪ର୍ଥ ସଂସ୍କରଣ ୨୦୨୪ ଜାନୁୟାରୀ ୯ରୁ ୨୮ ପର୍ଯ୍ୟନ୍ତ ଓଡ଼ିଶାରେ ଅନୁଷ୍ଠିତ ହେବ। ମୋଟ ୪ଟି ଗ୍ରୁପ୍‌ରେ ୧୬ ଦଳକୁ ନେଇ ପ୍ରତିଯୋଗିତା ହେବ। ପ୍ରତି ଗ୍ରୁପ୍‌ରେ ଆଇଏସ୍‌ଏଲର ୩ ଓ ଆଇ–ଲିଗ୍‌ର ଗୋଟିଏ ଦଳ ଖେଳିବ। ପ୍ରତି ଗ୍ରୁପ୍‌ର ବିଜେତା ଦଳ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବ। ଗ୍ରୁପ୍ 'ଏ'ରେ ମୋହନ ବାଗାନ ସୁପର ଜାଏଣ୍ଟ, ଇଷ୍ଟ ବେଙ୍ଗଲ, ହାଇଦ୍ରାବାଦ ଏଫ୍‌ସି, ଆଇ ଲିଗ୍–୧, ଗ୍ରୁପ୍ 'ବି'ରେ କେରଳ ବ୍ଲାଷ୍ଟର୍ସ, ନର୍ଥ ଇଷ୍ଟ ୟୁନାଇଟେଡ, ଜାମସେଦପୁର ଏଫ୍‌ସି, ଆଇ ଲିଗ୍–୨ ଏବଂ ଗ୍ରୁପ୍ 'ସି'ରେ ମୁମ୍ବାଇ ସିଟି ଏଫ୍‌ସି, ଚେନ୍ନାଇନ୍ , ପଞ୍ଜାବ ଏଫ୍‌ସି ଏବଂ ଆଇ ଲିଗ୍–୩ ଦଳ ସାମିଲ ରହିବ। କଳିଙ୍ଗ କପ୍ ଚାମ୍ପିୟନ ଦଳ ଏଏଫ୍‌ସି ୨୦୨୪–୨୫ ସିଜନର ଏସିଏଲ୍ ୨ ପ୍ରିଲିମିନାରି ଷ୍ଟେଜ୍ ପାଇଁ ଯୋଗ୍ୟତା ଅର୍ଜନ କରିବ। ପ୍ରତି କ୍ଲବକୁ ସର୍ବାଧିକ ୬ ବିଦେଶୀ ଖେଳାଳିଙ୍କୁ ଦଳରେ ସାମିଲ ପାଇଁ ଅନୁମତି ମିଳିଛି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୧୯/୨୦୨୩ Bhubaneswar, Tuesday, December 19/ 2023

# ସିରିଜ କବ୍‌ଜା ଲକ୍ଷ୍ୟରେ ଭାରତ

ଜିକ୍ବେବ୍ରା, ୧୮।୧୨ (ପି.ଟି.)

ଦକ୍ଷିଣ ଆଫ୍ରିକା ଟୁର୍‌ରେ ଥିବା ଭାରତୀୟ କ୍ରିକେଟ ଦଳ ମଙ୍ଗଳବାର ଘରୋଇ ଦଳ ବିପକ୍ଷରେ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଖେଳିବ। ପ୍ରଥମ ମ୍ୟାଚ ୮ ଉଇକେଟରେ ଜିତିଥିବାରୁ ଦ୍ୱିତୀୟ ମ୍ୟାଚ ଜିତି ସିରିଜ ଆଗୁଆ କବ୍‌ଜା କରିନେବାକୁ ଚାହିଁବ। ଏହି ମ୍ୟାଚରେ ରଜତ ପଟିଦାର କିମ୍ବା ରିଙ୍କୁ ସିଂଙ୍କୁ ପଦାର୍ପଣ ସୁଯୋଗ ମିଳିପାରେ। ପ୍ରଥମ ମ୍ୟାଚରେ ଦୁଇ ଯୁବ ଖେଳାଳି ଅର୍ଶଦୀପ ସିଂ ଓ ଆଭେସ ଖାନ୍ ନିଖୁଣ ବୋଲିଂ କରିଥିଲେ, ଯାହାଫଳରେ ଭାରତ ଏକତରଫା ଭାବେ ମ୍ୟାଚ ଜିତି ନେଇଥିଲା। ଭାରତ ଆହୁରି ମଧ୍ୟ ଏହାର ଏକମାତ୍ର ରିଜର୍ଭ ଖେଳାଳି ଶ୍ରେୟସ ଆୟରଙ୍କୁ ସୁଯୋଗ ଦେଇପାରେ। କାରଣ ରବିବାର ଗେମ୍ ପରେ ଖେଳାଯିବାକୁଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଦୁଇ ଟେଷ୍ଟ ମ୍ୟାଚ 'ବକ୍ସିଂ ଡେ'ଠାରୁ ଆରମ୍ଭ ହେବ। ଏଥିଲାଗି ଘୋଷଣା କରାଯାଇଥିବା ଭାରତୀୟ ଦଳରେ ଶ୍ରେୟସ ସ୍ଥାନ ପାଇଛନ୍ତି। ରିଙ୍କୁ ସିଂ ଇତିମଧ୍ୟରେ ତାଙ୍କର ଅନେକ ପ୍ରଶଂସକ ସୃଷ୍ଟି କରିସାରିଲେଣି। ସେମାନେ ବାମହାତୀ ବ୍ୟାଟରଙ୍କଠାରୁ ଆହୁରି ଅଧିକ ଆଶା କରୁଛନ୍ତି। ଉପମହାଦେଶ ତୁଳନାରେ ଦକ୍ଷିଣ ଆଫ୍ରିକା ପିଚ୍‌ଗୁଡ଼ିକ ବଲ୍ ଅଧିକ ବାଉନ୍ସ କରୁଛି। ରିଙ୍କୁଙ୍କ ଟେକ୍‌ନିକ୍ ଏଥିରେ ଭଲ କାମ କରୁଛି। ଅନ୍ୟପକ୍ଷରେ ପଟିଦାର ଏକ ବର୍ଷ ହେଲା ସଂଘର୍ଷ କରିଆସୁଛନ୍ତି। ଚଳିତ ବର୍ଷ ପ୍ରଥମ ଭାଗରେ ତାଙ୍କ ଗୋଇଠିରେ ଅସ୍ତ୍ରୋପଚାର ହୋଇଛି। ସୁସ୍ଥ ହେବା ପରେ ତାଙ୍କୁ ଦଳରେ ସ୍ଥାନ ମିଳିଛି। ରିଙ୍କୁ ୬ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସି ଫିନିଶର ଦାୟିତ୍ୱ ତୁଲାଇପାରନ୍ତି। ୩୦ ବର୍ଷୀୟ ପଟିଦାର ତାଙ୍କ ରାଜ୍ୟ ଦଳ ମଧ୍ୟପ୍ରଦେଶ ତରଫରୁ ୪ ନମ୍ବର ସ୍ଥାନରେ ବ୍ୟାଟିଂ କରିଆସୁଛନ୍ତି। ରିଙ୍କୁଙ୍କୁ ଯଦି ୬ ନମ୍ବର ସ୍ଥାନରେ ଖେଳାଯାଏ ତେବେ ସଞ୍ଜୁ ସାମସନ ବାଦ୍‌ପଡ଼ିବେ। ସାମସନ ଅଧିନାୟକ କେ.ଏଲ. ରାହୁଲଙ୍କ ପଛକୁ ଜଣେ ସ୍ପେଶାଲିଷ୍ଟ ବ୍ୟାଟର ଭାବେ ବ୍ୟାଟିଂ କରୁଛନ୍ତି। ସେ ଆହୁରି ମଧ୍ୟ ଉଇକେଟକିପିଂ କରିପାରନ୍ତି। ଟିମ୍ ମ୍ୟାନେଜମେଣ୍ଟ ତାଙ୍କୁ ଦଳରୁ ବାହାର କରିବା ସହଜ ମନେହେଉ ନାହିଁ। ତେବେ ରିଙ୍କୁଙ୍କ ଲିଷ୍ଟ-ଏ' ରେକର୍ଡ (୫୦ ପାଖାପାଖି ଆଭରେଜ) ଯୋଗୁ ତାଙ୍କୁ ଦଳରେ ସ୍ଥାନ ଦେବା ଲାଗି ଟିମ୍ ମ୍ୟାନେଜେଣ୍ଟ ବାଧ୍ୟ ହୋଇପାରନ୍ତି। ଯଦି ଉଭୟ ରିଙ୍କୁ ଓ ପଟିଦାରଙ୍କୁ ଦଳରେ ସ୍ଥାନ ମିଳେ ତେବେ ତିଳକ ବର୍ମା ଦଳରୁ ବାଦ୍ ପଡ଼ିପାରନ୍ତି। କାରଣ ପ୍ରଥମ ଦିନିକିଆରେ ସେ କେବଳ ଦୁଇଟି ବଲ୍ ସାମ୍ନା କରିପାରିଛନ୍ତି। ଏହି ମ୍ୟାଚରେ କିନ୍ତୁ ବାମହାତୀ ଯୁବ ଓପନର ବି. ସାଇ ସୁଦର୍ଶନ ଏକ ଚମତ୍କାର ଅର୍ଦ୍ଧଶତକ ହାସଲ କରି ତାଙ୍କ ଦକ୍ଷତା ପ୍ରତିପାଦନ କରିଛନ୍ତି। କ୍ୱିଣ୍ଟନ ଡି' କକ୍‌ଙ୍କ ପରେ ତାଙ୍କ ସ୍ଥାନ କିଏ ପୂରଣ କରିବ ସେ ନେଇ ଚିନ୍ତାରେ ଅଛି ଦକ୍ଷିଣ ଆଫ୍ରିକା କ୍ରିକେଟ।

**ମ୍ୟାଚ ଆରମ୍ଭ: ଅପରାହ୍ନ ୪ଟା ୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**

**ଇଣ୍ଡିଆନ ଷ୍ଟ୍ରିଟ୍ ପ୍ରିମିୟର ଲିଗ୍**

# ମୁମ୍ବାଇ ଟିମ୍‌ର ମାଲିକ ହେଲେ ଅମିତାଭ ବଚ୍ଚନ

ମୁମ୍ବାଇ, ୧୮।୧୨(ପି.ଟି.)

ଇଣ୍ଡିଆନ ଷ୍ଟ୍ରିଟ୍ ପ୍ରିମିୟର ଲିଗ୍ (ଆଇଏସ୍‌ପିଏଲ୍) ସହିତ ସେ ସମ୍ପୃକ୍ତ ଥିବା କଥା କହିଛନ୍ତି ମେଗା ଫିଲ୍ମ ଷ୍ଟାର ଅମିତାଭ ବଚ୍ଚନ। ମୁମ୍ବାଇ ଟିମ୍‌ର ସେ ମାଲିକ ହୋଇଥିବା କହିଛନ୍ତି। ଆଇଏସ୍‌ପିଏଲ୍ ହେଉଛି ଭାରତର ପ୍ରଥମ ଟେନିସ ବଲ୍ ଟି୧୦ କ୍ରିକେଟ ଟୁର୍ନାମେଣ୍ଟ। ଏହା ଇନ୍‌ଡୋର ଷ୍ଟାଡିୟମରେ ଖେଳାଯାଇଥାଏ। ପ୍ରତିଯୋଗିତାର ଉଦ୍‌ଘାଟନୀ ସଂସ୍କରଣ ମୁମ୍ବାଇରେ ମାର୍ଚ୍ଚ ୨ରୁ ୯ ତାରିଖ ପର୍ଯ୍ୟନ୍ତ ଏକ ଷ୍ଟାଡିୟମ ଭିତରେ ଅନୁଷ୍ଠିତ ହେବ। ଏଥିରେ ୬ଟି ଦଳ ଯଥା ହାଇଦ୍ରାବାଦ, ମୁମ୍ବାଇ, ବେଙ୍ଗାଲୁରୁ, ଚେନ୍ନାଇ, କୋଲକାତା ଓ ଶ୍ରୀନଗର ଭାଗ ନେବେ। ୮୧ ବର୍ଷୀୟ ବଚ୍ଚନ କହିଛନ୍ତି, ସେ ପ୍ରଥମ ଥର ଏକ ଲିଗ୍ ସହିତ ସମ୍ପୃକ୍ତ ହୋଇଛନ୍ତି। ନିକଟରେ ଅକ୍ଷୟ କୁମାର ଓ ହୃତିକ ରୋଶନ ଯଥାକ୍ରମେ ଶ୍ରୀନଗର ଓ ବେଙ୍ଗାଲୁରୁ ଟିମ୍‌ର ମାଲିକ ହୋଇଥିବା ବିଷୟ ଘୋଷଣା କରିଥିଲେ।

# ଚାହିଦାରେ ରାଚିନ, ଷ୍ଟାର୍କ, ଶାର୍ଦ୍ଦୂଳ

ଦୁବାଇ, ୧୮।୧୨

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ମିନି ଅକ୍ସନ (ଖେଳାଳି ନିଲାମ) ପ୍ରକ୍ରିୟା ମଙ୍ଗଳବାର ଏଠାରେ ଅନୁଷ୍ଠିତ ହେବ। ଲିଗ୍ ଇତିହାସରେ ଏଥର ପ୍ରଥମଥର ପାଇଁ ଅକ୍ସନ ପ୍ରକ୍ରିୟା ବିଦେଶରେ ହେବାକୁ ଯାଉଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୂତ୍ର ଅନୁସାରେ ଅକ୍ସନ ପାଇଁ ମୋଟ ୧୧୬୬ ଖେଳାଳିଙ୍କ ନାମ ପଞ୍ଜୀକୃତ ହୋଇଥିଲା। ସେମାନଙ୍କ ମଧ୍ୟରୁ ୩୩୩ ଖେଳାଳିଙ୍କ ନାମ ଶର୍ଟଲିଷ୍ଟ କରାଯାଇଛି। ଏମାନଙ୍କ ମଧ୍ୟରେ ୨୧୪ ଭାରତୀୟ ଓ ୧୧୯ ବିଦେଶୀ ଖେଳାଳି ରହିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ୧୧୬ କ୍ୟାପେଡ୍, ୨୧୫ ଅନ୍‌କ୍ୟାପେଡ ଓ ୨ ଆସୋସିଏଟ ଦେଶର ଖେଳାଳି। ୧୦ ଫ୍ରାଞ୍ଚାଇଜ୍ ଦଳ ନିକଟରେ ୭୭ଟି ସ୍ଥାନ ପୂରଣ ହେବାକୁ ବାକି ରହିଛି। ଏହା ମଧ୍ୟରେ ୩୦ ବିଦେଶୀ ଖେଳାଳିଙ୍କ ପାଇଁ ରିଜର୍ଭ ରହିଛି। ମିନିଅକ୍ସନ ଅନେକ ସମୟରେ ଆଶ୍ଚର୍ଯ୍ୟ ଚକିତ କରିବା ଭଳି ହୋଇଥାଏ। କାରଣ ଅଳ୍ପ ଜଣାଶୁଣା ଖେଳାଳି ମଧ୍ୟ ହାଇ ଡିମାଣ୍ଡରେ ରହିଥାନ୍ତି। ବିଶେଷକରି କ୍ୱାଲିଟି ଭାରତୀୟ ଖେଳାଳି ଚାହିଦାରେ ରହିଥାନ୍ତି। ବିଭିନ୍ନ ଦଳର ଅକ୍ସନ କୌଶଳକୁ ନେଇ ଏହି ଉପସ୍ଥାପନା...

**ଆଜି ଆଇପିଏଲ୍ ମିନି ଅକ୍ସନ**

■ ୩୩୩ ଖେଳାଳି ଶର୍ଟଲିଷ୍ଟ
(୨୧୪ ଭାରତୀୟ ଓ ୧୧୯ ବିଦେଶୀ)


ରାଚିନ ରବୀନ୍ଦ୍ର

**ଚେନ୍ନାଇ ସୁପର କିଙ୍ଗ୍ସ**
**ବଳକା ଅର୍ଥ: ୩୧.୪ କୋଟି**
ଏହି ଦଳ ଶାର୍ଦ୍ଦୂଳ ଠାକୁର, ମନୀଷ ପାଣ୍ଡେ, ଜୋଶ୍ ହାଜେଲଉଡ୍‌ଙ୍କ ପରି ଖେଳାଳିଙ୍କ ପାଇଁ ଆଗ୍ରହ ଦେଖାଇପାରେ।

**ଦିଲ୍ଲୀ କ୍ୟାପିଟାଲ୍ସ**
**ବଳକା ଅର୍ଥ: ୨୮.୯୫ କୋଟି**
ଦିଲ୍ଲୀ କ୍ୟାପିଟାଲ୍ସ ପ୍ରିୟାଂଶ ଆର୍ଯ୍ୟ, ହର୍ଶଲ ପଟେଲ, ଶାର୍ଦ୍ଦୂଳ ଠାକୁର, ଜୋଶ୍ ଇଂଲିଶ୍ ଓ ୱାନିନ୍ଦୁ ହସରଙ୍ଗାଙ୍କୁ ଦଳକୁ ଆଣିବାକୁ ଚେଷ୍ଟା କରିପାରେ।

**ଗୁଜରାଟ ଟାଇଟନ୍ସ**
**ବଳକା ଅର୍ଥ: ୩୮.୧୫ କୋଟି**
ଏହି ଦଳ ଶାର୍ଦ୍ଦୂଳ ଠାକୁର, ରାଚିନ ରବୀନ୍ଦ୍ର, ହାରିଲ ମିଚେଲ ଓ ଅଜମତୁଲ୍ଲା ଓମାରଜାଇଙ୍କ ପାଇଁ ଖେଳାଳିଙ୍କୁ କିଣିବାକୁ ଚେଷ୍ଟା କରିପାରେ।

**କୋଲକାତା ନାଇଟ ରାଇଡର୍ସ**
**ବଳକା ଅର୍ଥ: ୩୨.୭୦ କୋଟି**
କୋଲକାତା ଦଳ ମିଚେଲ ଷ୍ଟାର୍କ, ପ୍ୟାଟ୍ କୁମିନ୍ସ, ରାଚିନ ରବୀନ୍ଦ୍ର, ହର୍ଶଲ ପଟେଲଙ୍କ ଉପରେ ନଜର ରଖିବା ସମ୍ଭାବନା ରହିଛି।

**ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ**
**ବଳକା ଅର୍ଥ: ୧୩.୧୫ କୋଟି**
ସୁପର ଜାଏଣ୍ଟ୍ସ ଗେରାଲ୍ଡ କୋଜି, ଦିଲସାନ ମଦୁଶଙ୍କା, ଆଶୁତୋଷ ଶର୍ମାଙ୍କ ପରି ଖେଳାଳିଙ୍କ ପ୍ରତି ଆଗ୍ରହ ଦେଖାଇବା ସମ୍ଭାବନା ରହିଛି।

**ମୁମ୍ବାଇ ଇଣ୍ଡିଆନ୍ସ**
**ବଳକା ଅର୍ଥ: ୧୭.୭୫ କୋଟି**
ହସରଙ୍ଗାଙ୍କ ସମେତ ମନଭ ସୁଥର, ଆଶୁତୋଷ ଶର୍ମା ଓ ଦର୍ଶନ ମିସାଲଙ୍କ ଉପରେ ଏହି ଦଳର ନଜର ରହିବ।

**ସନ୍‌ରାଇଜର୍ସ ହାଇଦ୍ରାବାଦ**
**ବଳକା ଅର୍ଥ: ୩୪ କୋଟି**
ଏହି ଦଳରେ ଅଧିକ ଭାରତୀୟ ଖେଳାଳି ନ ଥିବାରୁ ଶାର୍ଦ୍ଦୂଳ ଓ ହର୍ଶଲ ଚାହିଦାରେ ରହିବେ।

**ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର**
**ବଳକା ଅର୍ଥ: ୨୩.୨୫ କୋଟି**
ମିଚେଲ ଷ୍ଟାର୍କ, ପ୍ୟାଟ୍ କୁମିନ୍ସ, ମନଭ ସୁଥରଙ୍କ ପରି ଖେଳାଳିଙ୍କ ପ୍ରତି ଏହି ଫ୍ରାଞ୍ଚାଇଜ୍ ଆଗ୍ରହ ଦେଖାଇବା ସମ୍ଭାବନା ରହିଛି।

**ପଞ୍ଜାବ କିଙ୍ଗ୍ସ**
**ବଳକା ଅର୍ଥ: ୨୯.୧୦ କୋଟି**
ଶାର୍ଦ୍ଦୂଳ ଓ ହର୍ଶଲଙ୍କ ସମେତ ରାଚିନ ରବୀନ୍ଦ୍ରଙ୍କ ଉପରେ ପଞ୍ଜାବ କିଙ୍ଗ୍ସ ନଜର ରଖିବା ସମ୍ଭାବନା ଅଧିକ ରହିବ।

**ରାଜସ୍ଥାନ ରୟାଲ୍ସ**
**ବଳକା ଅର୍ଥ: ୧୪.୫୦ କୋଟି**
ସମୀର ରିଜ୍‌ଭି, ସ୍ୱସ୍ତିକ ଚିକ୍କାରା, ଆଶୁତୋଷ ଶର୍ମା, ଅଭିମନ୍ୟୁ ସିଂ, ସୌରଭ ଚୌହାନଙ୍କ ପରି ଘରୋଇ ଖେଳାଳି ଏହି ଦଳର ଚାହିଦାରେ ରହିବା ସମ୍ଭାବନା ରହିଛି।

# ନବୀନ ଉଲ ହକ୍ ୨୦ ମାସ ବାସନ୍ଦ

ଦୁବାଇ, ୧୮।୧୨ (ପି.ଟି.)

ଆଫଗାନିସ୍ତାନ ପେସ୍ ବୋଲର ନବୀନ ଉଲ ହକ୍‌ଙ୍କୁ ଇଣ୍ଟରନ୍ୟାଶନାଲ ଲିଗ୍ ଟି୨୦ (ଆଇଏଲ୍-ଟି୨୦)ରୁ ୨୦ ମାସ ପାଇଁ ବାସନ୍ଦ କରାଯାଇଛି। ଶାରଜା ୱାରିୟର୍ସ ସହିତ ସେ କରିଥିବା ପ୍ଲେୟର ଏଗ୍ରିମେଣ୍ଟର ଖିଲାପ କରିଛନ୍ତି। ନବୀନ ଟୁର୍ନାମେଣ୍ଟର ଓପନିଂ ସିଜନ ପାଇଁ ୱାରିୟର୍ସ ସହିତ ଚୁକ୍ତି କରିଥିଲେ। ତାଙ୍କ ଚୁକ୍ତି ମିଆଦ ଆଉ ଏକ ବର୍ଷ ପାଇଁ ବୃଦ୍ଧି କରାଯାଇଥିଲା। ମାତ୍ର ସେ ସିଜନ-୨ ପାଇଁ ରିଟେନଶସ ନୋଟିସରେ ସ୍ୱାକ୍ଷର କରିବାକୁ ମନା କରି ଦେଇଥିଲେ। ଏହି ବିବାଦରେ ହସ୍ତକ୍ଷେପ କରିବା ଲାଗି ଶାରଜା ୱାରିୟର୍ସ ଆଇଏଲଟି୨୦କୁ ନିବେଦନ କରିଥିଲା। ଜଣେ ସ୍ୱାଧୀନ ତୃତୀୟ ପକ୍ଷଙ୍କ ଦ୍ୱାରା ଏହି ବିବାଦର ସମାଧାନ ଚାହୁଁଥିଲା। କିନ୍ତୁ ମଧ୍ୟସ୍ଥତା ବିଫଳ ହୋଇଥିଲା। ଲିଗ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡେଭିଡ ହ୍ୱାଇଟଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ସଦସ୍ୟ ବିଶିଷ୍ଟ ଶୃଙ୍ଖଳା କମିଟି ଉଭୟ ପକ୍ଷଠାରୁ ପୃଥକ ପୃଥକ ଭାବେ ସେମାନଙ୍କ କଥା ଶୁଣିଥିଲା। ପ୍ରମାଣକୁ ପରୀକ୍ଷା କରି ଚୂଡ଼ାନ୍ତ ରାୟ ପ୍ରଦାନ କରିଥିଲା। ନବୀନଙ୍କୁ ୨୦ ମାସ ବାସନ୍ଦ କରିଥିଲା।

# ଗ୍ରୁପ୍ 'ଡି'ରେ ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର, ୧୮।୧୨
(ତପନ ସ୍ୱାଇଁ)

**କଳିଙ୍ଗ ସୁପର କପ୍ ଫୁଟ୍‌ବଲ**

ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ(ଏଆଇଏଫ୍‌ଏଫ୍) ପକ୍ଷରୁ କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟ ପାଇଁ ଡ୍ର' ଉଠାଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି। ତଦନୁସାରେ ଗତଥରର ଚାମ୍ପିୟନ ଓଡ଼ିଶା ଏଫ୍‌ସି ଗ୍ରୁପ୍ 'ଡି'ରେ ସ୍ଥାନ ପାଇଛି। ଏଫ୍‌ସି ଗୋଆ, ବେଙ୍ଗାଲୁରୁ ଏଫ୍‌ସି ଏବଂ ଆଇ-ଲିଗ୍ କ୍ୱାଲିଫାୟର ବିଜେତା ଦଳ ଏହି ଗ୍ରୁପ୍‌ରେ ଖେଳିବେ। କଳିଙ୍ଗ ସୁପରକପ୍ ନାମରେ ନାମିତ ପ୍ରତିଯୋଗିତାର ୪ର୍ଥ ସଂସ୍କରଣ ୨୦୨୪ ଜାନୁୟାରୀ ୯ରୁ ୨୮ ପର୍ଯ୍ୟନ୍ତ ଓଡ଼ିଶାରେ ଅନୁଷ୍ଠିତ ହେବ। ମୋଟ ୪ଟି ଗ୍ରୁପ୍‌ରେ ୧୬ ଦଳକୁ ନେଇ ପ୍ରତିଯୋଗିତା ହେବ। ପ୍ରତି ଗ୍ରୁପ୍‌ରେ ଆଇଏସ୍‌ଏଲର ୩ ଓ ଆଇ-ଲିଗ୍‌ର ଗୋଟିଏ ଦଳ ଖେଳିବ। ପ୍ରତି ଗ୍ରୁପ୍‌ର ବିଜେତା ଦଳ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବ। ଗ୍ରୁପ୍ 'ଏ'ରେ ମୋହନ ବାଗାନ ସୁପର ଜାଏଣ୍ଟ, ଇଷ୍ଟ ବେଙ୍ଗଲ, ହାଇଦ୍ରାବାଦ ଏଫ୍‌ସି, ଆଇ ଲିଗ୍-୧, ଗ୍ରୁପ୍ 'ବି'ରେ କେରଳ ବ୍ଲାଷ୍ଟର୍ସ, ନର୍ଥ ଇଷ୍ଟ ୟୁନାଇଟେଡ, ଜାମସେଦପୁର ଏଫ୍‌ସି, ଆଇ ଲିଗ୍-୨ ଏବଂ ଗ୍ରୁପ୍ 'ସି'ରେ ମୁମ୍ବାଇ ସିଟି ଏଫ୍‌ସି, ଚେନ୍ନାଇନ୍ , ପଞ୍ଜାବ ଏଫ୍‌ସି ଏବଂ ଆଇ ଲିଗ୍-୩ ଦଳ ସାମିଲ ରହିବ। କଳିଙ୍ଗ କପ୍ ଚାମ୍ପିୟନ ଦଳ ଏଏଫ୍‌ସି ୨୦୨୪-୨୫ ସିଜନର ଏସିଏଲ୍ ୨ ପ୍ରିଲିମିନାରି ଷ୍ଟେଜ୍ ପାଇଁ ଯୋଗ୍ୟତା ଅର୍ଜନ କରିବ। ପ୍ରତି କ୍ଲବକୁ ସର୍ବାଧିକ ୬ ବିଦେଶୀ ଖେଳାଳିଙ୍କୁ ଦଳରେ ସାମିଲ ପାଇଁ ଅନୁମତି ମିଳିଛି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ